# ସେଦିନର ଚୀନ୍

ଉମେଶଚନ୍ଦ୍ର ପାଣିଗ୍ରାହୀ

ନଂ ...
ତା 17 JUL 1959

ଇଉନିଭରସିଟି ବୁକ୍ ଷ୍ଟୋର୍ସ

ପ୍ରଥମ ସସ୍କରଣ

୧୯୫୮

❊

ପ୍ରକାଶକ

ଇଉନିଭରସିଟି ବୁକ୍ ଷ୍ଟୋର୍ସ

ବାଙ୍କାବଜାର, କଟକ—୨

❊

ମୁଦ୍ରାକର

ଅରୁଣ ପ୍ରେସ

କଟକ-୨

❊

ଦୁଇ ଟଙ୍କା

# ଲେଖକ ମୁଁ ନୁହେଁ

ମୂଳ ବହି "ଲାଲ ଚୀନ୍"ର ଲେଖକ ଭାରତବର୍ଷର ପ୍ରସିଦ୍ଧ ଭୂପର୍ଯ୍ୟଟକ ୰ରାମନାଥ ବିଶ୍ୱାସ, ମୁଁ ନୁହେଁ । ମୁଁ କେବଳ ତାଙ୍କର କଥାକୁ ଓଡ଼ିଆ ଭାଷାରେ କହୁଛି । ମୁଁ ତ ଚୀନ୍ ଯାଇ ନାହିଁ, ତେବେ ତାହାଙ୍କ ଚୀନ୍ କଥା କହିବାର ଏ ପ୍ରୟାସ ! ହଁ, ତାର କାରଣ ଅଛି—ଆଜି ଆମ ଜାତି ପକ୍ଷରେ ସେଇ କାରଣ ଜାଣିବାର ଅବଶ୍ୟକତା ବି ରହିଛି । ତା'ପରେ ଜାଣିବା ଦିଗରେ ଆମର ପରିସର ତ କମ୍ କ୍ଷୁଦ୍ର ନୁହେଁ !

ସମୁଦ୍ରରେ ଢେଉ ଉଠେ, ଚିର ଚଞ୍ଚଳ ସେ ଢେଉ । ଲୋକେ ପ୍ରମୋଦ ଭ୍ରମଣ ପାଇଁ ସମୁଦ୍ର କୂଳକୁ ଯାଆନ୍ତି । କୂଳରେ ବସି ଢେଉ ଗଣନ୍ତି ଆଉ ଫେରି ଆସନ୍ତି । କିନ୍ତୁ ତାଙ୍କ ଭିତରୁ କେତେ ଜଣ ଜାଣନ୍ତି, ସମୁଦ୍ରରେ କାହିଁକି ଢେଉ ଉଠେ—ସେ ଢେଉ କୂଳକୁ କଣ ନେଇ ଆସେ ? ସେଇପରି ଆଜିକାଲି ଥୋକେ ଲୋକ ଏ ଦେଶ ସେ ଦେଶ ଯାଇ ବୁଲି ଆସି 'ଏଇଆ ଦେଖିଲୁ' 'ସେଇଆ ଦେଖିଲୁ' ବୋଲି ଆମକୁ କହନ୍ତି । ଆମେ ଶୁଣୁ । କିନ୍ତୁ କେତେଜଣ ଆମ ଭିତରୁ ଜାଣିବାକୁ ଚାହାନ୍ତି, ସେଇ 'ଏଇଆ' ବା 'ସେଇଆ' କଥାଟା କଣ ? କାହିଁକି ହେଲା—କିମିତି ହେଲା ?

ଆଜିର ଚୀନକୁ ଦେଖିବାକୁ ହେଲେ ବା ଜାଣିବାକୁ ହେଲେ ସେ ଦିନର ଚୀନକୁ ଚିହ୍ନିବାକୁ ହେବ । ତା' ନହେଲେ ସେ ଦର୍ଶନ ବା ଜ୍ଞାନ ସଂପୂର୍ଣ୍ଣ ହେବ ନାହିଁ । ଗୋଟିଏ ଦେଶକୁ ଅନ୍ୟ

ଦେଶ ଅଗରେ, ଗୋଟିଏ ଜାତିକୁ ଅପର ଜାତି ଆଗରେ ଚିହ୍ନାଇବାର ଖୁବ ଚିରନ୍ତନ ବାହକ ଭାବେ ଆସିଛନ୍ତି ଗୋଟିଏ ଶ୍ରେଣୀର ପର୍ଯ୍ୟଟକ । ରାମନାଥ ବିଶ୍ୱାସ ତାଙ୍କର ମଧ୍ୟରୁ ଜଣେ ।

ଆଜିର ଚୀନ ଗଢ଼ା ହେବାକୁ ବହୁକାଳ ଧରି ସଂଘର୍ଷ ଚାଲିଥିଲା । ଚୀନ୍‌ର ସେଇ ଜାତୀୟ ସଂଘର୍ଷର ଏକ ସ୍ୱତନ୍ତ୍ର ଐତିହାସିକ ମୂଲ୍ୟ ରହିଛି, ତାହା ଚିର ନୂତନ । ରାମନାଥବାବୁ ୨୩ । ୨୪ ବର୍ଷ ତଳେ ଚୀନ୍ ଭ୍ରମଣ କରିଥିଲେ ଠିକ ଏଇ ଘଡ଼ି-ସନ୍ଧି ବେଳେ । ସେ ଚୀନ ଭ୍ରମଣ କରିଥିଲେ ସାଇକେଲରେ, ଉଡ଼ା-ଜାହାଜରେ ନୁହେଁ କି କୌଣସି ଦ୍ରୁତଗାମୀ ଯାନରେ ନୁହେଁ । ଦୀର୍ଘକାଳ ସେ ଚୀନ ଭିତରେ ରହିଥିଲେ । ନୂତନ ଚୀନ୍‌ର ରାଷ୍ଟ୍ରପତି ମାଓ ସେ ତୁଙ୍ଗଙ୍କ ଘନିଷ୍ଠ ସଂପର୍କରେ ସେ ଆସିଥିଲେ । ତାଙ୍କ ଚୀନ ଭ୍ରମଣ କାଳରେ ସେ ବହୁ ପ୍ରକାର ସାହାଯ୍ୟ ମାଓଙ୍କ ଦଳରୁ ପାଇଥିଲେ ଓ ଚୀନର ମୁକ୍ତପଲ୍ଲୀରେ ବୁଲି ଏସିଆର ଏକ ମହାନ୍ ଜାତିର ଜାତୀନକ୍ଷତ୍ରର ସଂଧାନ ପାଇଥିଲେ ।

ଚୀନରୁ ଫେରି ସେ ଚୀନ ସମ୍ବନ୍ଧରେ ପତ୍ର ପତ୍ରିକାରେ ଲେଖିଲେ, ବହି ଲେଖିଲେ । ତାଙ୍କର ଏଇସବୁ ଲେଖାର ସମସ୍ତ ଗତ ଯୁଦ୍ଧ ପୂର୍ବ ଓ ମଧ୍ୟବର୍ତ୍ତୀ କାଳ ଭିତରେ । ସେଥିମଧ୍ୟରୁ ତାଙ୍କର "ମରଣବିଜୟୀ ଚୀନ" ଏକ ବହୁ ଅଦ୍ଭୁତ ବିରାଟ ପୁସ୍ତକ । ତାର ଇଂରାଜୀ ଅନୁବାଦ ମଧ୍ୟ ହୋଇଛି । ନିକଟରେ ଚୀନ୍ ଭାଷାରେ ମଧ୍ୟ ଅନୁବାଦ ହେବାର ଖବର ଶୁଣିଛି । ଜଣେ ଭାରତୀୟ ପର୍ଯ୍ୟଟକ ପକ୍ଷରେ ଏ ସୌଭାଗ୍ୟ କମ୍ ନୁହେଁ । କିନ୍ତୁ ରାମନାଥବାବୁ ଜୀବନରେ ଘୋର ଦୁର୍ଦ୍ଦିନ ଭିତରେ ଗତି କରିଛନ୍ତି । ଭାରତ ସରକାରଙ୍କ ମାସିକ ସାହାଯ୍ୟ ପାଇବାର କେତେ ମାସ ପରେ ସେ ଏ ଜଗତରୁ ବିଦାୟ ନେଇଛନ୍ତି । ତାଙ୍କର ଭ୍ରମଣ ଓ ସାହିତ୍ୟସାଧନାର

ମୂଳଧନ ତାଙ୍କର ଜୀବନବ୍ୟାପି ସ୍ୱାର୍ଥତ୍ୟାଗ । ସେଇ ତ୍ୟାଗ ମନ୍ତ୍ରର ପ୍ରେରଣା ସେ ପାଇଥିଲେ ମହାଚୀନ୍‌ର ମାଟିରୁ ଓ ତାର ଅଗଣିତ ନରନାରୀଙ୍କ ନିକଟରୁ ।

ଏଇ ପୁସ୍ତକଟି ତାଙ୍କର ଚୀନ ଭ୍ରମଣ ଭିତରୁ ଏକ କ୍ଷୁଦ୍ର ଅଂଶର କଥା ହେଲେ ମଧ୍ୟ ଆଜିର ଚୀନକୁ ଚିହ୍ନିବାକୁ ଏକମାତ୍ର ସହାୟକ ହେବ । ତେଣୁ ରଚନା ପୁରୁଣା ହେଲେ ମଧ୍ୟ ତାର ମୂଲ୍ୟ ଆମ ନିକଟରେ ଚିର ନୂତନ ।

ବହି ଖଣ୍ଡିକ ଓଡ଼ିଆରେ ଲେଖା ହେଲା ବେଳକୁ ରାମନାଥ-ଦା' ବଞ୍ଚିଥିଲେ—ମାତ୍ର ପ୍ରକାଶିତ ହେଲା ବେଳକୁ ସେ ଆଜି ଏ ଜଗତରେ ନାହାନ୍ତି । ସେତିକି ମୋର ଦୁଃଖ ରହିଗଲା । ବହି ଖଣ୍ଡିକର ଓଡ଼ିଆ ରୂପ ସେ ଦେଖି ପାରିଲେ ନାହିଁ । ତଥାପି ତାଙ୍କର ବାଣୀ ଯେ ମୁଁ ପ୍ରଚାର କରି ପାରୁଛି, ସେଇ ମୋର ସୌଭାଗ୍ୟ !

ଶିବକୁମାର ରାମନାଥ ବିଶ୍ୱାସଙ୍କ ମୃତ୍ୟୁପରେ କେହି କେହି ଓଡ଼ିଆ ପ୍ରକାଶକ ତାଙ୍କ ରଚନାବଳୀକୁ ଓଡ଼ିଆରେ ପ୍ରକାଶ କରି ସହଜଲଭ୍ୟର ସ୍ୱପ୍ନ ଦେଖୁଛନ୍ତି । ସେମାନଙ୍କୁ ମୁଁ ସାବଧାନ କରାଇ ଦେଉଛି ଯେ ସେମାନେ ଏ କାର୍ଯ୍ୟରେ ହସ୍ତକ୍ଷେପ କରିବା ପୂର୍ବରୁ ବୁଝି ବିଚାର କରିବେ । ରାମନାଥବାବୁଙ୍କ ସମସ୍ତ ପ୍ରକାଶିତ ଓ ଅପ୍ରକାଶିତ ରଚନାବଳୀର (ଓଡ଼ିଆଭାଷାରେ) ସତ୍ତ୍ୱାଧିକାରୀ ମୁଁ । ସେ ବଞ୍ଚିଥିଲା ବେଳେ ଆଇନସଙ୍ଗତ ଭାବେ ଏଇ ଉତ୍ତରାଧିକାର ମୋତେ ପ୍ରଦାନ କରିଛନ୍ତି । ସୁତରାଂ ଯଦି କୌଣସି ବ୍ୟକ୍ତି ରାମନାଥ ବିଶ୍ୱାସଙ୍କ କୌଣସି ପୁସ୍ତକକୁ ଓଡ଼ିଆରେ ରୂପାନ୍ତର କରନ୍ତି ବା ପ୍ରକାଶ କରନ୍ତି, ସେ ତାହା ନିଜ ଦାୟିତ୍ୱରେ କରିବେ ।

କଟକ
ଜୁଲାଇ, ୧୯୫୬

**ଉମେଶ ପାଣିଗ୍ରାହୀ**

# ଅୟମାରମ୍ଭାୟ

ଚେଂନାମ୍ ନୀରବରେ ତାର ମା'ର ମୁହଁକୁ ଚାହିଁ ବସିଛି । ବହୁଦିନ ହେଲା ମା' ତାର ରୋଗରେ ପଡ଼ି ପଡ଼ି ଆଜି ମରିବାକୁ ବସିଛନ୍ତି । ମାଙ୍କ ତୁଣ୍ଡ ଫିଟୁ ନାହିଁ—କେବଳ ସେ ପୁଅର ମୁହଁକୁ ଚାହିଁ ରହିଥିଲେ । ଶେଷରେ ମା' ତା'ର ମଲେ । କିନ୍ତୁ ସେ ମରଣ ନାଟକୀୟ ଭଙ୍ଗୀରେ ନ ହୋଇ, ହେଲା ଅତି ସାଧାରଣ ଭାବରେ । ପରଦିନ ସକାଳ ସାତଟାରେ ଉପସ୍ଥିତ ଗ୍ରାମବାସୀଙ୍କ ସମ୍ମୁଖରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ମା'ଙ୍କର ଜୀବିତାବସ୍ଥାରେ ଚେଂନାମ୍ ତାଙ୍କ ପାଇଁ ବହୁତ କାନ୍ଦିଥିଲା, ତେଣୁ ତାଙ୍କର ମୃତ୍ୟୁପରେ ସେ ଆଉ କାନ୍ଦିଲା ନାହିଁ । ମା'ର ମୃତ ଶରୀରଟା ଉପରେ ଛିଣ୍ଡା କମ୍ବଳ ଖଣ୍ଡିକ ଘୋଡ଼ାଇ ଦେଇ ବାହାରକୁ ଆସି ଖରା ଆଡ଼କୁ ପିଠି ଦେଖାଇ ବସି ରହିଲା ସେ । ବନ୍ଧୁମାନେ ଏକେ ଏକେ ଆସି ସାନ୍ତ୍ୱନା ଦେଲେ—"ଆଉ ଚିନ୍ତାକଲେ କଣ ହେବ ଚେଂନାମ୍ ? ଆମେ ପରେ ପୁଣି ଆସିବୁ, ଆଜି କବର ଖୋଳି ତାଙ୍କୁ ସମାଧି ଦେଇ ଦେବା ।" ଜଣେ ବନ୍ଧୁ ନାମ୍ ହାତରେ କୋଡ଼ିଏଟି ସେଣ୍ଟ୍ ଧରାଇ ଦେଇ କହିଲା, "ଅଗ ଯା, କିଛି କିଣାକିଣି କର ଖାଇବୁ ।"

ନାମ୍ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ଯେ ସେ ପୁଣି କେବେ ଆପଣା ହାତରେ ରାନ୍ଧି ଖାଇବ । କିନ୍ତୁ ଆଜି ତାକୁ ଆପଣା ହାତରେ

ରାନ୍ଧିବାକୁ ପଡ଼ିବ । ଚେଂନାମ୍ ର ମା' ଛଡ଼ା ଅନ୍ୟ ଆପଣାର ବୋଲି କେହି ନଥିଲେ । ସେ ବଜାର ସଉଦା କରି ଆଣି ବାଡ଼ି ପଛ କୂଅକୁ ପାଣି ଆଣିବାକୁ ଗଲା । ସେଠାରେ ଦେଖିଲା ବାଲଟିଟି ଉପରେ ନାହିଁ, କୂଅ ଭିତରେ ପଡି ଯାଇଛି । ନାମ୍ ଆଉ ଡେରି ନ କରି ବାଲଟିଟି କୁ ଭିତରୁ ଉଠାଇଲା । ବାଲଟିରେ କାଦୁଅ ଭର୍ତ୍ତି ହୋଇଥିଲା । କାଦୁଅ ଧୋଇ ସଫା କଲା ବେଳକୁ ନାମ୍ ଦେଖିଲା ବାଲଟି ତଳକୁ ଟିଣର 'ଓର' ଜମି ରହିଛି । ନାମ୍ ଟିଣ ଖଣିରେ ବହୁଦିନ କାମ କରିଥିଲା । ତେଣୁ ସେ ସହଜରେ ବୁଝି ପାରିଲା ଯେ କୂଅତଳ ମାଟିରେ ପ୍ରଚୁର ଟିଣ ସମ୍ପଦ ରହିଛି ।

ମା'ର କବର ଦିଆ ସରିଲା । ନାମ୍ ଏଥର ଅଳସ ଭାବରେ ନ ବସି କର୍ମବ୍ୟସ୍ତ ହୋଇ ପଡ଼ିଲା । ଲୋକେ ବୁଝିଲେ, ନାମ୍ ବୋଧହୁଏ ଧୀରେ ଧୀରେ ମାତୃଶୋକ ଭୁଲି ଯାଉଛି । ନାମ୍ ଏଣେ କୂଅର ପାଣିତକ ସବୁ ଟେଣ୍ଡା କରାଇ ବାହାର କରି ପକାଇଲା । ଭିତରଟା ଖୋଳି ଖୋଳି ଟିଣ ବାହାର କରି, ନିଜେ ସେଇ ଟିଣକୁ ନେଇ ବଜାରରେ ବିକି କରି ବେଶ୍ ଦି' ପଇସା ରୋଜଗାର କରୁଥିଲା । ଏଇପରି ଭାବରେ ହଠାତ୍ ଦିନେ ନାମ୍ ଗୋଟାଏ ଟିଣ ଖଣିର ମାଲିକ ହୋଇଗଲା । ଏଥର ସ୍ଥାନୀୟ ଲୋକେ ତାକୁ 'ତାଉକା ବୁସାର' ବୋଲି ଡାକିଲେ । ମାଲୟ ସରକାର ତାକୁ 'ଜଷ୍ଟିସ୍ ଅଫ୍ ପିସ୍' ଉପାଧି ଦେଲେ ।

ଚେଂନାମ୍ ପୁରୁଣା ଘର ଛାଡ଼ି ତାର ନିକଟରେ ପ୍ରକାଣ୍ଡ କୋଠା ତିଆରି କଲା । ଘରେ ହାଇଲାମ୍ ବସ୍ତୁ, ନେକ୍ଷ୍ଟାନିଜ କୁକ୍, ପଞ୍ଜାବୀ ଦରଓ୍ୱାନ ଓ ଇଂରାଜ ସେକ୍ରେଟେରୀ ରଖିଲା । ସେଲାଙ୍ଗରର ସବୁଠୁ ବଡ଼ ସହର କୁଆଲାଲମ୍ପୁରରେ ଚେଂନାମ୍ ର ନାମ

ତାହାକୁ ଅଜଣା ନାହିଁ । କେଉଁଠି ଯଦି ସଭା ସମିତି ହେଲା ତାଙ୍କ ଟେଂନାମ୍‌କୁ । କୁଅଲାଲମ୍‌ପୁରରେ ତାଙ୍କର ଏତେ ସୁଖ୍ୟାତି ମୁଁ ଶୁଣିଲି ଯେ ଟିକିଏ ଭାବ ବିହ୍ୱଳ ହୋଇ ପଡ଼ିଲି । ଭାବିଲି, ବାଟରେ ତ ତାଙ୍କ ଘର ପଡ଼ିବ—ଗଲାବେଳେ ଏଇ ଧନୀ ଶ୍ରେଷ୍ଠୀଙ୍କୁ ସାକ୍ଷାତ କରି ଗଲେ କ୍ଷତିଟା କଣ ! ବରଂ ଲାଭ ହେବାର ସମ୍ଭାବନା ବେଶୀ !

୧୯୩୧ ସାଲ ଜୁଲାଇ ମାସର ଶେଷ ଭାଗ, ବର୍ଷା ଆରମ୍ଭ ହୋଇ ଯାଇଛି । ବାଟଘାଟ ବର୍ଷା ପାଣିରେ ଭାସି ଯାଉଛି । ସ୍ଥାନେ ସ୍ଥାନେ ଦୁଇହାତ ପର୍ଯ୍ୟନ୍ତ ଗଭୀର ପାଣି ଜମି ରହୁଛି । ବର୍ଷା ଅନବରତ ଚାଲିଛି । ମୁଁ କିନ୍ତୁ ବର୍ଷାକୁ ଅଗ୍ରାହ୍ୟ କରି ବାଟ ଚାଲୁଥିଲି ।

କୁଆଲାଲମ୍ପୁର ଛାଡ଼ିଲା ପରେ ବୁଝି ପାରିଲି ଯେ କେତେ ଜଣ ଚୀନା ଡକାଏତ ମୋର ପିଚ୍ଛା ଧରିଛନ୍ତି । ତାଙ୍କର ଧାରଣା ଥିଲା, ମୋ ପାଖରେ ଯଥେଷ୍ଟ ଧନ ଅଛି । ଡକାଏତ ମୋର ପିଚ୍ଛା ଧରିବା କଥା ମୋତେ କେହି କହି ନାହାନ୍ତି । ମୁଁ ନିଜେ ତା' ବୁଝି ପାରିଥିଲି । ଏ ଅଞ୍ଚଳରେ ଚୀନାଗଣ ଭୂତ ଭୟରେ ରାତିରେ ଥରହର ହୋଇ ଉଠନ୍ତି, ମୁଁ ତା' ଜାଣିଥିଲି । ସେମାନେ ରାତିରେ ଭୂତ ଭୟରେ କେବେ ହେଲେ ପଦାକୁ ବାହାରିବେ ନାହିଁ ବୋଲି ମୋର ବିଶ୍ୱାସ ଥିଲା । ତେଣୁ ଏ ସବୁ ଅଞ୍ଚଳରେ ମୁଁ ରାତିରେ ବାଟ ଚାଲୁଥିଲି ।

ସେଦିନ ରାତିଟା ବଡ଼ ଦୁର୍ଯୋଗମୟ । ଅବିଶ୍ରାନ୍ତ ବର୍ଷା ପିଟି ଚାଲିଛି, ବେଳେବେଳେ ଝଡ଼ ମଧ୍ୟ ବହୁଛି । ରାତିଟା ଯାକ ବାଟଚାଲି ସକାଳକୁ ବସାରେ ପହଞ୍ଚି ପ୍ରଥମେ ସ୍ନାନାଦି ସରକାରୀ

ଡାକ୍ତରଖାନାକୁ ଗଲି । ଜଣେ ଚୀନା ଡାକ୍ତର ରୋଗୀ ପରୀକ୍ଷାରେ ବ୍ୟସ୍ତଥିଲେ । ତାଙ୍କ ପାଖକୁ ଯାଇ ମୋର ପରିଚୟ ଦେଲି । ପରିଚୟ ପାଇ ଡାକ୍ତର ଔଷଧ ତ ଦେଲେ, ତା' ସଙ୍ଗେ ସଙ୍ଗେ ଲିଙ୍ଗଂ ହାଉସ୍‌ରେ ମୋର ରହିବାର ବ୍ୟବସ୍ଥା ମଧ୍ୟ କରିଦେଲେ. ଆଉ ଘଣ୍ଟା ପରେ ଆସି ମୋ ସାଙ୍ଗରେ ସାକ୍ଷାତ କରିବେ ବୋଲି କହିଲେ ।

ଗାଧୋଇ ସାରି କଫି ପିଇ ସେଦିନର ଖବର କାଗଜ ଖଣ୍ଡିକ ପଢ଼ୁଥିଲି । ସେଥିରେ ଗୋଟିଏ ବିଶେଷ ସଂବାଦ ଥିଲା । ଚୀନଦେଶର କେଉଁଠି କେଉଁଠି ଭୀଷଣ ବନ୍ୟା ହୋଇ ଯାଇଛି । ସେ ସବୁ ସ୍ଥାନଗୁଡ଼ିକ କେଉଁଠି ଭାବି ମନଟା ଉଦ୍‌ବେଗରେ ଭରି ଉଠୁଥିଲା । ବନ୍ୟାପ୍ଲାବିତ ଅଞ୍ଚଳରେ ବନ୍ୟା ପରେ ପରେ ଦୁର୍ଭିକ୍ଷ ଦେଖା ଦିଏ, ଦୁର୍ଭିକ୍ଷ ପୀଡ଼ିତ ଅଞ୍ଚଳକୁ ଯିବାପାଇଁ ମୋର ଆଦୌ ଇଚ୍ଛା ନଥିଲା । ଯେଉଁମାନେ ନିଜେ ଖାଇବାକୁ ପାଇବେ ନାହିଁ, ସେମାନେ ଜଣେ ବିଦେଶୀ ଅତିଥିକୁ କିପରି ଭାବରେ ସତ୍କାର କରିବେ ସେଇ କଥା ଭାବି ମୁଁ ଚିନ୍ତିତ ହୋଇ ପଡ଼ିଥିଲି ।

ସଂଧ୍ୟା ପରେ ଡାକ୍ତର ଆଉ ଜଣେ ଚୀନା ଭଦ୍ରଲୋକଙ୍କୁ ସାଙ୍ଗରେ ଧରି ଲିଙ୍ଗଂ ହାଉସ୍‌କୁ ଆସିଲେ । କଥା ପ୍ରସଙ୍ଗରେ ପଚାରିଲେ, ମୁଁ ଚୀନ ଦେଶକୁ ଯିବି କି ନାହିଁ ! ମୁଁ ଯେ ବର୍ତ୍ତମାନ ଚୀନ ପଥରେ କଥା ତାଙ୍କୁ ଜଣାଇ ଦେଲି । ଡାକ୍ତର ପଚାରିଲେ, ଚୀନ ଯିବା ପାଇଁ ମୁଁ ଭିସା ପାଇଛି କି ନା ? ମୁଁ ଚୀନ କନସାଲ୍ ଅଫିସରୁ ଚୀନ ପ୍ରବେଶର ଭିସା ନେଇଥିଲି, ତା' ତାଙ୍କୁ ଦେଖାଇଲି । ଡାକ୍ତରଙ୍କ ସଙ୍ଗୀ ମୋ ଆଡ଼କୁ ଚାହିଁ କହିଲେ, ମୁଁ ଆପଣଙ୍କ ସାଙ୍ଗରେ କଥାବାର୍ତ୍ତା ହେବାକୁ ଚାହେଁ—ଆପଣ ଯଦି ଆଉ ଦିଓଟି ଦିନ

ଏଠାରେ ରହି ପାରନ୍ତେ ବଡ଼ ଭଲ ହୁଅନ୍ତା । ମୁଁ ତାଙ୍କ କଥାରେ ରାଜି ହେଲି । ଡାକ୍ତର ଓ ତାଙ୍କର ସଙ୍ଗୀ ବିଦାୟ ବେଳରେ ମୋ ହାତରେ ଏକ ଡଲାର ମୂଲ୍ୟର ଛଅଖଣ୍ଡ ନୋଟ ଧରାଇ ଦେଇ କହିଲେ, ଏଥିରେ ଆପଣଙ୍କର ଦୁ' ଦିନ ଭଲ ଭାବରେ ଚାଲିଯିବ । ମୁଁ ନୋଟ ଛଅଟି ଟେବୁଲ ଉପରେ ରଖିଦେଇ ଚିନ୍ତାମଗ୍ନ ହେଲି । ଯେତେ ସବୁ ବିକ୍ଷିପ୍ତ ଓ ଅସଂଲଗ୍ନ ଚିନ୍ତା !

ହଠାତ୍ ଗୌରାଙ୍ଗ କଥା ମନେ ପଡ଼ିଲା । ଗୌରାଙ୍ଗ ମୋର ଅତି ଅନ୍ତରଙ୍ଗ ବନ୍ଧୁ । ତାର ଘର ନୂଆଖାଲି ଜିଲ୍ଲାରେ । ସେ ମାଲୟକୁ ଆସି ବହୁ ଦିନ ଚାକିରି କଲା ପରେ ହଠାତ୍ ତାର ମନର ଏକ ଅଦ୍ଭୁତ ପରିବର୍ତ୍ତନ ହେଲା । ବେଳେ ବେଳେ ସେ କେତେ କଥା ମୋତେ କହୁଥିଲା । ତାର କଥା ସେତେବେଳେ ମୁଁ ଆଦୌ ମନ ଦେଇ ଶୁଣୁ ନ ଥିଲି । ଲୋକଙ୍କର ସୁଖ ଦୁଃଖକୁ ମୁଁ କର୍ମଫଳ ବୋଲି ଭାବି ନେଇଥିଲି । ଆଜି ତାର କଥା ବାରବାର ମନେ ପଡ଼ୁଥିଲା । ସିଂଗାପୁରରୁ ବିଦାୟ ନେବା ପୂର୍ବରୁ ସେ କେତେ ଗୁଡ଼ିଏ ଘଟଣା ମୋତେ ଦେଖାଇ ଥିଲା । ସେଇ ଘଟଣା ଗୁଡ଼ିକ ସେତେବେଳେ ମନେ ପଡ଼ୁଥିଲା ।

ଚାକିରି ଛାଡ଼ିଦେଲେ କେହି ସ୍ୱାଧୀନ ହୁଏନା । ଯେଉଁମାନେ କହନ୍ତି, ଚାକିରି ଛାଡ଼ିଦେଇ ସେମାନେ ସ୍ୱାଧୀନ ଭାବରେ ଜୀବିକା ଅର୍ଜନ କରୁଛନ୍ତି—ସେମାନେ ଭୁଲ କହନ୍ତି । ମୁଁ ଚାକିରି ଛାଡ଼ିଥିଲି, ତଥାକଥିତ ସ୍ୱାଧୀନ ମଧ୍ୟ ହୋଇଥିଲି—କିନ୍ତୁ ଚାକିରି ଛାଡ଼ିଦେଇ ମୁଁ ବୃହତ୍ତର ପରାଧୀନତାର ଜାଲରେ ଆବଦ୍ଧ ହୋଇ ପଡ଼ିଥିଲି । ବହୁ ସମୟ ମୁଁ ଗଭୀର ରାତି ପର୍ଯ୍ୟନ୍ତ ବାହାରେ କଟାଉଥିଲି । ହଠାତ୍ ଦିନେ ରାତିରେ ଗୌରାଙ୍ଗ ମୋତେ ଡାକି କହିଲା, ଚାଲନ୍ତୁ

ଆଜି ଆପଣଙ୍କୁ ମୁଁ ଗୋଟାଏ ନୂଆ • କଥା ଦେଖାଇବ—ଯେଉଁ-
ଥିରେ ଆପଣଙ୍କର କିଛି ଶିକ୍ଷା ହେବ । ମୁଁ ନାହିଁ କଲି ନାହିଁ । ଜୀବନ ନୌକାର ହାତ ଛାଡ଼ି ଦେଇଥିଲି । ଯୁଆଡ଼େ ଭାସିଯିବ ଯାଉ, ମୁଁ କେବଳ ମଙ୍ଗ ଧରି ବସିଥିବି ।

ସିଙ୍ଗାପୁର ଧନରତ୍ନ ଗୁଲଜାର ଥାଏ—କିନ୍ତୁ ସହରର ସବୁ ସ୍ଥାନରେ ନୁହେଁ, କେତୋଟି ସ୍ଥାନରେ ମାତ୍ର । ଗୌରାଙ୍ଗ ମୋତେ ଏକ ନିର୍ଜନ ସ୍ଥାନକୁ ନେଇଗଲା । ଚାରିଆଡ଼େ ରବର ବଗିଚା । ତା'ର ଭିତରେ ଗୋଟିଏ ପତ୍ର କୁଡ଼ିଆ । କୁଡ଼ିଆଟିକୁ ଚାରିଆଡ଼୍ ପତ୍ର ଦେଇ ଏମିତି ନିବୁଜ କରି ଯାଇଛି ଯେ ଭିତରୁ ଟିକିଏ ବୋଲି ଆଲୁଅ ବାହାରକୁ ଆସୁ ନାହିଁ । ଚାଳ ମଧ୍ୟ ପତ୍ର ଛାଉଣି—ଅତି ସାବଧାନତାରେ ତିଆରି ହୋଇଛି । କୁଡ଼ିଆଟି ଖୁବ୍ ଲମ୍ବା । ମଝିରେ ଗୋଟିଏ ବୋଲି ଦ୍ୱାର । ଘର ଭିତରକୁ ପଶି ମୁଁ ଦେଖିଲି ବହୁ ଚୀନା ଶ୍ରମିକ ବସି ଲେକ୍ଚର ଶୁଣୁଛନ୍ତି । ମୁଁ ଭାବିଥିଲି, ଏମାନେ ହୁଏତ ଯୀଶୁଙ୍କ ଧର୍ମକଥା ଶୁଣୁଛନ୍ତି । କିନ୍ତୁ ସେମାନେ ଯୀଶୁଙ୍କ କଥା ନ ଶୁଣି, ଶୁଣୁଥିଲେ ଠକ୍କାର କଥା—ଅତି ମନୋଯୋଗ ସହକାରେ । ଆମର ଉପସ୍ଥିତିରେ କେହି ଅନ୍ୟମନସ୍କ ହୋଇ ନ ଥିଲେ । ଆମେ ମଧ୍ୟ ଗୋଟିଏ ବେଞ୍ଚରେ ଯାଇ ବସିଲୁ ।

ବକ୍ତୃତା ହେଉଥିଲା ଚୀନା ଭାଷାରେ । ସେତେବେଳେ ମୁଁ ଅଳ୍ପ ଅଳ୍ପ ଚୀନା ଭାଷା କହି ବୋଲି ପାରୁଥିଲେ ମଧ୍ୟ ବକ୍ତୃତା ବୁଝିଲା ଭଳି କ୍ଷମତା ମୋର ନ ଥିଲା । ବକ୍ତୃତା ଶେଷ ହେଲା ପରେ ଗୌରାଙ୍ଗ ତାର ସାରାଂଶ ମୋତେ ବୁଝାଇ ଦେଲା । ସେ କହିଲା, "ତାଂକାକାର ରବର କାରଖାନାରେ ଜଣେ ଶ୍ରମିକ କଳ ଭିତରେ ପଡ଼ି ପ୍ରାଣ ହରାଇଛି । ତାଂକାକା ସେହି ଶ୍ରମିକର କୁଟୁମ୍ବଙ୍କୁ ଗୋଟିଏ

ବୋଲି ପଇସା ସାହାଯ୍ୟ କରୁନାହାନ୍ତି । ଯେଉଁମାନେ ବକ୍ତୃତା ଶୁଣୁଥିଲେ ତାଙ୍କ ଭିତରେ ଅନେକ କେପାଲ ସର୍ଦ୍ଦାର ମଧ୍ୟ ଥିଲେ । କେପାଲ ମାନେ ଏଯାଏଁ ତାଂକାକାକୁ ସମର୍ଥନ କରି ଆସିଥିଲେ । କିନ୍ତୁ ଏଇ ବକ୍ତାଙ୍କ ଭାଷଣରେ ତାଙ୍କର ମଧ୍ୟ ମନର ପରିବର୍ତ୍ତନ ହୋଇଛି । ଏମାନେ କାଲିଠାରୁ ଧର୍ମଘଟ କରିବେ । ସର୍ଦ୍ଦାର-ମାନଙ୍କୁ ବୁଝାଇ ଦିଆ ଯାଇଛି, ଏ ଧର୍ମଘଟରେ କୌଣସି ଫଳ ହେବ ନାହିଁ । ଅନ୍ୟ ସର୍ଦ୍ଦାର ଆସି ତାଙ୍କ କାମରେ ପଶି ଯିବେ । ପ୍ରଥମେ ହୁଏତ ଆସିବେ ଚୀନା ଶ୍ରମିକ । କିନ୍ତୁ ଏଇ ଧର୍ମଘଟର ପରିଣାମରେ ଚୀନା ଶ୍ରମିକ ମଧ୍ୟ ଆସିବେ ନାହିଁ—ଆସିବେ ମାଲୟୁ, ଇଣ୍ଡିଆନ୍ ଓ ଅନ୍ୟ ଜାତିର ଲୋକେ । ଏଥିରେ ଚୀନାମାନଙ୍କର ବର୍ତ୍ତମାନ ପାଇଁ କ୍ଷତି ହେବ, କିନ୍ତୁ ଭବିଷ୍ୟତରେ ସେମାନେ ସଂଘବଦ୍ଧ ହୋଇ ପଡ଼ିବେ । ଯେଉଁମାନେ ଚୀନାମାନଙ୍କର ପରିତ୍ୟକ୍ତ କାମ ଗ୍ରହଣ କରି ମୁଣ୍ଡ ନୁଆଁଇ ତାଂକାକାର କଥା ମାନି ଚଳିବେ—ସେମାନଙ୍କ ମଧ୍ୟରେ କେବେ ହେଲେ ଚେତନା ଆସିବ ନାହିଁ । ସେମାନେ କହିବେ, ଆଗ ପ୍ରାଣ ରକ୍ଷା—ତା'ପରେ ମଜୁରି ବୃଦ୍ଧିର ଚିନ୍ତା । ଆଗ ପିଲା କବିଲା ବଞ୍ଚନ୍ତୁ, ତାପରେ ତାଂକାକା ସାଙ୍ଗରେ ହିସାବ ନିକାଶ । ଏ ସବୁ କଥାର କୌଣସି ମୂଲ୍ୟ ନାହିଁ । ଦେଖିବେ, ଏଇଥିରୁ ଚୀନା ମାନଙ୍କ ଭିତରେ ଆରମ୍ଭ ହେବ ସଂଗଠନ, ଐକ୍ୟ ।

ଚୀନା ମଜୁରଙ୍କ ବକ୍ତୃତା ଓ ସେମାନେ କଣ କରିବେ ତା' ଶୁଣି ସେଦିନ ବସାକୁ ଫେରି ଆସିଲି । ପରଦିନ ସକାଳେ ଠିକଏ ଟେବିଲରେ ଉଠି ସକାଳର ଖବର କାଗଜ 'ମର୍ଣ୍ଣିଂ ପୋଷ୍ଟ' ଖୋଲି ଦେଖିଲି, ତାଂକାକାର କାରଖାନାରେ ଧର୍ମଘଟ ଆରମ୍ଭ ହୋଇଛି । ପୋଲିସ ଫୌଜ ତାଂକାକାର କୋଠା କାରଖାନାକୁ ଜଗି ରହିଛନ୍ତି ।

ଚୀନାମାନଙ୍କ ଭିତରେ ବିକ୍ଷୋଭ ସୃଷ୍ଟି ହୋଇଛି । ସେଦିନ ରାତିରେ ଆମେ ଆଉ କୁଆଡ଼େ ଯାଇ ନାହୁଁ । ପରଦିନ ରାତିରେ ପୁଣି ବାହାରି ପଡ଼ିଲୁ । ଏଥର କାରଖାନା ଶ୍ରମିକ କଣ କରୁଛନ୍ତି ତା' ଦେଖିବାକୁ ଆମେ ଯାଇ ନ ଥିଲୁ ! ଆମେ ଯାଇଥିଲୁ ଟ୍ରେର ଉପରେ କଟପାଟି କପର ହୁଏ, ଦେଖିବାକୁ ।

ରେଙ୍ଗୁନସହର ସେତେବେଳେ ଜନଶୂନ୍ୟ, ନିସ୍ତବ୍ଧ । ମୁଁ ଆଗେ ଆଗେ ଆଉ ଗୌରୀଶ ମୋ ପଛେ ପଛେ ଧୀରେ ଧୀରେ ଚାଲି ଥାଉଁ । ଦୁଇ ପାଖର ଦୋକାନ ଗୁଡ଼ିକ ବନ୍ଦ । ଯେଉଁ ସବୁ ଘରେ ଦୋକାନ ନାହିଁ, ବସାଘର—ସେଥିରୁ ଭାସି ଆସୁଥାଏ ଶିଶୁର କ୍ରନ୍ଦନ ଶବ୍ଦ, ସ୍ୱାମୀ-ସ୍ତ୍ରୀଙ୍କ କଳହ ଚିତ୍କାର, ଚୀନାମାନଙ୍କର ଦାସୀ ତାଡ଼ନ ଓ ଦାସୀଙ୍କର ମର୍ମଭେଦୀ ବିଳାପ ।

କେତେବାଟ ଗଲୁ ପରେ ଦେଖିଲୁ, କେତେ ଜଣ ଲୋକ ଗୋଟିଏ ସ୍ଥାନ ଗଳି ମୁଣ୍ଡରେ ଛିଡ଼ା ହୋଇଛନ୍ତି । ତାଙ୍କ ନିକଟରେ ଜଣେ ଚୀନା ଶ୍ରମିକ ଫୁଟପାଥ୍ ଉପରେ ଶୋଇଛି । ସେଇ ଲୋକମାନେ କଣ କରୁଛନ୍ତି ଦେଖିବା ପାଇଁ ଆମେ ଅନ୍ୟ ଫୁଟପାଥ୍‌କୁ ଚାଲିଗଲୁ ଆଉ କିଛି ନ ଦେଖିଲା ଭଳି ଆମ ବାଟରେ ଆଗେଇ ଗଲୁ । ମୋର ଓ ଗୌରୀଶର ସେଦିନ ମରଣକୁ ମଧ୍ୟ ଭୟ ନ ଥିଲା । ଜାଅ ଖୋଲୁ ଖୋଲୁ ସାପ ବାହାରିଲା ଭଳି, ବେଳେ ବେଳେ ତାମସା ଦେଖିବାକୁ ଯାଇ ଚୀନା ଡକାଏତଙ୍କ କବଳରେ ପଡ଼ି ପ୍ରାଣ ବି ଦେବାକୁ ପଡ଼େ । ଚୀନା ଡକାଏତ ସବୁବେଳେ ଅଟୋମେଟିକ ପିସ୍ତଲ ପକେଟରେ ରଖନ୍ତି, ବିପଦ ଦେଖିବା ସାଙ୍ଗେ ସାଙ୍ଗେ ଗୁଳି କରନ୍ତି ।

ଆମେ କିଛିଦୂର ଅଗ୍ରସର ହୋଇ ପୁଣି ପଛକୁ ଫେରିଲୁ । ଏଥର ଗୌରୀଶ ମୋର ଆଗେ ଆଗେ ଚାଲିଥିଲା । ଗଳି ପାଖରେ

ପହଞ୍ଚି ଦେଖିଲି, ସେଇ ଲୋକ ଗୁଡ଼ାକ ଉତ୍ତେଜିତ ହୋଇ କଥା-ବାର୍ତ୍ତା କରୁଛନ୍ତି ଆଉ ସେଇ ଦରିଦ୍ର ଚୀନା ଶ୍ରମିକଟି ହାତଯୋଡ଼ି କହୁଛି, ସେ ଚୋରି କରି ନାହିଁ—କିଏ ଏଇ ସବୁ ମାଲ ଆଣି ତା ପାଖରେ ରଖି ଯାଇଛି । ଯେଉଁମାନେ ଚୀନା ଲୋକଟିକୁ ଘେରି ଛିଡ଼ା ହୋଇଥିଲେ ସେମାନେ ନୂଆ ସି: ଆଇ: ଡ଼ି: । ଯାଙ୍କୁ ପ୍ରତି-ମାସରେ କେତୋଟି ନୂଆ କେସ୍ ଦେବାକୁ ପଡ଼େ । କେସ୍ ସବୁବେଳେ ମିଳେ ନାହିଁ, ତେଣୁ କେସ୍ ସୃଷ୍ଟି କରିବାକୁ ପଡ଼େ । ଏମାନେ ସେଇଆ କରୁଥିଲେ । ଆମେ କାହାକୁ କିଛି ନ କହି କେବଳ ସେଇ ସି: ଅଇ: ଡ଼ି: ମାନଙ୍କୁ ଚିହ୍ନି ରଖିଲୁ ।

କେତେଦିନ ପରେ ଯେତେବେଳେ କେସ୍ ଯାଇ କୋର୍ଟରେ ପହଞ୍ଚିଲା ସେତେବେଳେ ମୁଁ ଆଉ ଗୌରୀଶ କୋର୍ଟରେ ଉପସ୍ଥିତ ଥିଲୁ । ଦରିଦ୍ର ଚୀନା ଲୋକଟି ମୁକ୍ତି ପାଇଲା ନାହିଁ । ବିଚାରରେ ତାର ଶାସ୍ତି ହେଲା । ମୁଁ ଭାବିଲି, ଯାଉ—ଜେଲ୍‌କୁ ଯାଇ ଖାଇବାକୁ ତ ହେଲେ ପାଇବ । ଗୌରୀଶ କିନ୍ତୁ କହୁଥିଲା, ଯାହାକୁ ଆପଣମାନେ ପୂର୍ବଜନ୍ମ ପାପର ଫଳ ବୋଲି କହନ୍ତି । କିନ୍ତୁ ଲୋକେ ଯେପରି ଏଇ ସବୁ କାମ ଲୋଭର ବଶବର୍ତ୍ତୀ ହୋଇ ନ କରନ୍ତି ତାର ଉପାୟ ଖୋଜନ୍ତୁ । ଯା ପଛରେ ରହିଛି ପୁଞ୍ଜିବାଦୀମାନଙ୍କର ଦୁରଭିସନ୍ଧି ଆଉ ତାଙ୍କର ଭଡ଼ାଟିଆ ସାମ୍ରାଜ୍ୟବାଦୀଙ୍କର ବର୍ବରତା । ଶ୍ରେଣିକୁ ଲକ୍ଷ୍ୟ ରଖିବାର ମନଟାକୁ ମାରି ଦେଇଛନ୍ତି ବୋଲି 'ଭଗବାନ ଭୂତ' ଆପଣମାନଙ୍କ ମୁଣ୍ଡରେ ଚାପିଛି । ଗୌରୀଶ ସେତେବେଳେ ଯାହା କହୁଥିଲା, ମୋର ଗୋଟାଏ କାନରେ ପଶି ଆର କାନରେ ବାହାରି ଯାଉଥିଲା । କିନ୍ତୁ ମୁଁ ସେଇ ନିର୍ଦ୍ଦୋଷ ଚୀନାର ମୁହଁଟାକୁ ଭଲ ଭଲ କରି ଚାହିଁ ରହିଥିଲି । କି ଗମ୍ଭୀର ସେ ମୁହଁ—ସେ ମୁହଁ ଉପରେ ଦିନବେଳେ ମଧ୍ୟ ଯେପରି ବିଦ୍ୟୁତର

ଦୀପ୍ତି ପ୍ରକାଶ ପାଉଥିଲା । ମୁହଁଟା ତାର ଚକ୍ ଚକ୍ କରୁଥିଲା ଆଉ ସେ ଯେପରି କ'ଣ ଭାବୁଥିଲା । ସେ ହୁଏତ ଭାବୁଥିଲା କିପରି ଦିନେ ଏଇ ଅନ୍ୟାୟର ପ୍ରତିକାର ସେ କରିବ । ଚୀନାମାନଙ୍କର ଜ୍ଞାନ ଆସେ ମୃତ୍ୟୁ ଭିତରେ । ଯେ ପର୍ଯ୍ୟନ୍ତ ସେମାନେ ତାର ପ୍ରତିକାର ନ କରିଛନ୍ତି ବା ନ ମରିଛନ୍ତି ସେ ପର୍ଯ୍ୟନ୍ତ ଏଇ ଜ୍ଞାନ ତାଙ୍କର ଲିଭେ ନାହିଁ । ସେମାନେ ସହଜରେ ଭାଙ୍ଗି ପଡ଼ନ୍ତି ନାହିଁ । ଜୀବନ ସଂଘର୍ଷରେ ପଛେଇ ଯିବା ପୂର୍ବରୁ ସେମାନେ ମରି ଜାଣନ୍ତି । ବେଶୀ କଥା କହିବା ତାଙ୍କ ଜାତକରେ ନାହିଁ । ତାଙ୍କର କଥା କହେଉଣ୍ଡି, ତାଙ୍କ ହାତର କାମ । ତେଣୁ ଚୀନା ଜାତିଟା ମରୁ ମରୁ ମଧ୍ୟ ବହୁବାର ବଞ୍ଚି ଯାଇଛି ।

ଚୀନା ଦେଶର ପ୍ରଥମ ବିପ୍ଳବ ପରଠାରୁ ପ୍ରବାସୀ ଚୀନାମାନେ ବହୁ ସମୟରେ ଟଙ୍କା ପଠାଇ ଚୀନ ସରକାରକୁ ସାହାଯ୍ୟ କରୁଥିଲେ । ଚେଂନାମ୍ ମଧ୍ୟ ଦରିଦ୍ର ଚୀନାଙ୍କ ସାହାଯ୍ୟ ପାଇଁ ଚୀନ ଦେଶକୁ ବହୁ ଟଙ୍କା ପଠାଇଛନ୍ତି । ଏ ସମ୍ବାଦ ମୁଁ କୁଆଲାଲମପୁରରେ ଶୁଣିଥିଲି । ପରଦିନ ସକାଳେ ଯେତେବେଳେ ଡାକ୍ତର ଓ ତାଙ୍କର ସଙ୍ଗୀ ମୋ ସାଙ୍ଗରେ ଦେଖା କରିବାକୁ ଆସିଲେ ମୁଁ ତାଙ୍କୁ ଚେଂନାମ୍‌ର ବଦାନ୍ୟତାର କଥା କହି, ତାଙ୍କ ସାଙ୍ଗରେ ମୁଁ ଦେଖା କରିବାକୁ ଆସିଛି ବୋଲି କହିଲି । ସେ ଦିନେ ଅତି ଦରିଦ୍ର ଥିଲେ, ବର୍ତ୍ତମାନ ଧନୀ ହୋଇ ମଧ୍ୟ ଦରିଦ୍ର ମାନଙ୍କ କଥା ଭୁଲି ନାହାନ୍ତି । ଏଭଳି ଜଣେ ମହତ୍ ବ୍ୟକ୍ତିଙ୍କ ସହ ସାକ୍ଷାତ କରିବା ମୁଁ ଦରକାର ବୋଲି ମନେ କରୁଛି ।

ମୋର କଥା ଶୁଣି ଡାକ୍ତରଙ୍କ ସାଙ୍ଗୀ ତାଙ୍କ ଚେୟାରଟା ମୋ ପାଖକୁ ଟାଣି ଆଣି କହିଲେ, "ଚୀନ ଦେଶର ଦରିଦ୍ରଙ୍କୁ ବଞ୍ଚାଇବା ପାଇଁ ଚେଂନାମ୍ ଗୋଟିଏ ବୋଲି ପଇସା ଦେଇ

ନାହାନ୍ତି । ତାଙ୍କ ମା ରୋଗରେ ପଡ଼ି ଔଷଧ ଟୋପାଏ ନ ପାଇ ମରିଥିଲେ ବୋଲି ସେ କେତେଗୁଡ଼ାଏ ଡାକ୍ତରଖାନା ଖୋଲି ଦେଇଛନ୍ତି, ଏକଥା ସତ । କିନ୍ତୁ ତାଙ୍କର ଦରିଦ୍ର ମା'ଙ୍କ ଭଳି କେତେ ମା' ମାଲୟ ଓ ଚୀନ ଦେଶରେ ଯେ ଗଣିକାବୃତ୍ତି କରି ଉଦର ପୋଷଣ କରୁଛନ୍ତି, ତାର ଖବର ସେ ରଖନ୍ତି ନାହିଁ । ଚୀନ ଦେଶର କେତେ ଅପ୍ରକାଶିତ ସମ୍ବାଦ ମୁଁ ତାଙ୍କୁ ଦେଇଛି, ସେ ତା' ଶୁଣି ଦୁଃଖିତ ହେବା ତ ଦୂର କଥା—ବରଂ ଚୀନ ସରକାରକୁ ବାରବାର ପ୍ରଶଂସା କରିଛନ୍ତି । ଚେଂନାମ୍ ଧନୀ ସତ, କିନ୍ତୁ ଶିକ୍ଷାର ଲେଶ ମାତ୍ର ତାଙ୍କ ପାଖରେ ନାହିଁ । ଚେଂନାମ୍ ଯେତେ ଟଙ୍କା ଚୀନ ଦେଶକୁ ଦରିଦ୍ରଙ୍କ ପାଇଁ ପଠାଇଛନ୍ତି ତା' ଦ୍ୱାରା ଦରିଦ୍ରର ଉପକାର ତ ହେବନାହିଁ, ହେବ ତାଙ୍କର ସର୍ବନାଶ । ଆପଣ ଯେତେବେଳେ ଚୀନ ଭିତରକୁ ଯିବେ ସେତେବେଳେ ଦେଖିବେ, କିପରି ଦରିଦ୍ର ଲୋକଙ୍କୁ ସେଠାରେ ବିନା ଅପରାଧରେ କୁକୁର ବିରାଡ଼ି ଭଳି ହତ୍ୟା କରା ଯାଉଛି । ବର୍ତ୍ତମାନ ଏ ସବୁ କଥା ଥାଉ, ଆମେ ଚାହୁଁ—ଆପଣ ଯେତେ ଶୀଘ୍ର ପାରନ୍ତି ଚୀନକୁ ଚାଲି ଯାଆନ୍ତୁ । ସେଠାରେ ଆପଣା ଆଖିରେ ଚୀନର ଅବସ୍ଥା ଦେଖି ସେ ସଂପର୍କରେ ବହି ଲେଖନ୍ତୁ—ଆଉ ପୃଥିବୀର ଲୋକେ ଆପଣଙ୍କ ଅଭିଜ୍ଞତା ପଢ଼ି ଚୀନର ସ୍ୱରୂପ ବୁଝନ୍ତୁ । ଆପଣଙ୍କ ଚୀନ ଭ୍ରମଣ ଯେପରି ଖୁବ୍ ନିରାପଦରେ ଓ ସୁଖ ସୁବିଧାରେ ଶେଷ ହେବ ସେଥିପାଇଁ ଆପଣଙ୍କ ହାତରେ ଦୁଇଟି ଚିଠି ଦେଉଅଛି । ଏଇ ଚିଠି ଦୁଇଟି ଆପଣ ଗୋପନରେ ରଖିବେ, କାହାକୁ ହେଲେ ଦେଖାଇବେ ନାହିଁ । ଆପଣ ଚୀନରେ ପହଞ୍ଚିଲା ପରେ ଚିଠି ଯାହାଙ୍କ ପାଖକୁ ଲେଖା ଯାଇଛି ସେ ନିଜେ ଆସି ଆପଣଙ୍କ ଠାରୁ ଚିଠି ମାଗି ନେବେ ।"

ଭଦ୍ରଲୋକଙ୍କ କଥା ଗୁଡ଼ାକ ମୋ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା । ଚେଂନାମ୍‌କୁ ଲକ୍ଷ୍ୟ କରି ସେ ସଫା ସଫା ଏଇ ତଥାକଥିତ କରିତ୍‌କର୍ମା, ବଦାନ୍ୟ, ସଦାଶୟ ବଡ଼ଲୋକ ଶ୍ରେଣୀଟାର ସ୍ୱରୂପ ମୋ ଆଗରେ ପ୍ରକାଶ କରିଦେଲେ । ମୋର ଚରାଚରିତ ମନୋଜଗତରେ ମଧ୍ୟ ଏକ ତୀବ୍ର ଆଲୋଡ଼ନର ସୃଷ୍ଟି ହେଲା । ଏକ ନୂତନ ଦୃଷ୍ଟିଭଙ୍ଗୀ ନେଇ ନୂଆ ଭାବରେ ବିଶ୍ୱଟାକୁ ଦେଖିବାର ପ୍ରୟୋଜନ କ୍ରମେ ଉପଲବ୍ଧି କଲି । ଚେଂନାମ୍‌ଙ୍କ ସହ ସାକ୍ଷାତ କଳ୍ପନାଟା ମୋର କୁଆଡ଼େ ମରୀଚିକା ଭଳି ହଜିଗଲା ।

ଛଟି ଦଫାଟି ବିଷୟରେ ସେ ଯାହା କହିଲେ, ତାହା ଅତି ସରଳ ଓ ଚମକପ୍ରଦ । ନିଶ୍ଚୟ ଏ ଛଟି ବିଷୟରେ ଅନ୍ୟ କେହି ଜାଣିଥିବେ, ପୁଣି ମୋ ପାଖରୁ ସେ ଛଟି ମାଗିବେ । ଚୀନ ସାଙ୍ଗରେ ନିଶ୍ଚୟ ତାଙ୍କର ସଂପର୍କ ରହିଛି । ଆଉ ତାଙ୍କର କୌଣସି ଅନୁଷ୍ଠାନ ମଧ୍ୟ ଅଛି, ଯାହା ସହିତ ପୃଥିବୀର ବହୁ ସ୍ଥାନରେ ସଂପର୍କ ମଧ୍ୟ ରହିଛି । ଯେତେବେଳେ ବିପ୍ଳବର ସମ୍ଭାବନା ଆସେ ସେତେବେଳେ ଏଇଭଳି ଅନୁଷ୍ଠାନ ସବୁ ଗଢ଼ି ଉଠେ । ଚୀନର କମ୍ୟୁନିଷ୍ଟଗଣ ଯେ ନୂତନ ଭାବରେ ରାଷ୍ଟ୍ରବିପ୍ଳବ ଆଡ଼କୁ ଚାଲି ପଡ଼ିଛନ୍ତି—ସେ କଥା ମୁଁ ଜାଣି ନ ଥିଲି । ମୁଁ କେବଳ ଚୀନା ଡକାଏତଙ୍କ କଥା ଏ ଯାବତ୍‌ ଶୁଣି ଆସିଥିଲି । ମୁଁ ଭାବୁଥିଲି, କିପରି ଏ ଡକାଏତପୂର୍ଣ୍ଣ ଦେଶରେ ଭ୍ରମଣ କରିବି । ଚୀନଦେଶର ସଂବାଦ ସେତେବେଳେ ବିଦେଶକୁ ଆସୁ ନ ଥିଲା । ସେଥିପାଇଁ ସେ ସମୟରେ ପୃଥିବୀର ଲୋକେ ଚୀନ ସମ୍ବନ୍ଧରେ କିଛି ଜାଣିବାର ସୁବିଧା ପାଉ ନ ଥିଲେ । ସାମ୍ରାଜ୍ୟବାଦୀଗଣ ଆଉ ତାଙ୍କ ଦ୍ୱାରା ପରିପୁଷ୍ଟ ଲେଖକଗଣ ଚୀନ ସମ୍ବନ୍ଧରେ ବହୁ ଖରାପ

କଥା କେବଳ ପ୍ରଚାର କରୁଥିଲେ । ଫଳରେ ଚୀନ ସମ୍ବନ୍ଧରେ ଯେଉଁ ସବୁ କଥା ଜାଣିବା ପାଇଁ ଲୋକଙ୍କ ଅଗ୍ରହ, ସେ ସବୁ କଥା ଜାଣିବାର ସୁଯୋଗ ବା ସୁବିଧା ମିଳୁ ନ ଥିଲା । ପ୍ରଚାରର ଫଳରେ ଆମେ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି କେବଳ ଗ୍ରହଣ କରୁଛୁ ।

ଆସିବା ସଙ୍ଗେ ସଙ୍ଗେ ଯିବାର ନିକଟ ସଂପର୍କ ରହୁଛି । ଏଠାକୁ ମୁଁ ଆସିଥିଲି । ଏଠାରୁ ପୁଣି ଯିବାକୁ ପଡ଼ିବ । କାଲି ସକାଳୁ ଏଠାରୁ ବିଦାୟ ନେବି । ସକାଳ କହିଲେ ସଭିଏଁ ସୂର୍ଯ୍ୟର ଉଦୟ କାଳକୁ ଧରନ୍ତି । କିନ୍ତୁ ମୋର ସକାଳ ହୁଏ ଗଭୀର ରାତିରେ । ରାତିରେ ମୁଁ ବାହାରିଲେ । ବିଦାୟ ପୂର୍ବରୁ ଡାକ୍ତର ଆସି ମୋ ସାଙ୍ଗରେ ଦେଖା କରି କହିଲେ, ଏଇ ସମୟରେ ଯଦି ଆପଣ କ୍ୱାଂସୀ ପ୍ରଦେଶରେ ପହଞ୍ଚି ପାରନ୍ତେ ତାହେଲେ ବହୁତ କଥା ଦେଖି ପାରନ୍ତେ । ବେଶୀଦିନ କେଉଁଠି ବିଶ୍ରାମ ନକରି ଯେତେ ଶୀଘ୍ର ପାରନ୍ତି ଚୀନ ଭିତରକୁ ପଳାନ୍ତୁ । ଆପଣଙ୍କ ମତରେ ଯେଉଁ ଅଳଶା ବ୍ୟକ୍ତି ପୃଥିବୀର ସୁଖ ଦୁଃଖର କାରଣ ହୋଇଛି— ତାର ସ୍ୱରୂପ ଦେଖିବେ, ଆଉ ସେତେବେଳେ ଜାଣିବେ ଯେ ଆପଣଙ୍କ ଧାରଣା ଏକାବେଳେକେ ଭିତ୍ତିହୀନ । ଚୀନ ଦେଶର କ୍ୱାଂସୀ ଓ ହୋନାନ୍ ପ୍ରଦେଶକୁ ଗଲେ ବୁଝି ପାରିବେ ଯେ ବ୍ୟକ୍ତି-ବିଶେଷର ଅତିଲୋଭ ଉପର ସାଧାରଣ ଜନତାର ସବୁ ଦୁଃଖ କଷ୍ଟର ମୂଳ କାରଣ ହୋଇଛି । ଏଇ ଅତିଲୋଭୀଗଣଙ୍କର ଉଚ୍ଛେଦ ବା ବିନାଶ ସାଧନ ପାଇଁ ସଶସ୍ତ୍ର ବିପ୍ଳବ ଆରମ୍ଭ ହୋଇଛି । ଯେଉଁ ସବୁ ଅଞ୍ଚଳରେ ସୋଭିଏଟ୍ ସ୍ଥାପିତ ହୋଇଛି ସେଠା ଲୋକେ କିପରି ସୁଖ ସୁବିଧାରେ ଜୀବନ ଯାପନ କରୁଛନ୍ତି ଦେଖିବେ ।

ଡାକ୍ତରଙ୍କ ସାଙ୍ଗରେ ଦୁଇଟି ମାତ୍ର ଦିନ କଥାବାର୍ତ୍ତା କରି ବୁଝି ପାରିଲି, ଜାତୀୟତାବାଦୀ ଓ କମ୍ୟୁନିଷ୍ଟ ଚୀନାଙ୍କ ମଧ୍ୟରେ ପାର୍ଥକ୍ୟ କେତେ । ଜାତୀୟତାବାଦୀ ଚୀନା ସ୍ତ୍ରୀ-ପୁରୁଷ ଉଭୟେ ଆମ ଭଳି ରକ୍ଷଣଶୀଳ । ସେମାନେ ପୃଥିବୀର ଅନ୍ୟାନ୍ୟ ଜାତିର ମଣିଷଙ୍କୁ ମଣିଷ ବୋଲି ବର୍ତ୍ତମାନ ସୁଦ୍ଧା ଭାବନ୍ତି ନାହିଁ । ତାଙ୍କର ସେହି ପୁରୁଣା ଚାଲିଚଳନ, ତାଙ୍କର ପୁରୁଣା ପୋଷାକ, ତାଙ୍କର ପୁରୁଣା ଚିନ୍ତାଧାରା ସବୁ ଜାବୁଡ଼ି ଧରି ରଖିବାକୁ ଚାହାନ୍ତି । ଡାକ୍ତର ସୁନ-ଇଅତ୍-ସେନଙ୍କ ଶିକ୍ଷାରେ ଚୀନା ନାରୀ ଲୁହାର ଜୋତା ଛାଡିଛନ୍ତି ଓ ପୁରୁଷ ବେଣୀ କାଟି ପକାଇଛନ୍ତି ସତ କିନ୍ତୁ ତାଙ୍କ ଭିତରେ ବର୍ତ୍ତମାନ ସୁଦ୍ଧା ଏତେ ବଦଗୁଣ ପୂରି ରହିଛି ଯେ ସେମାନେ ଜୀବନର ନାନା କ୍ଷେତ୍ରରେ ସଂକୀର୍ଣ୍ଣତାର କବଳରୁ ମୁକ୍ତ ହୋଇ ପାରି ନାହାନ୍ତି । ଏଠାରେ ଡାକ୍ତର ଅକାତରରେ ସମସ୍ତଙ୍କ ସେବା କରନ୍ତି । ଡାକ୍ତରଙ୍କ ସ୍ତ୍ରୀ ଗୋଟିଏ ସମିତି କରିଛନ୍ତି । ସେ ସମିତିରେ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କର ପ୍ରବେଶାଧିକାର ରହିଛି । ତାଙ୍କର ଆନ୍ତର୍ଜାତିକ ମନୋଭାବ ଓ କାର୍ଯ୍ୟକଳାପ ଫଳରେ ସେ ମାଳୟ ଦେଶରେ ଅଚିହ୍ନା ଲୋକଙ୍କ ନିକଟରେ ମଧ୍ୟ ଦେବୀ ବୋଲି ପରିଚିତା ହୋଇଛନ୍ତି ।

ଗୋଟିଏ ଦେଶ ଗୋଟିଏ ଜାତି କିନ୍ତୁ ଜାତୀୟତାବାଦୀ ଓ ସାମ୍ୟବାଦୀ ଚୀନାଙ୍କ ଭିତରେ କେତେ ପ୍ରଭେଦ ! ସାଦା ଚୀନ ଓ ଲାଲ ଚୀନ କଥା ଭାବି ଭାବି ହଂକଂ ଆଡ଼କୁ ଅଗ୍ରସର ହେଲି ।

ସାଇକେଲରେ କିପରି ପୃଥିବୀ ଭ୍ରମଣ କରିବାକୁ ହୁଏ ଆମଦେଶର ବହୁ ଲୋକଙ୍କର ସେ ସଂପର୍କରେ କୌଣସି ସ୍ପଷ୍ଟ ଧାରଣା ନାହିଁ । ମୁଁ ମଧ୍ୟ ସେ ବିଷୟରେ ଅଜ୍ଞ । କିନ୍ତୁ କେତେକ

ବିଦେଶୀ ପର୍ଯ୍ୟଟକଙ୍କ ସଂସ୍ରବରେ ଆସି ମୁଁ ସେ ସମ୍ବନ୍ଧରେ କେତେକ ଜ୍ଞାନ ଅର୍ଜନ କରି ପାରିଥିଲି । ସାଇକେଲରେ ଯେଉଁମାନେ ଭ୍ରମଣ କରିବାକୁ ଚାହାନ୍ତି, ସେମାନେ ଅତି ସରଳ ଜୀବନ ଯାପନ କରିବା ଉଚିତ । ବହୁରୂପୀ ସାଜିଲେ ବିପଦ ଆପଦ ତ ରହିଛି—କିନ୍ତୁ ସବୁଠାରୁ ବଡ଼କଥା ଏଇ ଯେ ସେମାନେ କିଛି ଜାଣି ପାରିବେ ନାହିଁ, କିଛି ଶିଖି ପାରିବେ ନାହିଁ । ମୁଁ ବହୁରୂପୀ ସାଜୁ ନଥିଲି । ଏପରିକି ବହୁସମୟରେ ମୋର ହାତ ଘଡ଼ିଟାକୁ ଛୋଟ ପକେଟରେ ରଖୁଥିଲି । ସିଙ୍ଗାପୁରରୁ ଯେଉଁ ଘଡ଼ିଟା ମୋ ସାଙ୍ଗରେ ଥିଲା, ସେଇଟା ଠିକ୍ ସମୟ ରଖୁ ନଥିଲା । ଏଣେ ଠିକ୍ ସମୟ ଜାଣିବା ମୋ ପକ୍ଷରେ ଦରକାର ହୋଇ ପଡୁଥିଲା । ଶୀତ ଦିନରେ ଚୀନ ଦେଶର ଆକାଶରେ ସୂର୍ଯ୍ୟ କ୍ୱଚିତ ଦେଖାଯାନ୍ତି । କେତେବେଳେ କୁହୁଡ଼ି ଓ କେତେବେଳେ କୁଆପଥର ବୃଷ୍ଟି, ପୁଣି କେତେବେଳେ ବା ଆକାଶ ମେଘରେ ଆଚ୍ଛନ୍ନ ହୋଇଯାଏ ।

ହାଂକରେ ସହିଁ କିଛି ଦିନ ରହିଲା ପରେ ଭାବିଲି ଘଡ଼ିଟାକୁ ବଦଳାଇ ଦେବି, ନହେଲେ କେତେବେଳେ ସକାଳ ହେଲା ବା ସଂଧ୍ୟା ହେଲା ମୁଁ ଜାଣି ପାରୁନାହିଁ । ଅର୍ଥାଭାବ ଥିଲେ ମଧ୍ୟ କେତୋଟି ବଡ଼ ବଡ଼ ଘଡ଼ି ଦୋକାନ ବୁଲି ଆସିଲି । ବଡ଼ ଦୋକାନରେ ଘଡ଼ିର ଦାମ ଶୁଣି କାନରେ ହାତ ଦେଲି । ପୁରୁଣା ଘଡ଼ି ଦୋକାନରେ ଅତି ଶସ୍ତା ଦାମରେ ଭଲ ଘଡ଼ି ମିଳିବ । ସେଇ ସବୁ ଦୋକାନ ବି ବୁଲିବୁଲି ଥକିଲି । କିନ୍ତୁ ଘଡ଼ି କିଣିବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ ।

ପରଦିନ ଆକାଶ ମେଘାଚ୍ଛନ୍ନ ଥିଲା । କଣକଣିଆ ଶୀତ ପବନ ଭାରି ଜୋରରେ ବହୁଥିଲା । ହୋଟେଲ ଭିତରୁ ବାହାରିବାକୁ

ଅଦୌ ଢଙ୍ଗ ହେଉ ନଥିଲା । ବସି ବସି ଖବର କାଗଜ ପଢ଼ି ସମୟ କଟାଉଥିଲି । ବଡ଼ ନିର୍ଜନତା ଅନୁଭବ କରୁଥିଲି । ଭାବୁଥିଲି, କିଏ ଯଦି ଆସନ୍ତା ତାହେଲେ ଗପସପ କରି ହେଲେ ସମୟଟା କଟି ଯାଆନ୍ତା ।

ଏତିକି ବେଳେ ଜଣେ ଲୋକ ମୋ କୋଠରୀ ଭିତରକୁ ପଶି ଆସିଲେ ଆଉ ପାଖର ଚେୟାରଟା ନିଆଁ ପାଖକୁ ଟାଣିନେଇ ମୋ ଆଡ଼କୁ ଚାହିଁ କହିଲେ—ନମସ୍କାର ମିଃ ଲିମ୍ନାଥ । ଆପଣଙ୍କର ଘଡ଼ି କିଣା ହେଲା ନାହିଁ ବୋଲି ମୁଁ ବଡ଼ ଦୁଃଖିତ । ସେଥିପାଇଁ ଆଉ ବ୍ୟସ୍ତ ହେବେ ନାହିଁ, ଆପଣଙ୍କ ଘଡ଼ି କିଣିବାର ଦରକାର ମଧ୍ୟ ନାହିଁ । ସମୟ ଠିକ୍ ରଖିବାକୁ ଯିନା ଆପଣ ଘଡ଼ି ଦରକାର କରୁଥିଲେ—ସେଥିପାଇଁ ଆପଣଙ୍କୁ ସଠିକ ସମୟ ଜଣାଇ ଦିଆଯିବାର ବ୍ୟବସ୍ଥା ହୋଇଛି । ଅଚ୍ଛା, ଆପଣ କେତେଦୂର ଯାଏ ପଢ଼ାପଢ଼ି କରିଛନ୍ତି କହିଲେ ? ପ୍ରଶ୍ନ ଶୁଣି ମୋର ଭୀଷଣ ରାଗ ହେଲା । ଯାହାର ଯେଉଁ କଥାରେ ଅଭାବ, ସେଇ ଅଭାବର ପରିମାଣ ତାକୁ ପଚାରିଲେ ରାଗହେବା ସ୍ୱାଭାବିକ । ମୁଁ ରାଗ ସମ୍ଭାଳି ପଚାରିଲି—ମୋର ପଢ଼ାପଢ଼ିର ହିସାବ ନେବାରେ ଆପଣଙ୍କର କଣ ଦରକାର ? ଆଗନ୍ତୁକ ସେଇ ଷ୍ଟୋଭ୍ ନିଆଁ ଆଡ଼କୁ ଚାହିଁ କହିଲେ—ଦର୍କାର ଅଛି ନିଶ୍ଚୟ । ଆପଣ ଆମ ଦେଶ ବୁଲିବାକୁ ଯିବେ, ଆମେ ଆପଣଙ୍କୁ ସାହାଯ୍ୟ କରିବୁ, ତେଣୁ ଆପଣଙ୍କ ବିଦ୍ୟା ବୁଦ୍ଧିର ସନ୍ଧାନ ପାଇଲେ ଆମର ସବୁ ସୁବିଧା ହେବ ନିଶ୍ଚୟ !

ମୁଁ ସୈନ୍ୟ ବିଭାଗରେ ହେଡ୍ କିରାଣୀ କାମ କରେ । ସିଂଗାପୁରରେ ଗୋଟାଏ ବଡ଼ ଗୃହକୁ ଛାଡ଼ି ଦେଇ ପୃଥିବୀ

ଭ୍ରମଣରେ ବାହାରର ବିଶ୍ୱରୂପ ଦେଖିବାକୁ ଆଉ ଭାବପ୍ରବଣତାର ଚରମତ୍ୱ ଅନୁଭବ କରିବାକୁ । ଯା' ଛଡ଼ା ମୋର ଭ୍ରମଣର ଅନ୍ୟ କୌଣସି ଉଦ୍ଦେଶ୍ୟ ସେତେବେଳେ ନ ଥିଲା । ସୁତରାଂ ମୋର ବିଦ୍ୟାବୁଦ୍ଧି କେତେ ସେ ପ୍ରଶ୍ନ ଏଠାରେ ଉଠିବାର ଅବଶ୍ୟକ ନ ଥିଲା । ପଢ଼ାପଢ଼ି ମାନେ କ'ଣ ବିଶ୍ୱବିଦ୍ୟାଳୟର ମାର୍କା ? ସେ କ'ଣ ଭାବୁଛନ୍ତି, ବିଶ୍ୱବିଦ୍ୟାଳୟର ମାର୍କା ନ ଥିଲେ ମୋର ଚୀନ ଭ୍ରମଣ ହେବ ନାହିଁ ? ଏ ସବୁ କଥା ଚିନ୍ତା କରି ମୋର ଭୀଷଣ ରାଗ ହେଉଥିଲା । ମୁଁ ଖଣ୍ଡେବେଳଯାଏ ଚୁପ୍ ହୋଇ ବସି ରହିଲି । ତା ପରେ ଭାବିଲି ବିଶ୍ୱବିଦ୍ୟାଳୟର ମାର୍କା ମୋର ନାହିଁ । ପଢ଼ାପଢ଼ି ମୋର ବହୁତ କମ୍ । ମୋ ଭଳି ନାମ ଗୋଟେ ହୀନ ଲୋକ କ'ଣ ଆପଣଙ୍କ ଦେଶକୁ ଯାଇ କିଛି ଜାଣି ପାରିବ ନାହିଁ, କିଛି ଶିଖି ପାରିବ ନାହିଁ ; ଯଦି ଆପଣଙ୍କ ମତରେ ବିଦ୍ୱାନ ଲୋକଙ୍କ ସହିତ ମିଳାମିଶା କରିବାର ସୁଯୋଗ ମୁଁ ପାଇବି ନାହିଁ କିମ୍ବା ତାଙ୍କର ସାହାଯ୍ୟ ପାଇବା ମୋ ପକ୍ଷରେ ସମ୍ଭବ ହେବ ନାହିଁ— ତା ହେଲେ ଚୀନରେ ମଧ୍ୟ ବହୁ ଅଶିକ୍ଷିତ ଓ ଦରିଦ୍ର ଲୋକ ତ ଅଛନ୍ତି, ତାଙ୍କରି ସାଙ୍ଗରେ ରହିବି । ମୁଁ ଆଉ ଆପଣାକୁ ସମ୍ଭାଳି ପାରୁ ନ ଥିଲି । କାରଣ ଚୀନ ମଧ୍ୟ ସେତେବେଳେ ଆମ ଭଳି ପରୋକ୍ଷଭାବେ 'କଲୋନିୟାଲ୍' ଦେଶ ଥିଲା । ଭାବୁଥିଲି, ଯାଙ୍କ ଭିତରେ ମଧ୍ୟ ପରାଧୀନତାର ଦୋଷ ଆସି ପଡ଼ିଛି । ତେଣୁ ହଠାତ୍ ମୋ ମୁହଁରୁ ବାହାରିଗଲା—ଆପଣ ଦୟା କରି ମୋ କୋଠରୀରୁ ବାହାରି ଗଲେ ମୁଁ ସୁଖୀ ହେବି, ମୁଁ ମୋର ବିଦ୍ୟା-ବୁଦ୍ଧିର ପରୀକ୍ଷା ଆପଣଙ୍କ ନିକଟରେ ଦେବା ପାଇଁ ଆସି ନାହିଁ ।

ମୁଁ ଯେତେବେଳେ ବଡ଼ ପାଟିରେ କଥା ଗୁଡ଼ାକ କହୁଥିଲି ସେତେବେଳେ ବସ୍ତୁ ଓ ମାନେଜର ଉଭୟେ ମୋ କୋଠରୀ

ଭିତରକୁ ଆସିଲେ । ଚା' ଆଉ ଫଳ ନେଇ ବୟ ଆସିଥିଲା । ମାନେଜର ଦାନ୍ତ ଦେଖାଇ ହସି ହସି ଆସିଥିଲେ । ବୟ ଚା' ଓ ଫଳର ଟ୍ରେଟା ଟେବୁଲ ଉପରେ ରଖିଦେଇ ଚାଲିଗଲା । ମାନେଜର ଗୋଟିଏ ଚେୟାରରେ ବସି ଆଗନ୍ତୁକ ଲୋକ ଜଣକୁ ନମସ୍କାର ଜଣାଇ ମୋ ଆଡ଼କୁ ଚାହିଁ କହିଲେ—କଣ ହୋଇଛି ମି ଲିମନାଥ ? ମୁଁ କହିଲି, ହେବ ଆଉ କଣ—ଏଇ ଭଦ୍ରଲୋକ ଆସିଛନ୍ତି ମୋର ଅବସ୍ଥା କେତେ ଉଜ୍ଜଳ କରି ଦେଖିବା ପାଇଁ, କହନ୍ତୁ ତ. ସେ କଣ ପାଶ୍ କରିଛନ୍ତି ।

ମାନେଜର କହିଲେ—ଏଠାରେ ପାଶ୍ କିମ୍ବା ଡିଗ୍ରୀର କଥା ଉଠୁ ନାହିଁ । ଆପଣ ବିଦେଶ ଭ୍ରମଣ କରିବାକୁ ଆସିଛନ୍ତି । ଆପଣଙ୍କୁ ବହୁ କଥା ଜାଣିବାକୁ ହେବ ଆଉ ସେଇ ସବୁ କଥା ଦେଶ ବିଦେଶର ଲୋକଙ୍କୁ ଜଣାଇବାକୁ ପଡ଼ିବ । ଜଣାଇବାକୁ ହେଲେ ଜାଣିବାର କ୍ଷମତା ଅର୍ଜନ କରିଥିବା ଦରକାର । ଆପଣଙ୍କର ସେ କ୍ଷମତା ଅଛି କି ନାହିଁ ଏଇୟା ଟିକିଏ ଭଦ୍ରଲୋକ ଜାଣିବାକୁ ଚାହୁଁଥିଲେ । ସେ ଆପଣଙ୍କର ବନ୍ଧୁ, ଶତ୍ରୁ ନୁହନ୍ତି । ମୁଁ ମଧ୍ୟ ଆପଣଙ୍କର ବନ୍ଧୁ । ଅତେବ ଆପଣଙ୍କର ହୋଟେଲରେ ରହିବାର ବ୍ୟବସ୍ଥା କରିଛୁ । ଯେଉଁ ଶିଖ୍ ଜଣକ ଆପଣଙ୍କୁ ଏଠାକୁ ନେଇ ଆସିଥିଲା, ସେ ଆମର ଲୋକ । ସେ ଆପଣଙ୍କୁ ଚିହ୍ନେ ନାହିଁ ବୋଲି ଅଭିନୟ କରିଥିଲା । ସେ ଡେରରେ ଆପଣଙ୍କ ପାଇଁ ଦିନ ତିନିଟାରୁ ଅପେକ୍ଷା କରି ରହିଥିଲା । ଆପଣ ଜାହାଜରୁ ଓହ୍ଲାଇଲେ ରାତି ଏଗାରଟାରେ । ଜାହାଜର ଓ୍ୱାୟାରଲେସ୍ ଅପରେଟର ଆପଣଙ୍କୁ ସେଇ ଶିଖ୍ ସହିତ ଆସିବାକୁ ପରାମର୍ଶ ଦେଇଥିଲେ । ଅପରେଟର ମଧ୍ୟ ଆମର ଲୋକ ଓ ବନ୍ଧୁ । ହାଇଫଂ ଠାରୁ ସେ ଆପଣଙ୍କ

ସାଙ୍ଗରେ ବନ୍ଧୁତ୍ୱ କରିଛନ୍ତି । ଘାଟରେ ପାଁଗସୁରେ ଯେତେବେଳେ ଠିକଠିକ ସିପାହୀ ଜାହାଜରେ ଉଠିଲେ ସେତେବେଳେ ଆପଣ ତାଙ୍କର ଦୁରବସ୍ଥା ଦେଖି କଣ ମନ୍ତବ୍ୟ କରିଥିଲେ । ଅପାରେଟର ତିର ପ୍ରତିବାଦ କରି କହୁଥିଲେ, ସେ ଚୀନ ସିପାହୀଙ୍କୁ ଅଦୌ ପସନ୍ଦ କରନ୍ତି ନାହିଁ । ସେମାନେ ଯଦି ଜାହାଜ ବୁଡ଼ିରେ ମରନ୍ତେ ତାହେଲେ ସେ ବରଂ ସୁଖୀ ହୁଅନ୍ତେ । ଏ ସବୁ କଥା ନିଶ୍ଚୟ ଆପଣଙ୍କର ମନେ ଥିବ । ଏଥିରୁ ବୁଝି ପାରିବେ ଆମେ ଆପଣଙ୍କ ସମ୍ବନ୍ଧରେ କେତେ ଖବର ରଖିଛୁ ।

ମାନେଜରଙ୍କ କଥା ଶୁଣି ମୋର ଚୈତନ୍ୟ ଫେରି ଆସିଲା । ମୁଁ ଲଜ୍ଜିତ ହୋଇ ନୀରବରେ ବସିରହିଲି । ମାନେଜର କହିଲେ, ଯେଉଁମାନେ ବିଶ୍ୱବିଦ୍ୟାଳୟ ଡିଗ୍ରୀ ପାଇ ନାହାନ୍ତି, ସେମାନେ ଡିଗ୍ରୀକୁ ତୁଚ୍ଛ ମନେ କରନ୍ତି । ଆପଣଙ୍କର ଯଦି କୌଣସି ଡିଗ୍ରୀ ଥାଆନ୍ତା, ତାହେଲେ ଆପଣ ଛାତି ଫୁଲାଇ କହନ୍ତେ ମୋର ଅମୁକ ଅଛି । ଏ ସବୁ କଥା ଥାଉ । ଆମର ଇଚ୍ଛା, ଆପଣ ବର୍ତ୍ତମାନଠାରୁ ନୂଆ କରି କିଛି ଲେଖାପଢ଼ା ଶିଖନ୍ତୁ । କେଉଁଠି କପରି ଭାବରେ ଆପଣଙ୍କର ଏ ଶିକ୍ଷା ହେବ ତା ଆପଣଙ୍କର ଜାଣିବା ଦରକାର ନାହିଁ । ଆପଣ ବର୍ତ୍ତମାନ ଏହି ଅପରିଚିତ ଭଦ୍ରଲୋକଙ୍କ ସାଙ୍ଗରେ ଯାଆନ୍ତୁ । ସେ ଆପଣଙ୍କୁ ଗୋଟାଏ ବଡ଼ କ୍ଲବକୁ ନେଇ ଯିବେ । ସେଠାରେ ବହୁଲୋକ ଆପଣଙ୍କ ବକ୍ତୃତା ଶୁଣିବା ପାଇଁ ଅପେକ୍ଷା କରି ବସିଛନ୍ତି ।

ବକ୍ତୃତା ମୁଁ କେବେ ଦେଇ ନଥିଲି । ବକ୍ତୃତା ଦେଲା ଭଳି ମଧ୍ୟ ମୋ ଭିତରେ କିଛି ନଥିଲା । ମାଲୟ, ଶ୍ୟାମ, ଇଣ୍ଡୋଚୀନ ଏହି ତିନୋଟି ଦେଶ ମାନ ଭ୍ରମଣ କରିଛି । ଏହି ତିନି ଦେଶର

ଲୋକଙ୍କ ସମ୍ବନ୍ଧରେ ଅଳ୍ପ ବହୁତ ଯାହା ଜାଣିଛି ତାକୁ ସବୁ ପ୍ରକାଶ କହିବା ମୋ ପକ୍ଷରେ ସମ୍ଭବ ନୁହେଁ । କଣ କହୁ କହୁ କଣ ଯଦି କହି ପକାଇବି, ଏ ଚିନ୍ତା ମୋତେ ବେଶୀ ଘାରୁଥିଲା । ମୁଁ ଏଇ ଆଗନ୍ତୁକ ଭଦ୍ରଲୋକଙ୍କ ସାଙ୍ଗରେ ବାହାରି ପଡ଼ିଲି । ତାଙ୍କର ପରିଧେୟ ପୁରୁଣା କାଳିଆ ଛିଟ କନାର କୁର୍ତ୍ତା ଓ ପାଇଜାମା, ମୁଣ୍ଡରେ ଫେଲଟ୍ ହେଟ୍, ପାଦରେ ଚୀନା ଜୋତା—ଉପରେ ତୁଳାଭରା କୋଟ । ମୁଁ ବାଟ ଚାଲୁ ଚାଲୁ ତାଙ୍କର ପୋଷାକକୁ ଲକ୍ଷ୍ୟ କରି ଦେଖୁଥିଲି ।

କୁଇନସ୍ ରୋଡ୍ ପାର ହୋଇ କେତେଦୂର ଯାଇ ଆମେ ଗୋଟାଏ ବହି ଦୋକାନରେ ପଶିଲୁ । ବହି ଦୋକାନକୁ ଯିବା ପାଇଁ ମୋର ଆଦୌ ଇଚ୍ଛା ନଥିଲା । ଦୋକାନଟି ତଳ ମହଲାରେ, ଉପରେ ଆଉ କେତୋଟି କୋଠରୀ ଥିଲା । ଆମେ ଦୋକାନ ଭିତରକୁ ଗଲା ପରେ ଦୋକାନୀ ଜଣକ ମୋ ହାତରେ ଖଣ୍ଡିଏ ବହି ଦେଇ କହିଲା—ଏଇ ବହିଖଣ୍ଡି ଆପଣଙ୍କୁ ମୁଁ ଉପହାର ଦେଉଛି । ବହିଟାର ଦୁ' ଚାରି ପୃଷ୍ଠା ଓଲଟାଇ ମୁଁ କହିଲି—ବେଶ୍ ଚମତ୍କାର ବହି ଖଣ୍ଡିକ । କିନ୍ତୁ ମନ ଭିତରଟା କହୁଥିଲା—ନିହାତି ବାଜେ ବହି । ଅର୍ଥଶାସ୍ତ୍ରର ନାନା କଥା ଥିଲା ବହି ଖଣ୍ଡିକରେ । ବହି ଖଣ୍ଡିକ ଧରି ଆମେ ଉପରକୁ ଉଠିଲୁ । ଉପରକୁ ଯିବା ପାଇଁ ମୋର ଆଦୌ ଇଚ୍ଛା ନଥିଲା । କାରଣ ସିଢ଼ିଟା ବଡ଼ ସଙ୍କୀର୍ଣ୍ଣ ଆଉ ବାହାରୁ ଆଲୁଅ ନଆସିବା ଫଳରେ ଅନ୍ଧକାର । ଅତି କଷ୍ଟରେ ଉପରକୁ ଉଠି ଆମେ ଗୋଟିଏ କୋଠରୀ ଭିତରକୁ ଗଲୁ । ସେଠାରେ କେତେଜଣ ଲୋକ ବସିଥିଲେ । ତାଙ୍କର ଛବି ଆଜିକାଲି ବହୁ ସ୍ଥାନରେ ଦେଖାଯାଏ ଓ ତାଙ୍କର ନାମ ମଧ୍ୟ

ସମ୍ବାଦ ପତ୍ରର ମୁଖ୍ୟସ୍ଥାନ ମାଡ଼ି ବସୁଛନ୍ତି । ଆଜିକାଲି ତାଙ୍କ ନାମ ଉଚ୍ଚାରଣ କରି ବହୁ ଲୋକ ଗର୍ବ ଅନୁଭବ କରନ୍ତି ।

ତାଙ୍କ ଭିତରୁ ଜଣେ ମୋତେ ପଚାରିଲେ—ମୁଁ ଚୀନ୍‌କୁ ଯାଇ କଣ ଦେଖିବି । ମୁଁ ତାଙ୍କୁ ଉତ୍ତର ଦେଇଥିଲି—ଆଗ ମୁଁ ଚୀନ ଭିତରକୁ ଯାଏ, ତାପରେ ଆଖି ଆଗରେ ଯାହା ପଡ଼ିବ ସେଇଆ ଦେଖିବି । ଆଉ ଜଣେ କହିଲେ—ଆପଣଙ୍କ ଦେଶର ଘରଦ୍ୱାର, ଗରିବ ଲୋକଙ୍କ ପୋଷାକ ପତ୍ର ଏ ସବୁ କଣ ଏମାନଙ୍କର ଘରଦ୍ୱାର ପୋଷାକ ପରି ଭଲ ? ମୁଁ ତାଙ୍କୁ କହିଲି—ଏମାନଙ୍କର ଗରିବ ଲୋକ ଓ ଆମ ଦେଶର ଗରିବ ଲୋକଙ୍କ ଭିତରେ ବହୁ ପାର୍ଥକ୍ୟ ରହିଛି । ସେଇ ପାର୍ଥକ୍ୟର କେତେକ ଆଭାସ ମୁଁ ପ୍ରଶ୍ନକର୍ତ୍ତାଙ୍କୁ ଦେଇଥିଲି । ତାହାଙ୍କ ଦେଶ ଲୋକ ଦରିଦ୍ର ହୁଏ ତାର ଯେଉଁ ସବୁ କାରଣ ମୁଁ ସେମାନଙ୍କ ନିକଟରେ କହିଥିଲି ତା' ମନେ ପଡ଼ିଲେ ମୋତେ ଏବେ ହସ ମାଡ଼େ । ସେଦିନ ମୋ କଥା ଯେଉଁମାନେ ଶୁଣିଥିଲେ ସେମାନେ ମଧ୍ୟ ଆଜି ମୁଁ ନିଜ କଥାରେ ନିଜେ ହସିଲା ଭଳି ହସି ଉଠିଥିଲେ । ବକ୍ତୃତା ତ ହେଲା ନାହିଁ । ଏଇ ସବୁ ବାଜେ କଥା କହି ସମୟ ବିତାଇ ହୋଟେଲକୁ ଫେରି ଆସିଥିଲି ।

ସେଦିନ ସନ୍ଧ୍ୟାବେଳେ ଜଣେ ପରିଚିତ ପଠାଣ ବନ୍ଧୁ ନିକଟରେ ମୁଁ ଏଇ ସବୁ କଥା ଖୋଲି କହିଥିଲି । ସେ କହିଲା, ବାବୁ, ଆପଣ ବର୍ତ୍ତମାନ ପର୍ଯ୍ୟଟକ ଛଡ଼ା ଆଉ କିଛି ନୁହନ୍ତି । ଦେଖିଶୁଣି ବାଟ ଚାଲନ୍ତୁ, କିନ୍ତୁ ଏମିତି ଅଧୈର୍ଯ୍ୟ କରିବେ ନାହିଁ । କାହାକୁ ଅନର୍ଥକ ରଗାଇବେ ନାହିଁ । ସେମାନେ କିଛି ଲେଖାପଢ଼ା ଶିଖାଇ ଦିଅନ୍ତୁ ଷତି କଣ ! ଏଠାରେ ଲେଖାପଢ଼ା ମାନେ ଅଭଦ୍ରତା । ସେଥିରେ ବରଂ ଆପଣଙ୍କର ଲାଭ ହେବ । ଯେଉଁମାନେ ପୃଥିବୀ

ଭ୍ରମଣରେ ଯାଆନ୍ତି ସେମାନେ କୌଣସି ବିଷୟକୁ ଗଭୀରତର ଭାବରେ ଚିନ୍ତା କରନ୍ତି ନାହିଁ । ଆପଣ ଆମେରିକା ଯାଆନ୍ତୁ ସ୍ୱାଧୀନ ଚୀନ ଭିତରକୁ—ବହୁକଥା ଦେଖିବେ । ଦେଖିଶୁଣି ଆପଣଙ୍କର ଶିକ୍ଷା ମଧ୍ୟ ହେବ । ଆପଣଙ୍କର ବିଶ୍ୱବିଦ୍ୟାଳୟର ଡିଗ୍ରି ନାହିଁ ବୋଲି ଆପଣ ଦୁଃଖିତ । ଯଦି ଆପଣ ଆଖିକାନ ସଜାଗ ରଖି ଦେଶ ଭ୍ରମଣ କରି ପାରନ୍ତି, ତାହେଲେ ବହୁ ଶିକ୍ଷିତ ଲୋକ ଆପଣଙ୍କ ଠାରୁ ବହୁକଥା ଶିଖିବା ପାଇଁ ଆସିବେ ।

ପଠାଣ ବନ୍ଧୁର କଥା ଶୁଣି ମନ ଭିତରେ ଶାନ୍ତି ଫେରି ଆସିଲା । ରାତିରେ ଦୁହେଁ ନାକ ସାଙ୍ଗ ହୋଇ ଗୋଟିଏ ରେସ୍ତୋରାଁରେ ଯାଇ ଖାଇଲୁ । ତା'ପରେ ମୁଁ ହୋଟେଲକୁ ଫେରି ଆସିଲି ।

## କଂସୀପ୍ରଥା

ହୋଟେଲକୁ ଫେରି ବିଛଣାରେ କମ୍ବଳ ଘୋଡ଼ି ହୋଇ ଶୋଇ ପଡ଼ିଲି, କିନ୍ତୁ ଆଖି ପତା ଆଉ ବନ୍ଦ ହେଲା ନାହିଁ । ମୁଣ୍ଡଟା ଧୀରେ ଧୀରେ ଗରମ ହୋଇ ଉଠୁଥିଲା । ନାନା ପ୍ରକାର ଚିନ୍ତା ଆସି ମୁଣ୍ଡ ଭିତରେ ପଶୁଥିଲା । ନାଃ, ହଂକଂରେ ଆଉ ବେଶୀ ଦିନ ରହିବା ଉଚିତ ନୁହେଁ । ଚୀନକୁ ଗଲା ପରେ ଯାଇ ଯାହା ଦେଖିବାର ଥିବ ଦେଖିବି, ଯାହା ଶୁଣିବାର ଥିବ ଶୁଣିବି । ବାଟ ମଝିରେ ଯା' ତା' କଥା ଶୁଣି ମନ ଖରାପ କରି କୌଣସି ଲାଭ ନାହିଁ । ଯ୍ବା ବି ସ୍ଥିର କଲି ଯେ ଆଉ ବଡ଼ଲୋକଙ୍କ ଘରେ ମାଡ଼ିବି ନାହିଁ । ତେଣୁ ଚୀନ ଭିତରେ ପଶି ରସାର ଡାକ୍ତରଙ୍କ କଥା ମାନି ସ୍ବନାମଧନ୍ୟ ବଡ଼ଲୋକ ଓ ବଡ଼ ବଡ଼ କୋଠାବାଡ଼ିରୁ ଦୃଷ୍ଟି ଫେରାଇ ଆଣିଲି ଏକାବେଳକେ ଗରିବ ଓ ଶିକ୍ଷିତ କର୍ମୀମାନଙ୍କ ଭିତରକୁ । ଚୀନର ଚାଷା ମଜୁରିଆ ଆଉ ଶିକ୍ଷିତ କର୍ମୀମାନଙ୍କ ଜୀବନଯାତ୍ରା ପ୍ରତି ଲକ୍ଷ୍ୟ ରଖିଥିଲି ବୋଲି ମୋର ଲାଲ ଚୀନ ସମ୍ବନ୍ଧ ପରିଚିତ ହେବାର ସୁଯୋଗ ଓ ସୁବିଧା ହୋଇଥିଲା ବେଶୀ ।

ଚୀନ, ଭାରତବର୍ଷ ଓ ମିଶର ଏହି ତିନୋଟି ଦେଶରେ ସଭ୍ୟତା ଗଢ଼ି ଉଠିଥିଲା ସର୍ବ ପ୍ରଥମ । ଆଉ ଏହି ତିନୋଟି ଦେଶରେ ସଭ୍ୟତାର ପତନ ମଧ୍ୟ ଘଟିଛି—ଅନ୍ୟାନ୍ୟ ଜାତିମାନେ ସଭ୍ୟତାର ସନ୍ଧାନ ପାଇବା ବହୁପୂର୍ବରୁ । କାଳର କବଳରେ

ପଡ଼ି ଏଇ ଉଚନୋଟି ପ୍ରାଚୀନ ଦେଶ ଯୁଗ ଯୁଗ ଧରି ସଜୀବ ଜୀବନ-ଧାରାରୁ ଦୂରରେ ରହୁ ଅଥର୍ବ ହୋଇ ପଡ଼ିଥିଲା । ବହୁ ଯୁଗ ପରେ ଡାକ୍ତର ସୁନ୍-ଇୟାଟ୍ ସେନଙ୍କ ବିଦ୍ରୋହ ଭିତର ଦେଇ ଚୀନରେ ନବଜାଗରଣର ସୂତ୍ରପାତ ହେଲା । ଚୀନ ପୁଣି ନୂତନ କର୍ମଶକ୍ତିରେ ଅନୁପ୍ରାଣିତ ହେଲା । କୋୟାଙ୍ଗ୍ ପ୍ରଦେଶରୁ ଆରମ୍ଭ କରି ମାଞ୍ଚୁରିଆର ମାଞ୍ଚୁଲି ପର୍ଯ୍ୟନ୍ତ, ଏଣେ ସିଂକାୟାଂ ପ୍ରଦେଶରୁ ପ୍ରଶାନ୍ତ ମହାସାଗରର କୂଳ ପର୍ଯ୍ୟନ୍ତ ଚୀନାମାନଙ୍କ ଭିତରେ ଏକ ଅଦ୍ଭୁତ କର୍ମଶକ୍ତି ଜାଗି ଉଠିଲା ।

ଡାକ୍ତର ସୁନ୍-ଇୟାଟ୍-ସେନ ଚୀନରେ ରାଜତନ୍ତ୍ର ଧ୍ୱଂସ କରି ଗଣତନ୍ତ୍ର ପ୍ରତିଷ୍ଠା କଲେ । ଏଇ ପରିବର୍ତ୍ତନରେ ଦେଶ ଭିତରେ ଯେଉଁ ଜାଗରଣ ଆସିଲା ତା'ର ଫଳରେ ଦେଶର ବ୍ୟବସାୟ ଓ ବାଣିଜ୍ୟ ଏକ ନୂତନ ରୂପ ପାଇଲା । ଲୋକମାନେ ସଚେତନ ଭାବରେ କାମ କରିବାକୁ ଆରମ୍ଭ କଲେ । ବିଦେଶୀ ବ୍ୟବସାୟୀଗଣ ଯେଉଁ ପରି କାରଖାନା କରି ମାଲ ଉତ୍ପାଦନ କରୁଥିଲେ ଚୀନାମାନେ ମଧ୍ୟ ସେଇ ଅନୁକରଣରେ ଦେଶ ଭିତରେ ସ୍ଥାନ ସ୍ଥାନ କଳ-କାରଖାନା ବସାଇଲେ । ନାନା ଦିଗରୁ ସେଥିରେ ବହୁ ଉପକାର ହେଲା । ପୂର୍ବେ ଧନୀ କୃଷକଗଣ ଆପଣା ଆତ୍ମୀୟ ଓ ଜ୍ଞାତି ଭାଇଙ୍କୁ ଅପଣା କାମରେ ଲଗାଉଥିଲେ । ଫଳରେ ଗୃହସ୍ଥମାନଙ୍କର ବହୁକଷ୍ଟ ହେଉଥିଲା । ସାହାଯ୍ୟକାରୀଙ୍କୁ କ୍ଷତି ସ୍ୱୀକାର କରି ମଧ୍ୟ ଆତ୍ମୀୟ ସ୍ୱଜନଙ୍କୁ ସୁଖୀ ରଖିବାକୁ ପଡୁଥିଲା । କାରଖାନା ଗୁଡ଼ିକରେ ଯେପରି ଭାବରେ କାମ ହେଉଥିଲା ଅଳ୍ପ ସପ୍ତାହକେ ବା ମାସକେ ଥରେ ଯେଉଁ ମଜୁରି ଦିଆ ହେଉଥିଲା—ସେଭଳି ଭାବରେ ମଜୁରି ଦେବାର କ୍ଷମତା କୃଷକମାନଙ୍କର ନଥିଲା । ସେମାନେ ବର୍ଷ

ଶେଷରେ ଥରଟିଏ ମାତ୍ର ଯାହାର ଯାହା ପ୍ରାପ୍ୟ ତା' ଦେଉଥିଲେ । ତେଣୁ ସେମାନେ ହିଁକି ନୂତନ ନିୟମ ମାନି ଚଳିଲେ—ତା' ହେଉଛି, ଡଂସୀ ପ୍ରଥା ।

ଅନେକେ ଜାପାନର କୁଟୀର-ଶିଳ୍ପକୁ ବଡ଼ ପ୍ରଶଂସା କରନ୍ତି । କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ସେ ସବୁ କୁଟୀର ଶିଳ୍ପର ସ୍ୱରୂପ କଣ ! ମୁଁ ଭାବୁଥିଲି, ଜାପାନର କୁଟୀରଶିଳ୍ପ ଏକ ଆଶ୍ଚର୍ଯ୍ୟ ଘଟଣା । କିନ୍ତୁ ତାହାଙ୍କ ଡାକ୍ତର ସୁନ-ଇୟାତ୍-ସେନ ଜାପାନର କୁଟୀରଶିଳ୍ପକୁ ଘୃଣା କରୁଥିଲେ । ମି: ଓ୍ୟାଂ ବୋଲି ଜଣେ ଭଦ୍ରଲୋକ ମୋତେ ତା' ବୁଝାଇ ଦେଇଥିଲେ । ସେ କହୁଥିଲେ, ଚୀନରେ ସେ ଧରଣର ଯେପରି କିଛି ନ ହୁଏ ସମସ୍ତେ ମିଳି ସେତେବେଳେ ସେଇ ଚେଷ୍ଟା କରୁଥିଲେ । ମି: ଓ୍ୟାଂ ଜାପାନୀ କୁଟୀର ଶିଳ୍ପ ସମ୍ବନ୍ଧରେ ଯାହା କହୁଥିଲେ, ଜାପାନକୁ ଗଲା ପରେ ସ୍ୱାଧୀନ ଭାବରେ ସେ ସବୁ ଦେଖି ମୁଁ ଜାଣିଥିଲି ତାଙ୍କ କଥା ସବୁ ସତ । ଜାପାନୀ କୁଟୀର ଶିଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶ୍ରମିକମାନଙ୍କୁ ସଂଘବଦ୍ଧ ହେବାକୁ ସୁଯୋଗ ନ ଦେବା ଆଉ ପ୍ରତ୍ୟେକ ଶ୍ରମିକକୁ ନେଇ ଆପଣା ଘରେ ବସାଇ କିମ୍ବା ଭଡ଼ା ଘରେ ରଖି ମାଲିକଙ୍କ ବରାଦ ଅନୁଯାୟୀ ଜିନିଷ ତିଆରି କରାଇ ନେବା ।

ବଜାରର ଚାହିଦା ମୁତାବକ ମାଲ ଯୋଗାଇବାକୁ ଯେଉଁ ସବୁ ସାନ ସାନ ଯନ୍ତ୍ରପାତିର ଦରକାର ସେ ସବୁ ମାଲିକ ଆଣି କାରିଗର ଘରେ ବସାଇ ଦେଇ ଯାଏ । କଞ୍ଚାମାଲ ଆଣି ଘରେ ପହଞ୍ଚାଇ ଦିଏ । ଆଉ କାମ ଅନୁପାତରେ ଅର୍ଥାତ୍ 'ପିସ୍ ସିଷ୍ଟମରେ' ମଜୁରି ଦିଏ । ଯା' ଫଳରେ ଶ୍ରମିକମାନଙ୍କ ଭିତରେ ପରସ୍ପର ଦେଖା

ସାକ୍ଷାତ ହେବାର ସୁଯୋଗ ରହେ ନାହିଁ । କିଏ କେତେ ମଜୁରି ପାଏ, ବା କାହାର କେତେ ପାଇବା ଉଚିତ ଶ୍ରମିକମାନେ ଏକଥା ଆଲୋଚନା କରି ପାରନ୍ତି ନାହିଁ ବା ଆପଣାର ନ୍ୟାଯ୍ୟ ମଜୁରି ଧାର୍ଯ୍ୟ କରି ପାରନ୍ତି ନାହିଁ । ମୁଁ ଦିନେ କେତେକ ଶ୍ରମିକଙ୍କ ସାଙ୍ଗରେ କଥାବାର୍ତ୍ତା କରି ଜାଣିଲି ତାଙ୍କର ଠିକିଏ ବୋଲି ସାଧାରଣ ଜ୍ଞାନ ନାହିଁ । ସେଥିପାଇଁ ସେମାନେ ବୁଝିପାରନ୍ତି ନାହିଁ ଯେ ଧନୀକ ଦଳ ସେମାନଙ୍କୁ ଠକାଉଛନ୍ତି । ଜାତୀୟତାବାଦର ଉଗ୍ର ସୁରା ସେମାନେ ଏପରି ବେଦମ୍ ହୋଇ ପିଉଛନ୍ତି ଯେ ଲାଭ, ମଜୁରି ଆଉ ଜିନିଷ ମାଲର ଖବର ରଖିବା ଭଳି ସମୟ ତାଙ୍କର ନାହିଁ । ଏଭଳି ଲୋକଙ୍କ ପାଖରେ ଅର୍ଥନୀତିର ତଥ୍ୟ କହିବା ଆଉ ନିଆଁରେ ଘାସ ଦେବା ସମାନ । ଜାପାନ ଗଲା ପରେ ଜାପାନୀ ଶ୍ରମିକଙ୍କ ଦୁରବସ୍ଥା ସମ୍ପର୍କରେ ସ୍ଥାନୀୟ ଜଣେ ଭାରତୀୟଙ୍କ ସାଙ୍ଗରେ ମୁଁ କଥାବାର୍ତ୍ତା କରିଥିଲି । ସେ ଜିଭ କାମୁଡ଼ି ପକାଇ ଏ ସବୁ ବିଷୟରେ କୌଣସି କଥା ନ କହିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ମଧ୍ୟ ଅନର୍ଥକ ତାଙ୍କୁ ବିପଦରେ ପକାଇବାକୁ ଚାହୁଁ ନ ଥିଲି ।

ଜାପାନୀ ଶ୍ରମିକ ପିଲାକବିଲା ଧରି ରହନ୍ତି ଗୋଟିଏ ସାନ ଘରେ । ସେଇ ସାନ ଘରଟି ଭିତରେ ଛୋଟ ଛୋଟ କଳକବ୍ଜା ବସାଇ ଦିଆଯାଏ । ଶ୍ରମିକର ସ୍ତ୍ରୀ, ପୁଅ, ଝିଅ ଏପରି କି ଶିଶୁ ପର୍ଯ୍ୟନ୍ତ ଯେତେବେଳେ ସମୟ ପାଆନ୍ତି ବାପର କାମରେ ସାହାଯ୍ୟ କରନ୍ତି—ଅତି ଶୀଘ୍ର ଶୀଘ୍ର କଣ୍ଟ୍ରାକ୍ଟର କାମ ଶେଷ କରି ଦେଇ ପୁଣି ନୂଆ କାମ ପାଇବାଯାକେ ଚାହିଁ ବସିଥାନ୍ତି । ଏଇ ଅପେକ୍ଷମାଣ କେଇଦିନ ସେମାନେ ଛୁଟି ଦିନ ଭଳି ମଉଜ ମଜଲିସ୍‌ରେ

କଟାନ୍ତି । ଯେତେଦିନ ଯାଏ ନୂଆ ଦାମ ନ ଆସିଛି ସେତେଦିନ ଘରଦ୍ୱାର ପକ୍ଷରେ ଏକ ଆନନ୍ଦ ଓ ଆରାମର ଦିନ । କେତେବେଳେ ସେମାନେ ଚିନ୍ତା କରନ୍ତି ନାହିଁ ଯେ ଏ ଆରାମ ତାଙ୍କର ପ୍ରାପ୍ୟ । ସେମାନେ ଭାବନ୍ତି, ଏଇଟା ତାଙ୍କର ସୌଭାଗ୍ୟ । ଯେଉଁ ଦିନ କେଇଟା ଆରାମରେ ବିତିଲା, ସେଇ କେବଳ ଲାଭ । ଜାପାନୀ ଧନୀକଗଣ ସେଇ ଶ୍ରମଜାତ କୁଟୀରଶିଳ୍ପ ବିଦେଶକୁ ପଠାନ୍ତି ଓ ଅର୍ଥ ସଂଗ୍ରହ କରନ୍ତି । ଏହା ଅପେକ୍ଷା ଶ୍ରମିକଗଣଙ୍କର ଯେ ଅଧିକ କିଛି କର୍ତ୍ତବ୍ୟ ରହିଛି ତା' ସେମାନେ ଭାବି ପାରନ୍ତି ନାହିଁ ।

ଜାପାନୀ ଶ୍ରମିକ ଭଳି ଚୀନା ଶ୍ରମିକ ଯେପରି ଉତ୍ପାଦେଳ କଳଦା ନ ହୁଅନ୍ତି ଏତକ ଥିଲା ତାଙ୍କର ସୁନ-ଇୟାତ୍-ସେନଙ୍କ ଲକ୍ଷ୍ୟ । ଫଂଷୀ ବା ସର୍ଦ୍ଦାର ପ୍ରଥାରେ ଶ୍ରମିକଗଣ ଏକା ସାଙ୍ଗରେ ରହନ୍ତି, ସଂଘବଦ୍ଧ ହେବାର ସୁଯୋଗ ପାଆନ୍ତି । ଶ୍ରମିକ ଶ୍ରେଣୀ ଆପଣା ଗୋଡ଼ରେ ଛିଡ଼ା ହେବାର ପ୍ରେରଣା ପାଆନ୍ତି । ଜାପାନୀ କୁଟୀରଶିଳ୍ପର ଶ୍ରମିକଗଣ ବିଚ୍ଛିନ୍ନ ହୋଇ ଥାଆନ୍ତି ବୋଲି ସଂଗଠନ କଥା କି ଶ୍ରେଣୀ ସଂଘର୍ଷର କଥା ଭାବିବାକୁ ସୁଯୋଗ ପାଆନ୍ତି ନାହିଁ । ଧନୀକ ଶ୍ରେଣୀ ସହିତ ଶ୍ରେଣୀ ସଂଗ୍ରାମ ପରିଚାଳନାର ଓ ସାମାଜିକ ବିପ୍ଳବର ଅନୁପ୍ରେରଣା ପାଆନ୍ତି ନାହିଁ । ଚୀନାଗଣ ଜାପାନୀ ଢଙ୍ଗରେ କୁଟୀରଶିଳ୍ପ ପ୍ରତିଷ୍ଠାନ ନ କରି ସଂଗଠନ ଓ ସଂଗ୍ରାମ କରିବାର ସୁବିଧା ଓ ସୁଯୋଗ ଯେ ପାଇଛନ୍ତି ଏତକ ମୋର ବ୍ୟକ୍ତିଗତ ଅଭିଜ୍ଞତା । ଭାରତକୁ ଫେରି ମୁଁ ବାରବାର ସେଇ କଥା କହୁଛି । ହୁଏତ କେତେକ ମୋର କଥା ଶୁଣିଛନ୍ତି, କେହି ମୋ କଥାକୁ ଅବଜ୍ଞା କରି ମଧ୍ୟ ହସି ଉଡ଼ାଇ ଦେଇଛନ୍ତି ।

ଚୀନ ଜାପାନରୁ ପ୍ରତିବେଶୀ । ଚୀନାମାନେ ଜାପାନଙ୍କୁ ଯେପରି ଶୀଘ୍ର ଭାବରେ ଚିହ୍ନିଛନ୍ତି, ଅନ୍ୟ ବୁଦ୍ଧିମାନ ଯୁଦ୍ଧା ସେପରି ଭାବରେ ଚିହ୍ନି ପାରି ନାହାନ୍ତି । ସେଥିପାଇଁ ସେମାନେ କୁଟୀରଶିଳ୍ପ ଆଉଙ୍କୁ ନ ଚଳି କଂସୀ ପ୍ରଥାରେ ଶିଳ୍ପ ଓ କୃଷିର ସଂସ୍କାର କରିବାକୁ ଲାଗି ପଡ଼ିଥିଲେ ।

କଂସୀ ପ୍ରଥାର ମାନେ ହେଉଛି, ସମସ୍ତେ ମିଳିମିଶି କାମ କରି ଯାହା ଉତ୍ପାଦନ କରନ୍ତି ତାକୁ ସେମାନେ ସମସ୍ତଙ୍କ ଭିତରେ ଭାଗ କରି ଭୋଗ କରନ୍ତି । ଏକ ପ୍ରକାର ସମବାୟ ନୀତି । କିନ୍ତୁ ଯାହା ଉତ୍ପନ୍ନ ହେଲା ଏଇଯା, ତାର ପରିଣତି ଯାଇ ଛିଡ଼ା ହେଲା ଅନ୍ୟ ପ୍ରକାରରେ—ଠିକ୍ ଆମ ଦେଶର ସର୍ଦ୍ଦାରୀ ପ୍ରଥା ଭଳି । ଆମ ଦେଶର ସର୍ଦ୍ଦାରଗଣ ଆଇନ ଓ ନିୟମାନୁଯାୟୀ ଆପଣା ଅଧୀନସ୍ଥ ଶ୍ରମିକମାନଙ୍କ ଦରମା କଳକାରଖାନାରୁ ଆଣିପାରନ୍ତି ନାହିଁ । ଶ୍ରମିକଗଣ ଆପଣା ଆପଣା ଦରମା ଆଣନ୍ତି । କିନ୍ତୁ ଦରମା ଆଣି ସେମାନେ ଆପଣା ଘରକୁ ଯାଇ ପାରନ୍ତି ନାହିଁ, ଆଗ ଆସନ୍ତି ସର୍ଦ୍ଦାର ପାଖକୁ । ସର୍ଦ୍ଦାରଙ୍କୁ କିଛି ପାନଖିଆ ବା ଦୋକ୍ତା ଖର୍ଚ୍ଚ ଆଗ ଯୋଗାଇ ଦିଅନ୍ତି । ନହେଲେ ଏମିତି କେଉଁ ଶ୍ରମିକ ନାହିଁ ଯେ ସର୍ଦ୍ଦାରଙ୍କୁ ଅବହେଳା କରି ସ୍ୱାଧୀନ ଭାବରେ କାମ କରିବିନ ? ଚୀନ ଦେଶରେ କିନ୍ତୁ ତା' ହେଲା ନାହିଁ । ସେଠାରେ ସର୍ଦ୍ଦାର ସବୁପ୍ରକାର କାମ ଚୁକ୍ତି ସର୍ତ୍ତରେ ମାଲିକଠାରୁ ସଂଗ୍ରହ କଲା ଆଉ ଆପଣା ଅଧୀନସ୍ଥ ଶ୍ରମିକମାନଙ୍କ ଦ୍ୱାରା ସେଇ ସବୁ କାମ କରାଇଲା । ମାଲିକ ସହିତ ସର୍ଦ୍ଦାର ଉଚିତ ଭାବରେ ଚୁକ୍ତି କଲା, ସେ ବିଷୟରେ ଶ୍ରମିକମାନେ ମୁଣ୍ଡ ଖେଳାନ୍ତି ନାହିଁ । ଘଣାପେଲା ବଳଦ ଭଳି ସେମାନେ କେବଳ ଖଟି ଯାଉଥିଲେ । ତାଙ୍କର ଖଟଣି ବିନିମୟରେ ସେମାନେ ଖାଇବାକୁ ପାଉଥିଲେ,

ସାଧାରଣ ପୋଷାକ ଓ ସଂଗ୍ରହ ବେଲକୁ ହାତ ଖର୍ଚ୍ଚ ପାଇଁ ଅଣେ ଅଧେ ପଇସା ତାଙ୍କୁ ମିଳି ଯାଉଥିଲା । କଂସୀ ପ୍ରଥା ପ୍ରଚଳନ ଫଳରେ ଚୀନ ଦେଶର ଲୋକେ ଗୁରୋଟି ଶ୍ରେଣୀରେ ବିଭକ୍ତ ହୋଇ ପଡ଼ିଲେ.—ଧନୀ, ସର୍ଦ୍ଦାର, ଶ୍ରମିକ ଓ ଗାଁ ଗଣ୍ଡାର ବେକାର ।

କଂସୀ ପ୍ରଥା ସୃଷ୍ଟି ହେଉ ହେଉ ତାର ସ୍ୱରୂପ ବଦଳି ଯାଇ ଆରମ୍ଭ ହେଲା ସର୍ଦ୍ଦାରୀ ପ୍ରଥା । ସମବାୟର ନାମରେ ଆରମ୍ଭ ହେଲା ଶୋଷଣ । ଆଉ ଏଇ ଶୋଷଣ ପ୍ରଥାର ପ୍ରଶଂସା ଗୁରଆଡ଼େ ପ୍ରଗ୍ୱରିତ ହେଲା । ବୈଦେଶିକ ଧର୍ମ୍ମ ପ୍ରଗ୍ୱରକଗଣ ଓ କୁଟନୀତିଜ୍ଞ-ଗଣ ଯାକୁ ଗଣତନ୍ତ୍ର ବୋଲି କହୁଲେ । ଅନ୍ୟାୟ ସୃଷ୍ଟି ହେଲା । ପୁଞ୍ଜିବାଦର କଳେବର ବଢ଼ିବାକୁ ଲାଗିଲା ।

ସମସ୍ତ ଅଳ୍ପ ସୁଯୋଗ ପାଇଲେ ପୁଞ୍ଜିବାଦ ଏଇ ପରି ଭାବରେ ପ୍ରସାରିତ ହୁଏ । ଅନେକେ ଏଇ ନିୟମକୁ ଭାଙ୍ଗିବାକୁ ଯାଇ ନିଜେ ପୁଞ୍ଜିବାଦୀ ହୋଇ ପଡ଼ୁଛନ୍ତି, ସ୍ୱଧାତାର ନିୟମ ବୋଲି ପୁଞ୍ଜିବାଦକୁ ଗ୍ରହଣ କରୁଛନ୍ତି । ପୁଞ୍ଜିବାଦରୁ ରକ୍ଷା ପାଇବା ପାଇଁ ଏକ ଅଜ୍ଞାତ ଶକ୍ତି କଳ୍ପନା କରି ତାରି ହାତରେ ସବୁ ଛାଡ଼ି ଦେଉଛନ୍ତି । ଚୀନ ଦେଶରେ କିନ୍ତୁ ତା ହେଲା ନାହିଁ—ସମସ୍ତ ଓ ସୁଯୋଗର କଲ୍ୟାଣରେ ମତ ଏବଂ ପଥ ବଦଳିଗଲା । ଧନତନ୍ତ୍ର-ବାଦର ମୂଳ କଥା ଅନେକେ ଜାଣିଥିଲେ ବୋଲି ପୁଞ୍ଜିବାଦର ମୂଳ କାଟିବା ପାଇଁ କମର କସି ଲାଗିପଡ଼ିଲେ ।

ସଭ୍ୟତାର ବିସ୍ତାର ଓ ହଠାତ୍ ତାର ଗତିରୋଧ ନାନା କାରଣରେ ହୋଇଥାଏ । ପ୍ରାକୃତିକ ସଂପଦ ତା'ର ସବୁଠାରୁ ଗୋଟିଏ ବଡ଼ କାରଣ । ପଶ୍ଚିମର ନୂଆ ଜାତିଗୁଡ଼ିକ କ୍ରମେ କ୍ରମେ

ଗୋରୁ ଛାଡ଼ି ଘୋଡ଼ା ବ୍ୟବହାର କରିବା ଆରମ୍ଭ କଲେ । ସେମାନେ ଯେତେବେଳେ ଏହି ଭଳି ପ୍ରଗତି ପଥରେ ଆଗେଇ ଯାଉଥିଲେ, ଚୀନାମାନେ ସେତେବେଳେ ମଣିଷର ଶକ୍ତିକୁ କୃଷି କର୍ମରେ ବ୍ୟବହାର କରୁଥିଲେ । ତାର ଅସଲ କାରଣ ହେଉଛି, ଚୀନ ଦେଶ ର ଗୋରୁର ସଂଖ୍ୟା ବଡ଼ କମ୍ । ଉତ୍ତରଚୀନରେ ଘୋଡ଼ା ସାହାଯ୍ୟରେ ହଳ ଚୃଷର କେବେ ଯେ ପ୍ରଚଳନ ହେଲା, ସେ ସମ୍ବନ୍ଧରେ ବହୁ ମତଭେଦ ଥିଲେ ମଧ୍ୟ କେହି କେହି ତାକୁ ଖଡେ ବର୍ଷରୁ ଅଧିକ ପୁରାତନ ବୋଲି ସ୍ୱୀକାର କରନ୍ତି ନାହିଁ ।

ଉତ୍ତର ଚୀନ ମୁଁ ଭଲ ଭାବରେ ଭ୍ରମଣ କରିଛି । ମୁଁ ଦେଖିଛି, ସେତେବେଳେ ଦୁଇ ତିନି ସ୍ଥାନରେ ଘୋଡ଼ା ସାହାଯ୍ୟରେ ହଳ କାମ ହେଉ ନଥିଲା । ଶ୍ରମିକମାନେ କୋଦାଳ ସାହାଯ୍ୟରେ ମାଟି ହାଣୁଥିଲେ ଆଉ ସେଇମାନେ ଦୁଣି ମଇ ଟାଣୁ-ଥିଲେ । ଦକ୍ଷିଣ ଚୀନର ଅବସ୍ଥା ତ ଆହୁରି ଖରାପ । କ୍ୱଚିତ କେଉଁଠି କେମିତି ଦେଖିବାକୁ ମିଳେ ଯେ ମଇଁଷି ସାହାଯ୍ୟରେ ହଳକାମ ହେଉଛି । ନ ହେଲେ, ସବୁଠି ସେଇ ସନାତନ ପ୍ରଥା— ମଣିଷର ଶକ୍ତିକୁ ହଳକାମରେ ବ୍ୟବହାର କରା ହେଉଛି । ଏହି ଚାଷ କାମ ପାଇଁ ବେଶୀ ମଣିଷର ଦରକାର ହୁଏ ।

ପୂର୍ବରୁ କହିଛି, ଲୋକେ ଆପଣା ଜ୍ଞାତି କୁଟୁମ୍ବଙ୍କୁ କାମରେ ଲଗାଉଥିଲେ । ଜଂସୀ ପ୍ରଥା ପ୍ରଚଳିତ ହେବା ସଙ୍ଗେ ସଙ୍ଗେ ଏହି ଜ୍ଞାତି କୁଟୁମ୍ବଙ୍କ ହାତରୁ ରକ୍ଷା ପାଇବା ପାଇଁ ସମସ୍ତେ ସର୍ଦ୍ଦାରର ଆଶ୍ରୟ ନେଲେ । ନିକଟ ଆତ୍ମୀୟ ସ୍ୱଜନ ଯେଉଁ ସବୁ କାମ କରୁଥିଲେ ତାକୁ ଅନ୍ୟ ଲୋକେ ମାଡ଼ି ବସିଲେ । ଯେଉଁମାନେ ବେକାର ହେଲେ, ସେମାନେ ଗାଁ ଛାଡ଼ି ଅନ୍ୟ ସ୍ଥାନକୁ କାମର ସନ୍ଧାନରେ

ଚାଲି ଗଲେ । ଅନ୍ୟାନ୍ୟ ବେକାର ଶ୍ରେଣୀର ଚିନ୍ତା ପଡ଼ିଗଲା— ଏ ପୁଣି କଣ ହେଲା ? କେବଳ ଚିନ୍ତା କଲେ ତ ଚଳିବ ନାହିଁ, ଅନ୍ନ ସଂସ୍ଥାନ ତ ଦରକାର । ଯେତେବେଳେ ପେଟର ନିଆଁ ଜଳି ଉଠେ ସେତେବେଳେ ଅନେକଙ୍କର ହିତାହିତ ଜ୍ଞାନ ହଜି ଯାଏ । ନାନା ଅସତ୍ କାମ ଆଡ଼କୁ ମନ ଆପେ ଆପେ ଧାଇଁ ଯାଏ । ଗୃହକାମ ବି ବର୍ଷଯାକ ହୁଏ ନାହିଁ । ଶୀତ ଦିନେ ବହୁ-ସ୍ଥାନରେ ଗୃହ କାମ ଏକାବେଳକେ ବନ୍ଦ ରହେ । କେଉଁଠି ବା ଗରମ ଦିନରେ ଫସଲ ନ ଖାଟିବାଯାଏ ଶ୍ରମିକମାନେ ବେକାର ହୋଇ ବସି ରହନ୍ତି । ଏହି ସବୁ କାରଣରୁ ସାମୟିକ ବେକାର ଓ ସ୍ଥାୟୀ ବେକାରର ସଂଖ୍ୟା ଦେଶଯାକ ମାଡ଼ି ଗଲା ।

ଚୀନାଗଣ କିନ୍ତୁ ଅଳସ ଭାବରେ ବସି ରହିବା ଆଦୌ ପସନ୍ଦ କରନ୍ତି ନାହିଁ । ଏହି କ୍ରମ ବର୍ଦ୍ଧମାନ ବେକାର ସଂଖ୍ୟା ଚୀନ ପକ୍ଷରେ ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହେଲେ ମଧ୍ୟ ତଦାନୀନ୍ତନ ଚୀନର କର୍ଣ୍ଣଧାରଗଣ ସେ ଦିଗରେ ଠିକ୍ ଭାବେ ଦୃଷ୍ଟି ଦେଲେ ନାହିଁ । ସେମାନେ ହୁଏତ ଭାବୁଥିଲେ—ଆଗରେ ଯାହା ସବୁ ଏହିପରି ଘଟୁଥିଲା ଆଉ ତାର ପ୍ରତିକ୍ରିୟା ଘାତପ୍ରତି-ଘାତ ଭିତରେ ଆପଣା ଛାଏଁ ଲିଭି ଯାଉଥିଲା, ଏ ସମସ୍ୟା ମଧ୍ୟ ଆପଣା ଛାଏଁ ସୁଧୁରି ଯିବ । କିନ୍ତୁ ସମୟ ବଦଳି ଯାଇଥିଲା । ଯାର ଫଳ ଖରାପ ଆଡ଼କୁ ଚାଲିଲା ।

ବେକାର ଶ୍ରମିକଙ୍କ ଭିତରୁ ବହୁ ଲୋକ ସିପାହୀ ଅର୍ଥାତ୍ ପଲ୍‌ଟନରେ କାମ କରିବାକୁ ଆଦୌ ପସନ୍ଦ କରୁ ନଥିଲେ । ସିପାହୀମାନଙ୍କୁ ଯେଉଁ ବେତନ ଦିଆ ଯାଉଥିଲା ତା' ଅତି ସାମାନ୍ୟ । ସେମାନେ ଯେଉଁ ଧନସମ୍ପତ୍ତି ଲୁଟ୍ କରି ଆଣୁଥିଲେ, ସେଥିରୁ

ତାଙ୍କର ଭାଗ ନେବାର ଅଧିକାର ଥିଲା ନାହିଁ । ଏହି କାରଣରୁ ଅନେକଙ୍କର ସିପାହୀ ହେବାର ଉଦ୍ଦୀପନା ଅଙ୍କୁରରୁ ଲୋପ ପାଉଥିଲା । ଏଣେ ସିପାହୀ କାମ ଛାଡ଼ି ସ୍ୱାଧୀନ ଭାବରେ ଡକାୟତି କରିବାର ପ୍ରବୃତ୍ତି ଅନେକଙ୍କ ମନରେ ଜାଗି ଉଠୁଥିଲା । ଯେଉଁମାନେ ଟିକିଏ ସାହସୀ ସେମାନେ ସ୍ୱାଧୀନ ଭାବରେ ଡକାୟତ ଦଳ ଗଠନ କରୁଥିଲେ । ଏଥିରେ କେହି ବା ସଫଳ ହେଉଥିଲେ ଆଉ କିଏ ବା ବିଫଳ ହେଉଥିଲା । ଚୀନ ଦେଶରେ ଡକାୟତି ପେଶାଟା ବି 'କାମ'ର ଅନ୍ତର୍ଭୁକ୍ତ । ସେଥିପାଇଁ ଡକାୟତିକୁ କେହି ଅପକର୍ମ ନ କହି "ଚୈଙ୍ଗ" ଅର୍ଥାତ୍ 'କର୍ମ' ବୋଲି କହୁଥିଲେ । ଏପରି କାମ କରିବାକୁ ଯାଇ ଅନେକ ମରନ୍ତି ମଧ୍ୟ—ଆଉ ଘରକୁ ଫେରିବାକୁ ପଡ଼େ ନାହିଁ । ଏହି ସବୁ ଲୋକଙ୍କ ସଂଧାନ ନେବା ପାଇଁ କେହି ଆସିଲେ ତାକୁ କହନ୍ତି ଲୋକେ । ଅପଣା ଗାଁକୁ ଗୁଲି ଯାଇଛି । "ହୋ ଥଂସାନ୍ ଲୁ"—ଆମେ ଯାହାକୁ ସ୍ୱର୍ଗ ବୋଲି କହୁ, ଚୀନାମାନେ ତାକୁ "ଅପଣା ଗାଁ" ବୋଲି ଭାବନ୍ତି ।

ବେକାର ପୁରୁଷଦଳ ତ ଡକାୟତି କିମ୍ବା ସେହି ପ୍ରକାର କିଛି କାମ କରି ଜୀବନ ରକ୍ଷା କଲେ । କିନ୍ତୁ, ବେକାର ନାରୀ-ମାନେ ବଞ୍ଚି ରହିବା ପାଇଁ କଣ କରିବେ, ତା' ମଧ୍ୟ ଭାବିବାର ବିଷୟ । ତାଙ୍କୁ ଗୋଟାଏ ସିଧା ବାଟ ମିଳି ଯାଇଥିଲା—ଗଣିକା-ବୃତ୍ତି । ଚୀନାଗଣ ଗଣିକାବୃତ୍ତିକୁ ବଡ଼ ହୀନ କାମ ବୋଲି ମନେ କରନ୍ତି । ଜାପାନୀଗଣ ଏ ବିଷୟରେ ଚୀନାମାନଙ୍କ ଠିକ୍ ବିପରୀତ । ସେମାନେ ଗଣିକାବୃତ୍ତିକୁ ଆଦୌ ଘୃଣା ଚକ୍ଷୁରେ ଦେଖନ୍ତି ନାହିଁ । ଜାପାନୀଗଣ କିନ୍ତୁ ଚୀନାମାନଙ୍କ ଭଳି ବହୁ ସ୍ତ୍ରୀ ନେଇ ଘର

କରିବାକୁ ରାଜି ନୁହନ୍ତି । ତାଙ୍କର ଏକ ପତ୍ନୀବ୍ରତ । ଚୀନା ଦେଶର ସ୍ତ୍ରୀଲୋକମାନେ ଗଣିକାବୃତ୍ତି ଅବଲମ୍ବନ କରିବାରୁ ଅନେକଙ୍କ ଜ୍ଞାନ ଫେରି ଆସିଥିଲା । ମୁଁ ସେତିକି ଅନୁଭବ କରି ପାରିଥିଲି । କେତେକ ସଂଯମୀ ଲୋକ ମୋ ପାଖକୁ ଆସି ଏ ବିଷୟରେ ପରାମର୍ଶ ମଧ୍ୟ କରୁଥିଲେ । ମୋର ପରାମର୍ଶ ଦେବା ଭଳି କିଛି ନଥିଲା । ପୁଞ୍ଜିବାଦ ଯେଉଁଠି ବଢ଼େ, ସେଠାରେ ବ୍ୟଭିଚାର ଆସି ଦେଖା ଦିଏ । ପୁଞ୍ଜିବାଦର ପ୍ରବଳ ଅତ୍ୟାଚାରରୁ ସମାଜକୁ ରକ୍ଷା କରିବା ପାଇଁ ଡାକ୍ତର ସୁନ-ଇୟାତ୍-ସେନ 'ଜନଗଣର ତ୍ରି-ନୀତି' ( Three Principles of the People ) ପ୍ରବର୍ତ୍ତିତ କରିଥିଲେ । କିନ୍ତୁ ପୁଞ୍ଜିବାଦ ଯେଉଁଠି ଥରେ ଗଢ଼ି ଉଠେ ସେଠାରେ ତା' ସବୁ ବାଧାକୁ ଅମିତ ବିକ୍ରମରେ ଠେଲି ଦେଇ ଆପଣା ସ୍ୱରୂପ ଧାରଣ କରେ । ପୁଞ୍ଜିବାଦ ଗଢ଼ିବା ପାଇଁ ମଧ୍ୟ ଦେଶ-କାଳ-ପାତ୍ରର ଦରକାର ହୁଏ ।

ଚୀନ ଦେଶର ବଂଶୀ ପ୍ରଥା ପୁଞ୍ଜିବାଦ ଗଢ଼ି ଉଠିବାକୁ ସାହାଯ୍ୟ କରିଥିଲା । କିନ୍ତୁ ତା ସଙ୍ଗେ ପୁଞ୍ଜିବାଦ ଯେ ସମାଜର ଶତ୍ରୁ ଏ କଥା ଚୀନା ଲୋକେ ସୁନ-ଇୟାତ୍-ସେନଙ୍କ ଶିକ୍ଷାପଦ୍ଧତି ଅନୁକମ୍ପାରେ ଭଲ ଭାବରେ ବୁଝି ପାରିଥିଲେ । ଜାପାନୀମାନେ ସେହିଭଳି ଶିକ୍ଷା ପାଇ ନାହାନ୍ତି ବୋଲି ମାମୁଲି କୁଟୀରଶିଳ୍ପରେ ମାତି ଜାତୀୟତାର ମଦରେ ପାଗଳର ଧରାକୁ ସରା ଜ୍ଞାନ କରୁଥିଲେ ଆଉ ନିରସ୍ତ୍ର ଚୀନ ଉପରେ ଆକ୍ରମଣ କରିଥିଲେ । ଇଉରୋପୀୟ ସାମ୍ରାଜ୍ୟବାଦୀଗଣ ମଧ୍ୟ ସେ ଦୋଷରୁ ବାଦ ପଡ଼ି ନାହାନ୍ତି । ଏହି ଫଳରେ ଚୀନର ଜନଗଣ ଭିତରେ ଜାଗରଣ ଦେଖା ଯାଇଥିଲା ଚୀନର ଗୃହ ଶତ୍ରୁ ଓ ବହିର୍ଶତ୍ରୁ କେବଳ ଜାତୀୟ ଉନ୍ନତି ଆଁ

ହୋଇ ନାହାନ୍ତି, ଗୋଟିଏ ନୂତନ ଭାଷା ମଧ୍ୟ ଜାତିର ଉପକାର ପାଇଁ ଆଣି ଦେଇଥିଲେ ।

ସେଇ ମେଣ୍ଡେରିନ୍ ଭାଷା ସଂପର୍କରେ କିଛି କହିବା ପୂର୍ବରୁ ମୁଁ ଏତିକି କହିବାକୁ ବାଧ୍ୟ ହେବି ଯେ ଚୀନର ସ୍ୱଦେଶପ୍ରେମୀଗଣ ଯେପରି ଭାବରେ ପ୍ରାଦେଶିକତା ଭୁଲି ପାରିଥିଲେ, ଏ ଭଳି ଅନ୍ୟ କେହି ପାରି ନାହାନ୍ତି । କାଣ୍ଟନର ଲୋକେ ପିକିଂର ଲୋକଙ୍କୁ କହୁଥିଲେ "ପିକନ୍ କୁଇଯ୍ୟା" ଆଉ ପିକିଂର ଲୋକେ କାଣ୍ଟନର ଲୋକଙ୍କୁ କହୁଥିଲେ "କେନ୍ଟନ କୁଇଯ୍ୟା" । "କୁଇଯ୍ୟା" ଶବ୍ଦର ବସ୍ତୁତ ଅର୍ଥ ହେଉଛି ଜବର । କିନ୍ତୁ ସାଧାରଣତଃ ସେମାନେ 'ଭୂତ୍'କୁ ଉପଲକ୍ଷ୍ୟ କରି ଏ ଶବ୍ଦ ପ୍ରୟୋଗ କରୁଥିଲେ । ପରସ୍ପର ପରସ୍ପରକୁ ପଶୁଠାରୁ ବଳି ଘୃଣା କରୁଥିଲେ । କାଣ୍ଟନର ଲୋକେ ସବୁବେଳେ ଅଗ୍ରଣୀ ହୋଇ ବିଦ୍ରୋହ କରୁଥିଲେ, ଆଉ ପିକିଂର ଲୋକେ ସବୁବେଳେ ଚୁପଚାପ ହୋଇ ବସି ରହୁଥିଲେ । କିନ୍ତୁ ଯେତେବେଳେ ଲୋକେ ଗୋଟିଏ ସାଧାରଣ ଭାଷାର ସଂଧାନରେ ବାହାରିଲେ, ସେତେବେଳେ ପିକିଂର ଭାଷାକୁ ଗ୍ରହଣ କରିବାକୁ ବାଧ୍ୟ ହେଲେ । ପ୍ରୟୋଜନ କେବଳ ଘୃଣାକୁ ଚୀନ ସାଗରରେ ନେଇ ନିକ୍ଷେପ କଲା । ଚୀନର ଛାତ୍ର ସମାଜ ଚୀନରେ ବିପ୍ଳବ ଆଣିବା ପାଇଁ ଯେତେ ସ୍ୱାର୍ଥତ୍ୟାଗ କରିଛନ୍ତି—ପୃଥିବୀର ଇତିହାସରେ କୌଣସି ଦେଶର ଛାତ୍ର ସମାଜ ସେତେ କରିଛନ୍ତି ବୋଲି ମୋର ବିଶ୍ୱାସ ନାହିଁ । ଅବଶ୍ୟ ଏ ବିଷୟରେ ମୋର ଭ୍ରାନ୍ତି ଥାଇ ପାରେ—କାରଣ ଅନ୍ୟ କୌଣସି ଦେଶର ବିଦ୍ରୋହର ଇତିହାସ ମୁଁ ସେମିତି ପଢ଼ି ନାହିଁ କି ଆଖିରେ ମଧ୍ୟ ଦେଖି ନାହିଁ ।

# ମେଣ୍ଡେରିନ ଭାଷା

କାଂସୀ ପ୍ରଥା ଓ ତାର ପରିଣତିକୁ କେହି ଡାକି ଆଣି ନଥିଲା । କାଂସୀ ପ୍ରଥା ସ୍ୱୟଂ ସ୍ୱୟଂ ଆସି ଚୀନର ଦ୍ୱାରରେ ଧକ୍କା ମାରିଥିଲା ଆଉ ସେ ଦ୍ୱାର ଖୋଲି ଯାଇଥିଲା । ଏହା ଫଳରେ ଜାତୀୟ ଅର୍ଥନୈତିକ ଜୀବନ ଗଢ଼ି ଉଠିଲା ଆଉ ଜନସାଧାରଣଙ୍କ ଭିତରେ ଶ୍ରେଣୀ ସଂଗ୍ରାମର ବୀଜ ଅଙ୍କୁରିତ ହୋଇଥିଲା । ବୋଧହୁଏ, ଏଇ ଦୁଇଟି ଭାବଧାରାକୁ ସାହାଯ୍ୟ କରିବା ପାଇଁ ମେଣ୍ଡେରିନ ଭାଷାର ଆବଶ୍ୟକତା ଚୀନାମାନେ ବୁଝି ପାରିଥିଲେ । ଯେତେବେଳେ ଯେଉଁ ବିଷୟର ଦରକାର ହୁଏ, ବେଳେବେଳେ ତା' ଅକସ୍ମାତ ଆସିଯାଏ । ସେଇପରି ମେଣ୍ଡେରିନ୍ ଭାଷା ଆସି ଯାଇଥିଲା ଆଉ ଶୀଘ୍ରଗତିରେ ବିସ୍ତାର ଲାଭ କରୁଥିଲା । ମେଣ୍ଡେରିନ୍ ଭାଷା କେବଳ ଏକା ହୋଇ ଆସିଲା ନାହିଁ, ସାଙ୍ଗରେ ନେଇ ଆସିଲା ଜାତୀୟ ଏକତା ଆଉ ଜନସାଧାରଣଙ୍କ ଭିତରେ ଶିକ୍ଷାର ଏକ ପ୍ରବଳ ବାସନା । ଶିକ୍ଷା ପୁଣି ଏକ ପ୍ରଚଣ୍ଡ ଦାବାନଳ, ଯୁଆଡ଼େ ଯିବ ସିଆଡ଼େ ପୁରାତନ ପୁଞ୍ଜୀଭୂତ ପଙ୍କିଳତାକୁ ଜାଳି ପୋଡ଼ି ଧ୍ୱଂସ କରିଦେବ । ଶିକ୍ଷାର ଆଲୋକ ପାଇ ଚୀନାମାନଙ୍କ ଭିତରେ ଶ୍ରେଣୀ ଚେତନା ଜାଗି ଉଠିଲା ଓ ତାଙ୍କର ମାନସିକ ବିକାଶ ପଥ ଆରମ୍ଭ ହେଲା ।

ପ୍ରଥମେ ଥିଲା ବଂଶୀ ପ୍ରଥା, ତା’ ପରେ ଆସିଲା ମେଣ୍ଡ୍ରେରିନ୍ ଭାଷା । ଏଇ ଦୁଇଟିକୁ କେନ୍ଦ୍ର କରି ଚୀନର ଅର୍ଥନୀତି, ରାଷ୍ଟ୍ରନୀତି ଓ ସଂସ୍କୃତିର ସଂଗଠିତ ମୂଳଦୁଆ ଗଢ଼ି ଉଠିଲା । ଜାତୀୟବାଦୀ ନେତାମାନଙ୍କ ପ୍ରଚେଷ୍ଟାରେ ଚୀନରେ ଯେପରି ଗଣତନ୍ତ୍ରର ଆରମ୍ଭ ହୋଇଥିଲା, ଅନ୍ୟ ଦିଗରେ ସେଇପରି ସାମ୍ୟବାଦୀମାନେ ଶ୍ରେଣୀଗତ ଭେଦାଭେଦ ବିବାଦ ଦୂର କରିବା ସଙ୍ଗେ ସଙ୍ଗେ ସମାଜ ଭିତରେ ଏକ ନବ ଚେତନା ଆଣି ଦେଇଥିଲେ । ଯାହା ଫଳରେ ଲାଲ୍ ଚୀନର ମୂଳଦୁଆ ଗଢ଼ା ହୋଇଥିଲା । ମୋ ଭଳି ଅଶିକ୍ଷିତ ଲୋକ ଆଖିରେ ମଧ୍ୟ ଏଇସବୁ କଥା ଧରା ପଡ଼ିଥିଲା ଅଥଚ ବିଦେଶୀ ଲେଖକଗଣ କାହିଁକି ଯେ ଏଇସବୁ କଥା ସେତେବେଳେ ଚପାଇ ରଖୁଥିଲେ ତାର କାରଣ ନିର୍ଦ୍ଦେଶ କରିବା ବଡ଼ କଠିନ । ସେମାନେ କେବଳ ଆମକୁ ଜଣାଇ ଆସିଥିଲେ ଯେ ଚୀନାମାନେ କେବଳ ଡକାୟତ ଓ ନାନା ପ୍ରକାର କୁଖାଦ୍ୟ ଖାଆନ୍ତି ।

ଚୀନର ପ୍ରକୃତ ଡକାୟତମାନେ ମେଣ୍ଡ୍ରେରିନ ଭାଷାର ଉପଯୋଗୀତା ହାଡ଼େ ହାଡ଼େ ଅନୁଭବ କରୁଥିଲେ । ୧୯୨୧ ଖ୍ରୀଷ୍ଟାବ୍ଦରୁ ଚୀନ ଭିତରେ ନାନାପ୍ରକାର ରାଷ୍ଟ୍ର ବିପ୍ଳବ ଆସି ଦେଖା ଦେଇଛନ୍ତି । ଅନ୍ନବସ୍ତ୍ରର ଅଭାବ ବଡ ସମସ୍ୟା ହୋଇ ଛିଡ଼ା ହୋଇଛନ୍ତି । ଚୀନାମାନେ ବଡ଼ ଚଞ୍ଚଳ ପ୍ରକୃତିର ଲୋକ । ତେଣୁ ସେମାନେ ଗୋଟିଏ ସ୍ଥାନରେ ବସି ନରହି ଖାଦ୍ୟ ସନ୍ଧାନରେ ନାନା ସ୍ଥାନରେ ଘୁରି ବୁଲିଲେ—ଆପଣା ଜୀବନ ବଞ୍ଚାଇବା ପାଇଁ । ଚୀନାମାନେ ଚୋରି କରିବାକୁ ଭୀଷଣ ଘୃଣା କରନ୍ତି । ଡକାୟତି ତାଙ୍କ ‘ଧର୍ମ’ର ଅନ୍ତର୍ଗତ ଥିଲା । ଡକାୟତ ପୁଣି ଏକା ଏକା ହୁଏନା,

ଦଳ ଗଠନ କରିବାକୁ ପଡ଼େ । ଉଙ୍କାଏତ ଦଳରେ ସବୁ ପ୍ରଦେଶର ଲୋକ ଥାଆନ୍ତି—କିନ୍ତୁ ପରସ୍ପର ଭିତରେ କଥାବାର୍ତ୍ତା କରି ପାରନ୍ତି ନାହିଁ । କେଣ୍ଟନିଜ୍ ମାନେ ସବୁ ବେଳେ ତାଙ୍କର କଥା ଭାଷାକୁ ପ୍ରାଧାନ୍ୟ ଦେଉଥିଲେ । ଯେଉଁମାନେ କର୍ତ୍ତା ହୁଅନ୍ତି, ସେମାନେ କେବଳ ଆପଣା ଜାତିକୁ ଏଭଳି ପ୍ରାଧାନ୍ୟ ଦେଇ ପାରନ୍ତି । କିନ୍ତୁ ସବୁବେଳେ କେଣ୍ଟନିଜମାନେ କର୍ତ୍ତା ହେବାର ସୁଯୋଗ ବା ସୁବିଧା ପାଉ ନ ଥିଲେ । ତେଣୁ ସେମାନେ ତାଙ୍କ ଦଳର ସ୍ୱାର୍ଥ ଦୃଷ୍ଟିରୁ ଏକ ସାଧାରଣ ଭାଷାର ସନ୍ଧାନ କରୁଥିଲେ । ମେଣ୍ଡେରିନ ଭାଷା କଥା ସେତେବେଳେ ସମସ୍ତେ ଶୁଣିଥିଲେ । ଉଙ୍କାଏତ ମାନେ ମଧ୍ୟ ସେଇ ଭାଷାର ସାହାଯ୍ୟ ନେଲେ । କୌଣସି ଭାଷା ନ ଶିଖିଲେ ସେଥିରୁ କୌଣସି ସୁଫଳ ଉଠାଇବା ଅସମ୍ଭବ । ଏଣେ ଉଙ୍କାଏତ, ତେଣେ ଭାଷା ଶିକ୍ଷା, କମ ବଡ଼ କଥା ନୁହେ ! ମେଣ୍ଡେରିନ ଭାଷାରେ ଯେତେ ବହି ଛପା ହୋଇଥିଲା ସେଥିରୁ ଅଧିକାଂଶ ଧନତନ୍ତ୍ର ଉପରେ ଲେଖା । ଫଳରେ ଉଙ୍କାଏତମାନଙ୍କର ଗୋଟିଏ ଦିଗରେ ଧନତନ୍ତ୍ରବାଦ ସମ୍ବନ୍ଧରେ ଜ୍ଞାନ, ଅନ୍ୟ ଦିଗରେ ମେଣ୍ଡେରିନ ଭାଷା ଓ ତାଙ୍କର ନିଜସ୍ୱ ପେଶା, ଏଇ ତିନୋଟିର ମିଶ୍ରଣ ତାଙ୍କୁ ଉନ୍ନତ ପଥରେ ଟାଣି ନେଇଥିଲା । କିନ୍ତୁ ଏ ସବୁଥିର ମୂଳ ପିଣ୍ଡ ହେଲା ମେଣ୍ଡେରିନ ଭାଷା ।

ଚୀନାମାନଙ୍କ କଥ୍ୟ ଭାଷା ଓ ଲେଖ୍ୟ ଭାଷା ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଗୋଟିଏ ଦେଶ, କିନ୍ତୁ ଏକ ଅଞ୍ଚଳର ଲୋକେ ଅନ୍ୟ ଅଞ୍ଚଳର ଭାଷା ଆଦୌ ବୁଝି ପାରନ୍ତି ନାହିଁ । ଏଣେ ଲେଖାର ଭାଷା ସବୁଆଡ଼େ ସମାନ । ମନର ଭାବ ଲେଖାର ଭାଷାରେ କହିଲେ ମଧ୍ୟ କୌଣସି ଲାଭ ହେଉ ନଥିଲା । ତାର

କାରଣ ବୁଝିବାକୁ ଆମକୁ ଟିକିଏ କଷ୍ଟ ହେବ । ଆମର ଅକ୍ଷର ଅଛି । ଆମର ଅକ୍ଷରର ଉଚ୍ଚାରଣରେ ଭିନ୍ନ ଅଞ୍ଚଳେ ଟିକିଏ ପ୍ରଭେଦ ରହି ପାରେ, କିନ୍ତୁ ବହିରେ ଛପା ଶବ୍ଦ ଯେତେବେଳେ ଆମେ ପଢ଼ୁ ସେତେବେଳେ ସମସ୍ତେ ଏକ ପ୍ରକାର ଉଚ୍ଚାରଣ କରିଥାଉଁ । ଚୀନରେ ତା ହୁଏ ନାହିଁ । ଚୀନାମାନଙ୍କର ଅକ୍ଷର ନାହିଁ, ଅଛି କେବଳ ଶବ୍ଦ ଗୋଟିଏ ଗୋଟିଏ ଶବ୍ଦର ଆକାର ପ୍ରକାର ଦେଖିବାକୁ ଠିକ୍ ଗୋଟିଏ ଗୋଟିଏ ଛବି ଭଳି । ସେହି ଛବିଗୁଡ଼ିକର ଉଚ୍ଚାରଣ ଯିଏ ଯେପରି ପାରିଲା ସେହିପରି କରନ୍ତି । ଉଚ୍ଚାରଣର କୌଣସି ପ୍ରକାର ଐକ୍ୟ ନାହିଁ । କିନ୍ତୁ ଯେତେବେଳେ ସେମାନେ ତାକୁ ଲେଖନ୍ତି ସେତେବେଳେ ପରସ୍ପର ମନର ଭାବ ବୁଝି ପାରନ୍ତି ଅର୍ଥାତ ଛବି ଗୁଡ଼ିକର ପ୍ରକୃତ ବ୍ୟାଖ୍ୟା ବୁଝି ପାରନ୍ତି । ଚୀନାମାନଙ୍କର ଲେଖ୍ୟ ଭାଷା ଜାପାନୀ ଓ କୋରିୟାନ୍‌ମାନେ ମଧ୍ୟ ବୁଝି ପାରନ୍ତି । ଆମେ ଯେପରି ସଂସ୍କୃତରୁ ପରିଭାଷା ଗ୍ରହଣ କରୁ, ଜାପାନୀ ଓ କୋରିୟାନମାନଙ୍କର ପରିଭାଷା ଦରକାର ହେଲେ ସେମାନେ ଚୀନା ଭାଷାରୁ ଶବ୍ଦ ସଂଗ୍ରହ କରନ୍ତି । ଏଭଳି ଏକ ପ୍ରାଚୀନ ଓ ଉଚ୍ଚାଙ୍ଗର ଭାଷା ଯଦି ସେ ଦେଶର ଲୋକଙ୍କ ପରସ୍ପର ମଧ୍ୟରେ ବୁଝିବାରେ ଅସୁବିଧା ହୁଏ—କେତେ ଗଭୀର ଦୁଃଖର କଥା !!

ନବ୍ୟ ଶିକ୍ଷିତ ଚୀନାଗଣ ଏ ଦୁଃଖ ଅନୁଭବ କରିଥିଲେ ବୋଲି ସାହିତ୍ୟିକ ଗଣ ସବୁ ପ୍ରକାର ଦଳାଦଳି, ପ୍ରାଦେଶିକତା ଓ ଆପଣାର ସ୍ୱାର୍ଥ ଭୁଲିଯାଇ ମେଣ୍ଡ୍ରେରିନ ଭାଷାର ପ୍ରଚାର ଓ ପ୍ରସାର ପାଇଁ ପ୍ରାଣପଣେ ଚେଷ୍ଟା କଲେ । ତାଙ୍କର ଅନୁପ୍ରେରଣାରେ ଗ୍ରାମେ ଗ୍ରାମେ ଏକ ନୂଆ ପ୍ରକାର ଶିକ୍ଷକଙ୍କ ଆବିର୍ଭାବ ହେଲା । ଶିକ୍ଷକଗଣ ଆଧୁନିକ ଶିକ୍ଷିତ । ଏହି ନବ୍ୟ ଶିକ୍ଷିତ ଶିକ୍ଷକଗଣ ମେଣ୍ଡେରିନ୍ ଭାଷାରେ

କଥାବାର୍ତ୍ତା କରୁଥିଲେ । ଗାଁ ଗଣ୍ଡାର ଲୋକେ ତାଙ୍କ କଥା ଅଳ୍ପ ସମୟ ଭିତରେ ବୁଝି ପାରୁଥିଲେ । ଗ୍ରାମେ ଗ୍ରାମେ ଏଇ ନୂତନ ଭାଷା ଶିକ୍ଷାର ଅନ୍ତରାଳରେ ଦେଶବ୍ୟାପୀ ନବ ଜାଗରଣର ସୂତ୍ରପାତ ହୋଇଥିଲା । ଏଇ ଶିକ୍ଷକମାନେ କେବଳ ମେଣ୍ଡେରିନ ଭାଷା ଶିକ୍ଷା ଦେଇ ନିଶ୍ଚିନ୍ତ ହୋଇ ବସି ରହୁନଥିଲେ । ତାଙ୍କର ଶିକ୍ଷାଧାରା ଥିଲା ବଡ଼ ଅଦ୍ଭୁତ ଓ ଅଭିନବ । ତାଙ୍କର କଥାବାର୍ତ୍ତା ଭିତରେ ଏ ଭଳି ଏକ ଆକର୍ଷଣ ଥିଲା ଓ ତାଙ୍କର କଥାବାର୍ତ୍ତାର ବିଷୟ ବସ୍ତୁ ଏମିତି ଚମକପ୍ରଦ ଥିଲା ଯେ ସମସ୍ତେ ତା’ ଶୁଣିବାକୁ ଭଲ ପାଉଥିଲେ । ଏଇପରି ଭାବରେ କ୍ରମେ କ୍ରମେ ସର୍ବସାଧାରଣଙ୍କ ମନ ଏକ ନୂତନ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଠିଲା ।

ଦେଶର ପ୍ରତିକ୍ରିୟାପନ୍ଥୀ ଓ ସନାତନୀ ଗଣ ଯେତେବେଳେ ଦେଖିଲେ ଯେ ମେଣ୍ଡେରିନ ଭାଷା ଶିକ୍ଷା ସଙ୍ଗେ ସଙ୍ଗେ ବହୁ “ପାପ” ସମାଜ ଭିତରକୁ ପଶି ଆସୁଛି, ସେତେବେଳେ ସେମାନେ ବିଚଳିତ ହୋଇ ପଡ଼ିଲେ । ଗ୍ରାମ୍ୟ ସମାଜ କମ୍ୟୁନିଜମ୍ ଆଡ଼କୁ ଢଳି ପଡ଼ୁଥିଲେ । ଶିକ୍ଷିତ ଯୁବକ ଯୁବତୀଗଣ ମେଣ୍ଡେରିନ ଭାଷା ସାହାଯ୍ୟରେ ଶ୍ରମିକମାନଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ଦାବୀ କରିବାକୁ ଶିକ୍ଷା ଦେଉଥିଲେ । ଶ୍ରମିକମାନେ ସଙ୍ଘବଦ୍ଧ ହେଉଥିଲେ ଆଉ ଆପଣା ନ୍ୟାଯ୍ୟ ପ୍ରାପ୍ୟ ପାଇଁ ସଂଗ୍ରାମ କରିବେ ବୋଲି ଧମକ ଦେଉଥିଲେ । କୃଷକ ଶ୍ରମିକଗଣ କଂଗ୍ରେସୀ ସର୍ଦ୍ଦାର ବିରୁଦ୍ଧରେ ଲଢ଼ିବା ପାଇଁ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ମେଣ୍ଡେରିନ୍ ଭାଷାର ଏଭଳି “ଅଶୁଭଫଳ”(?)ଦେଖି ଯେପରି ସେ ଭାଷା ଆଉ ପ୍ରଚଳିତ ନ ହୁଏ ସେଥିପାଇଁ ପ୍ରତିକ୍ରିୟାଶୀଳ ଲୋକେ ପ୍ରବଳ ଚେଷ୍ଟା ଆରମ୍ଭ କଲେ । ପ୍ରତିକ୍ରିୟାପନ୍ଥୀଙ୍କ କୁଚେଷ୍ଟା ଫଳରେ ଗାଁ ଗାଁ ଭିତରେ ଅଶାନ୍ତି

ଦେଖାଗଲା । ଗ୍ରାମରେ ଦଳ ସୃଷ୍ଟି ହେଲା—ଆଉ ଦଳ ଦଳ ଭିତରେ ସଂଘର୍ଷ ଲାଗିଲା । ସଂଘର୍ଷ ଫଳରେ ଅର୍ଥକ୍ଷୟ ଓ ଲୋକ କ୍ଷୟ ମଧ୍ୟ ହେଉଥିଲା । ଯେତେବେଳେ ଗୃହବିବାଦର ଟିକିଏ ନିଆଁ ଜଳିଉଠେ ସେତେବେଳେ ଯଦି ଯୋଗ୍ୟ ଦଳପତି ମିଳିଯାଏ ତା ହେଲେ ସେ ନିଆଁ ଚାରିଆଡ଼େ ବ୍ୟାପି ଯାଏ । ମାଓ-ସେ-ତୁଙ୍ଗ ହଠାତ୍ ଶିକ୍ଷାଧାରା ପରିତ୍ୟାଗ କରି କର୍ମକ୍ଷେତ୍ର ଭିତରକୁ ଝାସଦେଲେ । ବଡ଼ଦାନର ଉପଦେଶ, ବିଦେଶୀମାନଙ୍କ ପ୍ରତାରଣା ଆଉ ଦେଶର ନେତାମାନଙ୍କର କଢ଼ତା ସବୁ ଛିନ୍ନ କରି ମାଓ ବିଦ୍ରୋହ ଘୋଷଣା କଲେ । ବିଦ୍ରୋହ କଥାଟା ମୁହଁରେ କହିବାଟା ବଡ଼ ସହଜ, କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବା ଏତେଟା ସହଜ ନୁହେଁ । ଦୁଇକୋଟି ମାନ ଡ଼ଙ୍କା ଏତଙ୍କ ହାତ କରି ମାଓ ଗ୍ରାମ ପରେ ଗ୍ରାମ ଦଖଲ କରି ଯାଉ-ଥିଲେ ଆଉ ସେଇ ସବୁ ଗାଁମାନଙ୍କରେ ସଙ୍ଗେ ସଙ୍ଗେ ସୋଭିଏଟ୍ ସ୍ଥାପନ କରୁଥିଲେ । ସୋଭିଏଟ୍ ପ୍ରଥାର ସରକାର ଅତି ଭଲ । ଯଦି ତା' କେହି ଆଣିଦେଇ ପାରିଲା ତାହେଲେ ସମସ୍ତେ ସେ ସରକାର ଚାହାନ୍ତି । ମାଓ ତା' ଆଣିଦେଲେ, ଶ୍ରମିକ ଓ କୃଷକଗଣ ସାନନ୍ଦରେ ତା' ଗ୍ରହଣ କଲେ । ପୁଞ୍ଜିବାଦୀ ଚୀନାଗଣ ଦୂରରେ ଛିଡ଼ା ହୋଇ ଦେଖି ଭାବୁଥିଲେ, ଏ ଶତ୍ରୁକୁ କିପରି ଶୀଘ୍ର ନିପାତ କରିବେ । ସୁଯୋଗ ଓ ସୁବିଧା ପାଇଁ ସେମାନେ ଅପେକ୍ଷା କରୁଥିଲେ । ପରିଣାମରେ ଦେଶ ଭିତରେ ବିଦ୍ରୋହ ନୂଆ ରୂପରେ ଆସି ଦେଖା ଦେଲା । ମୁଁ ଚୀନଦେଶରେ ପହଞ୍ଚି ଥିଲି ଠିକ୍ ସେଇ ଘଡ଼ିସନ୍ଧି ବେଳେ ।

# ପଥନିର୍ଦ୍ଦେଶ

ଶୁଲିନ୍ ହୁନାନ୍ ପ୍ରଦେଶର ପ୍ରସିଦ୍ଧ ଗ୍ରାମ । ଏଇ ଗାଁର ନାମ ଶୁଣି ଚୀନା ଲୋକେ କେହି ବା ଆନନ୍ଦିତ ହେଉଥିଲେ, କେହି ବା ଭୟରେ ଥରହର ହେଉଥିଲେ । ଗାଁଟି କିନ୍ତୁ ସାଧାରଣ ଗାଁ ହୋଇ ନ ଥିଲା । ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାରେ କୌଣସି ଅସୁବିଧା ନାହିଁ ସତ, କିନ୍ତୁ ଏ ସମୟରେ ଏଇ ଶୁଲିନ୍ ଗ୍ରାମକୁ ଯିବା ସେତେ ସହଜ ନ ଥିଲା । ଶୁଲିନ୍ ଯିବା ବାଟରେ ଏକ ବିଶେଷ ଘଟଣା ଘଟିଥିଲା—ସେ କଥା ମୋର ଏ ଯାଏ ମନେ-ରହିଛି । ସେଇ କଥା କହୁଛି ।

ଇୟେଂଚି-ସିଚେଂରୁ ବିଦାୟ ଗ୍ରହଣ କରି ମୋର ହେନ୍‌ଗ୍ୟେ-ଫୌ ବାଟରେ ଯିବା କଥା ଥିଲା । ହେନ୍‌ଗ୍ୟେ-ଫୌର ବାଟ ମଧ୍ୟ ଭଲ । ମୁଁ ସେଇ ବାଟରେ ଆଗେଇ ଚାଲିଲି । ଅତି ସୁନ୍ଦର ରାସ୍ତା । ମୋର ସାଇକେଲ ଭାରି ସହଜରେ ଗଡ଼ି ଚାଲିଥିଲା । ମୁଁ ମନର ଆନନ୍ଦରେ ସୁର୍ ଧରିଲି—'ଛୁଅଁ ନା ଛୁଅଁ ନା ବନ୍ଧୁ, ସେଇଠାରେ ଥାଅ' । କିନ୍ତୁ ଗୀତ ମୋର ଶେଷ ହେଲା ନାହିଁ । ବନ୍ଧୁ ଆସି ମୋତେ କେବଳ ଛୁଇଁଲେ ନାହିଁ—ଏକାବେଳକେ ବେକରେ ଧରିଲେ । ଦି'ଜଣ ଲୋକ ଆସି ମୋ ଆଗରେ ଛିଡ଼ା ହେଲେ । ଜଣେ ମୋତେ ସାଇକେଲରୁ ଓହ୍ଲାଇବାକୁ ନିର୍ଦ୍ଦେଶ ଦେଲେ,

ଅନ୍ୟଜଣକ ମୋ ମୁଣ୍ଡକୁ ଗୋଟିଏ ଆଦିମ ଯୁଗର ବେନମୁନା ପିସ୍ତଲ ଲକ୍ଷ୍ୟ କରି ଛିଡ଼ା ହେଲେ । ତାଙ୍କର ଏଭଳି ଅପ୍ରତ୍ୟାଶିତ ବ୍ୟବହାରରେ ଅବଶ୍ୟ ମୁଁ ଭୟ କରି ନଥିଲି । ମୁଁ ସାଇକେଲରୁ ଓହ୍ଲାଇ ପଡ଼ି ରାସ୍ତାକଡ଼ରେ ବସି ମନିବେଗ୍‌ଟା ପକେଟରୁ ବାହାର କରି ପିସ୍ତଲଧାରୀ ଲୋକଟା ଆଡକୁ ଫୋପାଡ଼ି ଦେଲି । ସେ ମଧ୍ୟ ମନିବେଗ୍‌ଟା ତଳୁ ନ ଉଠାଇ ପାଦରେ ମୋ ଆଡ଼କୁ ଫୋପାଡ଼ି ଦେଲା । ଭାବିଲି, ଏମାନେ ବୋଧହୁଏ ଡକାୟତ ନୁହନ୍ତି—ତଥାପି ଡକାୟତ ଭଳି ଅନ୍ୟ କିଛି ହେବେ ପରା !

ଯେଉଁ ଲୋକଟି ମୋର ସାଇକେଲ ଧରିଥିଲା ସେ ଇଙ୍ଗିତରେ ମୋ ପାଖରେ ଆଉ କିଛି ଅଛି କି ନାହିଁ ବୋଲି ପଚାରିଲା । ମୁଁ ମଧ୍ୟ ଇଙ୍ଗିତରେ ଜଣାଇ ଦେଲି ଯେ ମୋ ପାଖରେ ଆଉ କିଛି ନାହିଁ । ଫଳ ହେଲା ଓଲଟା । ଲୋକଟା ରାଗିମାଗି ମୋ ଉପରକୁ ଡେଇଁକି ଆସିଲା ଆଉ ଗୋଟାଏ ପଥର ଉଠାଇ ମୋ ଆଡକୁ ଫୋପାଡ଼ିଲା । ମୁଁ ସେଥିରେ ମଧ୍ୟ ଭୟ କଲି ନାହିଁ । ସେ ନିକଟକୁ ଆସି ମୋ ପକେଟରୁ ଦିଆସିଲି ଓ ସିଗାରେଟ୍ ପେକେଟ୍‌ଟା ବାହାର କରିନେଲା ଆଉ ମୋତେ ତାଙ୍କ ସାଙ୍ଗେ ସାଙ୍ଗେ ଚାଲିବାକୁ ନିର୍ଦ୍ଦେଶ ଦେଲା । ଏତେ ସୁନ୍ଦର ରାସ୍ତା ଛାଡ଼ି ଯିବାକୁ ମୋର ଆଦୌ ଇଚ୍ଛା ହେଉ ନଥିଲା । କିନ୍ତୁ ଅନ୍ୟ ଉପାୟ ନାହିଁ । ତାଙ୍କ କଥାରେ ଅବାଧ୍ୟ ହେଲେ ମଧ୍ୟ ଚାଲିବ ନାହିଁ । ମୁଁ ତାଙ୍କ ସାଙ୍ଗରେ ଚାଲିଲି । ସମତଳ ଭୂମି ଛାଡ଼ି ପାହାଡ଼ିଆ ବାଟରେ ଚାଲିଥାଉ । ପାହାଡ଼ର ପଥର ଦେହରେ କଟା ସିଡ଼ି ହୋଇ ରାସ୍ତା ତିଆରି ହୋଇଛି । ସେ ବାଟରେ ସାଇକେଲ୍ ଠେଲି ନେବା ବଡ଼ କଷ୍ଟକର । ଯେଉଁ ଲୋକ ଜଣକ ହାତରେ ପିସ୍ତଲ ନଥିଲା ତାକୁ

ଅନୁରୋଧ କଲି ମୋତେ ଟିକିଏ ସାହାଯ୍ୟ କରିବା ପାଇଁ । ସେ ରାଜି ହେଲା ନାହିଁ । ଅଗତ୍ୟା ମୁଁ ଧୀରେ ଧୀରେ ଅଗ୍ରସର ହେଲି ।

କେତେବେଳ ଯାଏ ଅଗ୍ରସର ହେଲା ପରେ ଦେଖିଲି ଜଣେ ଲୋକ ଗୋଟିଏ ନାଳ କୂଳରେ ଛିଡ଼ା ହୋଇଛନ୍ତି । ସେ ମୋର ଏଇ ଦୁରବସ୍ଥା ଦେଖି ହସୁଥିଲା । ଲୋକଟାକୁ ଦେଖି ମନେ ହେଲା ସେ ଶିକ୍ଷିତ ଓ ଧନୀ । ମୁଁ ଯେତେବେଳେ ତା' ପାଖ ଦେଇ ଯାଉଥିଲି ସେ ମୋତେ ଲକ୍ଷ୍ୟ କରି କଣ କହିବାର ଶୁଣିଲି । ବୋଧହୁଏ ସେ ମେଣ୍ଡେରିନ୍ ଭାଷାରେ କଣ କହୁଥିଲା । ମୁଁ ତା' କଥାର କୌଣସି ଜବାବ ନ ଦେଇ ଆଗେଇ ଚାଲିଲି । ସାଇକେଲଟାକୁ ସେହି ପାହାଡ଼ିଆ ବାଟରେ ଠେଲି ଠେଲି ଯିବାରୁ ଏତେ ପରିଶ୍ରମ ହେଉଥିଲା ଯେ ମୁଣ୍ଡରୁ ଝାଳ ଗଡ଼ି ଦେହଯାକ ବୋହି ପାଦ ଉପରେ ଆସି ପଡୁଥିଲା । ଏଇଥିକୁ କହନ୍ତି ପରି-ମୁଣ୍ଡ ଝାଳ ଗୋଡ଼ରେ ପଡ଼ିବା ।

ସେଇ ଧନୀ ଲୋକଟାର ବିଦ୍ରୂପାତ୍ମକ ହସ, ମୁଣ୍ଡ ଝାଳ ଗଡ଼ ପାଦରେ ପଡ଼ିବା, ସାଙ୍ଗରେ ପହରା—ଏଇ ତିନୋଟି ଉପସର୍ଗ ମିଳି ମୋତେ ଉଦ୍‌ଭ୍ରାନ୍ତ କରି ଦେଉଥିଲା । ଯେଉଁ ସବୁ ମାଛି, ଘୁଷୁରି ରକ୍ତ ଶୋଷି ପିଅନ୍ତି ବେଳେ ବେଳେ ସେଇ ସବୁ ମାଛି ଆସି ମୋ ଗାଲ ଉପରେ ବସି ଏମିତି ଭାବରେ ଦଂଶନ କରୁଥିଲେ ଯେ ତାର ଜ୍ୱାଳା ସହ୍ୟ କରି ପାରୁ ନଥିଲି । ମୋ ଆଗରେ ଓ ପଛରେ ଯେଉଁ ଦୁଜଣ ଲୋକ ପହରା ଦେଇ ଚାଲୁଥିଲେ ତାଙ୍କୁ ଅନ୍ୟମନସ୍କ ଦେଖି ଖସି ଚାଲିଯିବା ସମୀଚୀନ ହେବ କି ନାହିଁ ଭାବୁ ଭାବୁ ପଛକୁ ଚାହିଁ ଦେଖିଲି—ପଛର ଲୋକ ଜଣକ ନାହିଁ । କେବଳ ଆଗର ଲୋକ ଜଣକ ରହିଛନ୍ତି । ମୁଁ ପଛରୁ ମୁହଁ ବୁଲାଇଲା ଷଣି ଅଗର ଲୋକଟା ମୋ ପାଖକୁ ଆସି ମୋ ହାତଟାକୁ ଧରି ପକାଇ କଣ

କହିଲ, ମୁଁ କିଛି ବୁଝିପାରିଲି ନାହିଁ । ତା' ହାତରେ ସେଇ ସ୍କୁରୁଣା ପିସ୍ତଲଟା ଥିଲା । ମୁଁ ଭାବିଲି, ଚୀନାମାନେ ପୁଣି ମଣିଷ, ତାଙ୍କର ପୁଣି ଗୋଟାଏ ପିସ୍ତଲ ! ମୋ ଭିତରେ ଭୂତ ଚପିଲା, ମାର୍ ସ୍ନେକାରକୁ ଗୋଟାଏ ନାତ ! ଭାବିବା ସାଙ୍ଗେ ସାଙ୍ଗେ କାମ କରିଗଲି । ଲୋକଟା ନାତ ଖାଇ ଭୂଇଁ ଉପରେ ଚିତ୍‌ପଟାଙ୍ଗ ହୋଇ ପଡ଼ି କ୍ରମାଗତ ଗୁଳି ଚଳାଇଲା । ହଠାତ୍ କେଉଁଠୁ କେତେ ଜଣ ସିପାହୀ ଆସି ମୋତେ କାବୁ କରି ପକାଇ ମୋ ହାତକୁ ବାନ୍ଧି ପକାଇଲେ । ସାଇକେଲଟାକୁ ସେମାନେ ଦଖଲ କରିନେଲେ । ମୁଁ ଭାବିଲି—ଯାଃ, ଏଥର ଝମେଲା ତୁଟିଗଲା । ସାଇକେଲଟାକୁ ସେମାନେ ଏଥର ଠେଲି ଠେଲି ନେବେ—ମୁଁ ଅନ୍ତତଃ ସେ ଯନ୍ତ୍ରଣାରୁ ବର୍ତ୍ତିଗଲି । ଆଉ ସାଇକେଲରେ ବୁଲିବାକୁ ଆଦୌ ଭଲ ଲାଗୁ ନଥିଲା । ଏଥର ଯଦି ଏମାନେ ମୋତେ ମାରି ପକାନ୍ତି, ତାହେଲେ ଏକାବେଳକେ ମୁକ୍ତି ପାଇ ଯିବି । ଆଉ ଏଇ ଦୁଃଖମୟ ଜୀବନ ଧରି ବୁଲିବାରେ କୌଣସି ସାର୍ଥକତା ନାହିଁ ! ବାସ୍ତବିକ୍ ଜୀବନ ପ୍ରତି ଏକ ବିତୃଷ୍ଣା ଭାବ ଆସୁଥିଲା ।

କଲି ଶୁରୁ ଭାରତବର୍ଷରେ, ଆସିଛି ଚୀନ ଦେଶକୁ । ବୈରାଗୀ ଭଳି ବୁଲିବି, ଆଉ ଖାଇବି—ଏଇ ଥିଲା ଇଚ୍ଛା । ଏତିକିବେଳକୁ ସେଇଠି ବିପଦ ଆସି ପଡ଼ିଲା ମୁଣ୍ଡ ଉପରେ । ଆଉ ଦରକାର ନାହିଁ ଏ ଜୀବନରେ । ମୁଁ ବାଟ ଉପରେ ଧପ୍ କରି ବସି ପଡ଼ିଲି । କେତେଜଣ ସିପାହୀ ମୋ ଉପରେ ଟିକିଏ ଅତ୍ୟାଚାର କରିବାକୁ ବସିଥିଲେ କିନ୍ତୁ ହଠାତ୍ ଯେପରି କାହାର ଇଙ୍ଗିତରେ ସେମାନେ ସେଥିରୁ କ୍ଷାନ୍ତ ହେଲେ । ମୋତେ ସେମାନେ ଜୋର କରି ଉଠାଇ ଚାଲିବାକୁ ବାଧ୍ୟ କଲେ । କେତେ ବାଟ ଗଲା ପରେ ପାହାଡ଼ିଆ ବାଟ ଶେଷ ହେଲା । କେତେ ଜଣ ଲୋକ ସାଇକେଲ ଧରି

ସେଠାରେ ଛୁଡ଼ା ଓହ୍ଲାଇଥିଲେ । ପାହାଡ଼ିଆ ପଥ ଅତିକ୍ରମ କଲା ପରେ ଏଥର ବୃକ୍ଷରାଜିରେ ପରିପୂର୍ଣ୍ଣ ସମତଳ ଭୂମି ଦେଖାଗଲା । ଗଛ ଗୁଡ଼ିକର ଡାଳ ଓ ପତ୍ର ଉପରେ ବରଫ ଜମି ବଡ଼ ସୁନ୍ଦର ଦେଖା ଯାଉଥିଲା । କେତେକ ଗଛ ମୂଳରେ ମଧ୍ୟ ବରଫ ଜମି ରହିଥିଲା । ମୁଁ ଗଛ ମୂଳରୁ ବରଫ ଉଠାଇବାକୁ ଚେଷ୍ଟା କଲି । ଅତି ଅଳ୍ପ ବରଫ ହାତରେ ଟିକେ ବାହାର କରି ପାରିଲି । ମୋର କଷ୍ଟ ଓ ଅବସ୍ଥା ଦେଖି ତାଙ୍କ ଭିତରୁ ଜଣେ ଲୋକ ମୋର ହାତରୁ ବନ୍ଧନ ଖୋଲି ଦେଲା । ବନ୍ଧା ହୋଇଥିବା ଯୋଗୁ ହାତରେ ଦାଗ ପଡ଼ି ଯାଇଥିଲା । ମୁଁ ସେଇ ସବୁ ସ୍ଥାନରେ ଧୀରେ ଧୀରେ ବରଫ ଲଗାଉଥିଲି ଆଉ ଆକାଶ ଆଡ଼କୁ ଚାହିଁ ମେଘର ବର୍ଣ୍ଣ ବୈଚିତ୍ର୍ୟ ଦେଖୁଥିଲି । ସେମାନେ ବୋଧହୁଏ ସେତେବେଳେ ମୋତେ ପାଗଳ ବୋଲି ଭାବି ନେଇଥିଲେ । କାରଣ ଏତେ କଷ୍ଟ ପାଇଲା ପରେ ମୋ ଭଳି କେହି ଆକାଶ ଆଡ଼କୁ ଚାହିଁ ମୁଗ୍‌ଧ ହେବ ନାହିଁ । ଜଣେ ଲୋକ ମୋ ଉପରେ ହାତ ପକାଇ ହଲାଇ ଦେଇ ପଚାରିଲା—"ସି-ମେ-ମି-ଆ" ଅର୍ଥାତ ତମର ନାମ କଣ ? ମୋର ନାଁ କଣ ତା'ମଧ୍ୟ ସେତେବେଳେ ମନେ ପଡ଼ୁ ନ ଥିଲା । ମୁଁ ସେତେ-ବେଳେ ଭାବୁଥିଲି ଅନ୍ୟ କଥା । ମୁଁ ଭାବୁଥିଲି, ମୃତ୍ୟୁ ପରେ ଯଦି ସବୁ ଶେଷ ହୋଇ ଯାଏ ତାହେଲେ କାହିଁକି ଏତେ କଷ୍ଟ ସହିବ ? ମୃତ୍ୟୁ ପରେ ମଧ୍ୟ କିଛି ରହୁଛି ବୋଲି ଆମର ଧାରଣା ଥାଏ ବୋଲି ତ ଆମେ ଏତେ କଷ୍ଟ ସହ୍ୟ କରି ବଞ୍ଚି ରହୁଥାଉ । ଏମିତି କେତେ କଣ ଅସଂପୃକ୍ତ ଭାବରେ ଭାବି ଚାଲିଥିଲି । ଏତିକବେଳେ ଆପଣା ନାମ ତ ଦୂର କଥା, ମୋ ଦେଶ କେଉଁଠି ତା ମଧ୍ୟ ହୁଏତ କହି ପାରନ୍ତି ନାହିଁ । ମୋ ଜୀବନରେ ଏ ଭଳି ତନ୍ମୟ ଭାବ କେବେ ଘଟି ନଥିଲା ।

କେତେବେଳ ପରେ ମୋର ଚୈତନ୍ୟ ଫେରି ଆସିଲା । ସେମାନେ ମୋତେ ସାଇକେଲରେ ବସିବାକୁ ନିର୍ଦ୍ଦେଶ ଦେଲେ ଓ ମୋ ସାଙ୍ଗରେ ଦୁଇଜଣ ଲୋକ ଦେଇ ମୋତେ ବାଟ ଉପରେ ଛାଡ଼ି ଦେଲେ । ଏ ଦୁହେଁ ଇଂରାଜୀ ଓ ହିନ୍ଦି ଭାଷା ଭଲ ଭାବରେ ଜାଣିଥିଲେ । ତାଙ୍କ ସାଙ୍ଗରେ କଥାବାର୍ତ୍ତା କଲା ପରେ ମନର ଶାନ୍ତି ଫେରି ଆସିଲା । ମୋତେ କାହିଁକି ସେମାନେ ଭିନ୍ନ ବାଟରେ ଆଣିଲେ ବୋଲି ତାଙ୍କୁ ପଚାରିଲି । ସେମାନେ ମୋତେ କହିଲେ ଯେ ମୁଁ ଯେଉଁ ବାଟରେ ଯାଉଥିଲି ତାହା ହେନ୍‌ଗ୍ରୋ-ଫୌ ଆଡ଼କୁ ଯାଇଛି । ହେନ୍‌ଗ୍ରୋ-ଫୌର ବହୁଦୂରରେ ଗୁଲିନ୍ ଅବସ୍ଥିତ । ଗୁଲିନ ସୁନ୍ଦର । ଗୁଲିନ୍‌ର ଲୋକ ଶିକ୍ଷିତ । ସୁନ୍ଦର ସହର ଓ ନବ ଶିକ୍ଷିତ ଲୋକଙ୍କୁ ନଦେଖି ଗଲେ ମୋର ଭ୍ରମଣର କୌଣସି ସାର୍ଥକତା ନାହିଁ । ମୋର ଭ୍ରମଣ ଯେପରି ବିଫଳ ନ ହେବ ସେଥିପାଇଁ ସେମାନେ ଏତେ ବାଟ ମୋତେ ଚଲାଇ ଆଣିଲେ । କଥା ପ୍ରସଙ୍ଗରେ ମୁଁ କହିଲି, ଯଦି ମୋତେ ଆଗରୁ କହିଥାନ୍ତେ ଏଇ ସବୁ ନୂଆ କଥା ମୋତେ ଦେଖି ଯିବାକୁ ହେବ, ତା ହେଲେତ ମୁଁ ସାନନ୍ଦରେ ରାଜି ହୋଇଥାନ୍ତି । ଜଣେ ତାର ଦାନ୍ତ ଦେଖାଇ ହସି ହସି କହିଲା—ଆପଣଙ୍କ ମାନସିକ ଅବସ୍ଥା ଆମେ ବେଶ୍ ବୁଝି ପାରୁଛୁ । ଆପଣଙ୍କର ନିଜସ୍ୱ କୌଣସି ମତାମତ ନାହିଁ । ଆପଣ ସିଧା ବାଟରେ ଯିବାକୁ ଚାହାନ୍ତି ବୋଲି ହେନ୍‌ଗ୍ରୋ-ଫୌ ଆଡ଼କୁ ମୁହାଁଇ ଥିଲେ । ଅନ୍ୟ ଲୋକ ହୋଇଥିଲେ ଆଗ ଗୁଲିନ୍ ଆଡ଼କୁ ନିଶ୍ଚୟ ଆସିଥାନ୍ତା । ଅପଣ ଗୁଲିନ୍ ଆସିବେ ନାହିଁ ଜାଣି ଆପଣଙ୍କୁ ଜୋର୍ କରି ଧରି ଆଣିବାକୁ ପଡ଼ିଲା ।

ପ୍ରାୟ ଦିନ ବାରଟା ବେଳକୁ ଆମେ ଗୋଟିଏ ସାନ ଗାଁରେ ପହଞ୍ଚି ବିଶ୍ରାମ ନେଲୁ । ଗାଁରେ ଜନମାନବ ଅତି କମ୍ । ଗାଁଟି

ପରିଷ୍କାର । କେଉଁଠୁ ହେଲେ କୌଣସି ପ୍ରକାର ଦୁର୍ଗନ୍ଧ ଅସୁ ନଥିଲା । ଗାଁ ଖଣ୍ଡିକରେ ମାରବାଡ଼ୀର ରାଜତ୍ୱ । ସାନ ସାନ ପିଲାମାନେ ମୋ ଆଡ଼କୁ କଦବା କେଉଁଠି ଗୁହାଁ ଦେଖୁଥିଲେ । ଗାଁ ଲୋକେ ସବୁ ଅପଣା ଆପଣା କାମରେ ବ୍ୟସ୍ତ ରହୁଥିଲେ । ଗାଁ ହୋଟେଲ୍ ପାଇଁ ରନ୍ଧା ହୋଇଥିଲା ଶାଗ ଭଜା, ଭାତ ଆଉ ମୂଳା ଶାଗର ଝୋଳ । ପେଟ ଭର୍ତ୍ତି ଖାଇ ମୁଁ ଗୋଟିଏ ରେଜାଇ ମାଗିନେଇ ମଞ୍ଚା ଉପରେ ଶୋଇ ପଡ଼ିଲି ।

ଅନ୍ୟାନ୍ୟ ଗ୍ରାମର ମଞ୍ଚା ଠାରୁ ଏ ଗାଁ ହୋଟେଲର ମଞ୍ଚା ଅନ୍ୟ ପ୍ରକାରର । ମଞ୍ଚାଟା ବହୁତ ଉଚ୍ଚ । ମଞ୍ଚାର ତଳଟା ପରିଷ୍କାର । କାନ୍ଥ କଟା ହୋଇ ନୂଆ ଝରକା, ଦ୍ୱାର ସବୁ ବସିଛି ବୋଲି ସ୍ପଷ୍ଟ ଜଣା ପଡୁଥାଏ । ପୂର୍ବରୁ ଏ ସବୁ ଘରେ ଏଭଳି ପ୍ରଶସ୍ତ ଦ୍ୱାର ଓ ଝରକା ନଥିଲା । ଝରକା ସବୁ ଖୋଲି ଦେଇ ମୁଁ ଶୋଇ ପଡ଼ିଲି । ମୋ ପାଖରେ ମୋର ସାଥୀମାନଙ୍କ ଭିତରୁ ଜଣେ ଶୋଇଲେ । ଅପର ଜଣକ ଗୋଟାଏ କାଗଜ ପତ୍ର ଧରି ଡିବି ସାହାଯ୍ୟରେ କଣ ଲେଖିବାକୁ ବସିଗଲେ । ସେ କଣ ଲେଖୁଛନ୍ତି ବୋଲି ମୁଁ ତାଙ୍କୁ ପଚାରିଲି । ଭଦ୍ରଲୋକ କହିଲେ—ମୋତେ କପରି ଭାବରେ ଏଯାଏଁ ଅଣା ହୋଇଛି, ସେଇଯା ଲେଖୁଛନ୍ତି । ଏଇ ଗାଁର ଲୋକେ ଆଜି 'ପ୍ରାଚୀର ସମ୍ବାଦପତ୍ର'ରେ ଏଇ ସମ୍ବାଦ ଗଳ୍ପ ଆକାରରେ ପଢିବାକୁ ପାଇବେ । ସାଧାରଣତଃ ହୋଟେଲ ଗୃହଙ୍କର କାନ୍ଥରେ ଏଇ ସବୁ 'ପ୍ରାଚୀର ସମ୍ବାଦପତ୍ର' ଟାଙ୍ଗି ଦିଆଯାଏ । ଆମ ହୋଟେଲ କାନ୍ଥରେ ସେଇଭଳି ଏକ ସମ୍ବାଦପତ୍ର ଝୁଲୁଥିଲା । ମୁଁ ହୋଟେଲ ଭିତରକୁ ପଶିବା ପୂର୍ବରୁ ତା' ଭଲ କରି ଦେଖିଥିଲି । କିନ୍ତୁ କିଛି ବୁଝି ପାରି ନଥିଲି ।

ଅପରାହ୍ନରେ ପୁଣି ଆମେ ବାହାରି ପଡ଼ିଲୁ । ଅକାଶ ସେତେବେଳେ ପରିଷ୍କାର ଥିଲା । ସାଇକେଲ୍ ଚଲାଇବାକୁ ଖୁବ୍ ଭଲ ଲାଗୁଥିଲା । ସୂର୍ଯ୍ୟାସ୍ତ ପୂର୍ବରୁ ଅମେ ଗୋଟିଏ ବିରାଟ ପ୍ରାନ୍ତର ଭିତରେ ଅସି ପଡ଼ିଲୁ । ସେଠାରେ କେତେଗୁଡ଼ାଏ ମୃତ ଦେହ ପଡ଼ିଥିଲା । ଶବଗୁଡ଼ିକ କବର ଦେବା ପାଇଁ କୌଣସି ବ୍ୟବସ୍ଥା ହୋଇ ନଥିଲା । ଏଇ ସବୁ ମୃତ ଦେହ ଏଠାକୁ କିପରି ଆସିଲା ବୋଲି ମୁଁ ସଙ୍ଗୀ ଜଣକୁ ପଚାରିଲି । ଶୁଣିଲି, ଏଇ ସବୁ ଲୋକ ସୋଭିଏଟର ବିରୁଦ୍ଧାଚରଣ କରିଥିଲେ ବୋଲି ତାଙ୍କୁ ଗୁଳି କରି ମରା ହୋଇଥିଲା । ସଙ୍ଗୀଗଣ ଏହାଠୁ ଅଧିକ ଆଉ କିଛି କହିଲେ ନାହିଁ । ଶବ ଦେହ ଗୁଡ଼ିକରେ ଯେଉଁ ସବୁ ପୋଷାକ ପରିଚ୍ଛଦ ଥିଲା ସେ ସବୁ ମୂଲ୍ୟବାନ ବୋଲି ମନେ ହେଉଥିଲା ।

ରାତିରେ ଅମେ ଗୋଟିଏ ବଡ଼ ଗାଁରେ ଅସି ପହଞ୍ଚିଲୁ । ଗାଁରେ ଆଲୁଅର ବଡ଼ ଅଭାବ ଥିଲା । ଏଠାରେ ମଧ୍ୟ ଆମେ ଗୋଟିଏ ହୋଟେଲରେ ରହିଲୁ । ହୋଟେଲ ନିକଟରେ ଗୋଟିଏ ପତାକା ଝୁଲୁଥିଲା । ପତାକାଟିର ସ୍ୱରୂପ ସେଦିନ ରାତିରେ ଦେଖି ପାରି ନଥିଲି—ତା' ପରଦିନ ସକାଳେ ଦେଖିଲି । ଲାଲ ରଙ୍ଗର ପତାକା । ଏଇଠାରେ ପ୍ରକୃତ ସୋଭିଏଟ ଆରମ୍ଭ ହୋଇଛି । ଗୋଲମାଲ କିଛି ନାହିଁ, ପୋଲିସ୍ ନାହାନ୍ତି, ସବୁଠାରେ ଶାନ୍ତିମୟ ବାତାବରଣ, ଅଥଚ ଭିନ୍ନ ଲୋକ ଭିନ୍ନ ରକମର ଶାସନ କାର୍ଯ୍ୟ ଚଳାଉଛନ୍ତି । ନୂତନ ଶାସନ ପଦ୍ଧତି ମୋତେ ବଡ଼ ଭଲ ଲାଗିଲା । ବେକାର, ଭିଖାରି, ବାରବନିତା, ଦୁର୍ଭିକ୍ଷ, ଶିଶୁଶ୍ରମିକ, ଜନସାଧାରଣ ଉପରେ ଦର କଷାକଷି, ଦରକାରରୁ ବେଶୀ କଥା କହିବା— କିଛି ଦେଖିବାକୁ ପାଇଲି ନାହିଁ । ସମସ୍ତେ ଲେଖାପଢ଼ାରେ ଓ

ଅପଣା ଅପଣା କାମରେ ବ୍ୟସ୍ତ । ଅଣ୍ଡ ଚେଟ୍ଲାର୍ଙ୍କ ସମାଜର ଓ ଶାସନ ବ୍ୟବସ୍ଥା ବୋଲି ମନେ ହେଲା—ଗାଁଟା ଯେପରି ଗୋଟିଏ ପରିବାରଭୁକ୍ତ ।

ରାସ୍ତାରେ ଆମେ ଗୋଟିଏ ନାଇଟ୍ ସ୍କୁଲ୍‌କୁ ଗଲୁ । ସେଠାରେ ପହଞ୍ଚି ଦେଖିଲୁ, ପ୍ରାୟ ହଜାରେ ଭିତରେ ଲୋକ ବକ୍ତୃତା ଶୁଣୁଛନ୍ତି । ଆମେ ମଝି ପଛରେ ବସି ବକ୍ତୃତା ଶୁଣିଲୁ । ଯେଉଁ ଭଦ୍ରଲୋକ ବକ୍ତୃତା ଦେଉଥିଲେ, ତାଙ୍କର କଥା ଶେଷହେଲାକ୍ଷଣି ମୋତେ ଡାକି ତାଙ୍କ ସ୍ଥାନରେ ନେଇ ଛିଡ଼ା କରାଇ ଦେଲେ । ମୁଁ ସମସ୍ତଙ୍କୁ ମୋ ଦେଶର ପଦ୍ଧତି ଅନୁଯାୟୀ ହାତଯୋଡ଼ି ନମସ୍କାର ଜଣାଇ କିଛି କହିଲି । ଏତେ ଲୋକଙ୍କୁ ଏଭଳି ଅଳ୍ପ ସ୍ଥାନରେ ନୀରବରେ ଶୃଙ୍ଖଳା ସହକାରେ ବସିଥିବାର ଦେଖି ମୋର ଦୃଢ଼ ବିଶ୍ୱାସ ହୋଇଥିଲା—ଏମାନେ ସଭିଏଁ ପ୍ରକୃତ କାମର ଲୋକ । ବାଜେ କଥାରେ ହୋ ହୋ ଘୋଘୋ ହେବାକୁ ଏମାନେ ଘୃଣା ବୋଧ କରନ୍ତି । ମୋ କଥା ଚୀନା ଭାଷାରେ ଅନୁବାଦ କରି ଦୋଭାଷୀ ଜଣକ ଶୁଣାଇଲା ପରେ ସମସ୍ତେ ହାତ ଟେକି ଏକ ପ୍ରକାର ଇଙ୍ଗିତ କଲେ । ମୋର ମନେହେଲା ଯେପରି ହଜାରେ ହାତ ଏକା ସାଙ୍ଗରେ ମୋତେ ଅଭିନନ୍ଦନ ଜଣାଉଛି । ତାଙ୍କର ପ୍ରଥା ସହ ମୋର ପରିଚୟ ନଥିଲା । ସେ ସ୍ଥାନରୁ କେତେକ ବିଷୟ ଶିଖି ପାରିଥିଲି, ବହୁକଥା ନୂଆ କରି ଜାଣିଥିଲି । ମୃକ୍‌ଡେନ୍‌ରେ ଯେଉଁ ବିରାଟ ଶକ୍ତି ସଂଗଠିତ ହୋଇ ଉଠୁଥିଲା—ତା' ଆପଣା ଆଖିରେ ଦେଖିଲି ।

# ନିଶାଣର ପରିଚୟ

ଦେଶ ବିଦେଶରେ ଜାତୀୟ ପତାକାଗୁଡ଼ିକ ପ୍ରାୟ ଆମ ନଜରରେ ପଡ଼େ ନାହିଁ । ଦୈବାତ୍ କୌଣସି ବୈଦେଶିକ ପତାକା ଆମେ ଦେଖିଲେ ମଧ୍ୟ ସେଥିପ୍ରତି ବିଶେଷ ଦୃଷ୍ଟି ଦେଉନା । ଚୀନ ଦେଶର ପତାକା ଯେ କେଉଁ ପ୍ରକାର ତା'ର ଖବର ବା କେତେଜଣ ରଖନ୍ତି ? ମୁଁ ସିଂଗାପୁରରେ ଥିଲାବେଳେ ଚୀନର ପତାକା ଦେଖିଥିଲି ଆଉ ତାକୁ ଅର୍ଦ୍ଧଚନ୍ଦ୍ର ସଙ୍ଗେ ତୁଳନା କରୁଥିଲି । ଚୀନ୍ ଦେଶକୁ ଗଲାପରେ ମୋର ସେ ମତ ବଦଳି ଯାଇଥିଲା । ସେଠାରେ ଲୋକେ ଉଦୀୟମାନ ସୂର୍ଯ୍ୟକୁ ପତାକାର ପ୍ରତୀକ ରୂପେ ନିର୍ଦ୍ଦେଶ କରିଥାନ୍ତି ।

ଗୁଲନ୍ ସୋଭିଏଟର ପତାକାଟି ରାତିରେ ଭଲ କରି ଦେଖି ପାରିନଥିଲି, କିନ୍ତୁ ପତାକାର ମଧ୍ୟସ୍ଥଳରେ ଯେ ଦା' ଓ ହାତୁଡ଼ିର ଚିହ୍ନ ଥିଲା, ତା' ମୋ ନଜରରେ ପଡ଼ିଥିଲା । ପରଦିନ ସକାଳୁ ଉଠି ସେଇ ଲାଲ ପତାକା ଖଣ୍ଡିକ ଭଲକରି ଦେଖି ବୁଝିଲି ଯେ ପୁରୁଣା ଚୀନର ପତାକାକୁ ଏକାବେଳକେ ଉପେକ୍ଷା କରି ନାହାନ୍ତି । ଲାଲ କନା ଉପରେ ଧଳା ସୂତାରେ ସୂର୍ଯ୍ୟ ବଦଳରେ ଗୋଟିଏ ଗୋଲାକାର ବୃତ୍ତ କରା ହୋଇଛି ଆଉ ତା' ଉପରେ ବଡ଼କରି ଦା' ଓ ହାତୁଡ଼ିର ଚିହ୍ନ ଅଙ୍କା ହୋଇଛି । ଖାଲି ଆଖିରେ

ସୂଚାର ବୃତ୍ତିଟା ଆଦୌ ଦେଖାଯାଏ ନାହିଁ । ସେଦିନ ସକାଳେ ନାନା ଦେଶର ପତାକା ସମ୍ବନ୍ଧରେ ନାନା କଥା ଚିନ୍ତା କରି ବାଟ ଚାଲୁଥିଲି । ବେଳେ ବେଳେ ମୋର ଛାତିଭିତରୁ ଦୀର୍ଘଶ୍ୱାସ ବାହାରି ଆସୁଥିଲା । ଚୀନା ଛଡ଼ା, ପୃଥିବୀର ପ୍ରାୟ ସବୁ ଜାତି ଉନ୍ନତ ଅବସ୍ଥାକୁ ଦ୍ରୁତ ଆଗେଇ ଚାଲିଛନ୍ତି । ଆଜି ଆମେ ସବୁଠୁ ପଛରେ ପଡ଼ି ରହିଛୁ । ଆମ ପକ୍ଷରେ ଅଗ୍ରସର ହେବାର ଯେପରି କୌଣସି ପ୍ରୟୋଜନ ନାହିଁ । ଆମେ ଯେ କଣ ସେ କଥା ଏଯାଏଁ ଭାବି ମୁଁ ସ୍ଥିର କରି ପାରିଲି ନାହିଁ । ଏଭଳି ଚିନ୍ତାଧାରା ଘୂରି ଘୂରି ଆସିଯାଏ । ସେଥିରେ କେହି ବାଧ୍ୟ ଦେଇ ପାରିବ ନାହିଁ । କାରଣ ଅପଣା ଅବସ୍ଥା ସହିତ ଅନ୍ୟର ଅବସ୍ଥା ତୁଳନା କରି ଦେଖିବା ପ୍ରବୃତ୍ତି ସ୍ୱାଭାବିକ ।

ଦିପହର ବେଳକୁ ଆମେ ଗୋଟିଏ ଗାଁରେ ଆସି ପହଞ୍ଚିଲୁ । ସେଇ ଗାଁରେ ଗୋଟିଏ ମିଲିଟାରୀ ସ୍କୁଲ ଥିଲା । ସ୍କୁଲ ଘରଟା ଦୂରରୁ ଦେଖା ଯାଉଥିଲା । ଆମେ ସିଧା ସ୍କୁଲକୁ ନଯାଇ ଆଗ ହୋଟେଲକୁ ଗଲୁ ଓ ଉପର ଓଳି ସ୍କୁଲକୁ ଯିବା ସ୍ଥିର କଲୁ । ସାଥିମାନଙ୍କୁ ପ୍ରଶ୍ନ କରି ଜାଣିଲି, ମିଲିଟାରୀ ସ୍କୁଲରେ ଛାତ୍ରମାନଙ୍କୁ ମାସଟିଏ ମାତ୍ର ଶିକ୍ଷା ଦିଆଯାଏ । ସେଇ ମାସକ ଭିତରେ ପ୍ରତ୍ୟେକ ଛାତ୍ରକୁ ଯୁଦ୍ଧ କୌଶଳ ଶିକ୍ଷାଠୁ ଆରମ୍ଭ କରି ଗଠନମୂଳକ କାର୍ଯ୍ୟ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବାକୁ ପଡ଼େ । ମନେ ମନେ ଭାବିଲି, ଏ ଯେ ହେଉଛି ଅସଲ ଶିକ୍ଷା । ଦରକାର ପଡ଼ିଲେ ମାସକ ଭିତରେ ଶିକ୍ଷାକାଳ ଶେଷ ହୋଇଯାଏ । ପୁଣି ଯେତେବେଳେ ଦରକାର ନ ଥାଏ ସେତେବେଳେ ଜୀବନଟାଯାକ ସ୍କୁଲରେ ରହି ମଧ୍ୟ ଶିକ୍ଷାର ପରିସମାପ୍ତି ହୁଏ ନା ।

ଭୋଜନଟା ବଡ଼ ଚମତ୍କାର ହେଲା । ଖାଇସାରି ବିଶ୍ରାମ କରୁ-କରୁ ନାନା କଥା ଭାବୁଥିଲି । ସେ ସବୁକଥା ଅନ୍ୟ କାହା ସମ୍ପର୍କରେ ନୁହେଁ, ଆପଣା ସମ୍ପର୍କରେ । କିନ୍ତୁ ସଙ୍ଗୀଜଣେ ମୋର ମନୋଭାବ ଜାଣିପାରି ପଚାରିଲେ—ଆପଣ ସେଇ କୋଣରେ ବସି ବସି କଣ ଭାବୁଛନ୍ତି ? ମୁଁ ଆଉ କହିବି କଣ ? ଅସଲ କଥା କହି ପାରୁ ନାହିଁ—ମୁଁ ଭାବୁଥିଲି ମୋର ଭ୍ରମଣ ସମ୍ପର୍କରେ । ତେଣୁ ଗୋଟାଏ ବାଜେ କଥାର ଅବତାରଣା କରିବାକୁ ବାଧ୍ୟ ହେଲି—କହିଲି, ଆପଣଙ୍କର ଦାଢ଼ିଟି ପଢାକାକୁ ମିଶାଇ ବୋଧହୁଏ ଗୋଟିଏ କରି ହେଉଛି, ନୁହେ କି ? ସଙ୍ଗୀ ଜଣକ କହିଲେ—ଏ ସମ୍ବନ୍ଧରେ ମିଲିଟାରି ସ୍କୁଲକୁ ଯାଇ କଥାବାର୍ତ୍ତା ହେବା ।

ପ୍ରାୟ ଅଢ଼େଇଟା ବେଳେ ବେଶ୍ ଅସରାଏ ବର୍ଷା ହୋଇ ଗଲା, ତା'ପରେ ଶିମୁଳି ତୁଳା ଭଳି ବରଫ ପଡ଼ିବାକୁ ଆରମ୍ଭ କଲା । ଆଜି ଯେ ଆଉ ଘର ଭିତରୁ ପଦାକୁ ବାହାରି ହେବ ନାହିଁ, ଏ କଥା ସ୍ପଷ୍ଟ ବୁଝି ପାରିଲି—ତେଣୁ କମ୍ବଳ ଘୋଡ଼ି ହୋଇ ଶୋଇ ପଡ଼ିଲି । ନିଦରୁ ଉଠି ଜଣାହେଲେ ଖାଇବାକୁ ଇଚ୍ଛା ହେଲା, କିନ୍ତୁ ଦୋକାନଗୁଡ଼ିକରେ କିଣିଲା ଭଳି କିଛି ନ ଥିଲା । ଭାବିଲି, ଏଇପରି ଯଦି ସୋଭିଏଟ ଚୀନ୍‌ର ଅବସ୍ଥା—ତା ହେଲେ ତ ସର୍ବନାଶ ! ସଙ୍ଗୀ ଜଣକୁ ପଚାରିଲି, ଏଠାରେ କୌଣସି ମିଠା ଜିନିଷ ମିଳିବ କି ନାହିଁ । ସଙ୍ଗୀ କହିଲେ, ସବୁ ମିଳିବ କିନ୍ତୁ ବର୍ତ୍ତମାନ କିଣି ପାଇବେ ନାହିଁ । ଅଠର ଘଣ୍ଟାକ ପରେ ଗୋଟିଏ ଦୋକାନରେ ମିଠା ଜିନିଷ ମିଳିବ । ଆପଣ ଏଇଠି ବସନ୍ତୁ, ମୁଁ ଆପଣଙ୍କର କ'ଣ କ'ଣ ଦରକାର ଦୋକାନକୁ ଯାଇ ଲେଖିଦେଇ ଆସେ । କଥାଟା କହିବା ସଙ୍ଗେ ସଙ୍ଗୀ ଜଣକ ଅପର ସଙ୍ଗୀକୁ

ଆଖିରେ ଲୁଣ ଠାର ହେଲା । ବୁଝିଲି, ମୋ ନାଁ କହୁ ହେବାନକୁ ମିଠେଇ ଆସିବ ଆଉ ସେଥିରେ ସେମାନେ ମଧ୍ୟ ଭାଗୀଦାର ହେବେ ।

ସର୍ଗୀଇଙ୍କ ହୋଟେଲ ପରେ ଆମେ ମିଲିଟାରୀ ସ୍କୁଲକୁ ଗଲୁ । ସେତେବେଳେ କେତେଜଣ ମାତ୍ର ଛାତ୍ର ଉପସ୍ଥିତ ଥିଲେ । ସେମାନେ ଆପଣା ଆପଣା କାମରେ ବ୍ୟସ୍ତ ଥିଲେ । ଆମେ ସେଠାରେ ପହଞ୍ଚିଲା ପରେ ମଧ୍ୟ କେହିହେଲେ ଆମ ଆଡକୁ ଚାହିଁ ଦେଖିଲେ ନାହିଁ । ତାଙ୍କର ଏ ବ୍ୟବହାରରେ ମୋର ଭୀଷଣ ରାଗ ହେଲା । ସେତେବେଳେ ମୋର ଗୋଟାଏ ବଦଭ୍ୟାସ ଥିଲା—ଯଦି ମୋ ଆଡ଼କୁ କେହି ଚାହୁଁ ନ ଥିଲା, ମୁଁ ଭାବୁଥିଲି ଯେ, ସେ ମୋତେ ଅବଜ୍ଞା କରୁଛନ୍ତି । ଏମାନେ କିନ୍ତୁ ମୋତେ ଅବହେଳା କରି ନାହାନ୍ତି । ବରଂ ସେମାନେ ଏକାଗ୍ର ଭାବରେ ଆପଣା କାମ କରିଯାଉଥିଲେ । ସର୍ଗୀମାନେ ତାଙ୍କ କାମରେ ବାଧା ଦେଇ କଥାବାର୍ତ୍ତା ଆରମ୍ଭ କଲେ । ତାଙ୍କ ଭିତରେ କଣ ସବୁ କଥାବାର୍ତ୍ତା ହେଲା । ତା'ପରେ ଜଣେ ସର୍ଗୀ ମୋ ଆଡ଼କୁ ଚାହିଁ କହିଲେ—ଆମର ଦୁଇଟି ପତାକା ମିଶି କାହିଁକି ଗୋଟିଏ ହେଲା ତାର କାରଣ କହୁଛୁ ।

ଡାକ୍ତର ସୁନ୍-ୟାତ୍-ସେନ୍ ଙ୍କର ପତାକାକୁ ଆମର ଜାତୀୟ ପତାକାରୂପେ ଗ୍ରହଣ କରିଥିଲେ ତାକୁ ଆମେ ଅବଜ୍ଞା କରୁ ନାହିଁ, କିନ୍ତୁ ତା' ବୋଲି ରକ୍ତ ପତାକାକୁ ଅମେ ଭୁଲିବୁ ମଧ୍ୟ ନାହିଁ । ୧୯୧୧ରେ ଆମ ଦେଶରେ ଜାତୀୟ ଭାବଧାରା ଜାଗ୍ରତ ହୋଇଥିଲା ଆଉ ତା' ସଙ୍ଗେ ସଙ୍ଗେ ଆମର ଜାତୀୟ ପତାକା ମଧ୍ୟ ନୂତନ ହୋଇ ପ୍ରସ୍ତୁତ ହୋଇଥିଲା । ଚୀନ୍‌ର ସନାତନୀ-

ଗଣ ସାମ୍ରାଜ୍ୟବାଦୀ ଓ ପୁଞ୍ଜିବାଦୀ । ଆମେ ସେଇ ଜାତୀୟତା-ବାଦୀଙ୍କର ଏଇ ଦୁଇଟି ବିଶେଷଣ ଉଡ଼ାଇ ଦେଇଥିଲୁ ସତ, କିନ୍ତୁ ଆମେ ଚୀନା ହୋଇ ରହିଛୁ । ରୁଷ ହୋଇ ନାହୁଁ କିମ୍ବା ଜର୍ମାନ ଭାଷା ଆମର ମାତୃଭାଷାରେ ପରିଣତ ହୋଇ ନାହିଁ । ଆମେ ଚୀନ ଥିଲୁ, ବର୍ତ୍ତମାନ ମଧ୍ୟ ଚୀନା ହୋଇ ରହିଛୁ, ଭବିଷ୍ୟତରେ ମଧ୍ୟ ଚୀନା ହୋଇ ରହିବୁ । କେବଳ ବୈଦେଶିକ ପ୍ରଗତିଶୀଳ ଭାବଧାରା ଆମେ ଗ୍ରହଣ କରିଛୁ । ସେଥିପାଇଁ ଯେତିକି ପରିବର୍ତ୍ତନ ଦରକାର ସେତିକି ପାଇଁ ଆମେ ପୂର୍ଣ୍ଣପ୍ରାଣରେ ଉଦ୍ୟମ କରିଛୁ । କଥାଟା ଅଯୌକ୍ତିକ ନୁହେଁ, ମୁଁ ତାଙ୍କର କଥା-ଗୁଡ଼ିକୁ ମାନି ନେଇଥିଲି । ହାରବିନ୍‌ରେ ପହଞ୍ଚି ଯେତେବେଳେ ସୋଭିଏଟ ରୁଷ୍‌ର ପତାକା ଦେଖିଥିଲି, ସେଥିରେ ମଧ୍ୟ ଦେଖିଥିଲି ପ୍ରାଚୀନ ରୁଷର ପତାକାକୁ ଭର୍ତ୍ତିକରି ନୂତନ ପତାକା ଗଢି ଉଠିଛି । ଚୀନାମାନଙ୍କର ପତାକା ପରିବର୍ତ୍ତନର ଗୁଢ଼ତଥ୍ୟ ଜାଣି ଆନନ୍ଦିତ ହୋଇଥିଲି । ମନେ ମନେ ତାଙ୍କୁ ପ୍ରଶଂସା କରିଥିଲି । ଜାତୀୟତାବାଦକୁ ମୂଳଦୁଆ କରି ଏଇ ପରି ଭାବରେ ସମାଜ-ବାଦ ଗଢ଼ି ଉଠେ ।

# ଚାଲିନ୍ ସୋଭିଏଟ୍

ଉପରଓଳି ଯାଗ ଅସ୍ତ୍ରା ଥିଲି । ବେଳେବେଳେ କାଲୁଆ ପବନ ଆସି ମୋତେ ଥରାଇ ଦେଉଥିଲା । ମୁଁ ଆଜି ଆଉ ଏ ଗାଁ ଛାଡ଼ି ଯିବି ନାହିଁ ବୋଲି ଭୀଷ୍ମ ପ୍ରତିଜ୍ଞା କରିଥିଲି । ସାଥୀଗଣ ଥରେ ଦିଥର ମୋତେ ବାହାରି ପଡ଼ିବାକୁ କହିଲେ—କିନ୍ତୁ ମୁଁ ତାଙ୍କ କଥାରେ କାନ ଦେଇ ନ ଥିଲି । ରାତିରେ ହୋଟେଲରେ ନ ଖାଇ ଜଣେ କୃଷକ ଘରକୁ ଖାଇବାକୁ ଯାଇଥିଲି । କୃଷକର ସେଇ ପୁରୁଣାକାଳିଆ ଘର, ଦେଖିଲେ ଜଣାଯାଏ ଯେ ଘରଟାର କୌଣସି ଉନ୍ନତି ହୋଇ ନାହିଁ । ତଥାପି ଗୋଟିଏ ଉନ୍ନତି ଦେଖି ବଡ଼ ଆନନ୍ଦ ହେଲା ମନରେ । କୃଷକ ସହିତ ଯେଉଁ ସବୁ ଶ୍ରମିକ ଥାଆନ୍ତି, ତାଙ୍କର ଖାଦ୍ୟ ପାଇଁ ପାଚକ ନିଯୁକ୍ତ ହୋଇଛି, ସ୍ନାନର ବ୍ୟବସ୍ଥା ଅଛି, ଶୋଇବା ପାଇଁ ଭଲ ବିଛଣା ରହିଛି ଆଉ ଖାଇବା ପାଇଁ ରହିଛି ଉତ୍ତମ ଖାଦ୍ୟର ବ୍ୟବସ୍ଥା । ସବୁ ସେମାନେ ନିଜ ହାତରେ କରନ୍ତି । କୃଷକର ଏଥିରେ କୌଣସି ହାତ ନାହିଁ । ପୂର୍ବରେ କୃଷକ ଥିଲେ ଠାକୁରା, ଅର୍ଥାତ ଧନୀ । ବର୍ତ୍ତମାନ ସେ ଆଉ ଧନୀ ନୁହନ୍ତି, ସେ ମଧ୍ୟ ଜଣେ ଶ୍ରମିକ । ସେତେବେଳେ ଶୀତକାଳ । ଶ୍ରମିକଗଣ ପ୍ରାୟ ଚାଲି ଯାଇଛନ୍ତି । ଯେଉଁମାନେ ଅଛନ୍ତି ସେମାନେ କୃଷକର ସଞ୍ଚିତ ଶସ୍ୟକୁ ପହରା ଦେଉଛନ୍ତି । କୃଷକ

ଗୋପନରେ କୌଣସି ଶସ୍ୟ ରଖୁଛନ୍ତି କି ନା, ଜମିରେ କାମ କରିବା ପାଇଁ ହଳ ଲଙ୍ଗଳର ଯନ୍ତ୍ରଗୁଡ଼ିକ ଯେଉଁ ମିସ୍ତ୍ରୀ ପରିଷ୍କାର କରୁଛନ୍ତି, ସେ ଉପଯୁକ୍ତ ମଜୁରି ପାଉଛନ୍ତି କି ନା, ଯେଉଁ ସବୁ କାମ କୃଷକର ବ୍ୟକ୍ତିଗତ—ସେ ସବୁ କାମ ସେ ଠିକ୍ ଠିକ୍ କରୁଛନ୍ତି କି ନା ଏସବୁ ଉପରେ ସେମାନେ ନଜର ରଖନ୍ତି । କାମବେଳେ ଏମାନେ ଥିଲେ ଶ୍ରମିକ, ବର୍ତ୍ତମାନ ଏମାନେ ସିପାହୀ ଓ ମାଲିକ ।

ଆଟମ ପହଞ୍ଚିଲା ପରେ ଖାଦ୍ୟର ବ୍ୟବସ୍ଥା ହେଲା । ନାନା ପ୍ରକାର ଖାଦ୍ୟ ଦ୍ରବ୍ୟର ସମାବେଶ ହେଲା । କୃଷକଙ୍କ ସ୍ତ୍ରୀ ପ୍ରାୟ ଛଅ ପ୍ରକାର ଚଟଣି ଆପଣା ହାତରେ ପ୍ରସ୍ତୁତ କରିଥିଲେ । ହଟେଲରେ ଯେ ଚଟଣି ତିଆରି ହୁଏ ତା' ମୁଁ କଳ୍ପନା ବି କରି ନ ଥିଲି । ହୁନାନ୍ ପ୍ରଦେଶର ଲୋକେ ଚଟଣି ଖାଇବାକୁ ବେଶୀ ଭଲପାନ୍ତି ବୋଲି ମନେ ହେଲା । ନାନା ପ୍ରକାର ପରିବା ସିଝା ହୋଇ ଚୀନା ପାତ୍ରଗୁଡ଼ିକରେ ସଜା ହୋଇ ରହିଥିଲା । ଆମେ ପରମ ତୃପ୍ତିରେ ଅକଣ୍ଠ ଭୋଜନ କରି ସେ ଦିନ କୃଷକଙ୍କ ଘରେ ରହିବା ସ୍ଥିର କଲୁ । ହୋଟେଲକୁ ଫେରିବାକୁ ମୋର ଆଦୌ ଇଚ୍ଛା ହେଉ ନ ଥିଲା । ହୋଟେଲର ବିଛଣାଗୁଡ଼ିକରେ ଉକୁଣୀ ଭର୍ତ୍ତି—ଏଠାରେ ତାର ସମ୍ଭବ ନାହିଁ । ରାତିଟା କୃଷକଙ୍କ ଘରେ କଟାଇ ପରଦିନ ଆମେ ଗୁଲିନ୍ ଅଭିମୁଖରେ ବାହାରି ପଡ଼ିଲୁ ଦ'ପହରେ ଗୋଟିଏ ସ୍ଥାନରେ ଖାଇ ପିଇ ଟିକିଏ ବିଶ୍ରାମ ନେଇ ଥିଲୁ ।

ସନ୍ଧ୍ୟା ପାଞ୍ଚଟା ବେଳକୁ ଆମେ ଗୁଲିନ୍‌ରେ ଆସି ପହଞ୍ଚିଲୁ । ତାହା ପାଇ ମୁଁ ଲକ୍ଷ କଲି, ଜନସାଧାରଣଙ୍କ ଭିତରେ ଜାପାନ ବିରୁଦ୍ଧରେ ପ୍ରବଳ ବିକ୍ଷୋଭ ସୃଷ୍ଟି ହୋଇଛି । ସେତେବେଳେ ଚୀନ ଓ ଜାପାନ ମଧ୍ୟରେ ଶତ୍ରୁତା ଓ ଯୁଦ୍ଧ ଚାଲିଥାଏ ।

ଗୁଲାନ୍ ସହର ଉପକଣ୍ଠରେ ପହଞ୍ଚି ମୁଁ ସଙ୍ଗୀମାନଙ୍କୁ କହିଲି—ବର୍ତ୍ତମାନ୍ ମୁଁ ସହର ଭିତରକୁ ଯିବି ନାହିଁ, ଏଠାରେ ଟିକିଏ ବିଶ୍ରାମ ନେଲା ପରେ ଯିବି । ଆପଣମାନେ ସହରକୁ ଯାଇ ମୋର ରହିବା'ର ବ୍ୟବସ୍ଥା କରନ୍ତୁ । ମୋ କଥା ଉପରେ ବିଶ୍ୱାସ ରଖି ସଙ୍ଗୀ ଦଳେ ଚାଲିଗଲେ । ମୁଁ ନିକଟରେ ସ୍ରୋତହୀନ ଗୋଟିଏ ସାନ ନଦୀକୂଳରେ ଯାଇ ବସିଲି । କେତେବେଳଯାଏ ନଦୀର ସ୍ଥିର ପାଣି ଆଡ଼କୁ ଚାହିଁ ରହିଲି ପରେ ହଠାତ୍ ମୋର ଦୃଷ୍ଟି ଯାଇ ଗୋଟିଏ ବାଳିକା ଉପରେ ପଡ଼ିଲା । ବାଳିକାଟି କୋଳ ପଡ଼ିଆରେ ବସି କଅଁଳ ଘାସ, ଶାଗଭଳି ଉପାଡ଼ୁଥିଲା । ତାର ବୟସ ବାରରୁ ବେଶୀ ହେବ ନାହିଁ । ମୋତେ ସେ ଦେଖି ପାରିଲା । ସନାତନୀ ଚୀନ୍ ଦେଶରେ ଏଇ ବୟସର କୌଣସି ଚୀନା ବାଳିକା ମୋତେ ଦେଖି ଏଭଳି ନିର୍ଭୀକ ଭାବରେ କାମ କରି ପାରନ୍ତା ନାହିଁ । ମୋତେ ଭୂତ ଭାବି ହୁଏତ ପଳାଇ ଯାଆନ୍ତା—ନହେଲେ ଭୟରେ ଅଜ୍ଞାନ ହୋଇ ପଡ଼ନ୍ତା । କିନ୍ତୁ ଏଇ ବାଳିକାଟି ଠିକ୍ ତାର ବିପରୀତ । ମନେ ମନେ ଭାବିଲି, ନିଶ୍ଚୟ ଏମାନଙ୍କର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି । ମୁଁ ଆଉ ସେ ବାଳିକା ଆଡ଼କୁ ନ ଚାହିଁ ହାତ ଉପରେ ମୁଣ୍ଡ ରଖି ଶୋଇ ପଡ଼ିଲି । ମୋ ମଗଜ ଭିତରେ ଗଞ୍ଜୁଡ଼ିଙ୍କ ଭଳି ଗୋଟିକ ପରେ ଗୋଟିଏ ଚିନ୍ତା ଆସି ପର ମୁହୂର୍ତ୍ତରେ ଲୟ ପାଉଥିଲା ।

କେତେବେଳେ ଯେ ନିଦ ଆସି ସବୁ ଚିନ୍ତାକୁ ଭୁଲାଇ ଦେଇଥିଲା, ମୋତେ ଜଣା ନାହିଁ । ହଠାତ୍ ଜଣାଗଲା, ପାଖରେ ବସି କିଏ ଯେପରି କଥା କହୁଛନ୍ତି । ଧଡ଼ପଡ଼ ହୋଇ ଉଠି ବସି ଦେଖିଲି, ଜଣେ ବୃଦ୍ଧ ବ୍ୟକ୍ତି ମୋ ନିକଟରେ ବସିଛନ୍ତି । ତାଙ୍କର ମୁହଁର ଦାଢ଼ି ଦେଖିବାକୁ ଭାରି ସୁନ୍ଦର । ହାତରେ ତାଙ୍କର ଚୀନା

ହୁକା । ସେ ମୋତେ ଦେଖି ମଧ୍ୟ ନିର୍ବିକାର ହୋଇ ବସି ହୁକାରେ ତମାଖୁ ଭର ଟାଣୁଥିଲେ । ତାଙ୍କ ନିକଟରେ ମୋର ସଙ୍ଗୀ ଦୁଇଜଣ ମଧ୍ୟ ବସିଥିଲେ । ତାଙ୍କୁ ଦେଖି ମୁଁ ଉଠି ଠିଆ ହେଲି—ବୃଦ୍ଧଙ୍କୁ ନମସ୍କାର ମଧ୍ୟ କଲି । ବୃଦ୍ଧଜଣକ ଅତି ଶାନ୍ତ ଓ ନିର୍ଭୀକ । ସେ ମଧ୍ୟ ଉଠି ଠିଆ ହେଲେ । ମୋର ମନେ ନ ଥିଲା ଯେ ମୁଁ ଯୋଭଏଟ ଚୀନ ଭିତରକୁ ଆସିଛି । ଯୋଭଏଟ ଚୀନର ଲୋକ ଆଉ ପ୍ରାଚୀନ ପ୍ରଥାରେ ନମସ୍କାର କରନ୍ତି ନାହିଁ । ସଭିଏଁ କର ମର୍ଦ୍ଦନ କରନ୍ତି—କି ପୁରୁଷ କି ସ୍ତ୍ରୀ । ମୋର ସଙ୍ଗୀମାନେ ବୃଦ୍ଧଙ୍କସହ କରମର୍ଦ୍ଦନ କରିବାକୁ କହିଲେ, ମୁଁ ତା' କଲି । ବୃଦ୍ଧ ବ୍ୟକ୍ତି ଏଥିରେ ବଡ଼ ଆନନ୍ଦିତ ହେଲେ ।

ସେତେବେଳେ ସୂର୍ଯ୍ୟ ଅସ୍ତ ହୋଇ ଯାଇଛି । ଅନ୍ଧକାର ମାଡି ଆସୁଛି । ଶୀତର ପ୍ରାବଲ୍ୟ ମଧ୍ୟ ବଢ଼ି ଯାଇଛି । ମୁଁ ଟେବଲେ ବେଟଲ ଥର ଯାଉଥିଲି । ଆମେ ସହର ଭିତରକୁ ପଶି ଫୁଟପାଥ ଉପରେ ଚାଲୁଥିଲୁ । ଏଭଳି ଗୋଟିଏ ସାନ ସହରରେ ଫୁଟ୍‌ପାଥ ଏଇ ପ୍ରଥମ ଦେଖିଲି । ଚୀନ୍, ଜାପାନ, ଭାରତ କେଉଁଠି ହେଲେ ଏଭଳି ସାନ ସହର ଭିତରେ ଫୁଟପାଥ ନାହିଁ । କିନ୍ତୁ ଯୋଭଏଟ ରୁଷିଆର ଗାଁ ଗୁଡ଼ିକରେ ମଧ୍ୟ ଫୁଟ୍‌ପାଥ ଅଛି । ମୁଁ ନିଜେ ପରିଷ୍କାର ପରିଚ୍ଛନ୍ନତାକୁ ପସନ୍ଦ କରେ ବୋଲି ଏ ଦୃଶ୍ୟ ମୋତେ ଭାରି ଭଲ ଲାଗୁଥାଏ ।

ସହରର ଲୋକସଂଖ୍ୟା କମ୍ ନୁହେଁ—ତଥାପି କେଉଁଠି ହେଲେ ପାଟିତୁଣ୍ଡ ନାହିଁ । ଏ ବିଷୟରେ ରୁଷିଆ ସହ ମାର୍କିନ ଗ୍ରାମର ତୁଳନା କରା ଯାଇପାରେ । ଇଉରୋପର ଗାଁମାନଙ୍କରେ ମଧ୍ୟ ପିଲାଙ୍କ ଉଚ୍ଛୃଙ୍ଖଳତା ଦେଖିବାକୁ ମିଳେ । କିନ୍ତୁ ରୁଷିଆ ଏ ଦିଗରେ ଇଉରୋପକୁ ଟପି ଯାଇଛି । ଆମେ ଯାଇ ଗୋଟିଏ ବଡ଼

ହୋଟେଲରେ ପହଞ୍ଚିଲୁ । ହୋଟେଲ ଭିତରେ ନାନା ପ୍ରକାର ବତୀ ଜଳୁଥିଲା କିନ୍ତୁ ବାହାରକୁ ଜଣା ଯାଉଥିଲା ଯେପରି ଘରଭିତରର କମ୍ ଆଲୁଅ ଅଛି । ଆମେ ଦୁଇଟି ଦ୍ୱାର ଅତିକ୍ରମ କରି ବୈଠକଖାନାରେ ଯାଇ ବସିଲୁ । ସେଠାରେ କେତେଜଣ ଖ୍ୟାତନାମା ଲୋକ ବସିଥିଲେ—କିନ୍ତୁ ମୁଁ ତାଙ୍କ ନାମ ଶୁଣି ଚମକି ଉଠି ନାହିଁ । କାରଣ ସେତେବେଳେ ମୋ ନିକଟରେ ଏଇସବୁ ବ୍ୟକ୍ତି ବିଶେଷଙ୍କ କୌଣସି ସ୍ପଷ୍ଟ ପରିଚୟ ନଥିଲା । ମୁଁ ଆରାମରେ ଗୋଟିଏ ଚେୟାରରେ ବସି ସବୁଜ ଚା' ପିଉଥିଲି ଆଉ ଚୀନ୍‌ର ଅଭାବ ଅନୁଭବ କରୁଥିଲି । ଜଣେ ଲୋକ ମୋ ପାଖକୁ ଆସି ପଚାରିଲେ ସହରଟା କେମିତି ଲାଗିଲା ? ମୁଁ କହିଲି, ସହରରେ ଏଇ ସର୍ବ ପ୍ରଥମ ଫୁଟ୍‌ପାଥ ଦେଖି ମୋତେ ବଡ଼ ଆନନ୍ଦ ଲାଗିଲା । ବାଟରେ ଯେଉଁସବୁ ସୋଭିଏଟ ଗାଁ ଦେଖିଲି, କେଉଁଠି ହେଲେ ଅଭାବ ଦେଖି ନାହିଁ, କିନ୍ତୁ ଗୁଡ଼ିଆ ଦୋକାନର ଅଭାବ ଅନୁଭବ କରିଛି । ଦୁଇଦିନ ତଳେ ଗୋଟିଏ ଗାଁରେ ସାମାନ୍ୟ ଲଡ଼ୁ ମିଳିଥିଲା । ଭଦ୍ରବ୍ୟକ୍ତି କହିଲେ, ଆମେ ପୃଥିବୀର ସବୁପ୍ରକାର ମିଷ୍ଟାନ୍ନ ଏଠାରେ ତିଆରି କରିବୁ କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ ସମୟ ଆସି ନାହିଁ । ବର୍ତ୍ତମାନ ଆମର ଏକମାତ୍ର କାମ ହେଉଛି—ଆତ୍ମରକ୍ଷା ଓ ଆତ୍ମପ୍ରସାରଣ ।

ଚୀନ ଦେଶରେ ସାନ ବଡ଼ ନାନାପ୍ରକାର ହୋଟେଲ ରହିଛି । ଏଇ ହୋଟେଲଟିର ଦୁଇଟି ବିଶେଷତ୍ୱ ଥିଲା । ପ୍ରଥମ କଥା, ହୋଟେଲରେ ଖାଦ୍ୟର କୌଣସି ବ୍ୟବସ୍ଥା ନଥିଲା । ନିକଟସ୍ଥ ଗୋଟିଏ ଘରେ ଖାଦ୍ୟ ପଦାର୍ଥର ଦୋକାନ ଥିଲା । ସେଇଠୁ ସଭିଏଁ ଖାଇ ଆସନ୍ତି । ଦ୍ୱିତୀୟ କଥା, ଏ ହୋଟେଲକୁ ବାରବନିତାଙ୍କର ଗମନାଗମନ ଅଦୌ ନ ଥିଲା । ଜାପାନ ଏବଂ କୋରିଆ ଛଡ଼ା

ପୃଥିବୀର ପ୍ରାୟ ସବୁ ହୋଟେଲରେ ନାନାପ୍ରକାର ବ୍ୟଞ୍ଜନର ସୁଯୋଗ ଭୋଜନାର୍ଥୀଙ୍କୁ ମିଳେ । ଏଠାରେ ଚୀନ ଏମାନେ ଜାପାନର ଅନୁକରଣ କରନ୍ତି, ତା'ନୁହେଁ — ବରଂ ଗୁଲିନ୍ ଗାଁରେ ବେଶ୍ୟାବୃତ୍ତି ଏକାବେଳକେ ନାହିଁ ବୋଲି ଏ ହୋଟେଲରେ ବାଇଜୀଙ୍କର ମଧ୍ୟ ନାହିଁ ।

ହୋଟେଲର ଗୋଟିଏ ଟେବୁଲ ଉପରେ ପୃଥିବୀର ନାନା ଦେଶର ଖବର କାଗଜ ରଖା ହୋଇଥିଲା । ମୁଁ ଇଂରାଜୀ କାଗଜ ଭିତରୁ କଲିକତାର ଏଡ଼ଭାନ୍ସ କାଗଜ ଖଣ୍ଡିକ ବାହାର କରି ମନଦେଇ ପଢ଼ିଲି । ପଢ଼ିସାରିଲା ପରେ ଜଣଙ୍କୁ ପଚାରିଲି—ଏଠାରେ କିପରି ଏହି ଭାରତୀୟ ସମ୍ବାଦପତ୍ର ଖଣ୍ଡିକ ସ୍ଥାନଲାଭ କରିବାର ସୌଭାଗ୍ୟ ଅର୍ଜନ କଲା ? ଯାହାଙ୍କୁ ପ୍ରଶ୍ନ କରିଥିଲି, ସେ କହିଲେ ଯେ ଜଣେ ବନ୍ଧୁଙ୍କ ଦ୍ୱାରା ସଂଗୃହୀତ ଏହି ସମ୍ବାଦ ପତ୍ର ଖଣ୍ଡିକ ସଂଗୃହୀତ ହୋଇ ଆସେ । ସେହି ଭଦ୍ରବ୍ୟକ୍ତି ମୋତେ କେତେକ ଗୁଡ଼ିଏ ପ୍ରଶ୍ନ କରିଥିଲେ ।

ତାଙ୍କର ପ୍ରଥମ ପ୍ରଶ୍ନ—ଏହି ଗାଁ ସମ୍ବନ୍ଧରେ ମୋର ଅଭିମତ କ'ଣ ? ମୁଁ କହିଲି—ପୂର୍ବ ଏସିଆର ଯେତେ ଦେଶ ଦେଖିଛି ନେଇଁଠି ହେଲେ ଗାଁ ଭିତରେ ଫୁଟ୍‌ପାଥ ଦେଖି ନାହିଁ । ଗୁଲିନ୍ ଗାଁରେ ସର୍ବପ୍ରଥମ ଫୁଟ୍‌ପାଥ ଦେଖିଲି । ଏଠାରେ ଲୋକେ ପରିମାର୍ଜିତ ରୁଚିର, ସଭ୍ୟ ଏବଂ ଭଦ୍ର । ଅନର୍ଥକ କୌଣସି କଥାବାର୍ତ୍ତା କରନ୍ତି ନାହିଁ କି କୌଣସି ନବାଗତଙ୍କୁ ଦେଖିବା ପାଇଁ ଏକାବେଳେକେ ଭିଡ଼ଜମା କରନ୍ତି ନାହିଁ । ତାଙ୍କର ଦ୍ୱିତୀୟ ପ୍ରଶ୍ନ ଭାରତର ଲୋକେ ଚୀନ ସମ୍ବନ୍ଧରେ କ'ଣ ଭାବନ୍ତି ? ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ ଟିକିଏ ଚିନ୍ତିତ ହୋଇ ପଡ଼ିଲି, କାରଣ ସେତେବେଳେ ଭାରତର ଲୋକେ ଚୀନ ସମ୍ବନ୍ଧରେ ପ୍ରାୟ

କିଛି ଜାଣୁ ନଥିଲେ । ଯେଉଁ କେତେଜଣ ପର୍ଯ୍ୟଟକ ଚୀନ୍‌ଦେଶ ଭ୍ରମଣ କରି ବହି ଲେଖିଥିଲେ ସେମାନେ କେବଳ ଚୀନର ସମୁଦ୍ର ତୀରବର୍ତ୍ତୀ ନଗରଗୁଡ଼ିକ ଦେଖି ଯାହା ମନକୁ ଆସିଲା ଲେଖି ଯାଇଥିଲେ । ଚୀନର ଲୋକଙ୍କ ସାଙ୍ଗରେ ମିଶିବାର ସୁଯୋଗ ସେମାନେ ପାଇ ନ ଥିଲେ କି ଚୀନର ସାଧାରଣ ଗାଁ ମଧ୍ୟ ଦେଖି ନ ଥିଲେ । ମୋର ଧାରଣା ଥିଲା, ଚୀନର ଲୋକେ ମୋ ନିକଟରୁ କୌଣସି ପ୍ରକାର ଖଣ୍ଡା କିମ୍ବା ମିଥ୍ୟା କଥା ଆଶା କରିବେ ନାହିଁ । ତେଣୁ ପ୍ରଶ୍ନ କର୍ତ୍ତାଙ୍କୁ ସତ କଥା କହିବାକୁ ବାଧ୍ୟ ହୋଇଥିଲି । ଭଦ୍ରଲୋକ ମୋ କଥାଶୁଣି ରାଗିଲେ ନାହିଁ, ବରଂ ପ୍ରଶ୍ନ କଲେ—ଏ କଥା କ'ଣ ସତ ? ମୁଁ କହିଲି—ସତକଥା, ଭାରତର ଲୋକେ ଚୀନ ସମ୍ବନ୍ଧରେ ବିଶେଷ କିଛି ଜାଣନ୍ତି ନାହିଁ । ଇଂରାଜୀ ଖବର କାଗଜ ଖଣ୍ଡିଏ ଦେଖନ୍ତୁ, ଦେଖିବେ ଚୀନର ଗୋଟିଏ ବୋଲି ଖବର ସେଥିରେ ନାହିଁ । ଭଦ୍ରଲୋକ ଖବର କାଗଜ ଆଡ଼କୁ ଚାହିଁଲେ ବି ନାହିଁ । ମୋ କଥା ଶୁଣି ତାଙ୍କର ମୁହଁର ରଙ୍ଗ ବଦଳି ଯାଇଥିଲା । ଆପଣା ଦେଶର ଅମର୍ଯ୍ୟାଦା ଶୁଣି ସହିବ କିଏ ?

ଏତେବେଳେ ଯାଏ ନୀରବ ରହି ଭଦ୍ରଲୋକ ମୋ ନିକଟକୁ ଆସି ମୋ କାନରେ ହାତ ରଖି କହିଲେ—ଚୀନ୍ ସୋଭିଏଟ୍ ମେଳଣି ବନ୍ଧି ରହିବ ସେଥିପାଇଁ ଆପଣ କଣ କରି ପାରିବେ ? ମୁଁ କହିଲି—ଯଦି ଦରକାର ପଡ଼େ କରନ୍ତୁ ତାହେଲେ ମୋତେ କାମରେ ଲଗାଇ ପାରନ୍ତି । ମୋର ଦୈନିକ ଶ୍ରମ ଦେବାକୁ ପ୍ରସ୍ତୁତ ଅଛି । ଏହା ଛଡ଼ା ମୁଁ ଆଉ କଣ ବା କରି ପାରିବି ? ଏଠାରୁ ଯାଇ ମୁଁ ଯଦି ଦେଶ ବିଦେଶରେ ଆପଣଙ୍କ ସପକ୍ଷରେ ବକ୍ତୃତା ଦେବି ମୋ କଥା କେହି ଶୁଣିବେ ନାହିଁ । ଅନେକେ

ହୁଏତ ମୋର ପର୍ଯ୍ୟଟନ କିପରି ବନ୍ଦ ହୋଇଯିବ ତାର ଚେଷ୍ଟା କରିବେ । ସାଇଗନରେ ଥିଲାବେଳେ ଫରାସୀ ପର୍ଯ୍ୟଟକ ମସିଏଁ ପାରେସ୍ୱାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ସେ କହୁଥିଲେ, ଯେବେ ହଠାତ୍ ଭୁଲରେ ସେ ସୋଭିଏଟ ରୁଷ୍‌ର ପ୍ରଶଂସା କରିଥିଲେ ବୋଲି ସେ ଭୁଲର ପ୍ରାୟଶ୍ଚିତ୍ତ ସ୍ୱରୂପ ତାଙ୍କୁ ଶରଦାନ ପାଇଁ ଦେଶ ପର୍ଯ୍ୟଟନ ବନ୍ଦ କରିବାକୁ ପଡିଥିଲା । ସୋଭିଏଟର ପ୍ରଶଂସା ସାମ୍ରାଜ୍ୟବାଦୀଗଣ ସହୁବାତ ଦୂର କଥା, ଯଦି ଅତର୍କିତରେ କାହା ମୁହଁରୁ ସେମାନେ ସୋଭିଏଟର ପ୍ରଶଂସା ଶୁଣୁଥିଲେ ତାକୁ ପାଗଳା କୁକୁର ଭଳି ଆକ୍ରମଣ କରୁଥିଲେ, ଦଂଶନ କରିବାକୁ ଚେଷ୍ଟା କରୁଥିଲେ । ମୋତେ କଣ ଆପଣମାନେ ପାଗଳା କୁକୁର ଆଗରେ ଠେଲି ଦେବାକୁ ଚାହାନ୍ତି ? ହୁଏତ ଆପଣଙ୍କ ସବୁ କଥାରେ ମୁଁ ହଁ ମାରିଯିବି କିନ୍ତୁ କାମରେ କିଛି କରି ପାରିବି ନାହିଁ । ମୋ କଥା ଶୁଣି ଭଦ୍ରଲୋକ ଆଉ କିଛି କହିଲେ ନାହିଁ ।

ସକାଳେ ହୋଟେଲରୁ ବାହାରିବା ଆଗରୁ ମୋର ସଙ୍ଗୀ ଦୁହେଁ ଆସିଲେ ଓ ମୋତେ ସହର ଦେଖାଇବାକୁ ନେଇଗଲେ । ସହରଟି ବେଶ୍ ପରିଷ୍କାର ପରିଚ୍ଛନ୍ନ । ଚୀନାମାନଙ୍କର ଘର ପଛପାଖ ସାଧାରଣତଃ ଅପରିଷ୍କାର ଥାଏ । କିନ୍ତୁ ଏ ଗାଁରେ ତାର ବ୍ୟତିକ୍ରମ ଦେଖିଲି । ଘୁଷୁରି, ହଂସ, କୁକୁଡ଼ା ଅନ୍ୟାନ୍ୟ ଗାଁରେ ହୁଏତ ଥାଇ ପାରନ୍ତି କିନ୍ତୁ ଏ ଗାଁରେ ତାର ବ୍ୟବସ୍ଥା ନାହିଁ । ଗୃହପାଳିତ ପଶୁ ପକ୍ଷୀ ସବୁ ସହର ବାହାରେ ରଖାଯାଏ । ହଂସ, କୁକୁଡ଼ା, ଘୁଷୁରି ପ୍ରଭୃତି ବ୍ୟକ୍ତିଗତ ଭାବରେ ଲୋକେ ରଖନ୍ତି ନାହିଁ । ଯେଉଁମାନେ ଏସବୁ କାର୍ଯ୍ୟରେ ଦକ୍ଷ ସେମାନେ ସବୁ ପଶୁ ଓ ପକ୍ଷୀ ପାଳନର ଭାର ନିଅନ୍ତି । ଏମାନେ ସବୁ ସହରର ଲୋକଙ୍କ ଦ୍ୱାରା ପ୍ରତିପାଳିତ ଓ ପରିତୃପ୍ତ ହୁଅନ୍ତି ।

ପୂର୍ବ ଏସିଆର ଦେଶ ଗୁଡ଼ିକରେ ଅବୃତ ଡ୍ରେନ୍‌ର ବଡ଼ ଅଭାବ । ଚୀନଦେଶ ମଧ୍ୟ ସେ ଦୋଷରୁ ବାଦ ପଡ଼ିନାହିଁ । ଭାରତରେ କେବଳ ବନାରସରେ ଆବୃତ ଡ୍ରେନ୍‌ର ବ୍ୟବସ୍ଥା ପୂର୍ବ କାଳରୁ ଥିଲା । ଆଜି କେଉଁଠି ଏ ବ୍ୟବସ୍ଥା ଅଛି କି ନା ଜାଣେନା । ଏଇ ସବୁ ଦେଶ ଗୁଡ଼ିକର ଇତିହାସ ମଧ୍ୟ ସେ ସଂପର୍କରେ ନୀରବ । ଗୁଲନରେ ଆବୃତ ଡ୍ରେନ୍‌ର ସୁବ୍ୟବସ୍ଥା ରହିଛି । ଏଇ ସାନ ସହରଟିରେ ସର୍ବ ପ୍ରଥମ ଏ ବ୍ୟବସ୍ଥା ଦେଖି ସମାଜ ଗଠନର ପ୍ରଥମ ସ୍ତର କଥା ମନେ ପଡ଼ିଲା ଏବଂ ଆର୍ଯ୍ୟ ସଭ୍ୟତା ନିକଟରେ ମୁଣ୍ଡ ଆପଣା ଛାଏଁ ନଇଁ ଗଲା ।

ବାଟ ଚାଲୁ ଚାଲୁ ମୁଁ ଡ୍ରେନ ଆଡ଼କୁ ବିଶେଷ ନଜର ରଖୁଛି ଦେଖି ସଙ୍ଗୀଗଣ ମୋତେ ଏ ସମ୍ବନ୍ଧରେ ପ୍ରଶ୍ନକଲେ । ବାଟ ଚାଲିଲା ବେଳେ କଥା ନକହିବା ମୋର ଅଭ୍ୟାସ, କିନ୍ତୁ ଏଠାରେ ଆଉ ନୀରବ ନରହି ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା କଲି । ଚୀନ ଦେଶରୁ ଯେଭଳି ପ୍ରଥମ ମୁଦ୍ରାଯନ୍ତ୍ର ଓ ବାରୁଦର ଉଦ୍ଭାବନ ହୋଇଥିଲା, ସେଇଭଳି ଆର୍ଯ୍ୟଗଣ ମଧ୍ୟ ପ୍ରଥମ ଡ୍ରେନ୍ ବା ପୟଃ ପ୍ରଣାଳୀ ପ୍ରଥାର ପ୍ରବର୍ତ୍ତନ କରିଥିଲେ । ଡ୍ରେନ ପ୍ରଥାର ପ୍ରବର୍ତ୍ତନକୁ ଆର୍ଯ୍ୟଗଣଙ୍କ ସାମାଜିକ ଉନ୍ନତିର ମାନଦଣ୍ଡ କରି ଥୋଇ ମୋର କିଛି ଲାଭ ନାହିଁ, କିନ୍ତୁ ଯେଉଁମାନେ ବାରୁଦ, ପ୍ରେସ୍ ଏବଂ କମ୍ପାସ ଆବିଷ୍କାର କରିଥିଲେ ସେମାନଙ୍କ ଠାରୁ ଯେ ଖୁବ୍ ବେଶୀ ଉନ୍ନତି ପଥରେ ଅଗ୍ରଗତ କରିଥିଲେ ଏହା ସୁନିଶ୍ଚିତ । ଡ୍ରେନ୍ ପ୍ରଥା ସାମାଜିକ ଉନ୍ନତିର ଏକ ବିଶିଷ୍ଟ ଲକ୍ଷଣ । ଆପଣଙ୍କ ଏଠାରେ ଯିଏ ସୋଭିଏଟ ସ୍ଥାପନ କରିଛନ୍ତି ସେ ଯେ ଜଣେ ଜ୍ଞାନୀ-ବ୍ୟକ୍ତି ଏଥିରେ ଆଦୌ ସନ୍ଦେହ ନାହିଁ । ମୋ କଥା ଶୁଣି ସଙ୍ଗୀଗଣ ଖୁସି ହୋଇଥିଲେ ।

ଆମେ ଗାଁର ସ୍କୁଲ ଦେଖିବାକୁ ଯାଇଥିଲୁ । ସ୍କୁଲଟି ଗାଁ ବାହାରେ ଅବସ୍ଥିତ । ସ୍କୁଲରେ ନାନା ବିଷୟରେ ଶିକ୍ଷା ଦିଆଯାଏ । ଯୋଡ଼ା ଡିଆରୁ ଆରମ୍ଭ କରି ବୈଜ୍ଞାନିକ ଶାସ୍ତ୍ରର ଗୂଢ଼ତତ୍ତ୍ୱ ଯାଏଁ କାଗଜ କଲମରେ ଶିକ୍ଷା ଦିଆଯାଉଛି । ସ୍କୁଲର ଛାତ୍ରମାନଙ୍କୁ ଦେଖି ମନେ ହେଲା, ଏମାନେ କେବଳ ପରୀକ୍ଷାରେ ପାଶ୍ କରିବାକୁ ଆସିନାହାନ୍ତି, ଯାହାର ଯାହା କିଛି ରୁଚି ରହିଛି, ତାର ଅନୁଧାବନ କରିବାକୁ ଆସିଛନ୍ତି । ଏଥିରେ ଶିକ୍ଷକଙ୍କ କଷ୍ଟଟା ଟିକିଏ ବେଶୀ । ଧାରାବାହିକ କୌଣସି କ୍ଲାସ୍ ନାହିଁ — କେବଳ କେତୋଟି ବିଭାଗ ମାତ୍ର ଅଛି । ଅଙ୍କ ମୁଁ ଆଦୌ ଜାଣେ ନାହିଁ, ତଥାପି ଦେଖି ଦେଖି ଅଙ୍କ କ୍ଲାସରେ ଯାଇ ପହଞ୍ଚିଲି । ଅଙ୍କ ଶିକ୍ଷକ ତୋହିକି ଘରେ ଗୋଟିଏ ଅଙ୍କ କଷି ଯାଉଥାନ୍ତି ଆଉ ଛାତ୍ରଗଣ ତାଙ୍କୁ ନାନା ପ୍ରକାର ପ୍ରଶ୍ନ କରି ବିବ୍ରତ କରୁଥାନ୍ତି । ଆମ ଦେଶର ଶିକ୍ଷକଗଣ ଛାତ୍ରମାନଙ୍କ ହାତରୁ ମୁକ୍ତି ପାଇବା ପାଇଁ ଯେପରି ସେମାନଙ୍କୁ ଗୋଟିଏ ଅଙ୍କ କଷିବାକୁ ଦେଇ ଦଣ୍ଡେ ଆଖିବୁଜି ଟେବୁଲ ଉପରକୁ ଗୋଡ଼ଦିଟା ଟେକି ଦେଇ ବସି ଯାଆନ୍ତି, ଚୀନା ଶିକ୍ଷକଗଣ କିନ୍ତୁ ସେପରି କରନ୍ତି ନାହିଁ, ବରଂ କ୍ଲାସରୁ ବାହାରି ଚାଲି ଯାଆନ୍ତି । ଛାତ୍ରମାନେ ସେତେବେଳେ ବୁଝନ୍ତି ଯେ ଶିକ୍ଷକ ଅବସାଦ ବୋଧ କରୁଛନ୍ତି । ଆମ ଦେଶର ଛାତ୍ରମାନେ ଶିକ୍ଷକ ଟିକିଏ କ୍ଲାସ ବାହାରକୁ ଚାଲିଗଲେ ନାଚି କୁଦି ପାଟିଗୋଳ କରନ୍ତି ଆଉ ଚୀନା ଛାତ୍ରମାନେ ଏକାବେଳକେ ଶାନ୍ତ ହୋଇ ଆପଣା ରୁଚି କେଉଁଠି ରହିଲା, ଖୋଜନ୍ତି । ପ୍ରକୃତ ଶିକ୍ଷା ଓ ପରୀକ୍ଷାରେ ପାସ୍ କରିବା ଭିତରେ ପାର୍ଥକ୍ୟ ଏଇଠି ।

ଗାଁର ଲୋକସଂଖ୍ୟା ଅନୁପାତରେ ସ୍କୁଲର ଆୟତନ ମୋ ନିକଟରେ ବଡ଼ ବୋଲି ମନେ ହେଲା । ଯେଉଁଠି ଜନତା

ଶିକ୍ଷାନ୍ତ୍ରୀ ହୋଇ ଉଠନ୍ତି । ସେଇଟି କେବଳ ଶିକ୍ଷାୟତନ ବନ୍ଦ ହୋଇ ତିଆରି ହୁଏ । ସ୍କୁଲ ଦେଖି ମୁଁ ବଡ଼ ଖୁସୀ ହେଲି ଆଜି ହଂକଂରେ ଯେଉଁମାନେ ମୋର ବିଦ୍ୟାବୁଦ୍ଧିକୁ ପରୀକ୍ଷା କରିବାକୁ ବସିଥିଲେ ତାଙ୍କୁ ମନେ ମନେ ନରକକୁ ପଠାଉଥିଲି । ଏଇ ଗାଁର ଛାତ୍ରମାନଙ୍କ ପୋଷାକ ଅନ୍ୟ ପ୍ରକାରର । ସେମାନେ ସବୁବେଳେ ସ୍ୱଦେଶୀ ପୋଷାକ ବ୍ୟବହାର କରନ୍ତି । ଚୀନାମାନଙ୍କୁ ଅସାମରୀକ ପୋଷାକରେ ମୁଁ ପସନ୍ଦ କରେନାହିଁ ବୋଲି ଏଠାରେ ଛାତ୍ରମାନଙ୍କୁ ଦେଖି ଆନନ୍ଦିତ ହେଲି ।

ଗାଁ ବୁଲି ସାରି ହୋଟେଲକୁ ଫେରିଲା ପରେ ସଙ୍ଗୀ ଜଣକୁ ପଚାରିଲି—ଏତେ ବଡ଼ ଗାଁରେ ଏତେ କମ୍ ହୋଟେଲ କାହିଁକି ? ସଙ୍ଗୀ କହିଲେ—ଏଠାର ହୋଟେଲ ମାଲିକମାନେ ଲାଭ କରି ପାରନ୍ତି ନାହିଁ । ଯେତେ ହୋଟେଲ ଦେଖୁଛନ୍ତି ସବୁଯାକ ଗାଁ ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ । ଗାଁ ଲୋକଙ୍କର ନାନାପ୍ରକାର କାମ ରହିଛି । ଆଗରେ ଏଇ ଗାଁରେ ବହୁତ ହୋଟେଲ ଥିଲା । ସେସବୁ ହୋଟେଲ ଆଉ ନାହିଁ । ଲୋକଙ୍କର ଅଭାବ ତାର ଏକମାତ୍ର କାରଣ । ଅଭାବ ଯୋଗୁ କେତେ ହୋଟେଲରେ ଅଯଥା କେତେ ଯେ ଅଧିକ ପଇସା ଦେଇଛନ୍ତି, ତାର ହିସାବ କରି ପାରିବ ନାହିଁ । କିନ୍ତୁ ଏଠା ହୋଟେଲବାଲା ଯେ ଲାଭ କରି ପାରୁ ନାହାନ୍ତି ଏହା ଶୁଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଲି । ପୁଞ୍ଜିବାଦୀଗଣ ଯେପରି ଭାବରେ ହୋଟେଲ ଚଳାନ୍ତି, ଏଠାରେ ହୋଟେଲଗୁଡ଼ିକ ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ପରିଚାଳିତ ହୁଏ । ଏଠାରେ ହୋଟେଲର ଗ୍ରାହକମାନଙ୍କୁ ଠକିବା ପ୍ରବୃତ୍ତି ନ ଥିବ ବରଂ ହୋଟେଲ କର୍ମୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ହୋଟେଲ କର୍ମୀଗଣ ଆପଣା ବନ୍ଧୁମାନଙ୍କ ଭଳି ସର୍ବଦା ହସହସ

ମୁହଁ । ପରିଷ୍କାର ପରିଚ୍ଛନ୍ନ । ଦାନ୍ତଗୁଡ଼ିକ ଚମତ୍କାର । ନଖ ଗୁଡ଼ିକ ସୁନ୍ଦର ଭାବରେ କଟା । ପୋଷାକ ସବୁବେଳେ ଚକ୍‌ଚକ୍ । ଗାଁରେ ବାରବନିତା ନାହାନ୍ତି ବୋଲି ହୋଟେଲରେ ତାଙ୍କର ଦର୍ଶନ ନାହିଁ । ପ୍ରାପ୍ତ ବୟସ୍କ ସମସ୍ତେ ବିବାହ କରିଛନ୍ତି । ସମାଜବାଦୀ ଚୀନରେ ବିବାହ କରିବା ଏକ ବାଧ୍ୟତାମୂଳକ କାମ । ପ୍ରଥମ ବିପଦ ହେଉଛି ଖର୍ଚ୍ଚର ଫର୍ଦ୍ଦ । ଦ୍ୱିତୀୟ ବିପଦ ଯେତେବେଳେ ପିଲାପିଲି ହେବେ ତାଙ୍କର ଖରଚ—କେତେବେଳେ ଭାତ ମିଳିଲାତ ଲୁଗା ନାହିଁ । ଲୁଗା ମିଳିଲାତ ଭାତ ନାହିଁ । ଏଭଳି କଷ୍ଟ କିଏ ପାଇବାକୁ ଚାହେଁ । ବର୍ତ୍ତମାନ ଆଉ ସୋଭିଏଟ ଚୀନରେ ସେ କଥା ନାହିଁ । ଯେତେ ପିଲାପିଲି ହେବେ ହୁଅନ୍ତୁ, ତାଙ୍କର ଅଭ୍ୟର୍ଥନା ପାଇଁ ସୁନ୍ଦର ବ୍ୟବସ୍ଥା ହୋଇଛି । ଏଣେ ବାରବନିତା ଗଣ ଗରାଖ ନ ପାଇ ଦ୍ୱାର ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି ।

ଏତ ଗଲା ହୋଟେଲ କଥା । ପଚଧାନ ନିକଟରୁ ଗୋଟିଏ ଗାଁକୁ ଯାଇଥିଲି । ଗାଁରେ ଲୋକ ନଥିଲେ । ଗ୍ରାମବାସୀମାନଙ୍କୁ ଅନ୍ୟ ଗ୍ରାମକୁ ଉଠାଇ ଦିଆଯାଇଥିଲା । ବର୍ତ୍ତମାନ ଏଇ ଗାଁରେ ଅସ୍ତ୍ରଶସ୍ତ୍ର ତିଆରି ହେଉଛି । ବହୁଲୋକ କାମ କରୁଥିଲେ । ସମସ୍ତେ ଏକାଗ୍ରତା ସହ ଅତି ଦକ୍ଷତା ସହକାରେ ଆପଣା ଆପଣା କାମ କରି ଯାଉଥିଲେ । ସମସ୍ତଙ୍କ ମୁହଁରେ ଚମତ୍କାର ହସ—ଅକସ୍ମାତ ଯେପରି କାରଖାନା ଅଚାନ୍ତ ହେବାର ସମ୍ଭାବନା ରହୁଛି । କାରଖାନା ଅଚାନ୍ତ ହେଉ ବା ନ ହେଉ, ମୋର ତା ସହିତ କୌଣସି ସଂପର୍କ ନଥିଲା । ମୁଁ ପ୍ରଶ୍ନ କଲି । ଏଇ ଶ୍ରମିକମାନେ ଦୈନିକ କେତେ ମଜୁରୀ ପାଆନ୍ତି ? କାରଖାନା ମେନେଜର କହିଲେ—ଏମାନେ କେବେହେଲେ ପେଟପୁରା ଖାଇବାକୁ ପାଉ ନ ଥିଲେ । ଭଲକରି ଖଣ୍ଡେ ପିନ୍ଧିବାକୁ ପାଉ ନ ଥିଲେ । ଏମାନଙ୍କ ବାସସ୍ଥାନର

ଅବସ୍ଥା ଘୁଷୁରି ଗୁହାଳ ସଙ୍ଗେ ସମାନ ଥିଲା । ଏମାନେ ବର୍ତ୍ତମାନ ପେଟଭରି ଖାଇବାକୁ ପାଉଛନ୍ତି, ଭଲ ପୋଷାକ ପିନ୍ଧୁଛନ୍ତି— ତା'ପରେ ସେମାନଙ୍କର ଶୋଇବା ଘର ଚମତ୍କାର । କେତେତେବଲଯାଏ କାରଖାନା ବୁଲି ଦେଖିଲି । ସିମିତ ବିଶେଷ କିଛି ଦେଖି ନାହିଁ ଯେ ଯାହା ମନେ କଲେ ବର୍ତ୍ତମାନ ନୂତନ ବୋଲି କହି ପାରିବି । ମୋ ମନଟା ଏକାବେଳକେ ବାରବୁଲା ମନ ହୋଇ ଯାଇଥିଲା । ବର୍ତ୍ତମାନ ପଥ୍ୟ ଟିକ୍ ସେଇମିତି ଅଛି । ଗୋଟିଏ ସ୍ଥାନରେ ବାରୁଦ ତିଆରି ହେଉଥିବା ଦେଖି ଦେହଟା ଶିହରି ଉଠିଲା । ଅବଶ୍ୟ ସେଟା ମୋର କାପୁରୁଷତାର ଲକ୍ଷଣ ।

କାରଖାନା ଦେଖିସାରି ଶ୍ରମିକମାନଙ୍କ ରହିବା ଘର ଦେଖିବାକୁ ଗଲି । ସେଠାରେ ତାଙ୍କର ରହିବାର ଏକ ପ୍ରକାର ନୂତନ ବ୍ୟବସ୍ଥା ହୋଇଛି. ଯାହା ଚୀନର ଅନ୍ୟ କୌଣସିଠାରେ ନାହିଁ । ପ୍ରତ୍ୟେକ ଶ୍ରମିକଙ୍କର ଗୋଟିଏ ଗୋଟିଏ ଅଲଗା କୋଠରୀ । କୋଠରୀ ଭିତରେ ଗୋଟିଏ କାଠର ଖଟ । ଖଟ ଉପରେ ଗୋଟିଏ ପତଳା ଗଦି । ତାହା ଉପରେ ସଫା ବିଛଣା ଗୁଦର ଓ ସୁନ୍ଦର ତକିଆ । ଚୀନରେ ତୁଳାର ତକିଆ ଏଇ ପ୍ରଥମ ଦେଖିଲି, ନହେଲେ ସବୁଠି ବାଉଁଶ କାମ୍ବା କାଠର ତକିଆ ବ୍ୟବହୃତ ହେବାର ଦେଖିଛି । ପ୍ରତି କୋଠରୀରେ ଦୁଇଟି କରି ଟେବୁଲ ଆଉ ଖଣ୍ଡିଏ ଚେୟାର । ଗୋଟିଏ ଟେବୁଲ ଉପରେ ଟି ପଟ୍ ଆଉ କେତୋଟି ସାନ କପ୍ । ଅନ୍ୟ ଟେବୁଲରେ ବହି, ସଂବାଦ ପତ୍ର, କାଳିକଲମ ଥାଏ । ଏଠାରେ ଦୈନିକ ସଂବାଦପତ୍ର ଘର କାନ୍ଥରେ ହାତରେ ଲେଖି ଦିଅନ୍ତି । ମୁଁ ଯେ ଗୁଳାନ୍‌କୁ ଆସିଛି ସେ ଖବର ଓ ହାତ ଅଙ୍କା ମୋର ଛବି ମଧ୍ୟ ସେଠାରେ ଦେଖିଲି । କାଗଜର ଅଭାବ ତାର ଏକମାତ୍ର ମୂଳ କାରଣ ।

ସାମ୍ୟବାଦୀ ଚୀନରେ ସବୁଠି ଦେଖିଛି, ପ୍ରତିଟି ଦୋକାନରେ ନାନାପ୍ରକାର ଜିନିଷ ସଜାଇ ରଖା ଯାଇଛି । ଏଠାରେ କିନ୍ତୁ ସେ ବ୍ୟବସ୍ଥା ନାହିଁ । ଦୋକାନ ଗୁଡ଼ିକ ପ୍ରାୟ ଖାଲି ପଡ଼ିଛି । ଖାଲି ଗୁଦାମରେ ଇତଃସ୍ତତଃ ବିକ୍ଷିପ୍ତ ପଦାର୍ଥରୁ ଯେପରି ଅନୁମାନ କରହୁଏ ଯେ ଏ ଗୁଦାମରେ ଏଇ ସବୁ ଜିନିଷ ରହୁଥିଲା—ଏଇ ସବୁ ଦୋକାନରେ ମଧ୍ୟ ସେଇଭଳି ଟେଟେଭ ନିଦର୍ଶନ ମିଳେ । ଖାଲି ଦୋକାନ ଦେଖି ଆମେ ବହୁ ସମୟରେ ଭୁଲ ବୁଝୁ । ଦୋକାନରେ କୌଣସି ଜିନିଷ ମିଳେନାହିଁ । କିମ୍ବା କ୍ରେତାର ଅଭାବରେ ଦୋକାନରେ ଜିନିଷ ପଡ଼ି ରଖା ଯାଉ ନାହିଁ । ଅସଲ କଥା କିନ୍ତୁ ତା'ନୁହେଁ । ଜିନିଷ ଆସିବା ସାଙ୍ଗେ ସାଙ୍ଗେ କ୍ରେତାଗଣ ତାଙ୍କର ପ୍ରୟୋଜନୀୟ ଜିନିଷ ପତ୍ର ସବୁ କିଣି ନେଇ ଯାଆନ୍ତି ବୋଲି ଦୋକା କିଛି ରହେ ନାହିଁ । ମୋର ହଠାତ୍ ସିଗାରେଟ ଦରକାର ପଡ଼ିଲା । ଜଣିକୁ ଡାକି ମୋତେ ସିଗାରେଟ ଦୋକାନ ଦେଖାଇ ଦେବାକୁ ଅନୁରୋଧ କଲି । ସେ ମୋତେ ଦୋକାନକୁ ନେଇଗଲେ । ଦୋକାନରେ ଗୋଟାଏ ବଡ଼ ଥାକରେ ନାନାପ୍ରକାର ସିଗାରେଟ୍ ସଜା ହୋଇ ରହିଛି । ଷାଠିଏ ସେଣ୍ଟ୍ ଦେଇ ମୁଁ ଗୋଟିଏ ଟିଣ ସିଗାରେଟ୍ କିଣିଲି । ମୁଁ ବିଦେଶୀ ବୋଲି ପଚାଶଟି ସିଗାରେଟ୍ ଏକାଥରକେ ପାଇଥିଲି । କିନ୍ତୁ ମାଓ-ସେ-ତୁଂ ଏଇ ଗାଁକୁ ଅସି ଦୈନିକ ମାତ୍ର ଦଶଟି ସିଗାରେଟ୍ କିଣି ନିଅନ୍ତି । ତା'ଠୁ ବେଶି ତାଙ୍କୁ ମିଳେ ନାହିଁ । ତାର ପ୍ରଧାନ କାରଣ ହେଉଛି, ସିଗାରେଟ ଗୋଟିଏ ସାଧାରଣ ଜିନିଷ—ସବୁବେଳେ ସମସ୍ତଙ୍କର ଦରକାର ହୁଏ । ଏଠାରେ ସାନବଡ଼ର ଭେଦାଭେଦ ନାହିଁ । ଟଙ୍କା ଦେଲେ ମଧ୍ୟ ଜିନିଷ ନ ପାଇବାର କାରଣ—ଏଠାରେ ଯାହା ଉତ୍ପାଦନ ହୁଏ ତା' ସବୁ ସାଧାରଣଙ୍କ

ବ୍ୟବହାର ପାଇଁ ଯଥେଷ୍ଟ ନୁହେଁ । ତେଣୁ ଅନେକ ସୋଭିଏଟ ସୀମା ତାହାରୁ ଜିନିଷ କିଣି ଆଣିବା ପାଇଁ ଚେଷ୍ଟା କରନ୍ତି । ଏଥିରେ କୌଣସି ବାଧା ମଧ୍ୟ ନାହିଁ । ପୁଞ୍ଜିବାଦୀଗଣ ଜିନିଷ ବିକ୍ରି କରିବାକୁ କୌଣସି କାର୍ପଣ୍ୟ କରନ୍ତି ନାହିଁ । ତାର ଅସଲ କାରଣ, ସେମାନେ ଗୃହାନ୍ତି ଟଙ୍କା । ସୁଆଙ୍ଗ୍ ଟଙ୍କା ଆସୁଛି ଅସୁ, ଏଥିରେ ତାଙ୍କର ଲାଭ ଛଡ଼ା କ୍ଷତି ନାହିଁ । ତଥାପି ପାହାଡ଼ ଡେଇଁ ଯିବା ଆସିବା ଶ୍ରମ ଅଛି ପଥରେ ଅପମୃତ୍ୟୁ ବରଣ କରିବାକୁ କେହି ପସନ୍ଦ କରନ୍ତି ନାହିଁ ।

ଟା'ର ସୋସାଲିଷ୍ଟ ଚେୟାରମେନ୍ ବୁଢ଼ା ମଣିଷ । ସେ ମୋ ପାଖରେ ବସି ବହୁତ କଥା ପଚାରିଲେ । ତାଙ୍କର ସବୁ କଥା ଶୁଣି ବୁଝିଲି, ଯେଉଁ ଦେଶର ଲୋକେ ଯେତେ ବେଶୀ ଅନ୍ୟାୟ କାମ କରନ୍ତି ସେଇ ଦେଶରେ ଧର୍ମାନ୍ଧତା ସେତିକି ପରିମାଣରେ ଦେଖିବାକୁ ମିଳେ । ଚୀନ ଦେଶରେ ଧର୍ମ ନାଁରେ କେହି ମୁଣ୍ଡ ଘେଲାନ୍ତି ନାହିଁ । ଧର୍ମକୁ ସେମାନେ ଏକ ସାଧାରଣ ବିଷୟ ରୂପେ ଦେଖନ୍ତି । ତଥାପି ବୁଢ଼ା ଚେୟାରମେନ୍ ଧର୍ମ ସମ୍ବନ୍ଧରେ ଆଲୋଚନା କରିବାର କାରଣ ଥିଲା । ସେ ଜାଣିବାକୁ ଚାହୁଁଥିଲେ ସତରେ କଣ ପ୍ରଫେଟିକ୍ ଧର୍ମ ଏ ଯୁଗରେ ମଣିଷର ମଙ୍ଗଳ କରି ପାରିବ ନାହିଁ ? ସୁଂ ପରିବାରର ଧର୍ମ ବଦଳିଛି, ମାଓ—ସେ—ତୁଂ ଧର୍ମ ଛାଡ଼ିଛନ୍ତି । ମୁସଲମାନ୍ ଧର୍ମୀ ମା—ଚୁନ୍—ସାନ୍ ଅଗ୍ରଣୀ ହୋଇ ମାର୍କ୍ସବାଦରେ କମ୍ୟୁନିଜମ୍ ପ୍ରଚାର କରୁଥିଲେ । ଏଥିରେ ତାଙ୍କର ଶକ୍ତି ଯେପରି ବୃଦ୍ଧି ପାଇଥିଲା ଲୋକେ ମଧ୍ୟ ତାଙ୍କୁ ସେପରି ଶ୍ରଦ୍ଧା ଦୃଷ୍ଟିରେ ଦେଖୁଥିଲେ । ଏଇ ବୁଢ଼ା ମଧ୍ୟ ଗାଁରୁ ବ୍ରିଟିଶ ଓ ସୁଇଡ଼ନ୍ ପାଦ୍ରୀମାନଙ୍କୁ ତଡ଼ିଛନ୍ତି । ଗୃହଦେବତା, ଭାଗ୍ୟଦେବତା, ଭୂତଦେବତାଙ୍କୁ ପୂଜା ଦେବା ପାଇଁ ଯେଉଁ କାଗଜ, ମୋମବତୀ ଆଉ ମଦର ଅପବ୍ୟବହାର

ହେଉଥିଲା, ତା' ବନ୍ଦ କରିଛନ୍ତି । ଏସବୁ ଥିଲା ଅପବ୍ୟୟ । ଏହି ଅପବ୍ୟୟକୁ ସେ ସମାଜକୁ ବୁଝାଇଛନ୍ତି । ବୁଢ଼ା ତୁଳନା କରି ଦେଖିବାକୁ ଚାହାନ୍ତି, ଏସବୁ କାମ କେତେ ଭଲ ହୋଇଛି କି ମନ୍ଦ ହୋଇଛି । ମୁଁ ଧୀରେ ଧୀରେ ଏସବୁ ବିଷୟ ବୁଝି ପାରୁଥିଲି ବୋଲି ତାଙ୍କ କାମରେ ପ୍ରତିବାଦ ନକରି ପ୍ରଶଂସା କରୁଥିଲି । ବୁଢ଼ା ମୋର କଥା ଶୁଣି ଗୋଟିଏ କାଗଜରେ କଣ ଲେଖିଲେ ଓ ମୋତେ ସେଥିରେ ଦସ୍ତଖତ କରିବାକୁ କହିଲେ । ମୁଁ ନିଜ ଭାଷାରେ ମୋର ନାମ ଲେଖିଦେଲି । ବୁଢ଼ା ମୋତେ ସାଙ୍ଗରେ ନେଇ ସେଇ କାଗଜ ଖଣ୍ଡିକ ନେଇ ସୋଭିଏଟ ଘର କାଠପଟା ଉପରେ ଅଠା ଦେଇ ଲଗାଇ ଦେଲେ ।

ସେତେବେଳେ ଆମ ଦେଶରେ ଠିକ୍ ଯାତା ଅଭିମାନରେ ଚଳି ଯାଉଥିଲା । ସେ ଦିନ ଆମ ଦେଶର ଅବସ୍ଥା ଦେଖି ପୃଥିବୀର ଅନ୍ୟାନ୍ୟ ଦେଶର ଅବସ୍ଥା ଅନୁମାନ କରିବା ଏକ ଜଟିଳ ସମସ୍ୟା ଥିଲା । ପୃଥିବୀର ଅନ୍ୟାନ୍ୟ ଦେଶରେ ପୁରାତନ ଅସ୍ତ୍ର ପଦ୍ଧତି ପରିବର୍ତ୍ତନ କରିବାର ଆଦେଶ ଆସିଛି ସରକାରଙ୍କ ତରଫରୁ । ଚୀନ ସୋଭିଏଟକୁ ମୁଁ ସରକାର ବୋଲି କହୁଛି ନାହିଁ, କାରଣ ସେଠାରେ ସର୍ବସାଧାରଣଙ୍କ ହାତରୁ । ପ୍ରଲିଟାରିଏଟ ଡିକ୍ଟେଟରଗଣ ଚିରସ୍ଥାୟୀ ନୁହନ୍ତି, ଅସ୍ଥାୟୀ । ଅଳ୍ପ ଯାହାଙ୍କ ନେତା ନିଯୁକ୍ତ କରାଗଲା, ଯଦି ସେ କାମ ଚଳାଇ ନ ପାରନ୍ତି ତା'ହେଲେ ପଅରି ଦିନ ପୁଣି ନୂତନ ନେତାର ନିର୍ବାଚନ କରାଯିବ । ମୁଁ ତା' ଦେଖିଛି । ଆମ ଦେଶର ଓ ଅନ୍ୟାନ୍ୟ ଦେଶର ଆଇନ ସଭାର ସଦସ୍ୟ ଓ ମନ୍ତ୍ରୀମାନେ ଥରେ କୌଣସି ପ୍ରକାର ଭୋଟ ଆଦାୟ କରି ଗଦିରେ ବସି ପାରିଲେ ସମସ୍ତ ଅଭାବର ଛଳନାକରି ପର୍ଦ୍ଦାର ଅନ୍ତରାଳରେ ରହୁଛନ୍ତି । ସୋଭିଏଟର ଚେୟାରମ୍ୟାନ୍ କମ୍ପା

ସଦସ୍ୟଗଣ ସେଭଳି କରି ପାରିବେ ନାହିଁ । ସେମାନେ ଆପଣା କର୍ତ୍ତବ୍ୟ କରନ୍ତି, ତା' ଉପରେ ସୋଭିଏଟ୍ ପରିଚାଳନା କାର୍ଯ୍ୟ ମଧ୍ୟ ଅତି ଆନନ୍ଦରେ କରନ୍ତି । ଅବଶ୍ୟ ଏଥିରେ ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡ଼େ । ଆମ ଦେଶ କାହିଁକି, କେବଳ ରୁଷ୍ ଦେଶ ଛଡ଼ା ପୃଥିବୀର ସବୁଠାରେ ସରକାରୀ କର୍ମଚାରୀଗଣ ସରକାରଙ୍କଦ୍ୱାରା ମନୋନୀତ ହୁଅନ୍ତି । ସୋଭିଏଟ ଦେଶରେ ତା' ହେବାର ବାଟ ନାହିଁ । ସେମାନେ ଏଠାରେ ସର୍ବସାଧାରଣଙ୍କ ଦ୍ୱାରା ମନୋନୀତ ହୁଅନ୍ତି । ସେଥିପାଇଁ ଜନସାଧାରଣଙ୍କ ପ୍ରତି କୌଣସି ଅବିଚାର ସେମାନେ କରି ପାରନ୍ତି ନାହିଁ । ଏହି ସବୁ କାରଣରୁ ଅନେକେ ସୋଭିଏଟର ସଭ୍ୟ ହେବାକୁ ଚାହାନ୍ତି ନାହିଁ । ଯେଉଁ ମାନେ ଅମ୍ଳାନ ବଦନରେ ଅମାନୁଷିକ ପରିଶ୍ରମ କରି ପାରନ୍ତି, ଜନ ସାଧାରଣଙ୍କ ନିକଟରେ ମନକୁ ସ୍ଫଟିକ ଭଳି ନିର୍ମଳ ରଖି ପାରନ୍ତି ଆଉ ଅନ୍ୟ ଦଗରେ ପ୍ରତିକ୍ରିୟାଶୀଳ ଦଳଙ୍କ ସମ୍ମୁଖରେ ଆପଣାକୁ ଲୁହା ଭଳି ଶକ୍ତ କରି ଛିଡ଼ା କରାଇ ପାରନ୍ତି—ସେଇମାନେ କେବଳ ଏହି ପଦରେ ପ୍ରତିଷ୍ଠିତ ହେବାର ଅଧିକାରୀ ହୁଅନ୍ତି । ସେଥିପାଇଁ ଜାତୀୟବାଦୀ ଏବଂ ସାମ୍ୟବାଦୀ ମାନଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ମିଳେ । ଏ ପ୍ରଭେଦ ସହଜରେ ଅନୁମେୟ । ଗୋଟିଏ ପାଖରେ ଜନମତର ପ୍ରତିଧ୍ୱନି କାର୍ଯ୍ୟକାରୀ ହେଉଛି, ଅପର ପାଖରେ ମୁଷ୍ଟିମେୟ ପୁଞ୍ଜିବାଦୀଗଣଙ୍କର ଉଚ୍ଚ ଆକାଂକ୍ଷା ଜନମତକୁ ଦଳିଦେଇ ଆପଣା ସ୍ୱାର୍ଥସିଦ୍ଧିର ବାଟ ଖୋଜୁଛି । ସୋଭିଏଟ ନୀତି ଜନ ସମାଜର ଆଉ ସନାତନୀ ନୀତି ସ୍ୱେଚ୍ଛାଚାରର ।

ଗାଁଟା ବୁଲି ଦେଖିସାରିଥିଲି । ଏଥର ଗାଁ ଛାଡ଼ି ହେନ୍‌ରେ-ପୋଁ ଅଡ଼କୁ ଯିବାପାଇଁ ମୋର ପ୍ରବଳ ଇଚ୍ଛା ହେଉଥିଲା । ତଥାପି ମୁଁ ଅଧିକ

କିନ୍ତୁ ଦେଖିବାପାଇଁ କ୍ୟୁମାଂସି ଆଡ଼କୁ ଅଗ୍ରସର ହେବାର ବ୍ୟବସ୍ଥା କଲି । କିନ୍ତୁ ସେତେବେଳେ ସେ ଅଞ୍ଚଳରେ ଭୀଷଣ ଗୋଳମାଳ ଓ ହଣାକଟା ଚାଲିଥିଲା । କିଏ କେଉଁ ମତାବଲମ୍ବୀ, କିଏ କାହାକୁ ହତ୍ୟା କରିବାକୁ ଚାହାନ୍ତି, କେଉଁ ସରକାରଙ୍କ ପ୍ରାଧାନ୍ୟ ରହିଛି, ଏ ସବୁ ବିଷୟରେ ମୋର ସଙ୍ଗୀଗଣଙ୍କର କୌଣସି ଧାରଣା ନାହିଁ ବୋଲି ମୁଁ ଭାବିଥିଲି । କିନ୍ତୁ ସେମାନେ ସବୁ ଜାଣିଥିଲେ । ଆମେ ଗାଁରେ ଆଉ ଦୁଇଟି ଦିନ ବିଶ୍ରାମ କଲୁ । ତୃତୀୟ ଦିନ ଗାଁରୁ ବାହାରି କ୍ୟୁମାଂସି ପ୍ରଦେଶ ଅଭିମୁଖରେ ଚାଲିଲୁ । ପଥ ଉଚ୍ଚନୀଚ ଏବଂ ନାନାପ୍ରକାର ଦୁଷ୍ଟ ଲୋକରେ ପୂର୍ଣ୍ଣ । ମୋର କେବଳ ଏକ ମାତ୍ର ଭରସା ଥିଲା ଯେ ମୋ ଉପରେ କେହି ଅତ୍ୟାଚାର କରିବେ ନାହିଁ, କିନ୍ତୁ ସଙ୍ଗୀ ଦୁଇଜଣ ମୋ ଭଳି ନୁହନ୍ତି । ସେମାନେ ବର୍ମୀ । ସେମାନଙ୍କର ବିପଦ ଆପଦ ଲାଗି ରହିଛି । ମୋଭଳିଆ ସୀମାରେ ଅମର ଭୟର କାରଣ କିଛି ନଥିଲା, ତେଣୁ ଆମେ ବେପରୁଆ ହୋଇ ବାଟ ଚାଲିଲୁ ।

ଚାଲିନ୍ ର ପୂର୍ବାଞ୍ଚଳରେ ଗାଁ ଗୁଡ଼ିକରେ ମଧ୍ୟ ସୋଭିଏଟ ସ୍ଥାପନ ହୋଇଛି—କିନ୍ତୁ ସଂଗଠନ କାମ ବିଶେଷ ଅଗେଇ ପାରି ନାହିଁ । ଲୋକଙ୍କ ଅଭାବ ଜଣା ପଡୁଥିଲା । ଯେଉଁମାନେ ଚୀନ, ଜାପାନ ଯୁଦ୍ଧର ସୁଯୋଗରେ ଦୁ'ପଇସା କଳାପୋଟେଇ କରୁଥିଲେ, ସେମାନେ ବି ଏ ଅଞ୍ଚଳକୁ ଯିବା ଆସିବା କରୁଥିଲେ । ଉତ୍ତରରୁ ସନାତନୀ ଚୀନର 'ଇରେଗୁଲର' ସୈନ୍ୟମାନେ ଆସି ମଧ୍ୟେ ମଧ୍ୟେ ଉତ୍ପାତ କରୁଥିଲେ । ପ୍ରକୃତରେ ଦେଶରେ ଶାନ୍ତିଥିଲା ବୋଲି କହି ହେବ ନାହିଁ । ଚୀନାଟଣ ଏଭଳି ଅଶାନ୍ତି ଭିତରେ ଗତ ବର୍ଷ ଅଭ୍ୟସ୍ତ ହୋଇ ଯାଇଥିଲେ ବୋଲି ନୂଆ କୌଣସି ଅଶାନ୍ତିକୁ ସେମାନେ ଭ୍ରୁକ୍ଷେପ କରୁ ନଥିଲେ । କିନ୍ତୁ ଅଶାନ୍ତି ଯେ କେତେ ମର୍ମପୀଡ଼କ

ତା' ବାରମ୍ବାର ମୋ ଦୃଷ୍ଟି ପଥରେ ଆସି ପଡୁଥିଲା । ଏଠାରେ ତାର ଗୋଟିଏ ନମୁନା ଦେଉଛି ।

ଆମେ ଗୋଟିଏ ରେସ୍ତୋରାରେ ପଶି ଖାଉଥିଲୁ । ସାଥିଗଣ ଆପଣା ପରିଚୟ ଦେଇ ରେସ୍ତୋରାର ମାଲିକ ସାଙ୍ଗରେ ମୋତେ ପରିଚିତ କରାଇ ଦେଲେ । ରେସ୍ତୋରା ମାଲିକର ଅଶାନ୍ତି ପୂର୍ଣ୍ଣ ଚାହାଣୀ ବାରମ୍ବାର ମୋର ସଙ୍ଗୀମାନଙ୍କ ଉପରେ ପଡୁଥିଲା । ମଜାର କଥା ଏତିକି ଯେ ଆମେ ରହିବା ଓ ଖାଇବାରେ ଯଥେଷ୍ଟ ସୁଯୋଗ ଓ ସୁବିଧା ପାଇଥିଲୁ । କିନ୍ତୁ ଆମ ପଛେ ପଛେ ଯେଉଁ ଦଳଟି ଆସିଲେ ତାଙ୍କ ପ୍ରତି ରେସ୍ତୋରା ମାଲିକର କଡ଼ା ଦୃଷ୍ଟି ଦେଖି ମନେ ହେଲା ଯେ ତାଙ୍କ ପ୍ରତି ସେ କେବେ ହେଲେ ଭଲ ବ୍ୟବହାର କରିବେ ନାହିଁ । ସେ ହାତ ଦୁଇଟି ପଛଆଡେ ରଖି ମୁଣ୍ଡ ନୁଆଁଇ ଛିଡ଼ା ହୋଇ କହୁଥିଲେ— ବ୍ୟବସାୟ ହେଲା ମୋର ପେଶା, କିନ୍ତୁ ଉପଯୁକ୍ତ ପରିମାଣରେ ମାଲ ନ ପାଇଲେ କିପରି ବ୍ୟବସାୟ କରିବି ? ଆମର ଏଠାରେ ଲାଭ ନିଆ ଯାଏ ନାହିଁ, ଯଦି ଏଇ ସୁଯୋଗ ନେଇ ଅପର ସ୍ଥାନର ଲୋକ ଆସି ଗୋଳମାଳ କରିବେ, ତାହାଲେ ଆଇନର ସାହାଯ୍ୟ ନେବାକୁ ପଡ଼ିବ । ଆଉ ବେଶୀ କଥାବାର୍ତ୍ତା ବଢ଼ିଲା ନାହିଁ । ଯେଉଁମାନେ ଖାଇବାକୁ ଆସିଥିଲେ ସେମାନେ ଗୁପ୍ତ ପକେଟରୁ ଅସ୍ତ୍ର ବାହାର କଲେ ଆଉ ରେସ୍ତୋରା ମାଲିକକୁ ଆକ୍ରମଣ କରିବେ ବୋଲି ଭୟ ଦେଖାଇଲେ । ସାଥୀଗଣ ମୋତେ ବାହାରକୁ ନେଇ ଆସି ଛିଡ଼ା ହେଲେ । ହଠାତ୍ ଘର ଭିତରୁ କେତେଜଣ ସିପାହି ବାହାରି ଗୁଳି ଚଳାଇବା ଆରମ୍ଭ କଲେ । ମୁହୂର୍ତ୍ତକ ମଧ୍ୟରେ ରେସ୍ତୋରା ମୃତ ଦେହରେ ପରିପୂର୍ଣ୍ଣ ହେଲା । ଖାଦ୍ୟ ପରିବର୍ତ୍ତରେ

ଅନେକେ ଖାଇଲେ ପିସ୍ତଲର ଗୁଳି—ତାଙ୍କର କ୍ଷୁଧା ଓ ପିପାସା ନିବାରଣ ପାଇଁ ଲୋପ ପାଇଲା ।

ଏହି ସବୁ ଅଞ୍ଚଳରେ ବୁଲିବାକୁ ଆଦୌ ଭଲ ଲାଗୁ ନଥିଲା । ଏଭଳି ମାରାତ୍ମକ ଅବସ୍ଥା ଭିତରେ ଗତି କରିବାକୁ ପର୍ଯ୍ୟଟକ ଆଦୌ ରାଜି ନୁହେ । ତାପରେ ସାଇକେଲ ଯୋଗୁଁ ମୁଁ ମହା ବିପଦରେ ପଡ଼ିଥିଲି । ଏ ଅଞ୍ଚଳରେ ସାଇକେଲ ଚଳାଇବା ବଡ଼ କଷ୍ଟକର । ବାଟଘାଟ ନାହିଁ କହିଲେ ଚଳେ । କେନ୍ଦୁକୁ-ଗାଁ ଆଡ଼କୁ ଫେରିଯିବା ଉଚିତ ମନେକଲି, କିନ୍ତୁ ସଙ୍ଗୀଗଣ ସେଥିରେ ରାଜି ହେଲେ ନାହିଁ । ସେମାନେ ସାଇକେଲ ଗୁଡ଼ିକ ଟେରେନ୍ତୁ ।ଘରେ ରଖିଦେବାର ବ୍ୟବସ୍ଥା କଲେ । ମୁଁ ସେଥିରେ ବାଧା ଦେଲି ନାହିଁ, କିନ୍ତୁ ସେଦିନ ରାତି ସେଠାରେ ଆଉ ରହିବାକୁ ଆଦୌ ଇଚ୍ଛା ହେଉ ନଥିଲା । ସେମାନେ ଯେତେବେଳେ ବୁଝିଲେ ଯେ ରାତିରେ ସେଠାରେ ରହିବାକୁ ମୋର ଏକାନ୍ତ ଅନିଚ୍ଛା ସେତେବେଳେ ସେମାନେ ମୋତେ ନେଇ ଅନ୍ୟ ଗାଁ ଆଡ଼କୁ ଗଲେ । ଅମେ ପାଦରେ ଚାଲି ଚାଲି ବାହାରିଲୁ, ସାଇକେଲ କଥା ଭୁଲି ଯିବାକୁ ପଡ଼ିଲା । ସଂଧ୍ୟା ପୂର୍ବରୁ ଆମେ ଯାଇ ଅନ୍ୟ ଗୋଟିଏ ଗାଁରେ ପହଞ୍ଚିଲୁ ।

ଏଠାରେ ଅନେକ ସିପାହୀ ଜମିଥିଲେ । ଗାଁର ଲୋକେ ତାଙ୍କ ପାଇଁ ରୋଷେଇ କରୁଥିଲେ । ସେମାନେ ଖାଇବାକୁ ବସିବା ଆଗରୁ ଆମେ ଯାଇ ପହଞ୍ଚିଲୁ । ଆମେ ବି ସେମାନଙ୍କ ସାଙ୍ଗରେ ଖାଇଲୁ । ଆମର ରହିବା ଅସୁବିଧା ହେବାର କଥା, କିନ୍ତୁ ଠିକ ଏ ସନ୍ଧ ହୋଇଗଲା ପରେ ସିପାହୀ ଦଳଟି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ଆମେ ଗୋଟିଏ ହୋଟେଲକୁ ଯାଇ ଆଶ୍ରୟ ନେଲୁ ।

ରାତିରେ ଶୋଇ ଶୋଇ ବହୁକଥା ଭାବୁଥିଲି । ଭଲ ନିଦ ହେଲା ନାହିଁ, ଉଠି ବସିଲି । ଜଣେ ସଙ୍ଗୀଙ୍କୁ ପଚାରିଲି—

ପ୍ରତିକ୍ରିୟାଶୀଳ ସରକାର କଣ ଦେଶଟାକୁ ଜାପାନୀମାନଙ୍କ ହାତରେ ଦେବାକୁ ଚାହାନ୍ତି ? ସେ କହିଲେ ତା' କେତେକ ପରିମାଣରେ ସତ । ଆପଣ ଯେତେବେଳେ ମାଞ୍ଚୁରିଆକୁ ଯିବେ ସେତେବେଳେ ଦେଖିବେ ମାଞ୍ଚୁରିଆ ସହ ଆମର ନିକଟ ସଂପର୍କ ରହିଛି । ତୋ ଆଉରକୁ ଯଦି ଇଂଲଣ୍ଡର କାହାରେ ବୋଲି କୁହାଯିବ ତାହେଲେ ମଞ୍ଚୁରିଆ ମଧ୍ୟ ଚୀନର ବାହାରେ ବୋଲି କୁହା ଯାଇପାରେ । ମୁଁ ଚିନ୍ତିତ ହୋଇ ପ୍ରଶ୍ନ କଲି—ମୋର ମନହୁଏ, ଆପଣମାନଙ୍କର ଶତ୍ରୁ ଘରେ ବାହାରେ ଉଭୟ ବିଦ୍ୟମାନ । ଉଭୟ ଶତ୍ରୁଙ୍କୁ ଦମନ କରିବା ଆପଣମାନଙ୍କ ପକ୍ଷରେ ଏକ ସମସ୍ୟା ନିଶ୍ଚୟ । ସାଥୀ କହିଲେ, ଆପଣଙ୍କ କଥା ସତ, କିନ୍ତୁ ତାର ଜବାବ ମୁଁ ଦେଇ ପାରିବି ନାହିଁ । କାରଣ ତା, ରାଜନୀତିର କଥା । ଆପଣଙ୍କ ସାଙ୍ଗରେ ଅଟେମ ରାଜନୀତି ସଂପର୍କରେ ଚର୍ଚ୍ଚା କରିବୁ ନାହିଁ ।

ସୁତରାଂ ଅଳ୍ପରେ କିଛୋଇ ନଦରୁ ଉଠି ପୁଣି ଅମେ ରାସ୍ତା ଉପରକୁ ଚାହାଁ ପଡ଼ିଲୁ । ଏଥର ଆମେ କୁଆଡ଼େ ଯାଉଛୁ ବା କେଉଁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଛୁ ସେ ସମ୍ବନ୍ଧରେ ମୁଁ କିଛି ପଚାରିଲି ନାହିଁ । କେବଳ ଲଙ୍ଗା ଗଡ଼ା ଭିତରେ କମ୍ୟୁନିଜମ୍ କିପରି ଭାବରେ ପ୍ରସାର ଲାଭ କରୁଛି ସେଥିପ୍ରତି ଲକ୍ଷ୍ୟ ରଖିଥିଲି । କୌଣସି ବିଷୟରେ ଜାଣିବାକୁ ହେଲେ ଧୈର୍ଯ୍ୟ ରଖିବାକୁ ହୁଏ ଆଉ ପରିଶ୍ରମ ମଧ୍ୟ କରିବାକୁ ହେବ । ବାଟ ଚାଲୁ ଚାଲୁ ନାନା ବିଷୟରେ ଚିନ୍ତା କରିବା ମୋର ଚିରନ୍ତନ ଅଭ୍ୟାସ । ମୁଁ ଭାବୁଥିଲି, ଏତେ ଶତ୍ରୁ ଭିତରେ କିପରି ମାଓ-ସେ ତୁଂଙ୍କ ନବଜାତ ସୋଭିଏଟ ବର୍ତ୍ତମାନ ସୁଦ୍ଧା ବଂଚି ରହି ପାରିଛି । କେଳେ ବେଳେ ଯେତେବେଳେ ବିଶ୍ରାମ କରୁଥିଲି ସେତେବେଳେ ଛବି ଆଙ୍କି ସାଥୀ

ମାନଙ୍କୁ ଦେଖାଉଥିଲି—ଏତେ ଗୁଡ଼ିଏ ଶତ୍ରୁ ଆପଣମାନଙ୍କର ଅଛନ୍ତି, ଏଇ ସବୁ ଶତ୍ରୁଙ୍କୁ ଜୟ ନକଲେ ଆପଣଙ୍କର ବଂଚି ରହିବାର ଅନ୍ୟ କୌଣସି ଉପାୟ ମୁଁ ଦେଖୁନାହିଁ । କେଇଟା ଦିନ ମୋ ସାଙ୍ଗରେ ବୁଲିଲା ପରେ ସାଥୀମାନେ ମୋର ପ୍ରଶ୍ନବାଣରେ ଅସ୍ଥିର ହୋଇ କହୁଥିଲେ—ଆମେ ମରୁ ବା ବଞ୍ଚୁ ସେଥିରେ କୌଣସି କ୍ଷତି ନାହିଁ, କିନ୍ତୁ ଯେଉଁ ସବୁ ସ୍ଥାନରେ ସୋଭିଏଟ ସ୍ଥାପିତ ହୋଇଛି ସେ ସବୁ ସ୍ଥାନରେ ଅଧିବାସୀଗଣ ସୋଭିଏଟ କାହାକୁ କହନ୍ତି ବୁଝି ପାରିଛନ୍ତି । ସୋଭିଏଟ ତାଙ୍କ ପାଇଁ ଅମୃତ ଭଳିଆ । ଥରେ ଯେଉଁମାନେ ଏହି ଅମୃତର ଆସ୍ୱାଦନ ପାଇଛନ୍ତି ସେମାନେ ତାର ସଞ୍ଚୟ ଓ ରକ୍ଷା ପାଇଁ ପ୍ରାଣପଣେ ଚେଷ୍ଟା କରିବେ । ଅତେବ ଯଦି ସୋଭିଏଟ ପ୍ରଥା ଲୋପ ପାଏ ପୁଣି ତା' ଉପରେ ଚୋଟ ଆସିବ ସେଥିପାଇଁ ସେମାନେ ଆପ୍ରାଣ ଚେଷ୍ଟା କରିବେ ।

ଯେତିକି ଯେତିକି ସୋଭିଏଟ ଚୀନ ବୁଲି ଦେଖୁଥିଲି ସେତିକି ସେତିକି ଭାବୁଥିଲି ଦିନେ ନା ଦିନେ ପୃଥିବୀଟା ଯାକ ସୋଭିଏଟ ହୋଇଯିବ । ଏଭଳି ଚିନ୍ତା କରିବା ମୋ ପକ୍ଷରେ ଅନ୍ୟାୟ ନୁହେଁ । ଯଦି କେହି ବିଦେଶକୁ ଯାଇ କୌଣସି ଭଲ ଜିନିଷ ପାଏ, ତା' ସେ ନେଇ ଆସେ ଆପଣା ଲୋକଙ୍କୁ ଦେଖାଇବା ପାଇଁ, ଖାଦ୍ୟ ହେଲେ ବାଣ୍ଟିବା ପାଇଁ । କିନ୍ତୁ ସୋଭିଏଟ୍ ଖାଦ୍ୟ ନୁହେଁ ଯେ କିଣି ଆଣି ଦେଶବାସୀଙ୍କୁ ବାଣ୍ଟି ଦେବି । ସୋଭିଏଟ କିଣିବାକୁ ମିଳେ ନାହିଁ—ସୋଭିଏଟ ଗଢ଼ା ହୁଏ ।

ନୂଆ କିଛି ଗଢ଼ିବାକୁ ହେଲେ ଶାରୀରିକ ଏବଂ ମାନସିକ ପରିଶ୍ରମ କରିବାକୁ ପଡ଼େ । ଚୀନ୍ ସୋଭିଏଟ ଗଢ଼ିବାକୁ ଯାଇ ମାଓ—ସେ—ତୁଂ ବହୁ ପରିଶ୍ରମ କରିଛନ୍ତି । ଅଧିକ ପରିଶ୍ରମ ଯୋଗୁ ସେ ଦୁଇ ଥର ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି । ଚୀନାଗଣ

ଯେଉଁଠି ପରିଶ୍ରମ କରିପାରନ୍ତି ଭାରତବାସୀ ଦ୍ୱାରା ତା' ସମ୍ଭବ ହେବ ନାହିଁ । ଓୟାଂ ଯେତେବେଳେ ମାଓଙ୍କ କଥା ମୋ ଆଗରେ କହୁଥିଲେ ସେ-ସେତେବେଳେ ସେ ତାଙ୍କର ଡାହାଣ ହାତର ବୁଢ଼ା ଅଙ୍ଗୁଳିଟି ଦେଖାଇ କହୁଥିଲେ — ମାଓଙ୍କ ଭଳି କର୍ମବୀର ଚୀନ ଦେଶରେ ଆଉ ଜଣେ ଜନ୍ମ ହୋଇ ନାହାନ୍ତି । ଯେତେବେଳେ ସେ କହୁଥିଲେ ପୃଥିବୀରେ ଯେତେ ବୀର ପୁରୁଷ ଜନ୍ମ ଗ୍ରହଣ କରିଛନ୍ତି, ମାଓ ସେମାନଙ୍କ ଭିତରେ ଅଗ୍ରଗଣ୍ୟ । ମୁଁ ସେଥିରେ ସେ-ସେତେବେଳେ ପ୍ରତିବାଦ କରିଛି, ସେତେବେଳେ ଓୟାଂ କହୁଥିଲେ, ଚୀନ ଦେଶ ଶତଭାଗରେ ବିଭକ୍ତ । ବିଦେଶୀଗଣ ଚୀନର ଛାତି ଉପରେ ତାଣ୍ଡବ ନୃତ୍ୟ କରୁଛନ୍ତି, ଏପରି ଅବସ୍ଥାରେ ଚୀନରେ ସୋଭିଏଟ ଗଠନ କରିବା କେବଳ ମାଓଙ୍କ ପକ୍ଷରେ ସମ୍ଭବପର ହୋଇଛି ।

ମୁଁ ପଲ୍ଟନ୍‌ରେ କାମ କରିଛି । କେବଳ ହୁକୁମ ମାନିବା ଶିଖିଛି, କିନ୍ତୁ କିପରି ଭାବରେ ହୁକୁମ ଚଳାଇବାକୁ ହୁଏ — ସେତିକି ମୋର ଅଜ୍ଞାତ । ମାଓ — ସେ — ତୁଂ ହୁକୁମ ଦେବା ଓ ହୁକୁମ ମାନିବା ଉଭୟ କାମରେ ବାହାଦୁରୀ ଦେଖାଇଛନ୍ତି । ତା'ପରେ କମ୍ୟୁନିଷ୍ଟ ପାର୍ଟିର ଲୋକ କୌଣସି କଥା ସହଜରେ ମାନି ନେବାକୁ ରାଜି ନୁହନ୍ତି । ସେମାନେ ଯେତେବେଳେ କୌଣସି କାମରେ ହାତ ଦିଅନ୍ତି, ସେତେବେଳେ ତା ପୂର୍ବରୁ କାର୍ଯ୍ୟର ଧାରା ଓ ଉଦ୍ଦେଶ୍ୟ ଭଲ ଭାବରେ ବୁଝି ନିଅନ୍ତି । ସେତିକିବେଳେ ସେମାନଙ୍କ ମଧ୍ୟରେ ଭୀଷଣ ତର୍କ ଯୁଦ୍ଧ ହୁଏ । ଏହି ତର୍କ ଯୁଦ୍ଧରେ ଯିଏ ବିଜୟୀ ହୁଅନ୍ତି, ତାଙ୍କର କଥା ସମସ୍ତେ ମାନି ନିଅନ୍ତି । ମାଓ ମଧ୍ୟ ବହୁ ସମୟରେ ତର୍କ ଯୁଦ୍ଧରେ ଯୋଗ ଦେଇଛନ୍ତି । ତର୍କ ଯୁଦ୍ଧ କର୍ମଯୁଦ୍ଧର ଭୂମିକା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁମାନେ ପ୍ରକୃତ କର୍ମୀ ସେମାନେ ଦାସମନୋଭାବର ଅଧୀନରେ ରହନ୍ତି ନାହିଁ ।

ସେଥିପାଇଁ ମାଓଙ୍କୁ ମଧ୍ୟ ଥରେ କମ୍ୟୁନିଷ୍ଟ ପାର୍ଟି ତ୍ୟାଗ କରିବାକୁ ପଡ଼ିଥିଲା । ମାଓଙ୍କର କମ୍ୟୁନିଷ୍ଟ ଦଳ ତ୍ୟାଗର କାରଣ ଓସ୍ୟାଂ ମୋ ନିକଟରେ ଏକାଧିକଥର କହିଛନ୍ତି । ମୁଁ କିନ୍ତୁ ତାଙ୍କ କଥାରେ କାନ ଦେଇ ନାହିଁ । ତଥାପି ଯେତିକି ମନେରଖି ପାରିଛି ସେତିକି କହିବା ଦରକାର ମନେ କରୁଛି ।

ମାଓ କୃଷକ ଓ ଶ୍ରମିକ ମାନଙ୍କ ସହ କାମ କରିବାକୁ ଭଲ ପାଆନ୍ତି । ସେ କୃଷକମାନଙ୍କ ସାଙ୍ଗରେ ରହନ୍ତି ଆଉ ତାଙ୍କର ଭିତରେ ସଂଗଠନ କାମ ଚଳାନ୍ତି । ଏହି ସଂଗଠନ କାମ ବେଳେ ସେ ଏପରି ଭାବରେ କଥା କହନ୍ତି ଯେ କୃଷକଙ୍କ ମାନସିକ ଉନ୍ନତି ଅତି ଶୀଘ୍ର ଆସିଯାଏ । କୃଷକ ଓ ଶ୍ରମିକମାନଙ୍କ ସାଙ୍ଗରେ ରହିଲେ ଯାଇ ବୁଝିହେବ ଯେ ତାଙ୍କର ଅଭାବ ବା ଅଭିଯୋଗ କେଉଁଠି । ସେ ସେମାନଙ୍କ ସାଙ୍ଗରେ ରହି, ତା' ବୁଝି ପାରୁଥିଲେ ଆଉ ତାଙ୍କର ଅଭାବ ଅଭିଯୋଗ କଥା ପ୍ରକାଶ କରିବାକୁ ସକ୍ଷମ ହୋଇଥିଲେ । ଏହି ସବୁ କାରଣରୁ ସେ କୃଷକମାନଙ୍କ ଭିତରେ ବିଦ୍ରୋହ ଆଣି ପାରିଥିଲେ । କେନ୍ଦ୍ରୀୟ କମ୍ୟୁନିଷ୍ଟ ଦଳ ସେତେବେଳେ ବିଦ୍ରୋହ ପସନ୍ଦ କରୁ ନ ଥିଲେ । ଫଳରେ ଶିଖାମୟ ଜ୍ୱଳନ୍ତ ଅଗ୍ନି ସ୍ତିମିତ ଅଗ୍ନି ଠାରୁ ଲୁଚି ଯିବାକୁ ବାଧ୍ୟ ହୋଇଥିଲା । ମାଓ ଦକ୍ଷିଣ ଚୀନର ଗ୍ରାମାଞ୍ଚଳେ କୃଷକମାନଙ୍କୁ ଧରି ବିଦ୍ରୋହ ଆରମ୍ଭ କଲେ ।

ଓସ୍ୟାଂ କହୁଥିଲେ, ମାଓଙ୍କ ବିଦ୍ରୋହ ଫଳରେ ବହୁ ଲୋକ ଅକାଳରେ ମରିଛନ୍ତି । ବହୁ ସହର ଓ ଗ୍ରାମ ଏକାବେଳେକେ ଲୋପ ପାଇ ଯାଇଛି । ବହୁ ସହର ରକ୍ତ ସ୍ରୋତରେ ଭାସି ଯାଇଛି । ମାଓ ସେତେବେଳେ ଥିଲେ ଉଗ୍ରପନ୍ଥୀ, ବିଦ୍ରୋହ ତାଙ୍କ ମଜ୍ଜାଗତ ହୋଇ ରହିଥିଲା । ଏହି ବିଦ୍ରୋହ ଫଳରେ ଗୁଲିନ୍‌ରେ ସୋଭିଏଟ୍ ଗଢିଉଠିଲା ।

କେଣ୍ଟନ୍‌ର ପୁଲିସ କମିଶନରଙ୍କୁ ପଚାରିଥିଲି,—କମ୍ୟୁନିଷ୍ଟମାନେ କାହିଁକି ଏଇ ସହର ଓ ଗ୍ରାମ ସବୁ ଧ୍ୱଂସ କରନ୍ତି ? କମିଶନର ସ୍ୱୟଂ କମ୍ୟୁନିଷ୍ଟ—ତେଣୁ ସେ କହିଥିଲେ କମ୍ୟୁନିଷ୍ଟମାନେ କେବେହେଲେ ସହର ଓ ଗାଁ ଗଣ୍ଡା ଧ୍ୱଂସ କରନ୍ତି ନାହିଁ । ଯେଉଁମାନେ କମ୍ୟୁନିଷ୍ଟମାନଙ୍କର ଶତ୍ରୁ ସେଇମାନେ ଗାଁ ଓ ସହରକୁ ଧ୍ୱଂସ କରି ଦେଉନ୍ତି ! ବାସ୍ତବିକ୍ ଏକଥା ମୁଁ ନିଜ ଆଖିରେ ଦେଖିଛି । କମ୍ୟୁନିଷ୍ଟମାନେ ଗ୍ରାମ ଧ୍ୱଂସ କରିବାତ ଦୂରକଥା ବରଂ ଗାଁ ଗଣ୍ଡା କିପରି ରକ୍ଷା ପାଇବ ଏ ଦିଗରେ ସେମାନେ ସବୁବେଳେ ସଚେତନ ଥାଆନ୍ତି ।

ମାଓଙ୍କର ଜଣେ ପରମ ଶତ୍ରୁ ସହିତ ମୋର ଦିଥର ସାକ୍ଷାତ ହୋଇଥିଲା । ତାଙ୍କର ନାମ ଉଁ । ଉଁ—ଙ୍କ ସାଙ୍ଗରେ ମୋର ଯେତେବେଳେ ନାନ୍‌କିଂରେ ଦେଖାହୁଏ ସେତେବେଳେ ସେ ମୋତେ ପଚାରିଥିଲେ—ମାଓଙ୍କ ସାଙ୍ଗରେ ଆପଣଙ୍କର ସାକ୍ଷାତ ହୋଇଛି ?

ମାଓ କିଏ ?

ସେଇ ପ୍ରସିଦ୍ଧ ଡକାୟତ ସର୍ଦ୍ଦାର ।

ତାଙ୍କ ସାଙ୍ଗରେ ମୋର ବହୁବାର ଦେଖା ହୋଇଛି । ସେତ ଖରାପ ଲୋକ ନୁହନ୍ତି, ବହୁସମୟରେ ସେ ମୋତେ ବରଂ ସାହାଯ୍ୟ କରିଛନ୍ତି । ତାଙ୍କର ସହକାରୀ ଗଣ ନାନା ସମୟରେ ମୋତେ ବାଟ ଦେଖାଇ ଦେଇଛନ୍ତି । କାହିଁକି ଯେ ଆପଣମାନେ ତାଙ୍କୁ ଡକାୟତ ବୋଲି କହନ୍ତି, ମୁ କିଛି ବୁଝିପାରେ ନାହିଁ ।

ବୁଝିବାର ଦରକାର କଣ ? ସେଇ ଦସ୍ୟୁର ମୁହଁ ଖଣ୍ଡିକ ମଧୁବୋଳା, କିନ୍ତୁ ହୃଦୟଟା ଶାଣଦିଆ ତରବାରି ଭଳି ।

ମାର୍ଓଙ୍କର ଅନ୍ତର ମଧ୍ୟ ଶତ୍ରୁ ଭରି ରହିଥିଲେ, ସେମାନଙ୍କ କଥା ଏଠାରେ ନ କହିବା ଭଲ—କାରଣ ବ୍ୟକ୍ତିଗତ ଆକ୍ରମଣ ମୋତେ ଆଦୌ ଭଲ ଲାଗେ ନାହିଁ, ତଥାପି ଏତକ କହି ପାରି-ଥିଲି ଯେ ଯେଉଁମାନେ ମାର୍ଓଙ୍କ ବିରୁଦ୍ଧାଚରଣ କରିଛନ୍ତି, ସେମାନେ ତା' ସ୍ୱେଚ୍ଛାରେ କରି ନାହାନ୍ତି। ଏହା ତାଙ୍କର ମାନସିକ ଦୁର୍ବଳତା। ଯାହାଙ୍କର ମନ ଦୁର୍ବଳ ସେମାନେ ସମାଜ ସେବା ପରିତ୍ୟାଗ କରି ବ୍ୟକ୍ତିଗତ ଲାଭ ଆଡ଼କୁ ଚାଲି ଯାଆନ୍ତି ଆଉ ପ୍ରକୃତ ତ୍ୟାଗୀର ସମସ୍ତ ସଂପର୍କ ତୁଟାଇ ଦିଅନ୍ତି।

ତାପରେ ମୁଁ ଓୟାଂଙ୍କୁ କହିଲି—ଆମ ଦେଶର ଲୋକେ ସାଧାରଣତଃ ମୋତେ ପର୍ଯ୍ୟଟକ ବୋଲି କହୁଥାନ୍ତି, କିନ୍ତୁ ମୋର ତା' ଆଦୌ ପସନ୍ଦ ନୁହେଁ। ଓୟାଂ କହିଲେ—ଯେଉଁମାନେ ଦକ୍ଷିଣ ଚୀନରେ ପ୍ରଥମ ସୋଭିଏଟ୍ ସ୍ଥାପନ କରିଥିଲେ ସଭିଏଁ ପ୍ରାୟ ପର୍ଯ୍ୟଟକ ଦଳର ସଭ୍ୟ ଥିଲେ। ତାଙ୍କ କଥା ଶୁଣିଲା ପରେ ମୋର ଭାରି ଇଚ୍ଛା ଥିଲା ଭାରତରେ ମଧ୍ୟ ଗୋଟିଏ ପର୍ଯ୍ୟଟକ କ୍ଲାବ କି ସଂଘ ଗଢ଼ିବି। କିନ୍ତୁ କର୍ମଶକ୍ତି ଲୋପ ପାଇବା ସଂଗେ ସଂଗେ ସେ ସବୁ ବାସନା ଧୀରେ ଧୀରେ ଲିଭି ଯାଉଛି।

ଆମ ଦେଶରେ ଯେ ଭଳି ଲୋକେ କେତେକ ଡକାଏତଙ୍କ ପ୍ରଶଂସା କରିଥାନ୍ତି—ଚୀନରେ ସେହିଭଳି ଦୁଇଜଣ ବିଶିଷ୍ଟ ଡକାଏତଙ୍କ ନାମ ସର୍ବସାଧାରଣ ଜାଣିଥାନ୍ତି। ସେମାନେ ଥିଲେ ଅସଲ ଡକାଏତ। କେତେବେଳେ ହେଲେ ସେମାନେ କାହାକୁ ଦୟାମାୟା ଦେଖାଉ ନଥିଲେ। ଯାହାକୁ ବାଟରେ ପାଉଥିଲେ ସାଂଗେ ସାଂଗେ ତାକୁ ପ୍ରଥମେ ହତ୍ୟା କରୁଥିଲେ, ତା'ପରେ ତା' ପକେଟରେ କ'ଣ ଅଛି ଦେଖୁଥିଲେ। ଏଇ ଡକାଏତ ଦଳ ଗାଁକୁ ଗାଁ ଲୁଟ୍‌କରି ଗାଁରେ ନିଆଁ ଲଗାଇ ଦେଉଥିଲେ। ତାଙ୍କ

ଭଳି ଉପାୟରେ ମଧ୍ୟ ମାଓଙ୍କଠାରୁ ଶିକ୍ଷା ପାଇ ସେହି ହୀନବୃତ୍ତି ଛାଡ଼ି ଭଲ ବାଟକୁ ଆସିଥିଲେ । ତାଙ୍କ ଭିତରୁ କେହି କେହି ଶେଷକୁ ଲାଲ ଫଉଜର କପ୍ତାନ ପର୍ଯ୍ୟନ୍ତ ହୋଇଥିଲେ । ଓ୍ୟାଂ ମୋ ନିକଟରେ ଏହି କଥା ସବୁ କହୁଥିବାବେଳେ ତାଙ୍କ ମୁହଁର ଭାବ ଏମିତି ଘନ ଘନ ବଦଳୁଥିଲା ଯେ ତାଙ୍କ ମନଭିତର ଉତ୍ତେଜନା ଧରା ପଡ଼ି ଯାଉଥିଲା । ଚୋର ଡକାଏତ ପ୍ରଭୃତି କାମ ମଣିଷ ବାଧ୍ୟରେ ପଡ଼ି କରେ, ତା' ନହେଲେ କିଏ କାହିଁକି ଏ କୁକର୍ମ କରିବାକୁ ଯାଆନ୍ତା ! କିନ୍ତୁ ସାମ୍ରାଜ୍ୟବାଦୀଗଣ ତା' ବୁଝନ୍ତି ନାହିଁ । ସେମାନେ ଚୋର ଡକାଏତଙ୍କୁ ଧରି ଦଣ୍ଡ ଦିଅନ୍ତି—କିନ୍ତୁ ଲୋକେ ଯେପରି ଅଭାବରେ ପଡ଼ି ଅନ୍ୟାୟ କାମ ନକରନ୍ତି ତାର କୌଣସି ବ୍ୟବସ୍ଥା କରି ପାରନ୍ତି ନାହିଁ । ଚୁ—ତେ ଭୀଷଣ ଅଫିମ ଖୋର ଥିଲେ । ସେ କମ୍ୟୁନିଜିମ୍‌ର ସନ୍ଧାନ ପାଇ ଅତି କଷ୍ଟରେ ଅଫିମ ଛାଡ଼ିଥିଲେ । ସେଦିନ କିଏ ଜାଣିଥିଲା ଯେ ଏହି ଚୁ—ତେ ଭବିଷ୍ୟତରେ ଦିନେ ଚୀନର ସ୍ୱାଧୀନତା ରକ୍ଷା କରିବା ପାଇଁ ଅଗ୍ରଣୀ ହୋଇ ଛିଡ଼ାହେବେ । ଓ୍ୟାଂ ମୋତେ ସବୁବେଳେ ଏହି ଚୁ—ତେ ଓ ମାଓଙ୍କ କଥା କହୁଥିଲେ । ମୁଁ କେବଳ ଓ୍ୟାଂଙ୍କ କଥା ସେତେବେଳେ ଶୁଣି ଯାଉଥିଲି, କିନ୍ତୁ ଏହି ଦୁଇଜଣ ବଳିଷ୍ଠ ଲୋକଙ୍କ କର୍ମଶକ୍ତି ଯେ କେତେ ଫଳପ୍ରସୂ ତା' ଆଦୌ ବୁଝିପାରି ନଥିଲି ।

ପୃଥିବୀ ଭ୍ରମଣ କଲାବେଳେ ଚୀନ ଦେଶରେ ଦେଖିଛି ଜାପାନୀଗଣ ବିଦ୍ରୋହୀ ଚୀନା ଯୁବକଙ୍କୁ ବିପଥଗାମୀ କରିବା ପାଇଁ ନାନା ପ୍ରକାର ପ୍ରଲୋଭନ ଦେଖାଉଥିଲେ । ସେ ପ୍ରଲୋଭନରେ ଅନେକେ ଭୁଲି ଯାଉଥିଲେ ଆଉ କେତେକ ଆପଣା କର୍ତ୍ତବ୍ୟ ମଧ୍ୟ ଛାଡ଼ି ଦେଉଥିଲେ । ସେଥିପାଇଁ ଚୀନର ଯେଉଁ ଯୁବକଗଣ ଦେଶର

କାମ କରୁଥିଲେ ତାଙ୍କ ପାଇଁ କେତେ ଗୁଡ଼ାଏ ନିୟମ ବାନ୍ଧି ଦିଆ-ଯାଇଥିଲା । ସେଇ ନିୟମ ସମ୍ବନ୍ଧରେ ମୁଁ କେତେ କଥା ଶୁଣିଥିଲି । କିନ୍ତୁ ପରାଧୀନତା ଯେଉଁମାନେ ମର୍ମେ ମର୍ମେ ଅନୁଭବ କରନ୍ତି, ସେଇମାନେ କେବଳ ସେ ସବୁ ନିୟମ ପାଳନ କରନ୍ତି । ଅନ୍ୟ ଲୋକ ପକ୍ଷରେ ସେ ସବୁ ନିୟମ ପାଳନ କରିବା ସମ୍ଭବପର ନୁହେଁ । ସେଇ ନିୟମର ଆଭାସ ଏଠାରେ ଟିକିଏ ଦେଉଛି । ଯଥା—କାର ମା'କୁ ଯକ୍ଷ୍ମା କଲେରା ଧରିଲା କି' କିଏ ତା'ର ସେବା ଶୁଶ୍ରୂଷା ଛାଡ଼ି ଅଡ୍ଡା ମାରିବାକୁ ବାହାରକୁ ଯିବ ? ନା, ତା' ସମ୍ଭବ ନୁହେଁ ! ଚୀନର କର୍ମୀ ଯୁବକ ଓ ଯୁବତୀଗଣ ଜାତୀୟ ମୁକ୍ତିକୁ ସେଇଭଳି ଏକ ଦାୟିତ୍ୱ ବୋଲି ଭାବନ୍ତି । ସେଥିପାଇଁ ଚୀନ ବିଶ୍ୱଜଗତରେ ଛିଡ଼ା ହୋଇ ରହିଛି ।

ଆମେ ପାହାଡ଼ିଆ ବାଟ ଧରି ଚାଲିଥିଲୁ । ଉପରେ ଆକାଶରେ ସୁନ୍ଦର ମେଘରାଶି ଧୀରେ ଧୀରେ ଭାସି ଚାଲିଥିଲା । ବେଳେ ବେଳେ ସେଇ ଭାସମାନ ମେଘମାଳା ଅନ୍ତରାଳରେ ସୂର୍ଯ୍ୟ ଲୁଚି ଯାଉଥିଲେ । ମୁଁ ନୀରବରେ ବାଟ ଚାଲୁଥିଲି । ସଙ୍ଗୀ ଭିତରୁ ଜଣେ କହିଲେ—ଦେଖ ବନ୍ଧୁ, ଏଇଟା ହେଲା ନାନ୍—ଗୁଂର ବାଟ । ପାହାଡ଼ ଡେଇଁଲେ ପରେ ଗୋଟିଏ ସମତଳ ଭୂମି ପଡ଼ିବ, ତା' ନିକଟରେ ଏକ ବିରାଟ ହ୍ରଦ— ସେଇ ହ୍ରଦକୂଳରେ ନାନ୍—ଗୁଂ । ବଡ଼ ସହର—କେଣ୍ଟନ ଭଳି ହେବ । ମନଟା କେବଳ ସେଇ ଆଡ଼କୁ ଧାଉଁଛି । ସେ ଅଞ୍ଚଳରେ କେଉଁଠି ପୁଣି ସୋଭିଏଟ କେନ୍ଦ୍ର ଗଢ଼ିବାର ପ୍ରଚେଷ୍ଟା ଚାଲିଛି । ଯେତେବେଳେ ସୋଭିଏଟ ଗଢ଼ି ଉଠିବ ସେତେବେଳେ ଆମେ ସେଠାକୁ ଯିବୁ, ସେଠାରେ ଯାଇ କାମ କରିବୁ । ତାଙ୍କ କଥା ଶୁଣି ମୁଁ ଆଉ ଚୁପ୍ କରି ରହି ପାରିଲି ନାହିଁ, କହିଲି—ମୁଁ ଚାଲିଲା ବେଳେ ସାଧାରଣତଃ କଥା କହେ ନାହିଁ—ତଥାପି କହୁଛି,

ଯେତେବେଳେ କଥାବାର୍ତ୍ତା କରବେ ସେତେବେଳେ ଇଂରାଜୀ ଭାଷା ବ୍ୟବହାର କରନ୍ତେ । ଇଂରାଜୀ ଭାଷାଟା ଖରାପ ନୁହେଁ, ଇଂରାଜୀ ଭାଷା ଉପରେ ମୋର କୌଣସି ଅଶ୍ରଦ୍ଧା ନାହିଁ । ଛାତ୍ରୀମାନେ ହସି ଉଠିଲେ—ଯା' ଭିତରେ ଆପଣଙ୍କର ଭାରତ ଦେଶପ୍ରୀ ପାଇ ଆନନ୍ଦିତ ହେଲୁ । ସେମାନେ ଛାତ୍ରୀ । ସେମାନେ ବୁଝୁଁଥିଲେ ମୋର ମନର ସଙ୍କୀର୍ଣ୍ଣତା କାଢ଼ି ଭାବରେ ଜାତି ପାଇ ମନଟା ବଡ଼ ହେବ । ଯେତେବେଳେ ଦେଖିଲେ ତାଙ୍କର ପରିଶ୍ରମ ସାର୍ଥକ ହେଉଛି, ସେତେବେଳେ ସେମାନେ ଆନନ୍ଦିତ ହୋଇଥିଲେ । କର୍ମୀର ଆନନ୍ଦ ଏଇଠି । ଯେଉଁମାନେ କହନ୍ତି ଏକାଦିକମେ କାମ କରିବାଟା ବଡ଼ କଷ୍ଟକର, ସେଇଠି ବୁଝିବାକୁ ହେବ ଯେ ପ୍ରକୃତ କର୍ମର ଆସ୍ୱାଦନ ସେମାନେ ପାଇ ନାହାନ୍ତି—ସେମାନେ କର୍ମୀ ହୋଇ ପାରି ନାହାନ୍ତି ।

ଏଥର ବାକି କଥା କହେ । ସେଇ ପାହାଡ଼ିଆ ବାଟ ଆଗରେ ପାହାଡ଼ ପରେ ପାହାଡ଼ ସମୁଦ୍ର ଢେଉ ଭଳି ଦେଖା ଯାଉଛି । ପାହାଡ଼ରେ ଗଛ ପତ୍ର ନାହିଁ, ଅଛି କେବଳ ଘାସ । କାହିଁକି ଯେ ଗଛ ନାହିଁ ତା' ବିବେଚନାର କଥା । ଜାପାନୀ ଗଣ କହନ୍ତି, ଚୀନାମାନେ ଗଛ କାଟି ପକାଇଛନ୍ତି, ଏ ସବୁ ପାହାଡ଼ରେ ପୁଣି ଗଛ ଲଗାଇବାକୁ ପଡ଼ିବ । ଆଉ ଚୀନାଗଣ କହନ୍ତି ଗଛ କେବେହେଲେ ପାହାଡ଼ରେ ଉଠି ନାହିଁ. ଉଠିବା ବି ସମ୍ଭବ ନୁହେଁ । ମୁଁ କହିଲି, କେହି କଣ କେବେ ଏ ପାହାଡ଼ରେ ଗଛ ଲଗାଇ ଦେଖିଥିଲା ? ଉତ୍ତର ପାଇଲି, ଏ ଯାଏ କେହି ଗଛ ଲଗାଇ ନାହାନ୍ତି ଏଥର ଲଗାଇବାକୁ ପଡ଼ିବ । ପାହାଡ଼କୁ ବୃକ୍ଷଲତାରେ ପରିପୂର୍ଣ୍ଣ କରିବାକୁ ହେବ । ଚୀନ ଦେଶକୁ ମୂଳ ପଥରେ ଚଳାଇବାକୁ ହେବ । କିନ୍ତୁ ସେ ସବୁ ବର୍ତ୍ତମାନ ନୁହେଁ । ବର୍ତ୍ତମାନ ଚୀନ ଦେଶକୁ

ଗଢ଼ିବାକୁ ହେବ । ପାପୀଙ୍କର ସଂହାର ଲୀଳା ଶେଷ ହେଲା ପରେ ସେ ସବୁର ବ୍ୟବସ୍ଥା କରାଯିବ ।

ସମ୍ମୁଖରେ ଧାନ୍ଦାଡିଆ ବାଟ ବୁଲି ବୁଲି ଯାଉଛି । ଆମେ ସେହି ବାଟରେ ପାଦେ ପାଦେ ହୋଇ ଅଗେଇଥିଲୁ । ଆଗରେ ଗାଁ ଦେଖା ଯାଉଛି । ଗାଁରେ ଖାଦ୍ୟ ମିଳିବ, ଶୋଇବାକୁ ସ୍ଥାନ ମିଳିବ । ଗାଁଟି ସୁନ୍ଦର ହୋଇଥିବ । ଦୂରରୁ ସୁନ୍ଦର ବଡ଼ ବଡ଼ ଘର ଦେଖା ଯାଉଛି । ପାହାଡ଼ତଳରେ ଗାଁ ଟିଏ କି । ଗାଁରୁ ଧୂଆଁ ବାହାରି ଆକାଶକୁ ଉଡ଼ୁଛି, ନିଶ୍ଚୟ କେହି ରହୁଛନ୍ତି । ଗାଁରେ ହୋଟେଲ ଅଛି । ସତେ ଯେପରି ହୋଟେଲଟା ଆମ୍ଭ ଆଗରେ ଠିଆ ହୋଇଛି । ଆମର ପାଦ ଆଗେଇ ଚାଲିଲା । ଯେପରି ପାଦ ଯୋଡ଼ାକୁ ଗାଁ ଡାକୁଛି ଆଉ ପାଦ ଆମ ଅଜ୍ଞାତରେ ଆପଣା ଛାଏଁ କ୍ଷିପ୍ର ଗତିରେ ଚାଲୁଛି । ପାଦ ଯେପରି ଆମର ନୁହେଁ—ମନେ ହେଉଛି ଯେପରି ତାର ପୃଥକ ପ୍ରାଣ ରହିଛି ।

କିନ୍ତୁ ଗାଁରେ ପହଞ୍ଚି ମୋର ଆଖି ଗୋଲାଗୋଲ ଚକାଚକା ହୋଇଗଲା । ଗାଁରେ ମଣିଷ ନାହାନ୍ତି । ଗାଁରେ ନିଶ୍ଚୟ କିଛି ଘଟିଛି ଯାହା ଫଳରେ ଲୋକେ ଗାଁ ଛାଡ଼ି ପଳାଇଛନ୍ତି । ଆଶା ଆମକୁ ଗାଁ ଭିତରକୁ ଟାଣି ଆଣିଥିଲା, କିନ୍ତୁ ସେ ଆଶାରେ ପାଣି ପଡ଼ିଲା । ଗାଁର ଲୋକେ ବୋଧେ ଏହି ବନ୍ଧୁକରେ ଯୁଦ୍ଧ କରିଥିଲେ । କାହିଁକି ବା ଯୁଦ୍ଧ ନ କରନ୍ତେ ? ଯୁଗ ଯୁଗ ଧରି ଏମାନେ ଧାରଣମିଙ୍କରେ ବେଠିଆଳି କରୁଥିଲେ । ଭିନ୍ନ ମଣିଷରେ ଜମିଦ ଘରଦ୍ୱାରାକରେ କାଣୁଥିଲେ । ବଡ଼ ଲୋକ ବୋଲି, ଖାନ୍‌ଦାନୀ ଘର ବୋଲି ଅହଂକାର କରୁଥିଲେ—ସେମାନେ କ'ଣ ଏହି ଗରିବ ଲୋକଙ୍କ ଦଳକୁ ପ୍ରଶ୍ରୟ ଦିଅନ୍ତେ ? ନା' ଅସମ୍ଭବ, ସେଥିପାଇଁ ଏମାନେ ବିଦ୍ରୋହ କରିଥିଲେ । କିନ୍ତୁ ଏଥର ସେହି ଗରିବ ଲୋକଙ୍କ ଦଳ ବଡ଼

ହୋଇଛନ୍ତି, ବଡଲୋକ ଆଉ ତାଙ୍କ ସାଙ୍ଗରେ ପାରିଲେ ନାହିଁ, ତେଣୁ ଗାଁ ଛାଡ଼ି ପଳାଇଛନ୍ତି । ଆମେ ଗାଁ ଭିତରକୁ ପଶିଲୁ ।

ଗାଁରେ ବନ୍ଧୁଘର ଗୁଡ଼ିକ ଦେଖିଲୁ । ସବୁଠି ଲୋକେ କବାଟ କିଳି ଘର ଭିତରେ ରହିଛନ୍ତି । ଡାକିଲେ ମଧ୍ୟ କବାଟ ଖୋଲିଲେ ନାହିଁ । ଜଳଖିଆ ଦୋକାନରେ ଖାଦ୍ୟ ପ୍ରସ୍ତୁତ ହୋଇ ରହିଛି, କିନ୍ତୁ ବିକିଲା କି ଦେଲା ଲୋକ ଦେଖୁ ନାହାନ୍ତି । ହୋଟେଲରେ ବିଛଣା ପଡ଼ିଛି କିନ୍ତୁ ଲୋକ ନାହାନ୍ତି । କ୍ଷେତରେ ଲଙ୍ଗଳ ପଡ଼ିଛି, ଲୋକ ନାହାନ୍ତି ! ବାଟ ଘାଟରେ ଗୁଡ଼ାଏ ପଶୁ ବୁଲୁଛନ୍ତି, କିନ୍ତୁ ଲୋକର ଦେଖା ନାହିଁ । ସାଥୀଗଣ ମଧ୍ୟ ମୋ ସାଙ୍ଗରେ ବାରବୁଲା ବନିଗଲେ । ଆମେ ଜଳଖିଆ ଦୋକାନକୁ ଯାଇ ଆପଣା ହାତରେ ଖାଦ୍ୟ ଆଣିଲୁ, ସେତିକିବେଳେ ଖାଇବାକୁ ବସିଲୁ — ଜଣେ ଲୋକ କୁଆଡ଼ୁ ବାହାରି କହିଲା, ତୁମେ ଏଠାରେ ଖାଅ ନାହିଁ ଏ ଡକାଏତ ମାନେ ତୁମକୁ ହାଣି ପକାଇବେ । କିଛିକ୍ଷଣ ହେଲା ସେମାନେ ଗାଁ ଭିତରୁ ହୋଇ ଯାଇଛନ୍ତି, ହୁଏତ ଏକଲଗେ ଫେରି ଆସିବେ । ଆମେ କହିଲୁ, ଆମେ ବିଦେଶୀ ପର୍ଯ୍ୟଟକ ଏ ଦୁନିଆରେ ଆମର ଶତ୍ରୁ କେହି ନାହାନ୍ତି । ବର୍ତ୍ତମାନ କୁହ ଆମକୁ କେତେ ପଇସା ଦେବାକୁ ପଡ଼ିବ ? ଦୋକାନୀ ହାତ ପାତିଲା, ଆମେ ଜଣକଣ ତା' ହାତରେ ସୀ ଏକି ଟଙ୍କା ଥୋଇ ଦେଲୁ ।

ଖାଇସାରି ଆମେ ବସି ରହିଲୁ । ମୋର କିନ୍ତୁ ମନ ହେଉ-ଥିଲା, କୌଣସି ଗୋଟିଏ ହୋଟେଲରେ ଯାଇ ବିଶ୍ରାମ କରିବାକୁ । ସେ କଥା ସାଥୀଗଣଙ୍କୁ କହିବାରୁ ସେମାନେ ମୋତେ ଗୋଟିଏ ହୋଟେଲକୁ ନେଇ ଗଲେ । ହୋଟେଲ ଏକାବେଳକେ ଖାଲି । ମାଲିକ କୁଆଡ଼େ ପଳାଇଛି । ଆମେ ଗୋଟିଏ ରୁମ୍‌କୁ ଯାଇ ବିଛଣାରେ ସଭିଏଁ ଶୋଇ ପଡ଼ିଲୁ । ପରିଶ୍ରମରେ କାତର ହୋଇ

ପଡ଼ିଥିଲୁ ବୋଲି ସାଙ୍ଗେ ସାଙ୍ଗେ ଆମକୁ ନିଦ ହୋଇଗଲା । ନିଦ ଭାଙ୍ଗିଲା ବେଳକୁ ଗାଁକୁ ଲୋକେ ଫେରି ଆସିଛନ୍ତି । ହୋଟେଲର ମାଲିକ ମଧ୍ୟ ଫେରି ଆସିଥିଲା କିନ୍ତୁ ଆମକୁ ନିଦରୁ ଉଠାଇଲା ନାହିଁ । ଚୀନାମାନେ ଜାଣନ୍ତି ନିଦର ମୂଲ୍ୟ କେତେ ।

ହୋଟେଲରୁ ବାହାରି ଆମେ ଡକାଏତମାନଙ୍କ ସ୍ୱରୂପ ଜାଣିବା ପାଇଁ ଅନେକଙ୍କୁ ନାନା ପ୍ରକାର ପ୍ରଶ୍ନ କଲୁ । କିନ୍ତୁ କେହି କିଛି କହିଲେ ନାହିଁ । ଜଣେ ଲୋକକୁ ସାଥୀମାନେ ପଚାରିଥିଲେ ତାହେଲେ ତମେ ନାହିଁକି ଗାଁ ଛାଡ଼ି ପଳାଇଥିଲ ? ଲୋକଟି ସେ କଥାରେ ମଧ୍ୟ କୌଣସି ଜବାବ ଦେଲା ନାହିଁ । ଆମ ଦେଶରେ ଅନେକେ ମୋତେ ପ୍ରଶ୍ନ କରନ୍ତି ନିଶ୍ଚୟ—ଏହାର କାରଣ କଣ ? ଏହାର କେବଳ ଗୋଟିଏ କାରଣ ଅଛି, ଯାହା ଆମେ ବୁଝିଛୁ—କିନ୍ତୁ ଅନୁଭବ କରିନାହୁଁ । ତାକୁ କହନ୍ତି ପଲିଟିକ୍ସ । ତୁମେ କେଉଁ ଦଳର ଲୋକ ତା' ମୁଁ ଜାଣେ ନାହିଁ, ସୁତରାଂ ତମ ନିକଟରେ ମୋର କହିବାର କିଛି ନାହିଁ । ଆମ ଦେଶରେ ଯେପରି ହିନ୍ଦୁ ମୁସଲମାନ ଆମେ ଚିହ୍ନି ପାରୁ, ଚୀନ ଦେଶରେ ତା' ସମ୍ଭବ ନୁହେଁ । ଚୀନଦେଶର ସବୁ ପୋଷାକ ଗୋଟିଏ ପ୍ରକାର । ତା' ପରେ ଏ ହେଲା ତାଙ୍କର ଶ୍ରେଣୀ ସଂଗ୍ରାମ । ଶ୍ରେଣୀ ସଂଗ୍ରାମ ବଡ଼ ମାରାତ୍ମକ । ହିନ୍ଦୁ ନିକଟରେ ମୁସଲମାନର ରକ୍ଷା ଅଛି, ମୁସଲମାନ ନିକଟରେ ହିନ୍ଦୁର ନିରାପତ୍ତା ଅଛି । ଧର୍ମମତ ଦେଖାଇବାକୁ ଆଧୁନିକ ଶିକ୍ଷିତ ସମାଜର କୌଣସି ସଂକୋଚ ନାହିଁ—ତାଛଡ଼ା ଏବେ ଶିକ୍ଷିତ ସମାଜ ଜାଣି ଯାଇଛି ଧର୍ମ ପଛରେ ଏମିତି କିଛି ନାହିଁ, ଯାହାପାଇଁ ଭବିଷ୍ୟତରେ ମୁଣ୍ଡରେ ହାତ ଦେଇ ବସି-ବାକୁ ପଡ଼ିବ । କିନ୍ତୁ ଶ୍ରେଣୀ ସଂଗ୍ରାମରେ ଲାଭ କ୍ଷତିର ହିସାବ ବହୁତ । ଏଥିରେ ମୁଣ୍ଡରେ ହାତ ଦେଇ ଭାଳିବାକୁ ପଡେ । ଖଣ୍ଡିଏ

ଜମି ପାଇଁ ଯେପରି ଭାଇ, ଭାଇର ଶତ୍ରୁ ହୋଏ ଠିକ୍ ସେହିପରି ଶ୍ରେଣୀ — ସଂଗ୍ରାମ ପଛରେ ରହିଛି ଜମିବାଡ଼ି, ଭାତ,ଲୁଗା, ପିଲାପିଲି ଙ୍କର ଭବିଷ୍ୟତ ଇତ୍ୟାଦି — ମଣିଷ ସେଥିପାଇଁ ଲଢ଼େ, ମରେ ଆଉ କେତେ କଣ କରେ । ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ଶ୍ରେଣୀ ଗଢି ଉଠି ନାହିଁ, ସେଥିପାଇଁ ପରସ୍ପର ଭିତରେ ବିବାଦ ହୁଏ, ମାଲି ମକଦ୍ଦମା ଚାଲେ । କିନ୍ତୁ ଚୀନ ଦେଶରେ ଶ୍ରେଣୀ ଗଢି ଉଠିଥିଲା; ତେଣୁ ଅଦାଲତର ବିଚାରରେ ତାର ମୀମାଂସା ହେଉ ନଥିଲା । ତାର ମୀମାଂସା ହେଉଥିଲା କେବଳ ଯୁଦ୍ଧ କ୍ଷେତ୍ରରେ ରକ୍ତର ଅକ୍ଷରରେ ।

ଡକାଏତ ଦଳ କିନ୍ତୁ ଗାଁର ବିଶେଷ କୌଣସି କ୍ଷତି କରି ନାହାନ୍ତି । ମୋର ମନେ ହେଉଥିଲା — ଏମାନେ ଡକାଏତ ନୁହନ୍ତି, ଏମାନେ ବୋଧେ ଅନ୍ୟ କୌଣସି ଠାରେ ଆକ୍ରମଣ କରିବାକୁ ଦ୍ରୁତ ଗତିରେ ବାହାରି ଯାଉଛନ୍ତି । ମୁଁ ସଙ୍ଗୀମାନଙ୍କୁ କହିଲି — ଡକାଏତ ଭୟ ମନ ଭିତରେ ସ୍ଥାନ ଦେବା ଆଦୌ ଉଚିତ ନୁହେଁ । ଆଜି ଆମେ ଏଇଠି ରହିବା । ସେମାନେ ମୋ କଥାରେ ରାଜି ହେଲେ, ଆମେ ସେଦିନ ସେହି ଗାଁରେ ରହିଗଲୁ । ରାତିଟା ନିରୁ-ପଦରେ କଟିଗଲା । ପରଦିନ ଆମେ ଆହୁରି ଆଗେଇ ଯାଇ ଗୋଟିଏ ସହରରେ ପହଞ୍ଚିଲୁ । ସେଠାରେ ସୋଭିଏଟ ସ୍ଥାପିତ ହୋଇ ନାହିଁ । ସହରଟି ସାନ ଆଉ ଲୋକସଂଖ୍ୟା ଅଳ୍ପ । ନିକଟରେ ସୋଭିଏଟ ସ୍ଥାପନ ହୋଇଛି ବୋଲି ମୋର ବିଶ୍ୱାସ ହେଉଥିଲା । ଧନୀଗଣ ଇତି ମଧ୍ୟରେ ସହର ଛାଡ଼ି ପଳାଇବାକୁ ଆରମ୍ଭ କରିଥିଲେ । ସ୍କୁଲର ପତାକା ଖୁମ୍ବରେ ଲାଲଝଣ୍ଡା ଫରଫର ହୋଇ ଉଡୁଥିଲା । ଲୋକେ ସନ୍ତ୍ରସ୍ତ ଥିଲେ । ସହରର ଲୋକେ ମୋତେ ପାଇ ବଡ ଆନନ୍ଦିତ ହୋଇଥିଲେ ।

ଉପର ୪ଟି ମୋର ବକ୍ତୃତା ଶୁଣିବା ପାଇଁ ସେମାନେ ବ୍ୟବସ୍ଥା କଲେ । ମୁଁ କହିଲି ମୋର ଭ୍ରମଣ କଥା ଆଉ ଅନୁବାଦକ କହୁଥିଲେ ବିଦ୍ରୋହ କଥା । ସବୁବେଳେ ଲୋକେ ଭ୍ରମଣକଥା ଶୁଣିବାକୁ ପସନ୍ଦ କରନ୍ତି ନାହିଁ । ତାଙ୍କ ସହରକୁ ଆସୁଥିଲା ପଦଦଳିତଙ୍କର ବିପ୍ଳବ । ସେମାନେ ଜାଣିବାକୁ ଚାହୁଁଥିଲେ, ବୋଷ୍ଟନ୍‌ର ଲୋକେ କଣ କରୁଛନ୍ତି ? ସେମାନେ କଣ କମ୍ୟୁନିଷ୍ଟ ପାଖରେ ମୁଣ୍ଡ ନୁଆଁଉଛନ୍ତି ? ଯଦି ତା' କରି ନାହାନ୍ତି, ତାହେଲେ ତାଙ୍କର ଧନ ଗୁଡ଼ାକ କିପରି ଭାବରେ ଜଟେଇଛନ୍ତି ? ଏଇ ସବୁ କଥା ଜାଣିବା ପାଇଁ ସେମାନେ ଆଗ୍ରହୀ ହୋଇଥିଲେ । ଅନୁବାଦକଗଣ କଣ କହୁଥିଲେ ବକ୍ତୃତା ପରେ ତା' ମୋତେ ସଂକ୍ଷେପରେ ବୁଝାଇ ଦେଉଥିଲେ । ମୁଁ ଭଲକରି ବୁଝିଲି, ମୁଁ ଯାହା ବକ୍ତୃତାରେ କହୁଛି —ସେମାନେ ତା' କିଛି ବୁଝାଉ ନାହାନ୍ତି । ବରଂ ଅନ୍ୟ କଥା କହୁଛନ୍ତି । ବକ୍ତୃତା ଶେଷ ହେଲାପରେ ଯେଉଁମାନେ ଅଳ୍ପ ବହୁତ ଇଂରାଜୀ ଜାଣିଥିଲେ ସେମାନେ ମୋ ପାଖରେ ଆସି ଭିଡ଼ କଲେ । ମୁଁ ସେମାନଙ୍କ ସହ କଥାବାର୍ତ୍ତା କରି ଆନନ୍ଦିତ ହେଲି । କେବେ ବେଳେ ମୋ ମୁହଁରୁ ଉଚିତ ସବୁ କଥା ବାହାରି ଯାଉଥିଲା ଯେ ସେମାନେ କଣ ସବୁ ନୋଟ କରି ରଖୁଥିଲେ । ସେ ଦିନ ବକ୍ତୃତା-ପରେ ବହୁ ଖବର ସେମାନେ ମୋ ପାଖରୁ ନୋଟ୍ କରି ରଖିଥିଲେ । ସହରଟିର ବାତାବରଣ ମୋତେ ଭାରି ଭଲ ଲାଗିଲା । ଇଚ୍ଛା ହେଉଥିଲା, ଏଠାରେ କିଛି ଦିନ ରହି ଯିବି—କିନ୍ତୁ ସାର୍ଥୀଗଣ ସେଥିରେ ରାଜି ହେଲେ ନାହିଁ । ସେମାନେ ସହରରେ ରହିବାକୁ ଆଦୌ ପସନ୍ଦ କରନ୍ତି ନାହିଁ । ମୋତେ ସେମାନେ ସ୍ପଷ୍ଟ କହୁଥିଲେ, ସହରରେ ରହିବା ତାଙ୍କ ପକ୍ଷରେ ଆଦୌ ନିରାପଦ ନୁହେଁ । ସେମାନେ ପର୍ଯ୍ୟଟକ ରୂପରେ ପରିଚୟ ଦେବାକୁ ମଧ୍ୟ ସବୁବେଳେ ପସନ୍ଦ

କହୁନଥିଲେ । ତାଙ୍କ କଥାରେ ମୁଁ ସହର ଛାଡ଼ିବାକୁ ବାଧ୍ୟ ହେଲି ଆଉ ଗାଁ ଆଡ଼କୁ ଆମେ ଚାଲିଲୁ । ଏ ଅଞ୍ଚଳର ଗାଁ ଗୁଡ଼ିକ ସାନ ସାନ ଆଉ ଲୋକସଂଖ୍ୟା ମଧ୍ୟ ବହୁତ କମ୍ । ସେଥିରେ ବରଂ ଆମ ଗତିପଥର ସୁବିଧା ହୋଇଥିଲା । ଏକା ଏକା ବାଟ ଚାଲିବା ମୋର ଅଭ୍ୟାସ । ଏକା ଚାଲିଲେ ବହୁଲୋକ ସାଙ୍ଗରେ ନାନା ପ୍ରକାର ଆଳାପ ଆଲୋଚନା କରିବାର ସୁବିଧା ମିଳେ । କିନ୍ତୁ ସଙ୍ଗୀମାନେ ପାଖରେ ଥିବାରୁ ମନ ଇଚ୍ଛା କାହା ସାଙ୍ଗରେ କଥା ହୋଇ ପାରୁ ନଥିଲି । ମୋର ଦେହରେ ଥିଲା କ୍ଳାନ୍ତି, ମନରେ ଥିଲା ଜାଣିବାର ବାସନା । ସେମାନେ ସାଙ୍ଗରେ ଥିବାରୁ ମନେ ହେଉଥିଲା, ମୁଁ ଯାହା ଜାଣିବାକୁ ଚାହୁଁଛି ତା' ଠେଇଁ ଜାଣିବାର ସୁଯୋଗରୁ ବଞ୍ଚିତ ହେଉଛି । ଲୋକେ ଯେପରି ମୋ ନିକଟରୁ ଦୂରେଇ ଯାଉଛନ୍ତି, ମୋ ଭିତରେ ଧୀରେ ଧୀରେ ଦାମ୍ଭିକତା ଦେଖା ଦେଉଛି । ଯେତେବେଳେ ଦାମ୍ଭିକତା ଆସି ଦେଖାଦିଏ ସେତେବେଳେ ଜାଣିବାର ସବୁ ଦ୍ୱାର ବନ୍ଦ ହୋଇଯାଏ । ଯେଉଁମାନେ ଲୋକଙ୍କ ସଙ୍ଗେ ମିଳା ମିଶା ନକରି ପର୍ଯ୍ୟଟନ କରନ୍ତି—ସେମାନେ କିଛି ଜାଣି ପାରନ୍ତି ନାହିଁ । କେବଳ ମିଛ କଥା ଲେଖନ୍ତି । ମୋର ସେ କଥା ନଥିଲା । ମୁଁ ଅନିଚ୍ଛା ସତ୍ତ୍ୱେ ଲୋକଙ୍କ ସହିତ ମିଳା ମିଶା କରିଛି । କଥାବାର୍ତ୍ତା କରିବାକୁ ବାଧ୍ୟ ହୋଇଛି । ପର୍ଯ୍ୟଟନ ଏକ ଦୃଷ୍ଟିରୁ ଅତି ସୁନ୍ଦର ହେଲେ ମଧ୍ୟ ତା' ପଛରେ ଯେଉଁ ଦୁଃଖ ରହିଛି ତା' ଯଦି ମୁଣ୍ଡପାତି ନନେବ ତା ହେଲେ ପର୍ଯ୍ୟଟକ ଜୀବନର ସାର୍ଥକତା ନାହିଁ ।

ଆମେ ଗୋଟିଏ ନଦୀ କୂଳେ କୂଳେ ଚାଲିଥିଲୁ । ପଥ ଅସୁବିଧାଜନକ ହେଲେ ମଧ୍ୟ ମୋର ଛାତି ଓ ପିଠିରେ ଭୀଷଣ ଥଣ୍ଡା

ଲାଗୁଥିଲା । ଜ୍ୱର ଆସିବ ବୋଲି ମନେ ହେଉଥିଲା । ଏ ଅଂଚଳରେ ମାଲେରିଆ ନାହିଁ । ଏଭଳି ଭାବରେ ଚାଲିବା ଯୁକ୍ତିଯୁକ୍ତ ନୁହେଁ ବୋଲି ମୋର ଆଶଙ୍କା ହେଉଥିଲା—ତେଣୁ ଆମେ ଖଣ୍ଡେ ନୌକା ଭଡ଼ା କରି କ୍ୟାମ୍ପ୍ ଫୁଁ ଆଡ଼କୁ ଚାଲିଲୁ ।

# କିୟୁାନ୍‌ଫୁଁ

କିୟୁାନ୍‌ଫୁଁରେ ପହଞ୍ଚି ଆମେ ଗୋଟିଏ ଭଲ ହୋଟେଲରେ ରହିଲୁ । ହୋଟେଲ ପାଖ ଦେଇ ଗୋଟିଏ ବଡ଼ ରାସ୍ତା ଚାଲିଯାଇଛି । ଦେଖିଲୁ ଓସଧିକି ସେହି ବଡ଼ ରାସ୍ତାରେ ବହୁ ଯୁବକ ଯୁବତୀ ଶୋଭାଯାତ୍ରା କରି ଚାଲିଥିଲେ । ତାଙ୍କ ହାତରେ କୌଣସି ପତାକା ନଥିଲା । ସେମାନେ ମାର୍ଚ୍ଚ କରି ଯାଉ ଯାଉ ନାନା ପ୍ରକାର ଧ୍ୱନି ଉଚ୍ଚାରଣ କରୁଥିଲେ । ସେମାନେ ଚାଲିଗଲା ପରେ ସଙ୍ଗୀ-ମାନଙ୍କୁ ପଚାରି ଜାଣିଲି, ସେମାନେ କହୁଛନ୍ତି—ଯେଉଁ ଭାବରେ ଯଦି ଜାତୀୟବାଦୀ ସରକାର ଚାଲେ, ତା'ହେଲେ ଜାପାନୀଗଣ ଚୀନକୁ ଏକାବେଳକେ ଗ୍ରାସ କରି ପକାଇବେ । ଏଣୁ ଚୀନାଛାତ୍ର ଜାଗ, ଚୀନକୁ ବଞ୍ଚାଅ । ଛାତ୍ରମାନଙ୍କ ମଧ୍ୟରେ ବହୁ ସ୍ୱତନ୍ତ୍ର ମତବାଦୀ ଅଛନ୍ତି । ଅନେକ ଯେତେବେଳେ ଜାଣିଲେ ମୁଁ କିୟୁାନ୍‌ଫୁଁକୁ ଆସିଛି, ସେତେବେଳେ ସେମାନେ ଦଳବାନ୍ଧି ମୋ ପାଖକୁ ଆସି ନାନା ପ୍ରଶ୍ନ କଲେ । ଯେଉଁମାନେ ପୁରୁଣାକୁ ଧରି ରଖିବାକୁ ଚାହାନ୍ତି, ସେମାନେ ଘୋର ଧମକ ଦେଇ ପଳାଇ ଯାଇଥିଲେ । ମୋତ ମୁଁ ସବୁବେଳେ ମୁକ୍ତି ଟିକେ ଥାଏ ନାହିଁ । ପଠାନ୍ ଚିଲ୍ଲାର କରି କହିଲା—ଏମାନେ ଶୟତାନ୍, ଏମାନେ ଚୀନର ଶତ୍ରୁ, ଏଭଳି ଶତ୍ରୁଙ୍କ ପ୍ରତି ଦୟା ଦେଖାଇବା ଆଦୌ ଉଚିତ ନୁହେଁ । ଯେଉଁମାନେ ମୋ ପାଖରେ ବସି ରହିଲେ,

ସେମାନେ ନୂତନର ଉପାସକ । ସେମାନେ ମୋତେ ସାଦରରେ ଗ୍ରହଣ କରିଥିଲେ. ନାନା ପ୍ରକାର କଥାବାର୍ତ୍ତା କଲେ, ତା'ପରେ ମୋର ଖାଦ୍ୟର ଚମତ୍କାର ଆୟୋଜନ ମଧ୍ୟ କଲେ ।

ମୁଁ ସେତେବେଳେ ଶୂକର ମାଂସ ବେଶୀ ଖାଇ ପାରୁ ନ ଥିଲି । ବାହାରେ ଖାଇବାକୁ ବସି ଦେଖିଲି ଧଳାଜ ରନ୍ଧା ହୋଇଛି ଆଉ ତା'ଭିତରେ ନରମ ମାଂସ ରହିଛି । କୌଣସି ଦ୍ୱିଧା ନକରି ଖାଇ ବସିଲି, ଆଉ ମଝିରେ ମଝିରେ ସାମ୍ପୁ ଢୋକେ ଢୋକେ ପିଉଥିଲି । ସାମ୍ପୁସ୍ କଡ଼ା ମଦ । ଆମଦେଶର ଧାନୁଆ ମଦଠୁ ବି କଡ଼ା । ସାମ୍ପୁ ସେ ଦିନ ମୋତେ ସାହାଯ୍ୟ କରିଥିଲା, ନ ହେଲେ ଯାହା ଖାଇଥିଲି ସବୁ ବାନ୍ତି ହୋଇଯାଇ ଥାନ୍ତା । ଜୀବନରେ ବହୁବାର ବାନ୍ତି କରିଛି, କିନ୍ତୁ ବନ୍ଧୁ ଲୋକଙ୍କ ଘରେ ଖାଇବାକୁ ବସି ଏଇ ଘୃଣାର୍ହ ବ୍ୟାପାର ଏବଂ ଅଶୋଭନ ଓ ସଂକଟଜନକ ଅବସ୍ଥା ଟାଳି ପାରିଲି ବୋଲି କାପ୍ଟାନ୍‌ପୁରର ସ୍ମୃତି ଅଜି ମଧ୍ୟ ବେଳେ ବେଳେ ମନେ ପଡ଼େ ।

ଦୁଇଦିନ କାଳ ମୁଁ ସହର ବୁଲି ଦେଖିଲି । ସହରରେ କୌଣସି ନୂତନତ୍ୱ ଦେଖିବାକୁ ପାଇଲି ନାହିଁ, ପୁରୁଣା ଢଙ୍ଗରେ ସବୁ କାମ ଚାଲିଛି । ନୂତନତ୍ୱ ଭିତରେ କେବଳ ଏତିକି ମନେ ହେଲା, ନିକଟରେ, ନିଶ୍ଚୟ ଭୀଷଣ କିଛି ଘଟିବ । ଲୋକମାନେ ଅତି କମ୍ କଥା କହନ୍ତି, ଆମୋଦ ପ୍ରମୋଦ ସ୍ଥାନଗୁଡ଼ିକ ବିଲ୍‌କୁଲ୍ ଫାଙ୍କା । ଯେଉଁଠି ବସି କଥକ କଥକତା କରନ୍ତି, ସେଠାରେ ଲୋକବାକ କେହି ନାହାନ୍ତି । ସ୍ନାନାଗାରକୁ ଲୋକେ ଯାଆନ୍ତି ନାହିଁ । ବ୍ୟବସ୍ଥା ବାଣିଜ୍ୟ ମାନ୍ଦା ପଡ଼ି ଯାଉଛି । ସଭିଏଁ ଭାବୁଛନ୍ତି ଯୁ'ପରେ କଣ ହେବ !

ବଡ଼ ବଡ଼ ଚା’ ଦୋକାନରେ ଲୋକେ ଯାଇ ବସନ୍ତି, କିନ୍ତୁ ଖୁବ୍ କମ୍ କଥା କହନ୍ତି । ଯେତିକି କଥା ଶୁଣାଯାଏ, ତା’ ଟେବଲ ବୟ୍‌କୁ ଡାକିବା ଅର୍ଡର ଦେବା ତା’ଠୁ ବେଶି କିଛି ନୁହେଁ । ସ୍ଥାନୀୟ ସରକାରୀ କର୍ମଚାରୀଗଣ ସ୍ୱାଧୀନ ଭାବରେ ତାଙ୍କ ଅଫିସକୁ ଯାଆନ୍ତି । ଆଉ କେମିତି ଦିନ କଟାଇବେ ଏଇ କଥା କେବଳ ଭାବନ୍ତି ।

ଏଠାରେ ଆଉ ବେଶି ଦିନ ରହିବା ନିରାପଦ ମନେ ନକରି ଅଟନ ପୁରି ଗୁଲିନ୍ ଅଭିମୁଖରେ ବାହାରି ପଡ଼ିଲି । ଗୁଲିନ୍‌କୁ ଫେରିଆସି କିଛିଦିନ ବିଶ୍ରାମ ନେଲା ପରେ ସେ ବାଟରେ ଏଥର ମୁଁ ବାହାରି ପଡ଼ିଲି । ଗୁଲିନ୍‌ରୁ ବିଦାୟ ନେଲାବେଳେ ସାଇକେଲ ଖଣ୍ଡିକ ସାଙ୍ଗରେ ଆଣିବାକୁ ଭୁଲି ନାହିଁ । ଚଢ଼ାଇ ବାଟରେ ସାଇକେଲ ଟେଲି ନେବା ବଡ଼ ଜଞ୍ଜାଳ, କିନ୍ତୁ ଗଡ଼ାଣି ବାଟରେ ଓହ୍ଲାଇ ନେବା ବଡ଼ ବିପଜ୍ଜନକ । ଗୁଲିନ୍‌ରୁ ଫେରିବା ବାଟରେ ଦୁଇ ତିନିଥର ପାଦ ଖସିଯାଇ ପଡ଼ିଗଲି । ଫଳରେ ଗୋଟିଏ ଦୁଇଟି ସ୍ଥାନରେ ଖତ ହୋଇଥିଲା । ସେଇ ଖତ ଚିହ୍ନ ଏବେ ଦେଖା ଯାଉଛି, ଆଉ ତା’ ଆଡ଼କୁ ନଜର ଦେଲାକ୍ଷଣି ଗୁଲିନ୍ କଥା ମୋର ମନେ ପଡ଼େ ।

ସାଇକେଲଟା ରେସ୍ତୋରାଁରେ ଯେମିତି ରଖି ଯାଇଥିଲି, ଠିକ୍ ସେଇ ଭାବରେ ଥିଲା—କେହି ଛୁଇଁ ନାହାନ୍ତି । ଚୋରି-ଡକାୟତି ଦୂର କଥା । ଅଭାବରେ ପଡ଼ି ଲୋକେ ଚୋରି କରନ୍ତି, ଚୋର ହୋଇ କେହି ଜନ୍ମନ୍ତି ନାହିଁ । ସୋଭିଏଟ ରାଜ୍ୟରେ ଲୋକ ଅଭାବୀ ହୋଇ ବସି ରହିବାଟା ସବୁଠାରୁ ବଡ଼ ଶାସ୍ତି । କେହି କେହି ହୁଏତ ଭାବି ପାରନ୍ତି, କାମ ନକରି ମଧ୍ୟ ବସି ବସି ଟଙ୍କା ମିଳେ ତା’ହେଲେ କେହି ଆଉ କାମ କରିବେ ନାହିଁ । ଏଭଳି

ଅଭିମତ ଯେ କେତେ ଭ୍ରାନ୍ତ, ତା' ଆମେ ଗବାଦି ପଶୁର ଆଚରଣ ଦେଖି ମଧ୍ୟ ବୁଝି ପାରୁ । ଗୋରୁ-ଛେଳି ଚରିବୁଲି ଘାସ ଖାଆନ୍ତି । ତାଙ୍କୁ ଘରେ ବାନ୍ଧି ରଖି ଯେତେ ଭଲ ଘାସ ଦେଲେ ବି ସେମାନେ ସେଥିରେ ତୃପ୍ତ ହୁଅନ୍ତି ନାହିଁ । ଏମାନେ ଯେପରି ବିଲ ବାଡ଼ିରେ ଯାଇ ଚରି ଖାଇଲେ ତୃପ୍ତ ହୁଅନ୍ତି, ମଣିଷ ମଧ୍ୟ ସେଇପରି କାମ କରି ତୃପ୍ତ ହୁଏ । ତଥାପି ଯେଉଁମାନେ ଅପରର ରକ୍ତ ଶୋଷଣ କରି ନାକରେ ତେଲ ପକାଇ ଶୁଅନ୍ତି—ତାଙ୍କର ଅଭ୍ୟାସର ପରିବର୍ତ୍ତନ ଆବଶ୍ୟକ, ଆଉ ତାର ବ୍ୟବସ୍ଥା ରହିଛି ପ୍ରୋଲେଟାରିଏଟ୍ ଡିକ୍ଟେଟରସିପ୍‌ରେ ।

ଚୁନିନ୍‌କୁ ଫେରି ସଙ୍ଗୀ ଦୁ'ଜଣଙ୍କୁ ଛାଡ଼ି ଦେଇ ଅନ୍ୟ ଜଣେ ଲୋକ ସାଙ୍ଗରେ ହେନ୍‌ଚେୟୁଁ-ହୋଁକୁ ଆସିଲି । ହେନ୍ ଚୁ-ହୋଁରେ ମୋତେ କିଛି ଭଲ ଲାଗୁ ନଥିଲା । ଚୁଙ୍କିଂ ଅପେକ୍ଷା କେବଳ ଦାରିଦ୍ର୍ୟର ଚିହ୍ନ ଜନତା ଅବସାଦ ଭୁକ୍ତ । ସଭିଏଁ ଟଙ୍କା ଟଙ୍କା ହୋଇ ଅସ୍ଥିର; କିନ୍ତୁ ଟଙ୍କା ପାଇଥିଲେ ମୁଷ୍ଟିମେୟ ଲୋକ । ନୂତନ ସମାଜକୁ ଆସି ବେଆଡ଼ା ଲାଗୁଥିଲା କିନ୍ତୁ ସବୁ ଧୀରେ ଧୀରେ ଦେହସହା ହୋଇ ଯାଉଥିଲା ।

## ସାଦା ଚୀନ ଓ ଲାଲ ଚୀନ

ଗୋଟିଏ ପ୍ରଶ୍ନ ଉଠୁଛି, ଏଇ କ୍ଷୁଦ୍ର ସୋଭିଏଟ ଏତେବଡ଼ ଏକ ଶକ୍ତି ବିରୁଦ୍ଧରେ ଛିଡ଼ା ହୋଇଛି କପରି ? ଗୁଲନ୍‌ରୁ ହେଲ୍‌-ଗ୍ରେଟେଣ୍ଟ ବେଶି ଦୂର ନୁହେଁ । ବାଟ ଘାଟ ଭଲ ନହେଲେ ମଧ୍ୟ ଖରାପ ନୁହେଁ । ବଡ ବଡ କମାଣ, ଟାଙ୍କ ପ୍ରଭୃତି ଯାଇ ପାରିବେ । ଏରୋପ୍ଲେନ୍ କଥା ତ ଛାଡ଼ । ଜେନେରେଲ୍ ହୋ ଜଣେ ଖ୍ୟାତନାମା ବୀର । ସେ ସବୁବେଳେ ଗୁଂୟାରେ ରହୁଥିଲେ । ତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ସେ ମୋତେ ସାହାଯ୍ୟ ମଧ୍ୟ କରିଛନ୍ତି । ତାଙ୍କର ବହୁ ଟଙ୍କା ଥିଲେ । ଅର୍ଥାଭାବ ତାଙ୍କର ଆଦୌ ନ ଥିଲା । ତଥାପି ଗୋଟିଏ ସାନ ନଗଣ୍ୟ ସୋଭିଏଟକୁ ତାଙ୍କର ଭୟ କରିବାର କାରଣ କଣ ସେ କଥା ଜାଣିବାର ଇଚ୍ଛା ସମସ୍ତଙ୍କର ହେବ । ମୁଁ ତାର କାରଣ ବୁଝିପାରିଥିଲି । ମୁଁ ଯେତୋଟି କାରଣ ତା'ର ଖୋଜି ପାଇଥିଲି, ତା' ଯଦି ଏଠାରେ କହିବି ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ବରଂ ଗୁଲନ୍‌ର ପ୍ରଶଂସାହିଁ ହେବ ।

ଚୀନ୍‌ର ସିପାହୀଗଣ ସେତେବେଳେ ଦଶଟି ଚୀନା ଡଲାର ମାସ ଦରମା ପାଉଥିଲେ । ସେଥିରୁ ପୁଣି ଛ' ଡଲାର ଖୋରାକୀ ଆଡ଼କୁ କାଟି ରଖୁଥିଲେ । ବାକି ରହୁଥିଲା ଚାରି ଡଲାର । ସେଥିରେ କୌଣସି ପ୍ରକାର ଜଣେ ଲୋକର ହାତ ଖରଚ ମଧ୍ୟ ଚଳିବ ନାହିଁ । ଦାରିଦ୍ର୍ୟ ଚୀନା ସିପାହୀଗଣଙ୍କର ଚିରସାଥୀ । ଦାରିଦ୍ର୍ୟ କେବଳ

ପସନ୍ଦ କରନ୍ତି ନାହିଁ । ଅଭାବ ଦୂର କରିବା ପାଇଁ ସମସ୍ତେ ଚେଷ୍ଟା କରନ୍ତି । ଚୀନା ସିପାହୀଗଣ ମଧ୍ୟ ସେତେବେଳେ ଅଭାବ ଦୂର କରିବା ପାଇଁ ଚେଷ୍ଟା କରୁଥିଲେ । କିନ୍ତୁ ଦାରିଦ୍ର୍ୟ କିପରି ଦୂର ହେବ ସେତିକ ଜାଣିବାର କଥା । ଲୁଟତରାଜରୁ ଯେଉଁ ଧନ ମିଳୁଥିଲା ସେଥିରେ ତାଙ୍କର ଭାଗ ନାହିଁ । ଭାଗ୍ୟ ଫେରାଇବାକୁ ଲୁଟତରାଜ ଛଡ଼ା ଅନ୍ୟ ବାଟ ନଥିଲା । ଅବଶ୍ୟ ଏଇଟା ସତ କଥା, ଉତ୍ତେଜନା ପାଇଁ ସିପାହୀଗଣଙ୍କୁ ମଦ ପିଇବାକୁ ଦିଆ ଯାଉଥିଲା । କିନ୍ତୁ ସେ ମଦ ଅତି ଶସ୍ତା ଧରଣର । ତାର ନିଶା ବେଶି ସମୟ ରହୁ ନଥିଲା । ଯେତେବେଳେ ନିଶା ଭାଙ୍ଗି ଯାଉଥିଲା, ସେତେବେଳେ ସେମାନେ କଣ ଦେଖୁଥିଲେ ତା' ମୁଁ ଜାଣେନା—କିନ୍ତୁ ମୁଁ ଦେଖିଥିଲି, ସେମାନଙ୍କ ସ୍ତ୍ରୀ ମାନେ ହାତର ଗହଣା ବନ୍ଧକ ରଖି ଚାଉଳ କିଣି ଆଣୁଛନ୍ତି, ଜମିଦାର ଅସି ଜେଣା ପାଇଁ ତାଗିଦା କରୁଛନ୍ତି, ସୁଧଖୋର ଆସି ଚକ୍ରବୃଦ୍ଧି ହାରରେ ସୁଧ ଆଦାୟ କରୁଛନ୍ତି, ଘର ନିଲାମ ହେଉଛି, ଅସ୍ଥାବର ସମ୍ପତ୍ତି କ୍ରୋକ ହୋଇ ଯାଉଛି, ରୋଗରେ କଷ୍ଟ ଭୋଗି ଭୋଗି ପୁତ୍ରକନ୍ୟା ଅକାଳରେ ମରୁଛନ୍ତି, ଡାକ୍ତରର ଦେଖା ମିଳୁନାହିଁ । ଏସବୁ ଖବର ସିପାହୀଗଣ ନିଶ୍ଚୟ ପାଉଥିଲେ । ଏ ଖବର ଶୁଣି ତାଙ୍କ ଛାତି ଦମ୍ଭ ରହୁଥିଲା କି ନା ଜାଣେନା, ତଥାପି ଶୋକରେ ହୁଏତ ସେମାନେ ମ୍ରିୟମାଣ ହୋଇ ପଡୁଥିବେ । ଏଭଳି ଭାବରେ ଯେଉଁମାନେ ଦାରିଦ୍ର୍ୟର ନିଷ୍ପେଷଣରେ କଷ୍ଟ ପାଉଥିଲେ ତାଙ୍କର ଅସ୍ଥାୟୀ ସ୍ୱଜନ ଜେନେରାଲ ହୋ ଙ୍କର ସିପାହୀ ହୋଇ ରହୁଥିଲେ । ସେମାନଙ୍କୁ ଧରି ଯୋଉଏଠି ଆକ୍ରମଣ କରିବା ଉଚିତ ହେବ କି ନାହିଁ ଜେନେରାଲ ହୋ ଭାବୁଥିଲେ । ଭବିଷ୍ୟତରେ ସେଇ ପୁଣି ଗୁଲାନ ଆକ୍ରମଣ କରିଥିଲେ । ତାଙ୍କର ସେତେବେଳେ ସିପାହୀ ସଂଖ୍ୟା ମାତ୍ର ଶହଗୁଣ ବଢିଥିଲା ।

ସେଥିପାଇଁ ଚୌଧୁରୀ ସେ ଅନ୍ୟମାନ ଭଳି ସୌଭାଗ୍ୟବଶ ମତବାଦୀ ମାନଙ୍କୁ ଉଡ଼ିଦେଇ ପାରୁଥିଲେ । ସମାଜ ସମାଜ ବଳ ନେଇ ଲଢ଼ିଥିଲେ ଚୌଧୁରୀ ପାରି ନଥାନ୍ତେ ।

ଚୀନା ସିପାହୀଗଣ ଅଳସ ହୋଇ ବସି ନଥିଲେ । କଂସୀରୁ ସେମାନେ ମଧ୍ୟ ବାହାରି ଆସିଥିଲେ ସିପାହୀ ହେବା ପାଇଁ । କଂସୀ ପ୍ରଥା ଭିତରେ ଥିଲାବେଳେ ସେମାନେ ନାନା ଦେଶର କଥା ତ ଶୁଣୁ-ଥିଲେ, ତାପରେ ସ୍ୱାମୀପୁ ରାଜନୀତି ସମ୍ପର୍କରେ ଚର୍ଚ୍ଚା ମଧ୍ୟ କରୁଥିଲେ । ତାଙ୍କ ଭିତରେ ଶ୍ରେଣୀଭେଦ ସମ୍ବନ୍ଧରେ ସେଇଠି ଜ୍ଞାନ ହେଉଥିଲା । କଂସୀ ଭିତରୁ ବାହାରି ଆସି ତାଙ୍କର ସେ ଜ୍ଞାନ ଅଙ୍କୁର ସ୍ପଷ୍ଟ ହୋଇ ପଡ଼ୁଥିଲା । ସେମାନେ ସ୍ପଷ୍ଟ ଭାବରେ ବୁଝି ପାରୁଥିଲେ, ତାଙ୍କର ଜୀବନ ପଲେ ପଲେ ବଳୀ ହେଉଛି କେବଳ ମୁଠାଏ ଗୃହଲପାଇଁ । ଯଦି ଯୁଦ୍ଧରେ ସେମାନେ ମରିବେ, ତାହେଲେ ତାଙ୍କର ସ୍ତ୍ରୀପୁତ୍ରଙ୍କ ଭାର ଅନ୍ୟକେହି ଗ୍ରହଣ କରିବେ ନାହିଁ । ତାଙ୍କର ପରିବାର କେଉଁଠି କି ଅବସ୍ଥାରେ ରହିବେ, କେହି ସେଥିପାଇଁ ସାଧାରଣ ଦୀର୍ଘଶ୍ୱାସଟାଏ ହେଲେ ଛାଡ଼ିବେ ନାହିଁ । ତାଙ୍କର ପିଲାପିଲି ବାହାର ଭିକାରୀ ହେବେ । ଜୀବିତ ଅବସ୍ଥାରେ ତ ସେମାନେ ଅନଶନରେ ମରୁଛନ୍ତି, କିନ୍ତୁ ଏମାନେ ମଲାପରେ ସେ ମରଣ ଆହୁରି ସାହଜ ହୋଇ ଯିବ । ଏହି ଅନଶନରୂପୀ ମରଣରୁ ସେମାନେ କିପରି ରକ୍ଷା ପାଇବେ ସେଇକଥା କେବଳ ଚିନ୍ତା କରୁଥିଲେ ।

ଦିନେ ହେନ୍‌ରିଗୁପେରଁ ନିକଟରେ ଜଣେ ଆମେରିକାନ୍ ଲେକ୍‌ଚର ଦେଉଥିଲେ । ତାଙ୍କ ଲେକ୍‌ଚର ଶୁଣିବା ପାଇଁ ମୁଁ ମଧ୍ୟ ଛୁଟା ହେଲି । ସେ ଯାହା କହୁଥିଲେ ଶୁଣିବାକୁ ବଡ଼ ଶ୍ରୁତିମଧୁର । ତାଙ୍କର ଭାଷଣ ଜଣେ ଚୀନାଲୋକ ଅନୁବାଦ କରି ଦେଉଥିଲା । ସେ

କହୁଥିଲେ—ଚୀନ୍‌ରେ ସାମ୍ୟବାଦ ନିଶ୍ଚୟ ସ୍ଥାପିତ ହେବ । ସାମ୍ୟବାଦ ସ୍ଥାପନ କରିବା ପାଇଁ ଯୁବକସମାଜ ଯେପରି ଭାବରେ ପ୍ରାଣ ବିସର୍ଜନ ଦେଉଛନ୍ତି, ଅନ୍ୟ କୌଣସି ଦେଶରେ ଆଜିଯାଏଁ ସେପରି ହୋଇ ନାହିଁ । ପ୍ରାଣବଳି ଦେବାଟା ଯେ କେତେ ବଡ଼ ତ୍ୟାଗ ସଭିଏଁ ତା' ବୁଝି ପାରିବେ ନାହିଁ । ପ୍ରାଣ ଦେବା ପୂର୍ବରୁ ଯଦି ଅହୁର ଦୁଃଖକଷ୍ଟ ସହିବାକୁ ପଡ଼େ ତାହେଲେତ ଆଉ କହି-ବାର କିଛି ନାହିଁ । ଚୀନର ଯୁବକ ଯୁବତୀଗଣ ସାମ୍ୟବାଦ ସ୍ଥାପନ କରିବା ପାଇଁ ନାନା ଭାବରେ ଉତ୍ପୀଡ଼ିତ ହେଉଛନ୍ତି । ଅତ୍ୟାଚାର-ରେ ସେମାନେ ଦବି ଯାଉ ନାହାନ୍ତି । ଦଳେ ଲୋକ ମରିଗଲେ ସଙ୍ଗେ ସଙ୍ଗେ ଅନ୍ୟ ଦଳ ବାହାରି ପୁଣି ନୂଆ ତେଜରେ କାମ ଆରମ୍ଭ କରୁଛନ୍ତି । ବଡ଼ ବଡ଼ ରଥୀ ଓ ମହାରଥୀଗଣ ଏହି ବିପ୍ଳବୀମାନଙ୍କୁ ଚାପି ରଖିବା ପାଇଁ ଯେତେ ଚେଷ୍ଟା କରୁଛନ୍ତି, କୌଶଳର ଜାଲ ବିସ୍ତାର କରୁଛନ୍ତି—ତାଙ୍କର ତେଜ, ତାଙ୍କର ନିଷ୍ଠା, ତାଙ୍କର ତ୍ୟାଗ ସେତିକି ଦୁର୍ଦ୍ଦମନୀୟ ହୋଇ ଉଠୁଛି । ଏଥିରେ ମଧ୍ୟ ଆପଣମାନେ କହୁଛନ୍ତି, ଚୀନରେ ସୋଭିଏଟ ହେବ ନାହିଁ ? ଗୁରଅଙ୍ଗ ବାଙ୍ଗ୍-ସୁଲି ଊର୍ଦ୍ଧ୍ୱ ଆକାଶ ଆଡ଼କୁ ଉତ୍ଥିତ ହେଲ ତାଙ୍କର ଏହି କଥା ପଦକରେ । ମୁଁ ବୁଝିଲି, ଏସବୁ କେବଳ ମୁହଁର କଥା ନୁହେଁ, ଏହା ଭିତରେ ରହିଛି ହୃଦୟର ବେଦନାର ଝଙ୍କାର ଆଉ ସେହି ଝଙ୍କାରରେ କମ୍ପି ଉଠୁଛି ସାମ୍ରାଜ୍ୟବାଦୀଙ୍କର ପ୍ରାଣ । ତା'ପରେ ସେ କହୁଥିଲେ, ଯଦି ଏହି ସଂଗ୍ରାମରେ ଚୀନ ବଞ୍ଚେ—ତାହେଲେ ପୃଥିବୀର ସର୍ବ-ଶ୍ରେଷ୍ଠ ଦେଶ ଆମେରିକା ମଧ୍ୟ ବର୍ତ୍ତିବ ।

ସେତେବେଳେ ମୁଁ ବୁଝି ନଥିଲି, ଆମେରିକା କେମିତି ପୃଥିବୀର ଶ୍ରେଷ୍ଠ ଦେଶ ହେଲା । କିନ୍ତୁ ଆମେରିକା ଦେଖି ସେତିକି ବୁଝିଲି । ପରିଷ୍କାର ବାଟଘାଟ, ଘରଦ୍ୱାର, ବିଜୁଳି ବ୍ୟବସ୍ଥା,

ଗ୍ୟାସ୍‌ର ବ୍ୟବହାର ଇତ୍ୟାଦି ବିଷୟରେ ଆମେରିକା ପୃଥିବୀର ଅନ୍ୟାନ୍ୟ ଦେଶଠାରୁ ବହୁତ ଆଗେଇ ଯାଇଛି । ଆମେରିକାନ୍‌ଗଣ ସାମ୍ୟବାଦୀ ହେଲେ ନିଶ୍ଚୟ ଚୀନ ସାମ୍ୟବାଦୀମାନଙ୍କ ଭଳି ମତବାଦ ପୋଷଣ କରିବେ । ଚୀନର ସାମ୍ୟବାଦୀଗଣ ଅପର ଦେଶକୁ କବଳିତ କରିବାକୁ ଆଦୌ ଯତ୍ନ କରନ୍ତି ନାହିଁ, ତା'ବୋଲି ଆପଣା ଦେଶକୁ ଅପର ହାତରେ ଛାଡ଼ି ଦେବେ ଯା' କି ତାଙ୍କ ଜାତକରେ ନାହିଁ । ନବଜାଗ୍ରତ ଚୀନ ପ୍ରତି ସେଦିନର ଆମେରିକାନ୍ ମନୋଭାବ ଆଉ ଆଜିର ମନୋଭାବ କଥା ଭାବିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ—ଯେପରି ଆକାଶ ପାତାଳ ପାର୍ଥକ୍ୟ !

ଚୀନା ସାମ୍ୟବାଦୀଗଣଙ୍କ ସାଙ୍ଗରେ ରହି କଥାବାର୍ତ୍ତା କରି ମିଳାମିଶି ମୋର ଧାରଣା ହୋଇଛି—ସେମାନେ ବଡ଼ ଉଦାର । ସେମାନେ ସମଗ୍ର ବିଶ୍ୱର ନିପୀଡ଼ିତ ମାନବର ମୁକ୍ତି ଚାହାନ୍ତି । ଏଥିପାଇଁ ସେମାନେ ପ୍ରାଣ ଦେବାକୁ ପ୍ରସ୍ତୁତ । ଯେଉଁମାନଙ୍କର ଏଭଳି ମହାନ୍ ଉଦାର ଆଦର୍ଶ, ସେମାନଙ୍କର ଜୟ କାମନା ସର୍ବେ କରିବେ । ମୁଁ ସେତେବେଳେ ସେଇ କାମନା କରୁଥିଲି, ଦୀର୍ଘକାଳ ପ୍ରାର୍ଥନା କରୁଛି ଅଉ ଆଜି ବି କରୁଛି—ନୂତନ ଚୀନର ଜୟ ହେଉ ।

ଜାତୀୟବାଦ ବଡ଼ କ୍ଷୁଦ୍ର ବସ୍ତୁ । କିନ୍ତୁ କ୍ଷୁଦ୍ରରୁ ବୃହତ୍ତର ଜନ୍ମ । ଜାତୀୟବାଦୀ ଚୀନ ଏଭଳି ଉଦାର ମତବାଦ ପୋଷଣ କରେ ନାହିଁ । କାରଣ ସୁସ୍ପଷ୍ଟ । କ୍ଷୁଦ୍ର ମତବାଦ ଧରି ବଡ଼ କଥା ଅନେକ କହନ୍ତି । ଜାତୀୟବାଦୀ ଚୀନ ମଧ୍ୟ ସେଥିରୁ ବାଦ ପଡ଼ି ନାହିଁ । ସେ ଦିନର ଜାତୀୟବାଦୀ ଡାକ୍ତର ଓ୍ୱେଲିଂଟନଙ୍କୁ ସାଙ୍ଗରେ ଆଜିର ଓ୍ୱେଲିଂଟନଙ୍କର କୌଣସି ସଂପର୍କ ନାହିଁ । ସେତେବେଳେ ସେ ଥିଲେ କେତେକ ଲୋକଙ୍କର ମୁଖପାତ୍ର, ତାପରେ ସେ ପୁଣି ହୋଇଥିଲେ ଚୀନର ମୁଖପାତ୍ର । ସେତେବେଳେ

ସେ ଚୀନର କଥା ଗୋଟିଏ ବୈଦେଶିକ କମିଶନ ପାଖରେ ଉପସ୍ଥାପିତ କରିବା କାମରେ ବ୍ୟସ୍ତ ଥିଲେ—ଠିକ୍ ସେଇ ସମୟରେ ମୁଁ ତାଙ୍କର ଦର୍ଶନପ୍ରାର୍ଥୀ ହୋଇଥିଲି । କିନ୍ତୁ ବୁଝି ପାରିଲି ନାହିଁ, କାହିଁକି ସେ ମୋତେ ଦର୍ଶନ ଦେଲେ ନାହିଁ ।

ପିକିଂ ଅତିକ୍ରମ କରି ମୁଁ ଯେତେବେଳେ ମୁକ୍‌ଡେନ ପାଖାପାଖି ପହଞ୍ଚିଛି, ସେତେବେଳେ ଦିନେ ସଂବାଦପାଇଲି ଯେ ଏକ ବୈଦେଶିକ କମିଶନ ମାଞ୍ଚୁରିଆ ଆସୁଛି । ଅଉ ତା' ସାଙ୍ଗରେ ଆସୁଛନ୍ତି ଡାଃ କୁ । ସେମାନେ ଚୀନର ଦାବୀ ବିଦେଶୀ ପଞ୍ଚାୟତ ପାଖରେ ଉପସ୍ଥାପିତ କରିବେ । କିଛି ଦିନ ପରେ ପୁଣି ଶୁଣିଲି, ମୁକ୍‌ଡେନର ଏକ କ୍ଲବରେ ବସି 'କୁ' ଚା ଖାଉଥିଲେ, ହଠାତ୍ ତାଙ୍କର ଜାପାନୀମାନଙ୍କ ଯୋଗ ଦେଖାଦେଲା ଅଉ ସେ ଚା' ଛାଡ଼ି ଲର୍ଡ ଲିଟନ୍‌ଙ୍କ ଶରଣାପନ୍ନ ହେଲେ । ଲର୍ଡ ଲିଟନ୍ ହସି ଡାଃ କୁଙ୍କୁ କଣ କହୁଥିଲେ ସେ ଜାଣନ୍ତି—କିନ୍ତୁ ସେଇକଥାକୁ ଆଲୋଚନା କରି ଜାପାନୀ ସଂବାଦପତ୍ର ଆଉ କମ୍ୟୁନିଷ୍ଟ ଦଳର ଲୋକେ ବୁଢେ ହସିଥିଲେ ।

ହସିବାର କଥା ଅବଶ୍ୟ । କମ୍ୟୁନିଷ୍ଟ ଗଣ ନୂଆ ଚୀନ, ଲାଲଚୀନ ଗଢ଼ିବାକୁ ପ୍ରୟାସୀ ଥିଲାବେଳେ ଡାଃକୁ ଜାପାନୀ ଡରରେ ଜୀବନ ହରାଇ ଚା' ଛାଡ଼ି ପଳାଇଥିଲେ । ଏଥିରେ ନ ହସିବ କିଏ ? ଡାଃକୁ ସୁଂ 'ପରିବାର' ନିକଟରେ ଅନ୍ଧାର ଘଞ୍ଚି ଭଳିଆ ଥିଲେ । ଗୋଟିଏ ଦିଗରୁ ବୈଦେଶିକ କୂଟନୀତିଜ୍ଞମାନଙ୍କ ଧମକ, ଅପର ଦିଗରୁ ଜାପାନୀ ଆଉ ଲାଲଚୀନା ଫଉଜର ରକ୍ତ ଦୃଷ୍ଟି ସବୁବେଳେ ସୁଂ ପରିବାରକୁ ଦରମର କରି ରଖିଥିଲା । ଯେଉଁମାନେ ତା' ଦେଖିଛନ୍ତି ସେମାନେ ଘଟଣାଟା ବୁଝିପାରିଛନ୍ତି । ଯେଉଁମାନେ ଦେଖି ନାହାନ୍ତି ସେମାନେ ଦୂରରୁ ସୁଂ ପରିବାରକୁ ବାହାବା ଦେଉଥିଲେ । ମୁଁ

ତାଙ୍କର ବର୍ଷ ପଦ୍ଧତି ଆଉ ଜୀବନ ଯାତ୍ରା ଦେଖିଛନ୍ତି ବୋଲି ବାହାବା ଦେଇ ପାରିଲି ନାହିଁ ।

ସତରେ ଚୀନ ବଡ଼ ଅଦ୍ଭୁତ ଦେଶ । ପୁରୁଣା କାଳରୁ ଏଯାଏ ଚୀନର ବହୁ ଘଟଣା ଚୀନାମାନଙ୍କ ପାଖରେ ଯେପରି ଅଜ୍ଞାତ—ବିଦେଶୀ ଲୋକଙ୍କ ନିକଟରେ ମଧ୍ୟ ସେଇପରି ଅଜ୍ଞାତ । ଅନେକେ ସେଇ ଅଜ୍ଞାତ ବିଷୟକୁ ଉପଲକ୍ଷ୍ୟ କରି ନାନା ପ୍ରକାର ଗଳ୍ପର ଅବତାରଣା କରନ୍ତି ସତ, କିନ୍ତୁ ତା'ର କିଛି ସମାଧାନ କରିପାରନ୍ତି ନାହିଁ । ଯେଉଁମାନେ କୂଟନୀତି ବିଶାରଦ ସେମାନେ ମଧ୍ୟ ଚୀନ କଥାରେ ଧଇଁସଇଁ ହୋଇ ଯାଆନ୍ତି ।

ମାନଚିତ୍ର ଆଗରେ ରଖି କର୍ମକ୍ଳାନ୍ତ ଅଶଙ୍କାରେ ଭୀତ କନ୍‌ସାଲମାନଙ୍କ ରିପୋର୍ଟ ପଢ଼ି, କୂଟନୀତିରେ ଯଦି କେହି ଆଗେଇ ଯାଉଥାନ୍ତା ତାହେଲେ ଆଉ ଏତେ ଗୁଡ଼ାଏ ସାମ୍ରାଜ୍ୟର ଇତିହାସ ପଢ଼ି ମଗଜ ଶୁଖାଇବାର କୌଣସି କାରଣ ନଥିଲା । ବେତନ ଭୋଗୀ ସାଂବାଦିକଗଣ ଅସତ୍ୟ ସଂବାଦକୁ ଅତିରଞ୍ଜିତ କରି ଭୁଲ୍‌କର ସନ୍ତୋଷ ବର୍ଣ୍ଣନ କରିବାକୁ ପଶ୍ଚାଦପଦ ହୁଅନ୍ତି ନାହିଁ । କାରଣ ତାଙ୍କର ଉଦ୍ଦେଶ୍ୟ ହେଲା ଅର୍ଥ ଉପାର୍ଜନ । ଏଣେ ଟଙ୍କାର ଲୋଭ, ତେଣେ ଟଙ୍କାର ବିନିମୟରେ ଦାସତ୍ୱ—ଏଇ ଦୁଇଟି ଅବସ୍ଥା ଭିତରେ ଯେଉଁ ସମ୍ପର୍କ ଆଉ ତା' ଫଳରେ ଯେଉଁ ସବୁ କାମ ହୁଏ, ସେ ସବୁ କାମର କୌଣସି ମୂଲ୍ୟ ନାହିଁ । ସେ କାମର ଯେ ମୂଲ୍ୟ ନାହିଁ ତା' ସବୁବେଳେ ଆଖି ଆଗରେ ପଡ଼େ ନାହିଁ । ଏଇ ପୁରୁଣା ପଦ୍ଧତି ଅକସ୍ମାତ ଚାଲି ଯାଆନ୍ତା, ଯଦି ସାମ୍ୟବାଦ ଜନ୍ମ ନ ନିଅନ୍ତା । ସାମ୍ୟବାଦ ଚୀନ ଦେଶରେ ଅନ୍ଧକାରରେ ଦୀପଶିଖା ଭଳି । ସେ ଦୀପଶିଖାର ଆଲୋକ ଯୁଆଡ଼େ ଯାଇ ପହଞ୍ଚୁଥିଲା ସେ ଅଞ୍ଚଳରୁ ଅନ୍ଧକାର ଦୂରେଇ ଯାଉଥିଲା ।

ଚୀନର ଚିଆଂ କାଇଶେକ ବହୁଆଗରୁ ସାମ୍ୟବାଦ ସମ୍ବନ୍ଧରେ ଜାଣି-ଥିଲେ । ଡାକ୍ତର ସାନ ଇୟାତ୍ ସେନ ତାଙ୍କର 'ବିମୋଡ'ରେ ତା' ଭଲ ଭାବରେ ବୁଝାଇଥିଲେ । କିନ୍ତୁ ଲଭ ନାହିଁ, ସ୍ୱାର୍ଥର ମୋହ ବଡ଼ ଭୟଙ୍କର । ସେ ସବୁ ପ୍ରଗତିକୁ ଭୁଲି ଯାଇ ପୁରୁଣା ସାମ୍ରାଜ୍ୟବାଦୀ ମତ ଗ୍ରହଣ କରି କାମ କରି ଯାଉଥିଲେ ଆଉ ନାନା ମନ କଷ୍ଟରେ ଦିନ କଟାଉଥିଲେ । ସେ କମ୍ୟୁନିଷ୍ଟ ମାନଙ୍କ ଉପରେ ଥରହର ହୋଇ ଉଠୁଥିଲେ । ସେଇ ଆତଙ୍କ ଫଳରେ ବହୁ ଗର୍ହିତ କାମ ମଧ୍ୟ କରି ଯାଉଥିଲେ । ଫଳ କିନ୍ତୁ ଭଲ ହେଲା ନାହିଁ । ଯେଉଁମାନଙ୍କୁ ସେ ସନ୍ତୁଷ୍ଟ କରିବାକୁ ଚାହିଁଥିଲେ ସେଇ-ମାନେ ପଛକୁ ତାଙ୍କ କାନ୍ଧରେ ଚଢ଼ି ବସିଥିଲେ । ଚିଆଂ ଏଥିରେ ବିଚଳିତ ହୋଇ ପଡୁଥିଲେ, ଏଣେ କମ୍ୟୁନିଷ୍ଟ ପାର୍ଟିକୁ ମଧ୍ୟ ସାହାଯ୍ୟ କରି ପାରୁନଥିଲେ । ଏଥିରେ ସୁଂ ପରିବାରର ସ୍ୱାର୍ଥ ବି ରକ୍ଷା ହେଉନଥିଲା ରହନ୍ତୁ' ନାହିଁ ତା' ବ୍ୟତୀତ ବୈଦେଶିକଗଣ ହୁଏତ ତାଙ୍କର ଗାଦିଚ୍ୟୁତର ବ୍ୟବସ୍ଥା କରନ୍ତେ । ବାସ୍ତବିକ୍ ସେତେ-ବେଳର ଅବସ୍ଥା ବଡ଼ ଜଟିଳ ଥିଲା । ଚିଆଂଙ୍କର ବୈଦେଶିକ ମନ୍ତ୍ରୀଗଣ ସେତେବେଳେ କଣ ମନ୍ତ୍ରଣା ଦେଉଥିଲେ ସେ ସଂପର୍କରେ ବ୍ୟକ୍ତିଗତ ଭାବରେ ମୋର କୌଣସି ଅଭିଜ୍ଞତା ନ ଥିଲା । କିନ୍ତୁ ବୈଦେଶିକ ଚୀନାମାନଙ୍କ ଭିତରେ ଯେଉଁମାନେ ରାଷ୍ଟ୍ରନୀତି ସଂପର୍କରେ ଚର୍ଚ୍ଚା କରୁଥିଲେ ତାଙ୍କର ମତାମତ କିନ୍ତୁ ଅନ୍ୟ ପ୍ରକାର ଥିଲା ।

ମୁଁ ସେତେବେଳେ ଥିଲି ସିଙ୍ଗାପୁରରେ । ଅବସରବେଳେ ଲାଇବ୍ରେରୀଗୁଡ଼ାକୁ ଯିବା ଆସିବା କରୁଥିଲି । ଦିନେ ଦେଖିଲି ସେଥିରେ ଜଣେ ବିଶିଷ୍ଟ ଭଦ୍ରଲୋକ ଚୀନା ବହିର ପୃଷ୍ଠା ଓଲଟାଉ-ଛନ୍ତି । ସେଇବହି ଖଣ୍ଡିକରେ ଶବ୍ଦଗୁଡ଼ିକ ବାଁ ପାଖରୁ ଡାହାଣ ଆଡ଼କୁ

ଲେଖା ହୋଇଥିଲା । ବହୁ ଅତକୁ ବାର ବାର ରୁହିଁବାରୁ ଚୀନା ଭଦ୍ର ବ୍ୟକ୍ତି ମୋଆଡ଼କୁ ଗୁହାଁ କହିଲେ ଏଇ ବହିର ଖଣ୍ଡିକ ଚଳନ୍ତି ଗଦ୍ୟରେ ଲେଖା ହୋଇଅଛି । ବହି ଖଣ୍ଡିକ ମେଣ୍ଡେରିନ୍ ଭାଷାରେ ଲେଖା । କଥା ପ୍ରସଙ୍ଗରେ ଭଦ୍ରଲୋକଙ୍କ ସାଙ୍ଗରେ ବନ୍ଧୁତ୍ୱ ହେଲା । ମୁଁ ତାଙ୍କୁ ମୋ ବସାକୁ ଆସିବାକୁ ନିମନ୍ତ୍ରଣ କଲି । ସେ ମୋର ନିମନ୍ତ୍ରଣ ରକ୍ଷା କରିଥିଲେ ।

ପିକିଂରୁ ନାନ୍‌କିଂକୁ ରାଷ୍ଟ୍ରକେନ୍ଦ୍ର ପରିବର୍ତ୍ତନ ହେବା କଥା ସେତେବେଳେ ସମସ୍ତେ ଆଲୋଚନା କରୁଥିଲେ । ସାଧାରଣ ଲୋକେ ତାଙ୍କୁ ଏ ବିଷୟରେ ପ୍ରଶଂସା କରୁଥିଲେ । କିନ୍ତୁ ଏଇ ଭଦ୍ରବ୍ୟକ୍ତି ବିପରୀତ ମନ୍ତବ୍ୟ ବ୍ୟକ୍ତ କରିଥିଲେ । ଚୀନାଗଣ କୌଣସି ବିଷୟରେ ସହଜରେ ମନ୍ତବ୍ୟ ପ୍ରକାଶ କରନ୍ତି ନାହିଁ । ଏ ବିଷୟରେ ଚୀନାମାନଙ୍କୁ ଇଂରେଜମାନଙ୍କ ସହ ତୁଳନା କରାଯାଇ ପାରେ । ଏଇ ଭଦ୍ରବ୍ୟକ୍ତି ମୋତେ କହିଥିଲେ ରାଷ୍ଟ୍ରକେନ୍ଦ୍ର ସ୍ଥାନାନ୍ତରିତ କରିବାର ନାନା କାରଣ ରହିଅଛି । ସାଧାରଣ ଲୋକେ ବୁଝିଛନ୍ତି ମାଞ୍ଚୁକୁଓମାନଙ୍କ ଆକ୍ରମଣରୁ ରାଷ୍ଟ୍ରକେନ୍ଦ୍ରକୁ ଦୂରେଇ ନେବା ଦରକାର । କିନ୍ତୁ ପ୍ରକୃତରେ ସେପରି ଦରକାର ପଡ଼ିନଥିଲା । ବୈଦେଶିକଗଣ ମାଞ୍ଚୁରିଆକୁ ଜାପାନ ହାତରେ ଟେକି ଦେବାକୁ ଚାହାନ୍ତି—ରୁଷର ପ୍ରଭାବରୁ ଏସିଆର ଦେଶଗୁଡ଼ିକୁ ବଞ୍ଚାଇବା ପାଇଁ । ମାଞ୍ଚୁରିଆରେ ରୁଷର ପ୍ରଭାବ ବିସ୍ତାରିତ ହୋଇଛି, ହୁଏତ ବେଳପଡ଼ିଲେ ମାଞ୍ଚୁରିଆ ଲାଲ ହୋଇ ସମୁଦାୟ ଚୀନକୁ ଲାଲଧର୍ମୀ କରିଦେବ—ଏଇ ଭୟ ତାଙ୍କୁ ଖାଇ ଗୋଡ଼ାଉଥିଲା । ଉତ୍ତର ଏବଂ ଦକ୍ଷିଣ ଚୀନରେ ଯଦି ସୋଭିଏଟ ପ୍ରଥା ପ୍ରଚଳିତ ହୁଏ ତା ହେଲେ ମଧ୍ୟ ଭାଗଟା ଆପଣାଛାଏଁ ସୋଭିଏଟ ହୋଇଯିବ । ଉତ୍ତର ଚୀନରେ ମା-ଗୁନ୍-ସାନ କ୍ରମଶଃ ରୁଷ-ମତ-

ବାଧ୍ୟ ହୋଇ ଉଠୁଛନ୍ତି ଆଉ ଦକ୍ଷିଣରେ ମାଓ-ସେତୁଂ ସୋଭିଏଟ୍ ସ୍ଥାପନ କରୁଛନ୍ତି । ସେତେବେଳେ ଏଇ ସବୁ କଥା ବାଜେ କଥା ବୋଲି ମନେ ହେଉଥିଲା ଆଉ ଏତେ ବଡ଼ ଚିନ୍ତାଧାରା ମଧ୍ୟ ମୁଣ୍ଡ ଭିତରେ ପଶୁ ନଥିଲା । କିନ୍ତୁ ଯେତେବେଳେ ଚୀନ ଦେଶକୁ ଗଲି, ସେତେବେଳେ ବୁଝି ପାରିଲି—ସିଙ୍ଗାପୁରର ଭଦ୍ରବ୍ୟକ୍ତି ଯାହା କହୁଥିଲେ ତାହା ଅକ୍ଷରେ ଅକ୍ଷର ସତ ।

ଚିଆଁ ସେତେବେଳେ ହୁଏତ ବୁଝି ପାରି ନଥିଲେ, ତାଙ୍କ ବୈଦେଶିକ ମନ୍ତ୍ରୀଗଣ, ବିଶେଷତଃ ଜାପାନୀ ମନ୍ତ୍ରୀ ତାଙ୍କୁ ରାଷ୍ଟ୍ର କେନ୍ଦ୍ର ମଞ୍ଚୁରିଆ ନିକଟରୁ ଦୂରେଇ ଆଣିବାକୁ ଅନୁରୋଧ କରୁଥିଲେ । ନାନ୍‌କିଂକୁ ରାଷ୍ଟ୍ରକେନ୍ଦ୍ର ଯେତେବେଳେ ସ୍ଥାନାନ୍ତରିତ କରାଗଲା ସେତେବେଳେ ଜାପାନରୁ ଆସିଲେ ଜଣେକ ଜାପାନୀ ଭଦ୍ରଲୋକ । ସେ ପରିଚୟ ଦେଲେ ଯେ ଡାକ୍ତର ସାନ୍-ଇୟାତ୍-ସେନ ତାଙ୍କର ବନ୍ଧୁ ଥିଲେ ଏବଂ ସେଥି ହୁତରେ ସେ ଅନୁତର୍ପଣ ମଧ୍ୟ କରିଛନ୍ତି । ପ୍ରହସନ ଭଲରେ ଭଲରେ ସମାପ୍ତ ହେଲା । ଦୂରରୁ ସଭ୍ୟ ସାମ୍ରାଜ୍ୟବାଦୀଗଣ ହସିଲେ । ତା'ପରେ ହଠାତ୍ ଏକ ଅଶାନ୍ତିର ପ୍ରବଳ ଝଡ଼ା ଉତ୍ତର ଚୀନର ଛାତ ଉପରେ ବହିବ ବୋଲି ମନେ ହେଲା । ସର୍ବ ସାଧାରଣ ଯାହା ଆଶଙ୍କା କରୁଥିଲେ ଠିକ ସେଇ କଥା ହେଲା । ଜାପାନୀଗଣ ମାଞ୍ଚୁରିଆ ଉପରେ ଅତର୍କିତ ଆକ୍ରମଣ କଲେ ଏବଂ ନିହତ ମାର୍ଶାଲ୍ ଚେଂ ସୋ-ଲିଂଙ୍କ ସଞ୍ଚିତ ସ୍ୱର୍ଣ୍ଣ ସଂପଦସହ ମୁକ୍‌ଡେନ ନଗର ଦଖଲ୍ କଲେ । ଜାପାନୀଗଣ ପାଇଲେ ଅଗଣିତ ସ୍ୱର୍ଣ୍ଣମୁଦ୍ରା ଆଉ ତା ସଙ୍ଗେ ସଙ୍ଗେ ମାଞ୍ଚୁରିଆ । ସଭ୍ୟ ସାମ୍ରାଜ୍ୟବାଦୀଗଣ ଭାବିଲେ, ଏଥର ରୁଷିଆ ଆଉ ଏସିଆର କୌଣସି ଦେଶରେ ତା'ର ମତ ପ୍ରଚାର କରିବାକୁ ଚେଷ୍ଟା କରିବ ନାହିଁ ।

କିନ୍ତୁ ସାମ୍ରାଜ୍ୟବାଦୀଗଣ ସଭ୍ୟ ହେଲେ କଣ ହେବ, ତାଙ୍କର ମନ ସେଇଟି । ଦୃଷ୍ଟି ତାଙ୍କର ସୁଦୂରପ୍ରସାରୀ ନୁହେ । ସେମାନେ ବୁଝିଲେ ନାହିଁ ଯେ ବନରେ ବାଘକୁ ମଣିଷର ରକ୍ତ ପିଆଇବା ଶିଖାଉଛନ୍ତି, ଦିନେ ହୁଏତ ସେ ତାଙ୍କର ରକ୍ତ ଶୋଷି ପିଇବ । ୧୯୩୩ରେ ମୁଁ କଲିକତାଠାରେ ଏକ ବକ୍ତୃତା ପ୍ରସଙ୍ଗରେ କହିଥିଲି—ଜାପାନ ହାତରେ ମାଞ୍ଚୁରିଆ ଛାଡ଼ି ଦେଇ ସାମ୍ରାଜ୍ୟବାଦୀଗଣ ହୁଏତ ଭାବୁଛନ୍ତି ସେମାନେ ନିରାପଦ ହୋଇଛନ୍ତି, କିନ୍ତୁ ଏଥର ସେମାନେ ବିପଦକୁ ଆମନ୍ତ୍ରଣ କରି ଆଣିଛନ୍ତି । ମାଞ୍ଚୁରିଆର ଲୁହା, କୋଇଲା ଆଉ ସୋୟାବିନ ସେତେବେଳେ ଜାପାନ ପକ୍ଷରେ ପ୍ରାଣବାୟୁ ଭଳି ଥିଲା । ତାପରେ ହୁଏତ ଭାରତର ଗହମ ଆଉ ଲୋକ ବଳ ଉପରେ ଜାପାନୀମାନଙ୍କ ଦୃଷ୍ଟି ପଡ଼ିବ । ରୁଷ ଜାପାନକୁ ଏପରି ଭାବରେ ଶକ୍ତିଶାଳୀ ହେବାକୁ ଦେବ କି ନାହିଁ ସନ୍ଦେହ । ଭାରତର ଲୋକବଳ, ବର୍ମାର ଜଙ୍ଗଲ, ମାଲୟର ଟିଣ ଏକା ସାଙ୍ଗରେ ଯାହା ହାତକୁ ଯିବ ସେ ପୃଥିବୀକୁ ରସାତଳକୁ ନେଇ ଛାଡ଼ିବ ।

ଜେନେରେଲ ଚିଆଁ ମାଞ୍ଚୁରିଆ ହରାଇ ତାକୁ ଫେରି ପାଇବାକୁ ଚେଷ୍ଟା ତ କଲେ ନାହିଁ, ବରଂ ତା ଫେରି ପାଇବା ପାଇଁ ଯେଉଁମାନେ ଚେଷ୍ଟା କରୁଥିଲେ ତାଙ୍କ ଉପରେ ରାଗିଗଲେ । ଚୁଂ ହୁଆ-ଲିଅାଁଙ୍କ ପକ୍ଷରେ ପିକିଂରେ ରହିବା କଷ୍ଟକର ହୋଇ ପଡ଼ିଲା । କେତେକ ଆକସ୍ମିକ ଅସ୍ଥାୟୀ ସମ୍ବାଦ ପତ୍ର ବାହାରି ଚୁଂ-ହୁଆ-ଙ୍କ ନାଁରେ ନାନାପ୍ରକାର କୁତ୍ସା ରଟନା କଲେ । ଯେଉଁମାନେ ପଦେ ହେଲେ ଜାପାନ ବିରୋଧି କଥା କହୁଥିଲେ ସେମାନଙ୍କୁ କମ୍ୟୁନିଷ୍ଟ ଆଖ୍ୟା ଦେଇ ଜାପାନୀମତରେ ପୃଥିବୀର ଜମାଖର୍ଚ୍ଚ ଖାତାରୁ ତାର ନାମ ଲିଭାଇ ଦେଉଥିଲେ । ଏଥର ଦକ୍ଷିଣ ଚୀନରେ

କପରି ଭାବରେ କମ୍ୟୁନିଷ୍ଟ ଦଳନ କରାଯିବ ତାର ଫନ୍ଦିଫିକରରେ ବ୍ୟସ୍ତ ଥିଲେ ।

ଏଣେ ଜାପାନୀଗଣ ମାଞ୍ଚୁରିଆର ନାଁ ବଦଳାଇ ମାଞ୍ଚୁକୋ ରଖିଲେ । ଚୀନାଗଣ ଭାବିଲେ ଏଇ ନାମ ପରିବର୍ତ୍ତନରେ କଣବା ଯାଏ ଆସେ । କିନ୍ତୁ ଯେଉଁଦିନ ମାଞ୍ଚୁରିଆ ମାଞ୍ଚୁକୋ ହେଲା ଠିକ୍ ସେଇଦିନ ଦେଖାଗଲା ମାଞ୍ଚୁରିଆର ତିନୋଟି ପୂର୍ବୀୟ ପ୍ରଦେଶ ପାଞ୍ଚଟି ପୂର୍ବୀୟ ପ୍ରଦେଶରେ ପରିଣତ ହୋଇଛି । ଜେହୋଲ ଓ ଚୁହାର ନାମକ ଦୁଇଟି ପ୍ରଦେଶ ଜାପାନୀଗଣ ମାଞ୍ଚୁରିଆ ସୀମା ଭିତରେ ଧରି ନେଇଥିଲେ । ଯାହାଙ୍କର ଶକ୍ତି ବେଶି ଓ ଯେଉଁମାନେ ବର୍ବର ସେମାନେ କେବେହେଲେ ତର୍କ ମାନନ୍ତି ନାହିଁ । ସେମାନେ ଯାହା ଚାହାନ୍ତି, ବଳ ପୂର୍ବକ ଆଦାୟ କରି ନିଅନ୍ତି । ଜାପାନୀଗଣ କୌଣସି ନ୍ୟାୟ ସଙ୍ଗତ ଯୁକ୍ତି ଶୁଣିଲେ ନାହିଁ, ଚୁହାର ଓ ଜେହୋଲର କେତେ ଅଂଶ ଦଖଲ କରିନେଲେ । ସେମାନେ ସେତକ ଦଖଲ କଲା ପରେ ଚୀନାଗଣଙ୍କର ପୂର୍ବ ଜ୍ଞାନ ଫେରି ଆସିଲା ସଙ୍କୀର୍ଣ୍ଣମନା ଜାତୀୟବାଦୀ କମ୍ୟୁନିଷ୍ଟମାନଙ୍କୁ ଘୃଣା କରିବା ପରିବର୍ତ୍ତେ ତାଙ୍କର ସହଯୋଗରେ ସଭିଏଁ ମିଳିମିଶି ଜାପାନୀଙ୍କୁ ଆଉ ତାଙ୍କର ସାହାଯ୍ୟକାରୀମାନଙ୍କୁ ଉପଯୁକ୍ତ ଶାସ୍ତି ଦେବାକୁ ବାଟ ଖୋଜିଲେ । ଜାତୀୟବାଦୀଦଳରେ ଏଥର ଘୁଣ ଧରିଲା ।

ଏଣେ ସୁଂ ପରିବାରର ନେତା ଅନ୍ୟ ହାତରେ ଖେଳନା ହୋଇ ନାଚିଲେ । ସେ କେବଳ କମ୍ୟୁନିଷ୍ଟ ଉପଦ୍ରବରେ ଥରହର ହେଉଥିଲେ ଆଉ କପରି ଭାବରେ ତାଙ୍କୁ ସଂହାର କରିବେ ତାର ଚେଷ୍ଟା କେବଳ କରୁଥିଲେ । ଜାପାନୀଗଣ ଯେ ଚୀନର ସର୍ବନାଶ କରୁଛନ୍ତି ସେଥିପ୍ରତି ତାଙ୍କର ଦୃଷ୍ଟି ପଡୁନଥିଲା ।

ତାନାଣ୍ଡା ଭ୍ରମଣରୁ ଫେରିଲା ପରେ ମୁଁ ମାସଟିଏ ସଂଘାଇରେ ଥିଲି । ସେଇ ମାସକ ଭିତରେ ଚୀନର ରାଷ୍ଟ୍ରନୀତିର ଚଙ୍କ କ୍ରୁଆଟେଙ୍ଗ ବୁଲିଥିଲି, ତା' ଆଡକୁ ଲକ୍ଷ୍ୟ ରଖି ଧ୍ୟାନ କରୁଥିଲି । କୌଣସି ସଭା ସମିତିରେ ଆଦୌ ଯୋଗ ଦେଉ ନଥିଲି । କେବଳ ଚୀନ ଭିତରୁ ସଦ୍ୟ ପ୍ରତ୍ୟାଗତ ପ୍ରଗତିଶୀଳ କର୍ମୀମାନଙ୍କ ସହ ସଂପର୍କ ରଖୁଥିଲି । ସେତେବେଳେ ଫ୍ରେଂଞ୍ଚ କନ୍‌ସେସନ୍‌ରେ ଏଇ ଲୋକ-ମାନଙ୍କର ଆଡ୍‌ଡା ଥିଲା । ଅଡ୍‌ଡାକୁ ଯେଉଁମାନେ ଆସୁଥିଲେ, ସେମାନେ ସଭିଏଁ କର୍ମୀ । ଏଇ କର୍ମୀଗଣ ବହୁସମୟରେ ଖାଦ୍ୟ ଅଭାବରେ ଏବଂ ଉପଯୁକ୍ତ ବିଶ୍ରାମ ଅଭାବରେ ଭଗ୍ନସ୍ୱାସ୍ଥ୍ୟ ହୋଇ କର୍ମକ୍ଷେତ୍ରରୁ ଫେରି ଆସିବାକୁ ବାଧ୍ୟ ହେଉଥିଲେ ବିଶ୍ରାମ ନେବା ପାଇଁ । ସେମାନେ ଅତି କମ୍ କଥାବାର୍ତ୍ତା କରୁଥିଲେ । ଯେତିକି ବା କରୁଥିଲେ ସେଥିରୁ ଅତି ମାର୍ଜିତ ଏବଂ ସଜୀବତାପୂର୍ଣ୍ଣ । କଥାଛଳରେ ଦିନେ ଜଣେ ଯୁବକ କହୁଥିଲେ—ଆମର କମରେଡ୍‌-ଗଣ ଘାତକମାନଙ୍କୁ ମଧ୍ୟ ପରାସ୍ତ କରି ଦେଇଛନ୍ତି । ଚୁଂସାରେ କେତେକ କମରେଡଙ୍କୁ ପ୍ରାଣଦଣ୍ଡରେ ଆଦେଶ ମିଳିଲା । ଏ ପ୍ରାଣଦଣ୍ଡର ପଦ୍ଧତି ହେଉଛି ଘାତକ ଖଡ୍‌ଗଦ୍ୱାରା ବେକକୁ ଦ୍ୱିଗଡ଼ କରି କାଟି ଥୋଇ ଦେବ । କମ୍ରେଡ଼ଗଣ ମୁଣ୍ଡ ନୁଆଁଇ ଭୂଇଁ ଉପରେ ବସିଥିଲେ ଖଣ୍ଡା ଚୋଟ ଅପେକ୍ଷାରେ । ଘାତକ ଗୋଟିଏ ପରେ ଗୋଟିଏ ଚୋଟ ବସାଇ ଦିଏ ଆଉ ମୁଣ୍ଡଗୁଡ଼ାମାନ କାନ୍ଧ ଉପରୁ ଖସି ତଳେ ଗଡ଼ିବ । ଘାତକ ସେଦିନ ବୋଧହୁଏ ବିଚଳିତ ହୋଇ ଯାଇଥିଲା । ହାତ ତାର ଥରି ଉଠିଲା । ଘାତକର ହାତ ଥରିବା ଦେଖି ଜଣେ କମ୍ରେଡ୍ ହସ୍ ହସ୍ ହୋ କରି ଜଣାଇଦେଲେ ଯେ ସେ ଅକର୍ମା, ଅନ୍ୟ ଘାତକ ଅଣାଯାଉ । କର୍ତ୍ତୃପକ୍ଷ କମ୍ରେଡ଼ଙ୍କ କଥାରେ କାନ ଦେଲେ ନାହିଁ । ଘାତକ ଯେତେବେଳେ ପ୍ରଥମ କମ୍ରେଡ଼

ବେକରେ ଗୋଟେ ବସାଇଲା, ମୁଣ୍ଡଟା ଗଣ୍ଡିରୁ ସଂପୂର୍ଣ୍ଣ ଅଲଗା ହୋଇ ପାରିଲା ନାହିଁ । ପୁଣି କମ୍ରେଡଗଣ ହୁସ୍ ହୁସ୍ ଶବ୍ଦ କଲେ । ଘାତକ ଲଜ୍ଜାରେ ମୁଣ୍ଡ ନୁଆଁଇ କୌଣସି ପ୍ରକାର ସେଇ ଆହତ କମ୍ରେଡର ମୁଣ୍ଡଟା ଗଣ୍ଡିରୁ ବିଚ୍ଛିନ୍ନ କରି ପଳାଇ ଗଲା । ଚୀନ ଦେଶରେ ଗୋଟିଏ କାନୁନ ଅଛି, ଯଦି ଏକା ଗୋଟକେ ମୁଣ୍ଡଟା ଗଣ୍ଡିରୁ ନ ଖସିବ ତାହେଲେ ସେଦିନ ହତ୍ୟାକାଣ୍ଡ ବନ୍ଦ ରହିବ । କମ୍ରେଡଗଣ ସେଦିନକ ପାଇଁ ବଞ୍ଚିଗଲେ । ଆମେ ବାହାରେ ଥାଇ ତାଙ୍କର ଉଦ୍ଧାର ପାଇଁ ଚେଷ୍ଟା କଲୁ, କିନ୍ତୁ ସଫଳ ହୋଇ ପାରିଲୁ ନାହିଁ । ପରଦିନ ଏକ ହୃଷ୍ଟସବଳ ଘାତକ ବଧ୍ୟଭୂମିକୁ ଆସିଲା । ସେଦିନ ସେ ତିନିଜଣ କମ୍ରେଡଙ୍କ ମୁଣ୍ଡ କାଟି ସାରିଲା ପରେ ଯେତେବେଳେ ଚତୁର୍ଥ କମ୍ରେଡ଼ ପାଖକୁ ଗଲା, ଆଶ୍ଚର୍ଯ୍ୟ ହୋଇ ଦେଖିଲା ଯେ ସେ ତାର ଆତ୍ମୀୟ । ଆତ୍ମୀୟକୁ ଚିହ୍ନିପାରି ଘାତକର ମୁହଁ କଳାକାଠ ପଡ଼ିଗଲା । ତଥାପି ଘାତକ ଆତ୍ମୀୟ ବେକରେ ଗୋଟେ ପକାଇଲା, କିନ୍ତୁ ଏକାଗୋଟକେ ହାଣି ପାରିଲା ନାହିଁ । ଏଥର ସେ ଆଉ ଧୈର୍ଯ୍ୟ ଧରି ପାରିଲା ନାହିଁ, ଭୀଷଣ ଚିତ୍କାର କରି ବଧ୍ୟଭୂମି ଛାଡ଼ି ଚାଲିଗଲା । ଆମର କର୍ମତତ୍ପରତା ଆଗରୁ ପ୍ରସ୍ତୁତ ଥିଲା, ନୂତନ ସମ୍ବାଦ ପାଇ ଆମେ ପୂରା ଦମ୍‌ରେ କାମ କରି ହତାବଶିଷ୍ଟ କମ୍‌ରେଡ଼ମାନଙ୍କୁ ଜେଲ୍‌ରୁ ମୁକ୍ତ କରି ଆଣିବାକୁ ସକ୍ଷମ ହୋଇଥିଲୁ । ଏଇ ସବୁ କଥା କହି ସଦ୍ୟପ୍ରତ୍ୟାଗତ କର୍ମୀ ଟେମ୍ବାର ଉପରେ ମୁଣ୍ଡରଖି ବିଶ୍ରାମ କଲେ । ମୁଁ ତାଙ୍କର କ୍ଲାନ୍ତ ଶରୀର ଆଡ଼କୁ ଚାହିଁ ଭାବୁଥିଲି, କ୍ରମାଗତ ଏତେ ପରିଶ୍ରମ କଲେ ଶରୀର ଏପରି ଅବସାଦଗ୍ରସ୍ତ ହୁଏ ।

ଚୀନା ଜାତକୁ ଆଉ ଚୀନ ଦେଶଟାକୁ ସେତେବେଳେ ନିଜଦେଶ ଭଳି ଭଲ ପାଉଥିଲି । ଚୀନାଗଣ କିପରି ବୈଦେଶିକ

ଆଉ ଅଭ୍ୟନ୍ତରୀଣ ବନ୍ଧନରୁ ମୁକ୍ତିଲାଭ କରିବେ, ତା’ କେବଳ କାମନା କରୁ ନଥିଲି, କିନ୍ତୁ ମଧ୍ୟ ବିସ୍ତର ବୁଦ୍ଧି ଖଟେଇ ଦେଖୁଥିଲି ତାଙ୍କୁ କୌଣସି ପ୍ରକାର ସାହାଯ୍ୟ କରି ପାରିବି କି ନାହିଁ । କିନ୍ତୁ ମୁଁ ଯେଉଁ ସବୁ ଉପାୟ ଚିନ୍ତା କରୁଥିଲି ତା’ କେବଳ ବାଳକସୁଲଭ ଚପଳତାମାତ୍ର । ଅନେକ ମୋ କଥା ଶୁଣି ହସୁଥିଲେ । ସେମାନେ କହୁଥିଲେ, ଆପଣ ଦେଖି ଯାଆନ୍ତୁ, ବୁଝି ଯାଆନ୍ତୁ—ଆମେ କିପରି ଭାବରେ ଉତ୍ପୀଡ଼ିତ ହେଉଛୁ ଆଉ ଆପଣଙ୍କୁ ସୁଯୋଗ ମିଳିଲେ ଦେଶ ବିଦେଶର ଲୋକଙ୍କ ନିକଟରେ ତା’ ମୁକ୍ତକଣ୍ଠରେ ଜଣାନ୍ତୁ । ଯେଉଁ ସବୁ ଅତ୍ୟାଚାର କାହାଣୀ ମୁଁ ଶୁଣିଥିଲି ତା’ ମୋର ଭାରତୀୟ ବନ୍ଧୁମାନଙ୍କୁ କହୁ ନଥିଲି । ସେମାନେ ଚୀନ ଦେଶରେ ରହି, ଚୀନାଭାଷା ଶିଖି ମଧ୍ୟ ବୁଝିଥିଲେ ଯେ ଚୀନଗଣ ଅମଣିଷ, ବୈଦେଶିକ ସାମ୍ରାଜ୍ୟବାଦୀଗଣ ଚୀନଦେଶଟାକୁ ଦଖଲ କରିନେବେ—ଚୀନରେ ଏମିତି ବୀର କେହି ଜନ୍ମି ନାହିଁ ଯେ ଚୀନକୁ ବାହାର ଶତ୍ରୁ ଆକ୍ରମଣରୁ ରକ୍ଷା କରି ପାରିବ । ବେଳେ ବେଳେ ତାଙ୍କ ନିକଟରେ ଚୀନାମାନଙ୍କ ଶକ୍ତି ସମ୍ବନ୍ଧରେ ନାନା କଥା କହୁଥିଲି । କିନ୍ତୁ ସେମାନେ ସଂବାଦପତ୍ରର ସଂବାଦ ଶୁଣି ସନ୍ତୁଷ୍ଟ ରହୁଥିଲେ—ଚୀନାମାନଙ୍କ ସାଙ୍ଗରେ କଥା କହିବାକୁ ମଧ୍ୟ ସେମାନେ ଅପମାନ ବୋଧ କରୁଥିଲେ । ସେମାନେ ଜାଣନ୍ତି ନାହିଁ ଯେ ତାଙ୍କ ଘରେ ଯେଉଁମାନେ ବୟ ବବୁର୍ଚ୍ଚିର କାମ କରନ୍ତି ସେମାନେ ପ୍ରତ୍ୟେକେ ତାଙ୍କଠାରୁ ସହସ୍ର ଗୁଣରେ ଗୁଣୀ । ସାଂହାଇର ଭାରତୀୟ ବ୍ୟବସାୟୀ ଭାଇମାନେ ଆଉ କେତେଜଣ କାଶ୍ମୀ ଇଉରୋପୀୟ ଓ ଜାପାନୀଗଣଙ୍କ ସାଙ୍ଗରେ ମିଶିବାକୁ ପସନ୍ଦ କରୁଥିଲେ । ଚୀନାମାନେ କେବଳ ଚୋରି କରି ଜାଣନ୍ତି, ଏଇଥିଲା ତାଙ୍କର ଧାରଣା । ଏଇ ମନୋବୃତ୍ତି ଧରି ଯେଉଁ ସବୁ ଭାରତବାସୀ

ସଂସ୍ଥାଇରେ ଥାଆନ୍ତି, ତାଙ୍କ ମୁହଁରୁ ତାଙ୍କ ଅଜ୍ଞାତରେ ଚୀନାମାନଙ୍କ ସମ୍ବନ୍ଧରେ ବହୁ ଭଲ କଥା ମଧ୍ୟ ବାହାରି ଯାଉଥିଲା, କିନ୍ତୁ ତା’ ଉପରେ ସେମାନେ ଆଦୌ ଗୁରୁତ୍ୱ ଦେଉନଥିଲେ । ଅର୍ଥାନ୍ୱେଷୀ ଭାରତୀୟ ବଣିକଗଣ ଚୀନାମାନଙ୍କ ପ୍ରତି କୌଣସି ଦରଦ ନ ଦେଖାଇଲେ ମଧ୍ୟ, ତାଙ୍କର ଚୀନା ଦାସ—ଦାସୀଙ୍କ ସହାୟତାରେ ବହୁସନ୍ଦରେ ଚୀନା ବିପ୍ଳବୀଗଣ ସାହାଯ୍ୟ ପାଉଥିଲେ । ସେହିଭଳି ଗୋଟିଏ କଥା ଏଠାରେ କହୁଛି । ସେମାନେ କେବେହେଲେ ଭାବୁନଥିଲେ ଯେ କେଉଁ ପ୍ରକାରରେ ମନୁଷ୍ୟର ସାହାଯ୍ୟ କରାଯାଇ ପାରେ । ସେମାନେ ସବୁ ସାତ୍ତ୍ୱିକ ସ୍ୱଭାବର ବ୍ୟବସାୟୀ, ଟଙ୍କା ରୋଜଗାର ତାଙ୍କର ଏକମାତ୍ର ଲକ୍ଷ୍ୟ । ତାଙ୍କ ଘରେ ଯେଉଁ ସବୁ ଚାକର ଚାକରାଣୀ କାମ କରୁଥିଲେ, ତାଙ୍କର ଗୁରୁତ୍ୱ ସେମାନେ ବୁଝିପାରୁନଥିଲେ ।

ଜାପାନୀ ସୈନିକଙ୍କ ଦ୍ୱାରା ତାଡ଼ିତ ହୋଇ ତିନିଜଣ ଚୀନା ଯୁବକ ଏକ ଭାରତୀୟ ସିନ୍ଧି ବ୍ୟବସାୟୀ ଘରେ ଆଶ୍ରୟ ନେଲେ । ଘରେ ସେତେବେଳେ କେହି ନଥିଲେ, କେବଳ ଚୀନା ଚାକରାଣୀ ଓ ତାର ସ୍ୱାମୀ ଘରେ ବସି କାମ କରୁଥିଲେ । ଏତିକି ବେଳେ ତାଙ୍କ ଦ୍ୱାରରେ କରାଘାତ ଶବ୍ଦ ହେଲା, ସେମାନେ ଦ୍ୱାର ଖୋଲି ଯୁବକମାନଙ୍କୁ ଦେଖି ତାଙ୍କୁ ଘର ଭିତରକୁ ଟାଣି ଆଣି ଦ୍ୱାର ବନ୍ଦକରି ଦେଲେ । ମୁହୂର୍ତ୍ତକ ମଧ୍ୟରେ କି କଥାବାର୍ତ୍ତା ହେଲା ତା’ପରେ ସେହି ତିନୋଟି ଯୁବକ ଘର ଭିତରେ ଅନ୍ତର୍ଦ୍ଧାନ ହୋଇଗଲେ । ଜାପାନୀମାନେ ଆସି ଖୋଜି ଦେଖିଲେ ଘରେ କେହି ନାହାନ୍ତି । ଏହି ତିନିଜଣ ଚୀନା ଯୁବକ କିପରି ଭାବରେ ଅନ୍ତର୍ଦ୍ଧାନ ହେଲେ ତାର ସମ୍ବାଦ ଜାଣିବାକୁ ଯାଇ ଯାହା ଶୁଣିଥିଲି, ତା’ ଏହିପ୍ରକାର—ଆଜି ଭାରତୀୟ ବ୍ୟବସାୟୀଗଣ

ଯାହା କହୁଥିଲେ ତା' ଅନ୍ୟ ପ୍ରକାର । ଚୀନା ଯୁବକଗଣଙ୍କୁ ତାଙ୍କ ଘରେ ଆତ୍ମଗୋପନ କରିବାକୁ ସୁଯୋଗ ଦେବା ଅବଶ୍ୟ ଅନ୍ୟାୟ ହୋଇଛି ବୋଲି ଭାରତୀୟ ବ୍ୟବସାୟୀ ଭାବୁଥିଲେ, କିନ୍ତୁ ସ୍ୱା' ବ ଭାବୁଥିଲେ ଯେ ଯଦି ଜାପାନୀଗଣ ସନ୍ଦେହ କରନ୍ତି ଯେ ଏଇ ଆତ୍ମଗୋପନରେ ସେ ସାହାଯ୍ୟ କରିଛନ୍ତି – ତାହେଲେ ତ ଅସଲ ବିପଦ । ଏପରି ବିପଦରେ ପଡ଼ି ସେ ସ୍ଥାନୀୟ ବଡ ବଡ଼ ଭାରତୀୟମାନଙ୍କ ସହିତ ପରାମର୍ଶ କରୁଥିଲେ ଆଉ । ଜୟୁ ଶ୍ରୀଗୋପାଲଙ୍କୀ କିନ୍ତୁ ନିଜ ମନ ଭିତରେ ଶାନ୍ତି ଆଣିବାକୁ ଚେଷ୍ଟା କରୁଥିଲେ । ଶୁଭାନୁଧ୍ୟାୟୀ ବ୍ୟବସାୟୀଗଣ ତାଙ୍କୁ ନାନା ପ୍ରକାର ଉପଦେଶ ଦେଲେ ଆଉ ବୁଝାଉଥିଲେ ଯେ ଏଥିରେ ତାଙ୍କର କୌଣସି ଭବିଷ୍ୟତ ଅଶଙ୍କାର କାରଣ ନାହିଁ । କେବଳ ଉପଦେଶରେ ତାଙ୍କ ମନରେ ଶାନ୍ତି ଆସୁନଥିଲା । ମୁଁ ଅବସ୍ଥା ଦେଖି ଭାବୁଥିଲି, ହୁଏତ ଭଦ୍ରଲୋକ କାନ୍ଦି ପକାଇବେ ଆଉ ଜାପାନୀ କନ୍‌ସାଲଙ୍କ ଗୋଡ ଧରି କହିବେ ଯେ ଏ କାମରେ ତାଙ୍କର ସମ୍ପର୍କ ଆଦୌ ନଥିଲା । ସେଇଦିନ ଚୀନାଦମ୍ପତିଙ୍କୁ ଚାକିରିରୁ ବରଖାସ୍ତ କରାଗଲା ଆଉ ସେ ସମ୍ପର୍କରେ ସଂବାଦ ପୁଲିସ୍‌କୁ ଜଣାଇ ଦିଆଗଲା । ମୋ ପାଇଁ ସେ ଗୋଟାଏ ବଣ୍ଡ୍‌ରେ ଦସ୍ତଖତ କରିବା କଥା ଥିଲା, ଏଇ ଘଟଣା ପରେ ସେ ଆଉ ବଣ୍ଡ୍‌ରେ ଦସ୍ତଖତ କଲେ ନାହିଁ ।

ଚୀନା ମାନଙ୍କ ଅଡ଼କୁ ଫେରି ଶୁଣିଥିଲେ, ସେଇ ସିଲକ୍ ବ୍ୟବସାୟୀ ଘରକୁ ଫେରିଲା ପରେ, ଚାକରାଣୀ ସାହାଯ୍ୟରେ ପଳାତକ ଚୀନା ଯୁବକ ଦୁହେଁ ଅନ୍ୟ ଘରକୁ ଚାଲିଗଲେ ଆଉ ସେ ଘର ଚାକରାଣୀ ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲା । ଜାପାନୀଗଣ ଚାଲିଗଲା ପରେ ସଦର ଦ୍ୱାର ଦେଇ ଜଣେ ଜଣେ କରି ଦୁହେଁ-ଯାକ ତଳ ଅଡେ ଚାଲିଗଲେ । ସେଇ ଚାକରାଣୀ ଦୁହେଁ କମ୍ୟୁନିଷ୍ଟ

ପାର୍ଟିର ଗଣ୍ୟମାନ୍ୟ ହେଲେ । କମ୍ୟୁନିଷ୍ଟ ପାର୍ଟିର ସକ୍ରିୟ ସଭ୍ୟଗଣ କଠୋର ଭାବରେ ଗୁପ୍ତଚର ଗୁପ୍ତଚରଣୀ କାମ କରି ଦିନ କଟାନ୍ତି ଏ ସଂବାଦ ମୋ ପାଖରେ ନୂଆ ନୁହେଁ । କିନ୍ତୁ ଏ ଘଟଣା ଭାରତୀୟମାନଙ୍କ ଭିତରେ ଏଇ ପ୍ରଥମ ଘଟିଥିଲା । ଅବଶ୍ୟ ଭାରତୀୟ ବଣିକଗଣ କେବେହେଲେ କଳ୍ପନା କରି ନ ଥିଲେ ଯେ ଏଭଳି ଗୁପ୍ତଚର ଗୁପ୍ତଚରଣୀର ନିକୃଷ୍ଟ କାମ କରି ସୁଦ୍ଧା କେହି ଦେଶଶାସନରେ ଆପଣାକୁ ନିଯୁକ୍ତ ରଖି ପାରିବ ।

କମ୍ୟୁନିଷ୍ଟ କର୍ମୀମାନଙ୍କ ଭିତରେ କୌଣସି ସଭ୍ୟ ହେବାର ଯଦି ଦେଖି ନାହୁଁ ବୋଲି କହିବି, ହୁଏତ ଅନେକେ ହସିବେ । କମ୍ୟୁନିଷ୍ଟଗଣ ତାଙ୍କ କାମ ଶେଷ ନହେବା ପର୍ଯ୍ୟନ୍ତ ଆତ୍ମଗୋପନ କରି ରହିବାକୁ ପସନ୍ଦ କରନ୍ତି ବୋଲି ମୋର ଧାରଣା ଥିଲା । ବଡ଼ ବଡ଼ ସଭା ତାଙ୍କ ଭିତରେ ହୁଏ, କିନ୍ତୁ ଅତି ଗୋପନରେ । ଏଇପରି ଭାବରେ ସେମାନେ ବିପ୍ଳବ ଆଡ଼କୁ ଅଗ୍ରେଇ ଯାଉଥିଲେ । ବିପ୍ଳବ କଥା ମୁହଁରେ କହିବା ବଡ଼ ସହଜ, ଆଉ ନିଜକୁ ବିପ୍ଳବୀମାର୍କା ଦେଇ ସୁନାମ ଅର୍ଜିବା ବି କଷ୍ଟକର ନୁହେଁ । କାରଣ ଜନସମାଜ ଅନବରତ ପରିବର୍ତ୍ତନ ଖୋଜେ । କିନ୍ତୁ ବିପ୍ଳବ ଯେତେବେଳେ ଆସେ ସେତେବେଳେ କିଏ ସତ୍ୟ ଆଉ କିଏ ନକଲି ଚିହ୍ନା ପଡ଼ିଯାନ୍ତି । ଚୀନରେ ସେତେବେଳେ ବିପ୍ଳବ ଚାଲିଥିଲା—ସୁତରାଂ ବିପ୍ଳବୀଗଣଙ୍କୁ ଚିହ୍ନିବା ଆଦୌ କଷ୍ଟ ନଥିଲା । ମୁଣ୍ଡ ଉପରେ ଖଣ୍ଡା ଝୁଲୁଇ ଯେଉଁମାନେ ଛାତି ଫୁଲାଇ ବାଟ ଚାଲନ୍ତି—ସେଇମାନେ ପ୍ରକୃତ କର୍ମୀ । ଚୀନର କମ୍ୟୁନିଷ୍ଟ ପାର୍ଟି ମୁଣ୍ଡ ଉପରେ ସେତେବେଳେ ଖଣ୍ଡା ଝୁଲୁଥିଲା ।

ଚୀନ ଦେଶରେ ଶ୍ରମିକ ନାନା ପ୍ରକାରର । ଆମେ ଯଦି ତାଙ୍କୁ ଦୁଇ ଭାଗ କରିଦେବା ତା'ହେଲେ କଥାଟା ବୁଝିବାକୁ ସୁବିଧା

ହେବ । ପ୍ରଥମ ଭାଗ ହେଉଛନ୍ତି କୃଷକ ଶ୍ରମିକ ଓ ଦ୍ୱିତୀୟ ଭାଗ ହେଲେ କଲ କାରଖାନା ଶ୍ରମିକ । ଯେଉଁମାନେ ପାନପାନ କଳକବଜା ଦୋକାନରେ କାମ କରନ୍ତି ସେମାନେ ମଧ୍ୟ ଶ୍ରମିକ । କେହି ସାଇକେଲ ମରାମତି ଦୋକାନରେ କାମ କରେ, କେହିବା କମାର ଦୋକାନରେ କାମ କରେ ଏହି ସବୁ ବିକ୍ଷିପ୍ତ ଶ୍ରମିକମାନଙ୍କୁ ଜାଗ୍ରତ କରିବା ସହଜ କଥା ନୁହେଁ । କୃଷକ ଶ୍ରମିକ ତ ଆହୁରି ବେଶି ବିକ୍ଷିପ୍ତ । କଏ ହୁଏତ ଦୁଇଜଣ ଶ୍ରମିକ ଅଉ କଏ ପାଞ୍ଚଜଣ ଶ୍ରମିକ ଘେରି କ୍ଷେତରେ କାମ କରନ୍ତି—ସେ ସମସ୍ତଙ୍କୁ ଖୋଜି ବାହାର କରି ତାଙ୍କୁ ଶିକ୍ଷାଦୀକ୍ଷା ଦେଇ ଜାଗ୍ରତ କରିବା କଣ ସହଜ କଥା ? କିନ୍ତୁ ଚୀନା କମ୍ୟୁନିଷ୍ଟଦଳ ପକ୍ଷରେ ଏସବୁ କାମ ବଡ଼ ସହଜ ଥିଲା । ସେମାନେ କେବେହେଲେ ବକ୍ତୃତା ଦେଇ ବୁଝାନ୍ତି ନାହିଁ, ଶ୍ରମିକ ମାନଙ୍କ ସାଙ୍ଗରେ ରହି ତାଙ୍କର ସାଙ୍ଗରେ କାମ କରି ତାଙ୍କ କାନେ କାନେ ଯାହା କହନ୍ତି ସେସବୁ ହଜାର ବକ୍ତୃତାଠାରୁ ବେଶି ଫଳପ୍ରଦ । ଶ୍ରମିକମାନଙ୍କ ସାଙ୍ଗରେ ନ ରହିଲେ ତାଙ୍କ କଷ୍ଟ ଯେପରି ବୁଝି ହୁଏ ନାହିଁ, ସେହିପରି ତାଙ୍କୁ ବୁଝାଇବା ମଧ୍ୟ କଷ୍ଟକର ହୋଇ ଉଠେ ।

ଏଣେ ଜାତୀୟବାଦୀ ସରକାର ମଧ୍ୟ ନୀରବରେ ବସି ନ ଥିଲେ । ସେମାନେ ମଧ୍ୟ ପ୍ରାଣପଣେ ଚେଷ୍ଟା କରୁଥିଲେ ଶ୍ରମିକ କେବଳ ଶ୍ରମିକ ହୋଇ ରହିବେ—ଶିକ୍ଷିତ ଶ୍ରମିକ ଯେପରି ନ ହୁଅନ୍ତି । ସେଥିପାଇଁ ସେମାନେ ବଡ଼ ବଡ଼ କେନ୍ଦ୍ରକୁ ଲୋକ ପଠାନ୍ତି । ସେମାନେ ଯାଇ ଶ୍ରମିକମାନେ ଯେପରି ଗୁଲକ୍ ଚତୁର ହେବାର ସୁଯୋଗ ନ ପାଆନ୍ତି, ତାର ବ୍ୟବସ୍ଥା କରନ୍ତି । ସେମାନେ ଦୁଇ ପ୍ରକାର ଚେଷ୍ଟା କରୁଥିଲେ । ପ୍ରଥମ ସେମାନେ ଅସତ୍ପଥଗାମୀ ଶ୍ରମିକଙ୍କୁ ବୁଝାଇ ସୁଝାଇ ସୁପଥକୁ ଆଣିବାକୁ ଚେଷ୍ଟା କରୁଥିଲେ ।

ସେଥିରେ ଯଦି ଶ୍ରମିକର ଚୈତନ୍ୟ ଉଦୟ ହେଉ ନଥିଲା ତା'ହେଲେ
ବଳ ପ୍ରୟୋଗ କରୁଥିଲେ । ସେଥିରେ ଶ୍ରମିକ ପାଇଁ ଦୁଇଟି ବାଟ
ଥିଲା—ହୁଏତ ଯମଦ୍ୱାରକୁ ଯିବାକୁ ପଡ଼ିବ—ତା' ନ ହେଲେ
'କୁପଥ' ଛାଡ଼ି ତା'ର ପୂର୍ବ ଅବସ୍ଥାକୁ ଫେରି ଆସିବ । ଏହା ଫଳରେ
କମ୍ୟୁନିଷ୍ଟ ଓ ପ୍ରତିକ୍ରିୟାଶୀଳ ଉଭୟ ଦଳ ମଧ୍ୟରେ ଏକ ଦ୍ୱନ୍ଦ୍ୱ
ଚାଲିଥିଲା । ଦଳେ ଆପଣା ପ୍ରାଣ ବିନିମୟରେ କାମ କରୁଥିଲେ,
ଅପରଦଳ ଅନ୍ୟର ପ୍ରାଣ ନେଇ ଆପଣା ଶକ୍ତି ବଜାଏ ରଖିବାକୁ
ଚେଷ୍ଟା କରୁଥିଲେ । ଏହି ଦୁଇ ବିରୋଧୀ ଦଳର ସଂଘାତରେ
ଚୀନର ଭାଗ୍ୟ ଯେପରି ଭାବରେ ଦୋଳାୟମାନ ଅବସ୍ଥାରେ ଥିଲା—
ତାର ଗଭୀର ସଠିକ ପରିମାଣ ଆମେ ବାହାର ଲୋକେ ବୁଝି ପାରିବୁ
ନାହିଁ । କିନ୍ତୁ ଚୀନର ଜନସାଧାରଣ ଜୀବନମୃତ୍ୟୁ ତୁଚ୍ଛ କରି
ଏହି ମହାସଂଗ୍ରାମର ସମ୍ମୁଖୀନ ହୋଇଥିଲେ । ତେଣୁ ଆଜି ମୃତ୍ୟୁପଥ
ଯାତ୍ରୀ ଚୀନ ମରଣବିଜୟୀ ହୋଇ ପାରିଛି ।

କଥାଟା କିମିତି ଟିକିଏ ଐତିହାସିକ ହୋଇଗଲା । ସ୍ଥାନୀୟ
ସଂବାଦପତ୍ର ବିଷୟଟାକୁ ଐତିହାସିକ ଭାବରେ ରଖିଦେବାକୁ
ଚାହୁଁଥିଲେ । ଆମେରିକାର ସଂବାଦପତ୍ର ଏହି ବିଷୟ ଉପରେ ରଙ୍ଗ
ଦେଇ ଏକ ହାସ୍ୟକର ବିଷୟବସ୍ତୁରେ ପରିଣତ କରିବାକୁ ବହୁ
ପ୍ରୟାସ କରିଛନ୍ତି । ଏ ବିଷୟରେ ହଲିଉଡ଼ରେ ଦୁଇଟି ଚଳଚ୍ଚିତ୍ର
ମଧ୍ୟ ତିଆରି ହୋଇଥିଲା—ସେଥିରେ କମ୍ୟୁନିଷ୍ଟ ଚୀନ୍‌କୁ ଡକାଏତ
ଆଉ ଜାତୀୟବାଦୀ ଚୀନ୍‌କୁ ପ୍ରାଣକର୍ତ୍ତା ରୂପରେ ବର୍ଣ୍ଣନା କରା
ହୋଇଛି । ପୃଥିବୀରେ ଯେତେ ଧର୍ମ ଅଛି ସବୁ ଧର୍ମଯାଜକଙ୍କୁ
ଏକତ୍ରିତ କରି ଏହି ଡକାଏତ ମାନଙ୍କ ହାତରୁ କିପରି ରକ୍ଷା ମିଳିବ
ତାର ଉପଦେଶ ଚାହୁଁଥିଲେ । ଏଥିରେ ହିନ୍ଦୁ ଧର୍ମ ବ୍ୟତୀତ ସବୁ
ଧର୍ମର ପ୍ରଚାରକଗଣ ଯୋଗ ଦେଇଥିଲେ । ଭାରତରୁ ମିଷ୍ଟର ସାନ୍ଧା

ଯୋଗ ଦେଇ ବୌଦ୍ଧଧର୍ମର ଜୟଗାନ କରିଥିଲେ । କିନ୍ତୁ ସେତେବେଳର କେତୋଟି ଅପେରିକାନ୍ ସଂବାଦ ପତ୍ର ହାଟ ମଝିରେ ହାଣ୍ଡି ଭାଙ୍ଗି ଦେବାର ସୁନ୍ଦର ବ୍ୟବସ୍ଥା କରିଥିଲେ । ଏଇ ସଂବାଦପତ୍ର ଗୁଡିକ ଶ୍ରମିକମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ସେଥିରେ ବିଜ୍ଞାପନ କିଛି ନଥିଲା, କେବଳ ଶ୍ରମିକମାନଙ୍କ ସୁଖଦୁଃଖର କଥା ଥିଲା । ଏହା ଛଡା ପୃଥିବୀର ଅନ୍ୟ ସବୁ ସଂବାଦପତ୍ର ଚୀନର ଏଇ ଡକାଏତମାନଙ୍କ ସମ୍ପର୍କରେ ସତ କଥା ପ୍ରକାଶ କରିବାକୁ ଭୟ କରୁଥିଲେ । ସେମାନେ ଏଇ ଧର୍ମସଭାର ତାଲିକା ମଧ୍ୟ ପ୍ରକାଶ କରି ନଥିଲେ । କେତେକେତେ ଅଷ୍ଟମୀ ଘଟଣା ଏ ଦୁନିଆରେ ନିତି ଘଟୁଛି, କିନ୍ତୁ ଦୈନିକ ସଂବାଦପତ୍ର ଗୁଡ଼ିକ ସେ ବିଷୟରେ ଏକାବେଳକେ ନୀରବ ଥିଲେ ।

ପୃଥିବୀର ଲୋକଙ୍କ ମୌଖିକ ସହାନୁଭୂତି ପାଇଁ ଚୀନର ବୀର କର୍ମୀଗଣ ଅପେକ୍ଷା କରି ନାହାନ୍ତି । ସେମାନେ ଜାଣିଥିଲେ, "ଆତ୍ମବଳାନ୍ନ ମାନ୍ୟ ବଳଂ" । ନିଜର ଶକ୍ତି ସବୁଠାରୁ ବଡ ଶକ୍ତି । ଯଦି ଆପଣା ଭିତରେ ଶକ୍ତି ନାହିଁ — ତା ହେଲେ ବଡ ବଡ଼ କଥାର କୌଣସି ମୂଲ୍ୟ ନାହିଁ । ସେଥିପାଇଁ ସେମାନେ ଗୋଟିଏ ଦିଗରେ ଶକ୍ତି ଅର୍ଜନ କରୁଥିଲେ ପୁଣି ଅପରଦିଗରେ ମୃତ୍ୟୁ ବରଣ କରି ମରଣବିଜୟୀ ହେଉଥିଲେ ।

# ପ୍ରଗତିଶୀଳ ଚୀନ

ଡାକ୍ତର ସାନ୍‌ଇୟାତ୍‌-ସେନଙ୍କ ମୃତ୍ୟୁ ପରେ ସୁଂ ପରିବାର ଅନ୍ୟାନ୍ୟ ସାମ୍ରାଜ୍ୟବାଦୀ ଦେଶ ସମୂହର ଅନୁକରଣରେ ଚୀନର କର୍ଣ୍ଣଧାର ହୋଇ ଗାଦୀମାଡ଼ି ବସିଲେ । ପ୍ରଗତିଶୀଳ ଚୀନାଗଣ ତା' ଆଦୌ ପସନ୍ଦ କରୁନଥିଲେ ମଧ୍ୟ ଏହି ଭୂତଙ୍କୁ କାନ୍ଧରୁ ଓହ୍ଲାଇବାକୁ ଉପାୟ ସ୍ଥିର କରି ପାରୁନଥିଲେ । ଜାପାନ କାନ୍ଧରେ ମଧ୍ୟ ଚୀନ ଭଳି କେତେକ ପରିବାରର ଭୂତମାଡ଼ି ବସିଥିଲା । ବର୍ତ୍ତମାନ ମଧ୍ୟ ସେମାନେ ଅଛନ୍ତି । ଚୀନାଗଣ ତା' ଜାଣିଥିଲେ । ଜାପାନକୁ ଅନୁକରଣ କରିବା ସେମାନେ ଆଦୌ ପସନ୍ଦ କରୁନଥିଲେ । ଚୀନାମାନଙ୍କ ମଧ୍ୟରେ ଅନେକେ ହୁଏତ ଅନ୍ୟାନ୍ୟ ଇଉରୋପୀୟ ଦେଶଗୁଡ଼ିକର ଇତିହାସ ଜାଣି ନଥିଲେ — ତେଣୁ ବୁଝି ପାରୁନଥିଲେ ଯେ ସାମ୍ରାଜ୍ୟବାଦୀମାନଙ୍କ ଅସଲ ରୂପଟା ଠିକ୍ ଏହିଭଳି । ଜାତୀୟବାଦ ସବୁବେଳେ କେତେ ମୁଷ୍ଟିମେୟ ଲୋକଙ୍କ ବୋଝ ମୁଣ୍ଡେଇ ବୁଲିବାକୁ ବାଧ୍ୟ ହୁଏ । ଯେଉଁ ଶ୍ରମଗଣ ଏକଥା ଜାଣନ୍ତି ସେମାନେ କେବେହେଲେ ଜାତୀୟବାଦକୁ ପସନ୍ଦ କରନ୍ତି ନାହିଁ । ସେମାନେ ସାଧାରଣ-ତନ୍ତ୍ର ବା ସମାଜବାଦ ଗଢ଼ିବା ପାଇଁ ପ୍ରାଣପାତ ପରିଶ୍ରମ କରନ୍ତି । ସେଥିପାଇଁ ପ୍ରଗତିଶୀଳ ଚୀନାଗଣ ସୁଂ ପରିବାରର ଜ୍ୟେଷ୍ଠତା ପ୍ରଥା ଆଦୌ ପସନ୍ଦ କରୁ ନଥିଲେ ଏବଂ ସେହି ପ୍ରଥାକୁ ସମୂଳେ ଉତ୍ପାଟନ କରିବାକୁ ବଦ୍ଧପରିକର ହୋଇଥିଲେ ।

ସୁଂ ପରିବାର ଆପଣା ସ୍ୱାର୍ଥ ବଜାୟ ରଖିବାପାଇଁ ଚୀନର ପ୍ରଗତିଶୀଳ-ମାନଙ୍କୁ ନାନା ନାମରେ କୁଖ୍ୟାତ କରାଉଥିଲେ । ଶେଷରେ ଦେଖାଗଲା, ଏଭଳି 'ଅନର୍ଥକ' ନାମର କୌଣସି ମୂଲ୍ୟ ନାହିଁ । ଏଭଳି ଗୋଟିଏ ନାମ ଦେବା ଦରକାର ଯେଉଁଥିରେ ପୃଥିବୀର ସବୁ ପ୍ରତିକ୍ରିୟାଶୀଳ ଦଳଙ୍କର ସାହାଯ୍ୟ ମିଳିବ । ତେଣୁ ଏଇ ଉପାୟମାନ ପ୍ରଗତିଶୀଳ ଦଳର ନୂତନ ନାମ ହେଲା କମ୍ୟୁନିଷ୍ଟ । ଯେଉଁ ମୁହୂର୍ତ୍ତିରେ ପ୍ରଗତିଶୀଳଙ୍କର ଏଇ ନାମ ହେଲା ସେଇ ମୁହୂର୍ତ୍ତିରୁ ପୃଥିବୀର ସବୁ ସାମ୍ରାଜ୍ୟବାଦୀ ଦଳ ଏକାଠି ହୋଇ କମ୍ୟୁନିଷ୍ଟ ଦଳମାନଙ୍କରେ ଲାଗି ପଡ଼ିଲେ । କିନ୍ତୁ ସମୟର ପ୍ରଭାବରେ ଅର୍ଥାତ ଜନଜାଗରଣ ଫଳରେ ପୃଥିବୀର ଅବସ୍ଥା ବଦଳି ଯାଇଥିଲା । ପ୍ରତିକ୍ରିୟାଶୀଳଗଣ ଦେଖିଲେ ଯଦି ଜାପାନଙ୍କୁ ଦମନ କରିବାକୁ ହୁଏ ତା'ହେଲେ ରୁଷିଆ ଭଲ୍ଲୁକ ଦ୍ୱାରା କିଛି ହେବନାହିଁ, ଜାପାନ ଗଳାକାଟି ପକାଇବ । କିନ୍ତୁ ଉପାୟ କଣ ? କମ୍ୟୁନିଷ୍ଟ ସଙ୍ଗରେ ତାଙ୍କର ଏକ ପ୍ରକାର ଲଢ଼ାଇ ହୋଇଥିଲା ମଧ୍ୟ ତାଙ୍କ ସାଙ୍ଗରେ ଆନ୍ତରିକତା ଜନ୍ମିନାହିଁ । କମ୍ୟୁନିଜିମ୍ ଆଉ ନାସନେଲିଜିମ୍ ଭିତରେ ମିଳାମିଶା ସମ୍ଭବ ନୁହେଁ । ଏଣେ ଜାପାନୀମାନେ ହୁ ହୁ କରି ମାଡ଼ିଆସୁଛନ୍ତି । ସେତେବେଳେ ଅତି ତରତର କମ୍ୟୁନିଷ୍ଟ ନେତାମାନଙ୍କୁ ଡକାଗଲା, ତାଙ୍କର ଚତୁର୍ଥ ରୁଟ୍ ଇନ୍‌ଫେଣ୍ଟ୍ରିର କାର୍ଯ୍ୟକଳାପକୁ ସ୍ୱୀକାର କରାଗଲା । ଏଇ ମିଳନର ସଂବାଦ ଭିନ୍ନ ଭିନ୍ନ ଭାବରେ ପ୍ରଚାରିତ ହୋଇଥିଲା । ଚୀନା ସମ୍ବାଦ ପତ୍ରର ସମ୍ପାଦକଗଣ କହୁଥିଲେ କାମ ଶେଷ ହେଲା ପରେ କମ୍ୟୁନିଷ୍ଟପାର୍ଟିର ପୁଣି ଧ୍ୱଂସସାଧନର ବ୍ୟବସ୍ଥା କରାଯିବ । 'କାମ ସରିଲେ ଗଡ଼ଗଡ଼ା' —ଏଇ ପରିକଳ୍ପନା ଜେନେରେଲ ଚିୟାଁ ଗ୍ରହଣ କଲେ । କିନ୍ତୁ ଫଳରେ ଯା'ହେବ ତା' ଉପସଂହାରରେ କହିବୁ ଏଠାରେ

କହୁଛନ୍ତି—ଚୀନ୍ "ସବ୍ ଲାଲ ହୋ ଯାଏଗା", କେହି ଏଥିରେ ବାଧା ଦେଇ ପାରିବେ ନାହିଁ କି ସ୍ରୋତ ବିରୁଦ୍ଧରେ ଛିଡ଼ା ହୋଇ ପାରିବେ ନାହିଁ ।

ପୁଞ୍ଜିବାଦୀ ଚୀନସରକାର କମ୍ୟୁନିଷ୍ଟମାନଙ୍କୁ ଡାକିବା ପୂର୍ବରୁ ବହୁଚେଷ୍ଟାକରି ଦେଖିଛନ୍ତି ଯେ ସେମାନେ ଏକା ଏକା ଜାପାନକୁ ବାଧା ଦେଇ ପାରିବେ କି ନା । କିନ୍ତୁ ଯେତେଥର ଜାପାନକୁ ଏକା ବାଧା ଦେବାକୁ ବାହାରିଛନ୍ତି ସେତେଥରେ ପରାଜିତ ହୋଇ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି । ଜାପାନକୁ ଦୁର୍ବଳ ବୋଲି ଭାବିବା ତାଙ୍କ ପକ୍ଷରେ ମୂର୍ଖତା ହୋଇଛି । କିନ୍ତୁ ଜାପାନର ମଧ୍ୟ ଦୁର୍ବଳତା ରହିଥିଲା । ସେଇ ଦୁର୍ବଳତାରେ କେବଳ କମ୍ୟୁନିଷ୍ଟଗଣ ଆଘାତ କରି ପାରିବେ ବୋଲି "ଯେଉଁଠିକି କମ୍ୟୁନିଷ୍ଟ ଯିବେ, ସେଠାରୁ ଜାପାନୀ ହଟିବେ" ଏଇ ଦୁହା ଚୀନରେ ସବୁଆଡେ ପ୍ରସିଦ୍ଧି ଲାଭ କରିଥିଲା । କମ୍ୟୁନିଷ୍ଟଗଣ କୌଣସି ତନ୍ତ୍ରମନ୍ତ୍ର ଜାଣିନଥିଲେ ଯେ ତା' ସାହାଯ୍ୟରେ ସେମାନେ ଜାପାନୀଗଣଙ୍କୁ ହଟାଇବାକୁ ସକ୍ଷମ ହେବେ, କିନ୍ତୁ ତାଙ୍କର ଗୋଟିଏ ମନ୍ତ୍ରଥିଲା, ସେ ମନ୍ତ୍ର ଯିଏ ଶୁଣିଛି, ସେ କମ୍ୟୁନିଷ୍ଟମାନଙ୍କ ପାଇଁ ପ୍ରାଣ ଦେବାପାଇଁ ଛୁଟି ଆସିଛି । ସେ ମନ୍ତ୍ର ଅତି ସଂକ୍ଷିପ୍ତ ଓ ସାଧାରଣ, "ତୁମ ଗାଁର ମର୍ଯ୍ୟାଦା ତୁମେ ବଞ୍ଚାଅ" ଏଇ ପଦିଏ କଥା ମାତ୍ର । କିନ୍ତୁ କଥାଟାକୁ ସୂକ୍ଷ୍ମ ଦୃଷ୍ଟିରେ ବିଚାର କରି ଦେଖିବା ଦରକାର । ଯଦି କେହି ଆସି ଆମକୁ କହିବ, 'ତୁମ ଗାଁକୁ ତୁମେ ରକ୍ଷାକର', ସେତେବେଳେ ପ୍ରଥମେ ଆମେ ଦେଖିବୁ ଯେ ଗାଁ ଆମର ନୁହେଁ—ସେତେବେଳେ ତାଙ୍କ ଉପଦେଶର କୌଣସି ମୂଲ୍ୟ ରହିବ ନାହିଁ । କିନ୍ତୁ କମ୍ୟୁନିଷ୍ଟମାନେ ଏକଥା କହିବା ପୂର୍ବରୁ ଗାଁଟାକୁ ପୁଞ୍ଜିବାଦୀଙ୍କ ହାତରୁ ମୁକ୍ତ କରି ପ୍ରଥମେ ଗ୍ରାମବାସୀଙ୍କ ହାତରେ ଅର୍ପଣ କରି ଦେଇଥିଲେ ।

ସେଥିପାଇଁ ତାଙ୍କ କଥା ସମସ୍ତେ ବିଶ୍ୱାସ କରୁଥିଲେ, ପୁଞ୍ଜିବାଦୀଙ୍କ କଥା କେହି ବିଶ୍ୱାସ କରୁନଥିଲେ । ଫଳରେ ଚୀନରେ ଯେଉଁଠି ଜାପାନୀ ସୈନ୍ୟର ସମାବେଶ ହେଉଥିଲା ସେଠାରେ କମ୍ୟୁନିଷ୍ଟମାନେ ସହଜେ ଲୋକଙ୍କୁ ପୁଞ୍ଜିବାଦୀଙ୍କ କବଳରୁ ମୁକ୍ତ କରି ସ୍ୱାଧୀନତା ନେଇଥିଲେ । ତା'ପରେ ଗାଁର ଲୋକେ ଯେତେବେଳେ ବୁଝି ପାରୁଥିଲେ ଗାଁଟା ତାଙ୍କର ନିଜର ସେତେବେଳେ ଧନଧ'ଠା ଭିତରେ ତାଙ୍କର ପୁରାତନ ଶିକ୍ଷାଦୀକ୍ଷା, ଭାବଧାରାକୁ ମନଭିତରୁ ଏକାବେଳେକେ ପୋଛି ଦେଇ ଜାପାନୀମାନଙ୍କ ସହ ଯୁଦ୍ଧ କରୁଥିଲେ । କୁମିଂ ସହର ତାର ଜ୍ୱଳନ୍ତ ନିଦର୍ଶନ । ହେନଗ୍ୟେପୋ ତାର ଜାଜ୍ୱଲ୍ୟମାନ ପ୍ରମାଣ । ସାଙ୍ଘାଇରୁ ମାତ୍ର କେତେ ମାଇଲ ଦୂରରେ ହେନ୍‌ଗ୍ୟେପୋଁ, କିନ୍ତୁ ତା' ଦଖଲ କରିବାକୁ ସେତେବେଳେ ସୁଦ୍ଧା ଜାପାନୀଗଣ ସକ୍ଷମ ହୋଇ ନଥିଲେ । କମ୍ୟୁନିଷ୍ଟଗଣ ଏଇ ମନ୍ତ୍ର ବଳରେ ଅସାଧ୍ୟ ସାଧନ କରୁଥିଲେ । ଫଳରେ ଦେଖା ଯାଉଛି, ଚିୟାଂକାଇଶେକ୍‌ଙ୍କ ବିରୋଧୀ ଲୋକ ରାତି ପାହିଲା ବେଳକୁ ଚିୟାଂଭକ୍ତ ହୋଇ ଯାଉଛନ୍ତି, ସୈନ୍ୟ ଶ୍ରେଣୀରେ ଭର୍ତ୍ତି ହୋଇ ଜାପାନୀ ସୈନ୍ୟଙ୍କ ବିରୁଦ୍ଧରେ ଲଢ଼ିବାକୁ ଯାଉଛନ୍ତି । କିନ୍ତୁ ଅସଲ କଥା, ତାଙ୍କ ମତ ପରିବର୍ତ୍ତନ ପଛରେ ପୁଞ୍ଜିବାଦୀ ଚୀନର କୌଣସି କରାମତି ନଥିଲା—ଥିଲା କମ୍ୟୁନିଷ୍ଟମାନଙ୍କର । କମ୍ୟୁନିଷ୍ଟମାନଙ୍କର ମନ୍ତ୍ରବଳ ଥିଲା ବୋଲି ଚୀନ ପୁଞ୍ଜୀବାଦୀ ବାଧ୍ୟ ହୋଇ ତାଙ୍କୁ ଅଗ୍ରଗାମୀ ଦଳ ( ଏଡଭାନସ୍ ଗାର୍ଡ )ରେ ପଠାଉଥିଲେ ଆଉ ଗାଁ ଗୁଡ଼ିକର ସ୍ୱାଧୀନସତ୍ତା ସ୍ୱୀକାର କରୁଥିଲେ । ଅସଲ କଥା ସେମାନେ ଶକ୍ତିହୀନ ହୋଇ ପଡ଼ୁଥିଲେ କମ୍ୟୁନିଷ୍ଟଙ୍କ କରାମତରେ । ଚୀନର ଯୁଦ୍ଧଯୁଦ୍ଧବୀ-ଗଣଙ୍କୁ ଏଥିପାଇଁ ଧନ୍ୟବାଦ ଦେବା ଦରକାର । ସେମାନେ କପଟ ଭାବରେ କାମ କରୁଛନ୍ତି, ତାର ଦୃଷ୍ଟାନ୍ତ ଠିକଏ ଦେଉଛି ।

ଅଠର ଉଣେଇଶ ବର୍ଷର ଯୁବକ ଅଥବା ତରୁଣୀର ମୁହଁରେ ଲାବଣ୍ୟ ଫୁଟି ଉଠିଛି, ବର୍ଦ୍ଧିଷ୍ଣୁ ଶରୀର କର୍ମଭାରରେ ଦୁର୍ବଳ ହୋଇ ପଡ଼ିଛି । କିନ୍ତୁ ହସ ହସ ମୁହଁରେ ସ୍ଥିର ଏବଂ ଧୀର ଦୃଷ୍ଟି ରଖି ସେମାନେ ଆଗେଇ ଚାଲିଛନ୍ତି ଆପଣା ଲକ୍ଷ୍ୟ ଆଡ଼କୁ । ଦିନବେଳେ ବିଶ୍ରାମ ନେବାର ସମୟ ତାଙ୍କର ନାହିଁ, ରାତିରେ ମଧ୍ୟ ଅଧିକାଂଶ ସମୟରେ ସେମାନେ ଶୋଇ ପାରନ୍ତି ନାହିଁ ତଥାପି ଅମ୍ଳାନ ବଦନରେ ସେମାନେ ଆପଣା ଆପଣା କର୍ତ୍ତବ୍ୟ କରିଯାଉଛନ୍ତି । ତାଙ୍କ ଭିତରେ ବାକ୍ୟୁଦ୍ଧ ନାହିଁ, କେବଳ ରହିଛି ନିମିଷକ ପାଇଁ ଏକ ତୀକ୍ଷ୍ଣ ଓ ବକ୍ର ଦୃଷ୍ଟି । ଏତିକି ଯଥେଷ୍ଟ । ତା'ଛଡ଼ା ସେମାନେ ଆଉ କିଛି ଜାଣନ୍ତି ନାହିଁ । ତାଙ୍କ ଭିତରେ ରହିଛି ଏକମାତ୍ର ସଂଯମ । ତା' ଆଉ କିଛି ନୁହେଁ, କେବଳ ଆଦେଶ ମାନିନେବା ତାଙ୍କର ଧର୍ମ । ତାର କାରଣ କର୍ମପଦ୍ଧତି ବହୁ ତର୍କବିତର୍କ ପରେ ସ୍ଥିର ହୋଇଛି । ତା'ଉପରେ ଅନ୍ୟ କୌଣସି ବାଦାନୁବାଦର ପ୍ରୟୋଜନ ନାହିଁ ।

ଶିକ୍ଷା ଗ୍ରହଣ କରିବା ବଡ଼ ସହଜ କିନ୍ତୁ ଶିକ୍ଷା ଦେବାଟା ଅତି କଠିନ କାର୍ଯ୍ୟ । ଚୀନର ଯୁବ ଏକାଧାରରେ ଶିକ୍ଷା ଗ୍ରହଣ କରେ ଓ ଶିକ୍ଷା ଦିଏ । ସେଥିରେ ତାଙ୍କର ଚମତ୍କାର ଶିକ୍ଷା ହୁଏ । ଶିକ୍ଷା ଦେବାର ପୁଣି ବିଶେଷତ୍ୱ ରହିଛି—ଆମ ଦେଶର 'ଟିଉସନ୍' କଲା ଭଳି ତା'ନୁହେଁ । ଚୀନର ଯୁବଗଣଙ୍କ ଶିକ୍ଷକତା ଦେଖି ବହୁ ସାମ୍ରାଜ୍ୟବାଦୀ ଥରି ଉଠିଛନ୍ତି । ଚୀନାଯୁବ ପଥଭ୍ରଷ୍ଟ ହେବା ଜାଣନ୍ତି ନାହିଁ—ସେମାନେ ଆଗେଇ ଚାଲନ୍ତି । ଚୀନା ଯୁବଯୁବତୀମାନଙ୍କ ପାଇଁ ସେତେବେଳେ ବିଶେଷ କୌଣସି ବିଦ୍ୟାଳୟଗୃହ ନଥିଲା—ସେମାନେ ଶିଖୁଥିଲେ ମନ ଭିତରେ ଓ ହୃଦୟର ଗହନ କୋଣରେ ।

କୌଣସି ଚୀନା ଛାତ୍ରର ଯଦି କୌଣସି ପ୍ରଫେସର ସହ ଦେଖା ହୁଏ ତାହେଲେ ପ୍ରଫେସର ହାତର କାମ ବନ୍ଦ ରଖି କହନ୍ତି, ତୁମର ଏଇ ଯାଏ ଶିକ୍ଷା ହୋଇଥିଲା, ତା'ପରେ ଏଥର ପୁଣି ଏଇଠୁ ଶିଖିବ, ନିଅ ତାର ବହି । ବହି ଅର୍ଥ ଏଠାରେ ଛପା ବହି ନୁହେଁ, ହାତ-ଲେଖା କେତେଖଣ୍ଡି କାଗଜମାନ । ଅଧ୍ୟାପକ ଯାହା ଲେଖିଥିଲେ, ତା' ଥରଟିଏ ପଢ଼ି ବୁଝାଇଦେଲେ, ତା'ପରେ ଛାତ୍ର ଆଉ ଅଧ୍ୟାପକ ହୁଏତ ଆପଣା କାମର ତାଡ଼ନାରେ ରେଶମ ନହେଲେ ଉଲ୍ ବୁଣିବାକୁ ବସିଗଲେ । ଅଧ୍ୟାପକଙ୍କ ସ୍ତ୍ରୀ ପୁତ୍ର କନ୍ୟା ହୁଏତ ଅନ୍ୟକାମରେ ବ୍ୟସ୍ତ । ଏଇ ପରି କର୍ମମୟ ଜୀବନ ଭିତରେ ତାଙ୍କର ଶିକ୍ଷାଦୀକ୍ଷା ହୁଏ । ତା'ପରେ ସେଇ ଛାତ୍ର ହୁଏତ ରାତିରେ ନୈଶ ବିଦ୍ୟାଳୟରେ ନିରକ୍ଷରଙ୍କୁ ଅକ୍ଷର ଶିକ୍ଷା ଦେଲା, ଅର୍ଥନୀତିର କେତୋଟି ଦୃଷ୍ଟାନ୍ତ ଦେଇ ଦରିଦ୍ରତାର କାରଣ ବୁଝାଇ ଦେଲା ପରଦିନ ହୁଏତ ସେଇ ଛାତ୍ର କୃଷକମାନଙ୍କ ପାଖକୁ ଯାଇ ଆପଣା ହାତରେ ଲଙ୍ଗଳ ଧରି କିପରି ଉପାୟରେ ଅଳ୍ପ ଜମିରେ ବେଶି ଫସଲ ଉତ୍ପାଦନ କରିବାକୁ ହେବ ସେଇ ସବୁ କଥା କହି ଚାଲି ଆସିଲା ।

ଛାତ୍ର କେବଳ ଲେଖାପଢ଼ା ଶିଖି ଓ ଶିଖାଇ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଦରକାର ପଡ଼ିଲେ ସେମାନେ ଅସ୍ତ୍ରଧାରଣ କରିବାକୁ ମଧ୍ୟ ତତ୍ପର । ହୁଏତ ଜାପାନୀମାନଙ୍କ ହାତରେ ଧରା ପଡ଼ନ୍ତି, ନହେଲେ ଜାପାନୀ ଗୁଳିରେ ଯୁଦ୍ଧକ୍ଷେତ୍ରରେ ଶେଷ ମୂଳଧନ ଆପଣା ପ୍ରାଣକୁ ବଳି ଦେଇ ମହାଚୀନର ମୁକ୍ତି ସଂଗ୍ରାମକୁ ଆହୁରି ଆଗେଇ ଦିଅନ୍ତି ଓ ବିଶ୍ୱର ଦୁଃଖକ୍ଲିଷ୍ଟ, ବୁଭୁକ୍ଷୁ ଜନସମାଜ ପ୍ରାଣରେ ସ୍ପନ୍ଦନ ଆଣି ଦିଅନ୍ତି । ଏଇଆ ହେଲା ଚୀନର ଦୈନନ୍ଦିନ କାମ । କିଏ ଜନ୍ମ ହେଉଛନ୍ତି ଆଉ କିଏ ମରୁଛନ୍ତି । ଯେ ଜନ୍ମଗ୍ରହଣ କରୁଛି ତା ମୁହଁରେ

କାନ୍ଦ ଲଗିଛି, କିନ୍ତୁ ସେ ମରୁଛି—ସେ ମରୁଛି ହସି ହସି । ସେମାନେ ଏଇପରି ଭାବରେ ତାଙ୍କର ଛାତ୍ରଜୀବନର ଅବସାନ ଘଟାଉଥିଲେ । ପୂର୍ବରେ ସାମ୍ରାଜ୍ୟବାଦୀ ଚୀନା ସୈନ୍ୟଙ୍କୁ ମଧ୍ୟ ସେମାନେ ଏଇ ପରି ଭାବରେ ବ୍ୟତିବ୍ୟସ୍ତ କରି ଦେଇଥିଲେ ।

ଚୀନର ଛାତ୍ର ଜୀବନ ଆଜି ଅନ୍ୟାନ୍ୟ ଦେଶର ଛାତ୍ର ଜୀବନ ଭଳି ନୁହେ । ଛାତ୍ର ଆଜି ଶିଖୁଛି କେବଳ ଗୋଟିଏ ବିଷୟ, ଯାହା ଚୀନର ସଂଗ୍ରାମଶୀଳ ଦୈନନ୍ଦିନ ଜୀବନରେ ଦରକାର ହେଉଛି । ଛାତ୍ରର ପ୍ରୟୋଜନ ଅନୁଯାୟୀ ଶିକ୍ଷାର ପର୍ଯ୍ୟାୟ ନିର୍ଦ୍ଧାରିତ ହୁଏ ନାହିଁ । ଚୀନର ପ୍ରୟୋଜନ ଅନୁଯାୟୀ, ଛାତ୍ରର ସୁବିଧା ସୁଯୋଗ ଦେଖି ଯେଉଁ ବିଷୟରେ ମନ ଆପଣାଛାଏଁ ଅନୁଗାମୀ ହେଉଛି ସେଥିପ୍ରତି ଦୃଷ୍ଟି ରଖି ଶିକ୍ଷାର ବ୍ୟବସ୍ଥା ନିର୍ଦ୍ଧାରିତ ହୁଏ । ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ଜନସମାଜର ଅଭ୍ୟୁଥାନ ପାଇଁ ଆପଣା ଶରୀର ଓ ମନକୁ ସମର୍ପଣ କରିଦେବାର ବିଦ୍ୟା ଓ ବୁଦ୍ଧି ଅର୍ଜନ କରିବା ଆଜି-କାଲି ଚୀନ ଦେଶରେ ସହଜ ହୋଇ ପଡ଼ୁଛି ସତ, କିନ୍ତୁ ଅନ୍ୟତ୍ର ଏହା ଦୁଃସ୍ୱପ୍ନ ମାତ୍ର । ଯଦିବା ଅନ୍ୟ କେଉଁଠି କ୍ୱଚିତ ତା' ଦେଖିବାକୁ ମିଳେ ତଥାପି ତାହିଁକି ଏ ପାର୍ଥକ୍ୟ । କାରଣ, ଚୀନର ଯୁବକ—ଯୁବତୀ ଆଜି ବୁଝିଛନ୍ତି ଚୀନ ତାଙ୍କର କୌଣସି ଏକ ବିଶେଷ ଶ୍ରେଣୀର ବା ମୁଷ୍ଟିମେୟ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେ, ପୁଞ୍ଜିବାଦୀଙ୍କର ନୁହେଁ,—ଚୀନ ଆଜି ସର୍ବସାଧାରଣଙ୍କର । ସେଥିରେ ବ୍ୟକ୍ତିତ୍ୱର ଅଭିମାନ ନାହିଁ, ଦାମ୍ଭିକତା ନାହିଁ, ଅଛି କେବଳ କର୍ତ୍ତବ୍ୟ—ଅଭାବଗ୍ରସ୍ତ ସଂଖ୍ୟାଗରିଷ୍ଠ ସମଷ୍ଟିଙ୍କ ପାଇଁ । ଏଇ ଭାବ ଜାତୀୟ-ବାଦରୁ ଫୁଟି ଉଠେ ନାହିଁ, ଏଇ ଭାବ ଫୁଟି ଉଠିଛି କେବଳ ବିଶ୍ୱର ଜନସମାଜର କଲ୍ୟାଣ ଉଦ୍ଦେଶ୍ୟରେ ।

ଚୀନର ତରୁଣୀଗଣ ଆଜି ସଂସ୍କାରମୁକ୍ତ ଦୃଷ୍ଟିରେ ପତିଙ୍କ ପ୍ରତି ତାଙ୍କର ବହୁମୁଖୀ ଜୀବନକୁ ଆଟେଇ କରି ତାଙ୍କର ଅମୂଲ୍ୟ ତରୁଣ ଜୀବନକୁ ହତ୍ୟା ନ କରି ସମାଜର ପ୍ରତିନିଧି ହିସାବରେ ତାଙ୍କର ସଂଗ୍ରାମଶୀଳ ଜୀବନ ସମସ୍ତ ଜନସମାଜର ଜୀବନ ସହିତ ଏକ ସୂତ୍ରରେ ଗୁନ୍ଥି ଚାଲିଛନ୍ତି—ପ୍ରତି ପଦେ ପଦେ—ସୁଖ ଦୁଃଖରେ ସମଅଧିକାରିଣୀ ହୋଇ । ତାଙ୍କର ଜୀବନର କର୍ତ୍ତବ୍ୟ ଅନୁଭବ ମଧ୍ୟ କଠୋର, ଉଦାର ଏବଂ ମହାନ । ତାର ଏକ ଦୃଷ୍ଟାନ୍ତ ଦେଉଛି । ଗତ ଫେବୃୟାରୀ ମାସରେ ସାଂଘାଇ ନଗରୀର ଗୋଟିଏ ଗ୍ରୀକ୍ ହୋଟେଲରେ ରହି ଆସିଛି । ହୋଟେଲରେ ପାଚିକା କାମ କରୁଥିଲେ ଜଣେ ଯୁବତୀ, ତାଙ୍କର ସ୍ୱାମୀ ଗୃହରେ କାମ କରୁଥିଲେ । ତାଙ୍କର ଏହି ଦୁଃଖମୟ ଜୀବନରେ ଗୋଟିଏ ସନ୍ତାନର ମଧ୍ୟ ଆବିର୍ଭାବ ହୋଇଛି । ବେଳେ ବେଳେ ତାଙ୍କ ପିଲାସହିତ ବସି କଥା କହୁଥିଲି, ମିଠାଇ କିଣି ଦେଉଥିଲି । ମୋର ଦିନ ଗୁଡ଼ିକ ସୁନ୍ଦର କଟି ଯାଉଥିଲା ।

୨

ଦିନେ ସଂଧ୍ୟାବେଳେ ନଦୀ ବନ୍ଧ ଆଡେ ବୁଲିବାକୁ ଯାଇ ଦେଖିଲି, ସେଇ ଶିଶୁର ମାତା—ହୋଟେଲର ପାଚିକା ଛିଡ଼ା ହୋଇଛି ସୁସଜ୍ଜିତା ବାରବନିତା ରୂପରେ । ସେ ଦୃଶ୍ୟ ଦେଖି ମୁଁ ଭୀଷଣ ରାଗିଗଲି । ନିକଟକୁ ଯାଇ ତା’କାନ୍ଧ ଉପରେ ହାତ ରଖି କହିଲି, “ତୁମର ସ୍ୱାମୀକୁ ଯାଇ ତମ ପାପ କଥା କହିବି ।” ରମଣୀ ଟିକିଏ ଦୂରକୁ ଘୁଞ୍ଚିଯାଇ କହିଲା, “ମୋ ନିକଟକୁ ଆସ ନାହିଁ ।” ତା’ପରେ ଯଥା ସମ୍ଭବ ନିଜକୁ ଅନାବୃତ କରି ଦେଖାଇଲା—ତା’ ଶରୀରର ଚାରି ଆଡେ. ବିସ୍ଫୋରକ ବନ୍ଧା ହୋଇ ରହିଛି । ଯେତେବେଳେ ସେଇ ବିସ୍ଫୋରକରେ ନିଆଁ ଲାଗିବ

ସେତେବେଳେ ଚଉରାଶିଟି ମରିବ—କିନ୍ତୁ ମାଁ ମରିବ । ଏ ଦେହଟା ଶିହରିଉଠିଲା । ମୁଁ ଆଉ କିଛି ନକହି ଚାଲିଆସିଲି । ଗମ୍ଭୀର ଅବସ୍ଥାଦେଖି ମୋର ଘରେ ସିନେମା ଦେଖି ଫେରି ଆସି ଶୁଣିଲି ଶିଶୁଟି କାନ୍ଦୁଛି । ବାପ ତା'ର ସନ୍ତାନକୁ ସାନ୍ତ୍ୱନା ଦେଉଛି । ଆଉ କେତେବେଳେହେଲେ ସେଇ ଯୁବତୀକୁ ତାର ପିଲା ପାଖରେ ବସିବାର ଦେଖି ନାହିଁ । ଏଇ ହେଲା, ବର୍ତ୍ତମାନ ଚୀନା ନାରୀର କର୍ମପଦ୍ଧତି । ଗୋଟିଏ ଜୀବର ଜନ୍ମର କାରଣ ଯିଏ, ସେଇ ଶିଶୁର ମାତା କେତେ ଜୀବ ହତ୍ୟା କରି ଯେ ପୃଥିବୀରୁ ବିଦାୟ ନେଉଛି କିଏ ଜାଣେ ? ଚୀନା ନାରୀର ଅସୀମ ବୀରତ୍ୱ ଆଉ କର୍ମ ତତ୍ପରତା ଦେଖି ଚୀନା ପୁରୁଷ ଯେପରି ଆଶ୍ଚର୍ଯ୍ୟ ହୋଇଛନ୍ତି, ଜାପାନୀଗଣ ମଧ୍ୟ ତାଠୁ ବେଶି ଭୟ କରିଛନ୍ତି । ଆମେରିକାନ୍‌ଗଣ ଚୀନର ଶୌର୍ଯ୍ୟ, ବୀର୍ଯ୍ୟର ସନ୍ଧାନ ପାଇଛନ୍ତି ବୋଲି ଭାବୁଛନ୍ତି, ଜାପାନ ଯଦି ଚୀନ୍‌କୁ ଗ୍ରାସ ନକରେ ତ ହେଲେ ଚୀନ ହୁଏତ ମହାସାଗର ଅତିକ୍ରମ କରି କାଲିଫର୍ଣ୍ଣିଆରେ ପହଞ୍ଚି ନୂତନ ତଥ୍ୟ ପ୍ରଚାର କରିବ । ତେଣୁ ଚୀନର ସର୍ବନାଶ ପାଇଁ ଆମେରିକାର ଧନୀଗଣ ଜାପାନର ମନ୍ତ୍ରିସମସ୍ତ କଳପାଇଁ ଚଢ଼ିଦର ଦ୍ରବ୍ୟ ମାଲ୍‌ମସଲା ଯୋଗାଇ ଦେଉଛନ୍ତି । ଯିଏ ଯାହା କରନ୍ତୁ ନା କାହିଁକି ଚୀନ ଆଉ ମରିବ ନାହିଁ, ଆଉ ସେ କାହା ଆଗରେ ମୁଣ୍ଡ ନଇଁବ ନାହିଁ । କାରଣ ଚୀନାଗଣ ଆଜି ମରି ଶିଖିଛନ୍ତି । ଚୀନ୍ ଜାଣିଛି, କାହିଁକି ଆଜି ସେ ସଂଗ୍ରାମ କରୁଛି—କାହା ପାଇଁ କରୁଛି । ଅନାହାରକ୍ଲିଷ୍ଟ, ଦୁଃସ୍ଥ, ଜନସମାଜର ଅଭ୍ୟୁତ୍ଥାନ ପାଇଁ ସେମାନେ ଆଜି ପ୍ରତିଜ୍ଞାବଦ୍ଧ । ମହାଚୀନର ଜୟ ଅବଶ୍ୟମ୍ଭାବୀ ।

ପ୍ରକୃତରେ ଦେଖିବାକୁ ଗଲେ ଚୀନର ଜନସାଧାରଣଙ୍କ ଭିତରେ ଧନୀ ଦରିଦ୍ର ବୋଲି ଆଉ କୌଣସି କଥା ନାହିଁ । ଜନସାଧାରଣ ବୁଝି ପାରିଛନ୍ତି, ଏଥର ଯଦି ସେମାନେ ଜାପାନୀ-ମାନଙ୍କୁ ପ୍ରତିରୋଧ କରି ପାରିବେ ତା'ହେଲେ ତାଙ୍କ ଦେଶରେ ଆଉ ଯୁଦ୍ଧ ବ୍ୟବସାୟ ଚଳିବ ନାହିଁ । ଧନୀଗଣ ପୂର୍ବେ ଯେପରି ଭାବରେ ଶୋଷଣ କରୁଥିଲେ ବର୍ତ୍ତମାନ ଆଉ ତା' କରି ପାରିବେ ନାହିଁ । ତେଣୁ କିଏ ନେଶନେଲିଷ୍ଟ ଆଉ କିଏ ନୁହେଁ ଏବିଷୟରେ ଚୀନାଗଣ ଭ୍ରୂକ୍ଷେପ କରନ୍ତି ନାହିଁ । ସବୁଆଡେ଼ କମ୍ୟୁନିଷ୍ଟଗଣ ଯେପରି ତାଙ୍କର ପ୍ରଚାର କାମ ଚଳାଇ ଯାଉଛନ୍ତି, ସେଇପରି ଜାପାନଦ୍ରୋହୀ ସୈନ୍ୟବାହିନୀ ମଧ୍ୟ ତିଆରି କରୁଛନ୍ତି । ମୁଁ ଥରେ ଜଣେ କମ୍ୟୁନିଷ୍ଟ ନେତାଙ୍କର ବକ୍ତୃତା ଶୁଣିଥିଲି । ସେ ଯେଉଁପରି ଭାବରେ ଜାପାନୀଗଣଙ୍କ ବିରୁଦ୍ଧରେ କହୁଥିଲେ ସେଥିରୁ ବୁଝାଗଲା ସେ ପୃଥିବୀର ସମସ୍ତ ସାମ୍ରାଜ୍ୟବାଦୀଙ୍କ ବିରୁଦ୍ଧରେ କହୁଛନ୍ତି । ନେଶନେଲିଷ୍ଟ ଚୀନା କର୍ତ୍ତୃପକ୍ଷ ସେଇ ବକ୍ତୃତା ବିରୁଦ୍ଧରେ ପଦଏ ହେଲେ କଥା କହିବାକୁ ସାହସ କଲେ ନାହିଁ, କାରଣ ଆଜି ଯେଉଁମାନେ ଜାପାନକୁ ପ୍ରତିରୋଧ କରୁଛନ୍ତି ବା କରିବାକୁ ଯାଉଛନ୍ତି ସେମାନେ ତାଙ୍କର ନ୍ୟାଯ୍ୟ ଦାବୀ ପାଇ ଯାଇଛନ୍ତି । ବିବାଦର ଅବସାନ ଯୁଦ୍ଧ ସାଙ୍ଗେ ସାଙ୍ଗେ ହୋଇ ଯାଉଛି ।

ଜାପାନ କେବେହେଲେ ଚ୍ୟାଂ କାଇଶେକର ବିରୁଦ୍ଧାଚରଣ କରନ୍ତା ନାହିଁ ଯଦି ସେ ମାର୍ଶାଲ ଚ୍ୟାଂ ହୁଆ-ଲ୍ୟାଙ୍କ ଆଠଟି ପ୍ରସ୍ତାବ ଅନୁଯାୟୀ କାମ କରିବାକୁ ରାଜି ହୋଇ ନଥାନ୍ତେ ।

ମାର୍ଶାଲ ଚିୟାଂ କାଇଶେକଙ୍କର ଗୋଟିଏ କାମ ଥିଲା କମ୍ୟୁନିଷ୍ଟ ଦଳନ । ସେଇ କାମରୁ ସେ ବିରତ ହେଲେ । କାରଣ ସେ ମଧ୍ୟ ବୁଝି ପାରିଲେ ଯେ ପୁଞ୍ଜିବାଦ ଅଉ ତିଷ୍ଠି ପାରିବ ନାହିଁ । ତା'ପରେ ତାଙ୍କ ପ୍ରଥମସ୍ତ୍ରୀଙ୍କର ପୁଅ ମଧ୍ୟ ତାଙ୍କର ବିରୁଦ୍ଧାଚରଣ କଲେ ପ୍ରକାଶ୍ୟରେ । ସୁଂ ପରିବାରର ସ୍ୟାନ୍—ଫୋ କେତେବେଳେହେଲେ ଚିୟାଂକାଇଶେକ୍‌ଙ୍କ ସହାୟତା କରି ନାହାନ୍ତି । ମାଦାମ୍ ସାନ୍‌ୟାତ୍ ସେନ୍ ମଧ୍ୟ ସବୁବେଳେ କମ୍ୟୁନିଷ୍ଟ ଭାବାପନ୍ନ ଥିଲେ । ଏଇ ସବୁ ନାନା କାରଣରୁ ସୁଂ ପରିବାରର ପରିଚାଳକ ଜେନେରେଲ ଚିୟାଂକାଇ-ଶେକ୍ ଚିଆଂ ହୁଆ-ଲିଅାଂଙ୍କ ପ୍ରସ୍ତାବରେ ରାଜି ହୋଇ ଥିଲେ । ଯେଉଁଦିନ ଏଇ ଘଟଣା ଘଟିଲା, ସେଦିନ ମୁଁ ମୋର ଜଣେ ସଙ୍ଗୀଙ୍କୁ କହିଥିଲି, ଏଥର ଯେ କୌଣସି ସାମ୍ରାଜ୍ୟବାଦୀ ଚୀନ୍‌କୁ ଆକ୍ରମଣ କରିବ ନିଶ୍ଚୟ । ମାସଟିଏ ନ ଯାଉଣୁ ଜାପାନ ଆସି ଚୀନ୍ ଉପରେ ଆକ୍ରମଣ କଲା ।

ଜାପାନ ଚୀନ୍ ଉପରେ ଆକ୍ରମଣ କଲା ବୋଲି ପୃଥିବୀର ସାଧାରଣ ଲୋକେ ବୁଝିଲେ । କିନ୍ତୁ କୁଟନୀତିଜ୍ଞଗଣ ବୁଝି ପାରିଲେ ଯେ ଚୀନ୍ ଆକ୍ରମଣ କରିବା ପାଇଁ ଜାପାନକୁ ଉତ୍ସାହିତ କରା ହୋଇଛି । ତା'ନହେଲେ ଯେ ପୂର୍ବ ଏସିଆରେ କମ୍ୟୁନିଷ୍ଟ ମତବାଦ ମାଡ଼ି ଚାଲିଯିବ ! ଜାପାନ ଦ୍ୱିତୀୟଥର ଚାହାଁଇ ଆକ୍ରମଣ କରି ଦଖଲ କରିଗଲା । ଚୀନ୍‌ର ଯେଉଁ ସବୁ ଧନ କୁବେରଗଣ ତାଙ୍କ ସମ୍ପଦ ନିରାପଦରେ ରହିବ ବୋଲି ସେତେବେଳ ସୁଦ୍ଧା ଭାବୁଥିଲେ, ସେମାନେ ଏଥର ଦେଖିଲେ ଯେ ଆଉ କିଛି ରହିବ ନାହିଁ । ସେତେବେଳେ ତାଙ୍କର ନିଦ ଭାଙ୍ଗିଲା । ଅଉ ଆଗପଛ ନ ବିଚାରି ସଭିଏଁ ମିଳି ଏଥର ଜାପାନର ଆକ୍ରମଣ ପ୍ରତିରୋଧ କରିବାକୁ

ଅଣ୍ଟାଭିଡ଼ି ବାହାରିଲେ । କମ୍ୟୁନିଷ୍ଟ ଗଣ ସବୁବେଳେ ଚୀନାସମାଜର ପରିଚାଳକ ହେଲେ । ତା'ର ଫଳରେ ଆଜିମଧ୍ୟ ଚୀନ ଛିଡ଼ାହୋଇ ରହିଛି; ଏବଂ ଭବିଷ୍ୟତରେ ଆହୁରି ଗର୍ବର ସହିତ ଛିଡ଼ା ହୋଇ ରହିବ ।

# ଶେଷ କଥା

୧୯୪୦ ଖ୍ରୀ: ର ଫେବୃୟାରୀ ମାସ । ପ୍ରଚଣ୍ଡ ଶୀତ ପଡ଼ୁଛି । ୟୁକୋହାମରୁ ଟ୍ରେନ ହୁ ହୁ ହୋଇ ଛୁଟିଛି କୋବେ ଅଭିମୁଖରେ । ବେଶ୍ ଆରାମ ପ୍ରଦ ଯାତ୍ରା । ମୁଁ ଗୋଟିଏ ଆସନରେ ବସି ବାହାରର ବରଫ ପାତର ଦୃଶ୍ୟ ଦେଖୁଥିଲି । ଚତୁର୍ଦ୍ଦିଗ ବରଫରେ ଧଳା ଦେଖା ଯାଉଛି । ମୁଁ ଥରକୁ ଥର ସିଗାରେଟ ଲଗାଇ ଟାଣୁଥିଲି । ମୋ ପାଖରେ ପ୍ରଚୁର ଦିଆସିଲି ଥିଲା । ଅନ୍ୟାନ୍ୟ ଯାତ୍ରୀ ମାନଙ୍କ ନିକଟରେ ଦିଆସିଲି ନଥିଲା । ମୁଁ ଯେତେବେଳେ ସିଗାରେଟ ଲଗାଉ ଥିଲି ସେତେବେଳେ ସମସ୍ତେ ମୋ ଆଡ଼କୁ ଉତ୍ସୁକ ନୟନରେ ଚାହିଁ ରହୁଥିଲେ । ଶେଷକୁ ମୁଁ ଲଜ୍ଜିତ ହୋଇ ଗୋଟିଏ ଦିଆସିଲି ବାକ୍ସ ନେଇ ଟେବୁଲ ଉପରେ ରଖିଦେଲି । ଏଥର ସମସ୍ତେ ତାର ସଦ୍‌ବ୍ୟବହାର କଲେ ।

ଜାପାନରେ ଖର୍ଚ୍ଚ କାଟର ବ୍ୟବସ୍ଥା ଆରମ୍ଭ ହୋଇଛି, ଏ ତାର ଗୋଟିଏ ନିଦର୍ଶନ । ଖର୍ଚ୍ଚ କାଟଟା କେବଳ ଦିଆସିଲି ଆଡ଼ୁ ନୁହେଁ, ଖାଦ୍ୟ ପଦାର୍ଥରେ ମଧ୍ୟ । ଇତି ମଧ୍ୟରେ ଲୋକେ ଖବର କାଗଜ ମାର୍ଫତରେ ଦାବୀ କଲେଣି ଯେ ଜାପାନରେ ଯେତେ କୁକୁର ବିରାଡ଼ି ଅଛନ୍ତି, ତାକୁ ମାରିଦିଆ ଯାଉ । ତା ହେଲେ ବହୁ ଖାଦ୍ୟ ମଣିଷଙ୍କ ପାଇଁ ରକ୍ଷା କରାଯାଇ ପାରିବ । ଖବର କାଗଜ ବି କମି କମି ଚାରିପୃଷ୍ଠା ପାକେ ଆସିଲାଣି । ରେସ୍ତୋଁରାରେ ପଇସା ଢାଳିଲେ ମଧ୍ୟ

ଗୋଟିଏ କପ୍‌ରୁ ଅଧିକ ଟି' ମିଳିବ ନାହିଁ । ରାତିରେ ଘର ଗରମ ରଖିବା ପାଇଁ କୋଇଲା ମିଳୁ ନାହିଁ । ମୁଁ ବସି ବସି କେବଳ ତାଙ୍କର ଏଇ ସମସ୍ୟା ଉପରେ ବିଚାର କରୁଥିଲି । ଗାଡ଼ି ଭିତରେ ମୁଁ କିନ୍ତୁ ଯେତେବେଳେ ଟି' ପାଇଁ ଆଦେଶ ଦେଉଥିଲି, ସଙ୍ଗେ ସଙ୍ଗେ ପାଉଥିଲି । ଟି'ର ଗରମ ନିଶାରେ, ଆସନର ଆରାମରେ ବେଳେ ବେଳେ ଆଖି ଦୁଇଟି ମୋର ବଳେବଳେ ବୁଜି ହୋଇ ଆସୁଥିଲା ।

ଉପର ଓଲ କୋବେରେ ପହଞ୍ଚି ଇଣ୍ଡିଆନ ହୋଟେଲ କୁ ଗଲି । ସେଠାରେ ରହିବା ଓ ଖାଇବାର ସୁନ୍ଦର ବ୍ୟବସ୍ଥା ଥିଲା, କିନ୍ତୁ ବୈଠକ ଖାନାକୁ ପଶିଲା ମାତ୍ରକେ ମୋ ଦେହଟା ଯାକ ହେମାଳ ହୋଇଗଲା । ସୁର୍ ନାମକ ଜଣେ ଯୁବକ ମୋର ଦୁରବସ୍ଥା ଦେଖି କେଇଖଣ୍ଡ କୋଇଲା ଆଣି ନିଆଁରେ ପକାଇଲେ । ନିଆଁ ଏଥର ତେଜରେ ଜଳି ଉଠିଲା, ମୋ ପିଣ୍ଡରେ ଯେପରି ପ୍ରାଣ ଫେରି ଆସିଲା । ମନତ ଥିଲା ରୁଷ ଦେଶଟା ବି ଦେଖିଯିବି, କିନ୍ତୁ ସାଇବେରିଆର ଅଗ୍ନିବାୟୁ ମୋତେ କାବୁ କରି ଦେଇଥିଲା । ପାଦ ପୋଡୁଥିଲା, ଦେହରେ ଫୋଟ୍‌କା ପଡ଼ିଯିବ ବୋଲି ମନେ ହେଉଥିଲା । କିନ୍ତୁ ଏଇଟା ହେଲା ଜାପାନ । ଉତ୍ତାପ ତାପମାନ ଯନ୍ତ୍ରର ତଳକୁ ଖସି ଆସି ନାହିଁ । ତେଣୁ ସହିବାକୁ କେତେକ ପରିମାଣରେ ସକ୍ଷମ ହୋଇଥିଲି ।

କୋବେର ମଦ ଦୋକାନରେ କୋମଳ ଚେଆରରେ ଆଉ ଗେଇସା ବାଳିକା ଆସି ମାତାଲ ନିକଟରେ ବସୁ ନାହିଁ । ଯେଉଁ ସବୁ ରାସ୍ତାରେ ଗଭୀର ରାତିରେ ମଧ୍ୟ ଦିବାଲୋକ ଭଳି ଆଲୁଅ ଜଳୁଥିଲା, ଆଜି ସେଇ ସବୁ ରାସ୍ତା ବିଦ୍ୟୁତ ଶକ୍ତି ଅଭାବରୁ ଅନ୍ଧକାର ଏତ ଆଉ ବ୍ଲାକ୍‌ଆଉଟ୍ ନୁହେଁ । କୋଇଲା ନିୟନ୍ତ୍ରଣ । ନିୟନ୍ତ୍ରଣ

କେବଳ ନୁହେଁ । ଅଭାବ ମଧ୍ୟ ପ୍ରଚୁର । ଜାପାନ୍ ଯୁଦ୍ଧ ପ୍ରଚେଷ୍ଟାର ଉପଯୋଗ ପାଇଁ ଗୋଳାବାରୁଦ କାରଖାନାକୁ ଯାଉଛି ଅଧା କୋଇଲା । ବାକି ଅଧିକ ଯାଉଛି କେତୋଟି ନିର୍ଦ୍ଦିଷ୍ଟ କାରଖାନାକୁ । ବିଦେଶକୁ ଯେଉଁ ସବୁ ମାଲ ପଠା ଯାଉଛି, ସେ ସବୁ ପ୍ରସ୍ତୁତ ହେଉଛି ଏଇ ସବୁ କାରଖାନାରେ । ଆମୋଦ ପ୍ରମୋଦ ପାଇଁ ବାଟଘାଟରେ ଆଲୁଅ ଦେବା ଜାପାନ ସରକାର ପସନ୍ଦ କରୁ ନାହାନ୍ତି । ମୁଁ ସେଥିପାଇଁ ତାଙ୍କୁ ଦୋଷ ନ ଦେଇ ବରଂ ପ୍ରଶଂସା କରୁଛି । ଅନର୍ଥକ ଆମୋଦ ପ୍ରମୋଦରେ ଲାଭ କଣ ? କିନ୍ତୁ ଯେଉଁ ରାତିଗୁଡ଼ିକ ଆସେ, କି ଭୟାନକ ସେ ରାତି ? ସନ୍ଧ୍ୟା ପରେ ପାଦରେ କଣ୍ଟା ଫୋଡ଼ି ହେଲାପରି ଯନ୍ତ୍ରଣା ଆରମ୍ଭ ହୁଏ । ଅଥଚ ପାଦ ସେକିବା ପାଇଁ ଘରେ ନିଆଁ ଟିକିଏ ନାହିଁ । ଆମେରିକା ଫେରନ୍ତା ଏକ ଯୁବକ କରିମ ମୋର କଷ୍ଟ ଦେଖି ଖୁକ୍‌ସ୍ୟାନ ପାଖକୁ କୋଇଲା ମାଗିବା ପାଇଁ ଗଲା । ଖୁକ୍‌ସ୍ୟାନ ତାକୁ ଧମକ ଦେଇ କହିଲା –"କୋଲ କନସଲ" କରିମ ମୁଣ୍ଡ ତଳକୁ କରି ଫେରି ଆସି ବସି ପଡ଼ିଲା । ଘରେ ବସିବା ଅସମ୍ଭବ ଦେଖି ଆମେ ସିନେମାକୁ ଗଲୁ । ସିନେମା ହଲଟା ଚମତ୍କାର ଗରମ ବୋଲି ମନେ ହେଲା । କିନ୍ତୁ ଯେଉଁ ଛବି ଚାଲିଥିଲା, ସେ ଏକାବେଳେକେ ପସନ୍ଦ ଯୋଗ୍ୟ ନୁହେଁ । ସିନେମା ଜଗତରେ ଜାପାନ ପଛରେ ପଡ଼ି ରହିବାର ବହୁ କାରଣ ରହିଛି । ପ୍ରଥମ କାରଣ ହେଲା, ଯେଉଁମାନେ ସିନେମା ଜଗତର ମାଲିକ ତାଙ୍କ ଫରମାସି ମୁତାବକ କାହାଣୀ ପ୍ରସ୍ତୁତ ହୁଏ । ଯେଉଁଠି ପୁଞ୍ଜିବାଦୀଗଣ ଅସଲ ଚାବିକାଠି ହାତରେ ଧରି ବସିଛନ୍ତି, ସେ ଦିଗରେ କୌଣସି ଚାରୁ କଳାର ବିକାଶ ହୋଇ ପାରେ ନା । ଆମେ ସିନେମାରୁ ଫେରି ଆସିଲୁ । ରାତିଟା କେବଳ ବସି ବସି କଟାଇ ଦେଲୁ ।

ପରଦିନ ସକାଳେ ଇଂରେଜୀ ଦୈନିକ 'ଓସାକା ମାୟୁନିଚି' ପଢ଼ିଲି । ଜାପାନ ସେତେବେଳେ ସୁଦ୍ଧା ନିରପେକ୍ଷ ରହିଥିବାରୁ ନାନା ପ୍ରକାର ସମ୍ବାଦ ଥିଲା, କିନ୍ତୁ ଚୀନ ସମ୍ବନ୍ଧରେ ଯେଉଁ ସବୁ ସମ୍ବାଦ ପରିବେଷଣ କରା ହୋଇଥିଲା ସେଥିରୁ ମନେ ହେଉଥିଲା ଚୁଂକିଂ ବ୍ୟତୀତ ଜାପାନ ସମଗ୍ର ଚୀନକୁ ଯେପରି ଦଖଲ କରି ଯାଇଛି । ବ୍ରିଟିଶ ଏବଂ ଆମେରିକାର 'କୋଲକରା ଗୃହ' ପ୍ରବୃତ୍ତିର ଦୃଷ୍ଟିରୁ ଗୁରୁଙ୍କଠାରୁ ଟପି ଯାଇଛି, 'ଓସାକା ମାୟୁନିଚି' ପଢ଼ି ଏତିକି ବୁଝି ପାରିଥିଲି ।

କୋବେରେ ସାତ ଦିନ ଥିଲି । ପ୍ରତିଦିନ ସମ୍ବାଦ ପତ୍ର ନିୟମିତ ପଢ଼ୁଥିଲି । ଦିନେ ଗୋଟିଏ ସମ୍ବାଦରେ ଦେଖିଲି, ଜଣେ ଯୁବକ ଛୁରିରେ ଗୋଟିଏ ଯୁବତୀର ଗାଲ କାଟି ଦେଇଛି । କାରଣ ଅବ୍ୟକ୍ତ । ଭାରତବର୍ଷରେ ଏଭଳି ଅନ୍ୟାୟ କାର୍ଯ୍ୟ ଯେ ନ ହୁଏ, ତା' ନୁହେଁ । ଇମିତି କି ତଡ଼ଲା ପିଠାଖଡ଼ିକାରେ ଚେଙ୍କା ଦେବା ଯାକେ କଥା ଶୁଣାଯାଏ । କିନ୍ତୁ ତା' ସମ୍ବାଦପତ୍ରରେ ଆଲୋଚନା ହୁଏ ନାହିଁ । ଆମେ ହେଲୁ ପରାଧୀନ, ଆମର ହିତାହିତ ଜ୍ଞାନ ନାହିଁ । କିନ୍ତୁ ଜାପାନ ଭଳି ଉନ୍ନତଶୀଳ ଦେଶରେ ଛୁରିରେ ସ୍ତ୍ରୀଲୋକର ଗାଲ କାଟିଦେବାଟା ବଡ଼ ଅନ୍ୟାୟ ବୋଲି ମନେହେଲା ପୁଣି ଅନ୍ୟ ଏକ ସମ୍ବାଦ, କେଉଁଠି କୌଣସି ଏକ ଧନୀ ବ୍ୟକ୍ତି ତାଙ୍କ ଘରର ତିନି ମହଲା ଉପରୁ ଦଶ ଇଏନର ନୋଟ ଉଡ଼ାଇ ଦେଉଅଛନ୍ତି ଗରିବ ଲୋକଙ୍କ ସାହାଯ୍ୟ ପାଇଁ । ଚୋରି, ପ୍ରବଞ୍ଚନା, ମିଥ୍ୟା ଜାପାନରେ ନଥିଲା ଏ କଥା ମୁଁ ଭାରତକୁ ଫେରି ବହୁ ଲୋକଙ୍କୁ କହିଥିଲି । କିନ୍ତୁ ଏଥର ଦେଖିଲି, ଜାପାନୀଗଣ ମିଥ୍ୟା କହୁଛନ୍ତି । ଚୋରି କରୁଛନ୍ତି, ବଞ୍ଚନା କରିବା ତାଙ୍କର ପେଶା ହୋଇ ଉଠିଛି । ସ୍ୱର୍ଣ୍ଣ ଲଙ୍କାରେ ପାପ ପ୍ରବେଶ କରିଛି । ଜାପାନର ଏ ଦୁର୍ଗତି ଦେଖି

ବଡ଼ ଦୁଃଖ ଲାଗିଲା । ଧର୍ମଗଣ ଘରେ ବାହାରେ ସମାନ । ସୁକାର୍ଯ୍ୟ ସାଧନ ପାଇଁ ସେମାନେ ଯେପରି ଅପରକୁ ଅମାନୁଷିକ ଭାବରେ ନର୍ଯାତନା କରନ୍ତି, ସେଇପରି ଦରକାର ପଡ଼ିଲେ ଆପଣା ଘରେ ମଧ୍ୟ ଅମାନୁଷିକ ଅତ୍ୟାଚାର କରିବାକୁ ସଂକୋଚ ବୋଧ କରନ୍ତି ନାହିଁ । ଜାପାନ ସାମ୍ରାଜ୍ୟବାଦୀଗଣଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଉଗ୍ର ସାମ୍ରାଜ୍ୟବାଦୀ ଅର୍ଥାତ ଫାସିଷ୍ଟ ହୋଇ ଯାଇଛି । ଘରେ ବାହାରେ ସବୁଠି ଲୁଟ ତରାଜ ଆରମ୍ଭ କରିଛି । ୧୯୪୦ର ଶେଷଭାଗରେ ଜାପାନରେ ଭୀଷଣ ଖାଦ୍ୟାଭାବ ଦେଖା ଦେଇଥିଲା । କିନ୍ତୁ ଜାପାନ ସେତେବେଳ ସୁଦ୍ଧା ଆମେରିକାରୁ ନାନା ପ୍ରକାର ସାହାଯ୍ୟ ପାଉଥିଲା । ଚୀନ ନାଁରେ ଆମେରିକାର ସର୍ବସାଧାରଣ ଯେଉଁ ସବୁ ସାହାଯ୍ୟ ପାଉଥିଲେ, ଭୁଲ ଭଟକାରେ ସେ ସବୁ ଆସି ଜାପାନରେ ପହଞ୍ଚି ଯାଉଥିଲା । ତଥାପି ଜାପାନରେ ଦୁର୍ଭିକ୍ଷ ଦେଖା ଦେଇଥିଲା ।

ଏତଗଲା ପ୍ରଥମ ଦୃଶ୍ୟର କଥା । ଦ୍ୱିତୀୟ ଦୃଶ୍ୟ କଥା କହିଲେ ଅନେକଙ୍କୁ ଆରାମ ଲାଗିବ । ପ୍ରଥମ ଦୃଶ୍ୟରେ ଜାପାନୀଙ୍କ ବିରୁଦ୍ଧରେ କେଇପଦ କଥା କୁହାଗଲା । ବର୍ତ୍ତମାନ ଦେଖାଯାଉ, ତାଙ୍କ ସପକ୍ଷରେ କିଛି କହି ପାରିବ କି ନା ?

କୋବେର ଏନ: ଓ୍ୱାଇ: କେ: ଲାଇନ ଅଫିସରୁ ଖଣ୍ଡିଏ ଦ୍ୱିତୀୟ ଶ୍ରେଣୀର ଟିକଟ କିଣି 'ଓସାକାମାରୁ'ର ଗୋଟିଏ କେବିନରେ ବସି ଭାବୁଥିଲି, କି ଦୁର୍ଭାଗା ଦେଶରେ ମୁଁ ଜନ୍ମ ହୋଇଛି । କାନାଡ଼ିଆନ ପେସିଫିକ ଲାଇନର ଜାହାଜରେ ଟିକଟ କିଣିବା ପାଇଁ ଇଚ୍ଛା ଥିଲା । ସେଥିପାଇଁ ଟିକଟ କିଣିବାକୁ ଯାଇଥିଲି ମଧ୍ୟ । ଜାପାନୀ କିରାଣୀ ମୋ ମୁହଁକୁ ଚାହିଁ ହସି କହିଲା—ମୋର ଟିକଟ ବିକିବାକୁ ଆପତ୍ତି ନାହିଁ, କିନ୍ତୁ ଆପତ୍ତି ହେଲେ ଇଣ୍ଡିଆନ—

ଆପଣଙ୍କ ସାଙ୍ଗରେ କାନାଡ଼ଆନ ଲୋକେ କଣ ଗୋଟିଏ କେବିନରେ ରହିବାକୁ ରାଜି ହେବେ ? ଆଚ୍ଛା, ମୁଁ ମାନେଜରଙ୍କୁ ଡ଼ାକି ଆଣେ । କିରାଣୀ ଯାଇ ଲାଲ ମୁହାଁ ଇଉରୋପୀୟ ମାନେଜରଙ୍କୁ ଡାକି ଆଣିଲା । ସେ ମୋର କଳା ବଦନକୁ ଚାହିଁ କହିଲେ—ମୁଁ ବଡ଼ ଦୁଃଖିତ, ଆମ ଜାହାଜରେ ଗୋଟିଏ ବୋଲି ବାର୍ଥ ଖାଲି ନାହିଁ । କଥାଟା କହି ଦେଇ ସେ ଗୁଡ଼ଫୁଲାଇ ଚାଲିଗଲେ । ମୁଁ ଜାହାଜରେ ବସି ଭାବୁଥିଲି, ଏତେ ଦୁର୍ଦ୍ଦିନରେ ମଧ୍ୟ ତାଙ୍କର ଉଗ୍ର ପ୍ରକୃତିର ଉପଶମ ହେଲା ନାହିଁ । କାପଷ୍ଟେନ ସିଗାରେଟ ଟିଣଟାରୁ ଗୋଟାଏ ସିଗାରେଟ ବାହାର କରି ଧରାଇଲି ଆଉ ନୀରବରେ ଶୀତର ଊର୍ଦ୍ଧ୍ୱ ଆକାଶରେ ମେଘର ଖେଳ ଦେଖୁଥିଲି । ମନେ ହେଲା, ଏଇ ମେଘ ଆଡ଼କୁ ଅନାଇବାର ଯେତିକି ଅଧିକାର ନୀଳ ଆଖିର ଅଛି, କଳା ଆଖିର ମଧ୍ୟ ସେତିକି ଅଛି । ଧନ୍ୟବାଦ ବତାସ, ଧନ୍ୟବାଦ ମେଘ, ତୁମ ନିକଟରେ ସମସ୍ତେ ସମାନ । ତୁମ ନିକଟରେ ଗୋରା କଳାର ଭେଦା ଭେଦ ନାହିଁ ।

ଦୁଇଟି ଦିନ ସମୁଦ୍ର ଭିତରେ ବିତିଲା ପରେ ତୃତୀୟ ଦିନ ସକାଳେ ଯେତେବେଳେ ବସିଥିଲି, ସେତେବେଳେ ଜଣେ ସାଦାରୁଷ୍ ଲାଲରୁଷ୍ କୁ ଲକ୍ଷ କରି ଖାଲି ଗୁଲଜ କରି ଗୋଟିଏ ବହିର ପୃଷ୍ଠା ଓଲଟାଇ ମୋ ଆଡ଼କୁ ଚାହିଁଲା ପୁଣି ବହି ପଢ଼ାରେ ମନ ଦେଲା । ଆମେରିକାନ ଦି'ଜଣ ମୋର ନିର୍ଦ୍ଦେଶରେ ହାଇଫଂରୁ କୁମି ଯିବା-ପାଇଁ ମାନଚିତ୍ର ଦେଖୁଥିଲେ ଆଉ ମୁଁ ତାଙ୍କର ପ୍ରଦତ୍ତ **Grapey Peaker Boys** ନାମକ ଖଣ୍ଡିଏ ବହି ମନଯୋଗ ସହକାରେ ପଢ଼ୁଥିଲି । ଏତିକି ବେଳେ ବୟ ଆସି ବ୍ରେକଫାଷ୍ଟ ଖାଇବାକୁ ଡାକି ଗଲା । ଆମେ ସବୁ ଉଠି ଡାଇନିଂ ଟେବୁଲରେ ଯାଇ ବସିଲୁ । ସଭିଙ୍କୁ ଭୋକ ଲାଗୁ ଥିଲା । ତେଣୁ କଣ୍ଟା ଚାମୁଚ ଜୋରରେ ବାଜିଲା,

ବ୍ୟସ୍ତ ନସର ପସର ହୋଇ ଧାଁ ଦଉଡ଼ କରୁଥିଲୁ ଆଉ ଆମର ବେଳେ ବେଳେ ମୁହଁ ଫୋଟା ଚାଲୁଥିଲା । ତା'ପରେ ଜଣେ ଆମେରିକାନ ବନ୍ଧୁ ଶାନ୍ତରେ 'ଇଆପ୍' ବୋଲି ଗୋଟିଏ ଶବ୍ଦ ଉଚ୍ଚାରଣ କରି ମୋ ଆଡ଼କୁ ଚାହିଁ କହିଲେ—ଆମେ ତା' ହେଲେ ଆଉ ଦି' ଦିନ ପରେ ସାଂଘାଇ ରେ ପହଞ୍ଚିବୁ । ତାଙ୍କ କଥାରେ ସମ୍ମତି ଜଣାଇ ମୁଁ ଅନ୍ୟ ଆମେରିକାନଟି ସହ ଉଠି ଯାଇ ଟିକିଏ ଦୂରରେ ଛିଡ଼ା ହୋଇ ସାଥୀ ରୁଷଟିର ଶ୍ରାଦ୍ଧ ବାଡ଼ିଲୁ । ଆମେରିକାନ ଜଣକ କହିଲେ—ଦେଖନ୍ତୁ ତ ଲୋକଟା କି ହାରାମ ଯାଦା ଜାପାନୀ ମାନଙ୍କ ଗୋଲାମ ହେବାକୁ ରାଜି, କିନ୍ତୁ ଲାଲ ରୁଷ୍‌ଙ୍କର ଧ୍ୱଂସ କାମନା କରୁଛି । ନିଶ୍ଚୟ ପରାଜୟର ଗ୍ଲାନି ତାକୁ ଗ୍ରାସ କରିଛି । ମୁଁ କହିଲି ଜାର୍ ଯିମିତି ସାମ୍ରାଜ୍ୟ ବାଦୀ ଥିଲେ ମିକାଡ଼ୋ ମଧ୍ୟ ସିମିତି ସାମ୍ରାଜ୍ୟ ବାଦୀ । ଲୋକଟା ପରିବର୍ତ୍ତନ ଚାହେଁ ନାଁ ବୋଲି ଜାପାନକୁ ଆସି ବଦଳି ଯାଇଛି । ଆପଣ ମାନଙ୍କ ଦେଶର ପ୍ରତିକ୍ରିୟାଶୀଳ ଲୋକମାନେ ମଧ୍ୟ ଠିକ୍ ତାର ଭଳି । ଚିନ ନାଁରେ ଚାନ୍ଦା ଉଠାଇ ଜିନିଷ ପତ୍ର କିଣି ଜାପାନକୁ ପଠାଇ ଦେଉଛନ୍ତି । ମୁହଁରେ କେବଳ କହୁଛନ୍ତି ଭୁଲରେ ଚିନର ମାଲ ଜାପାନକୁ ଚାଲିଗଲା । କଣ ଘା'ରେ ଲୁଣ ଛିଟା ମାରିବାର ଚମତ୍କାର ପ୍ରବୃତ୍ତି ?

ଯେଉଁ ମାନେ ଶ୍ରମିକ, କେବଳ ମଜୁରିରୁ ଜୀବିକା ନିର୍ବାହ କରନ୍ତି ତାଙ୍କ ଦେହର ଚାରିଆଡ଼େ କ୍ଷତ । ସେଇ କ୍ଷତରେ ନାନା ପ୍ରକାର ଲୁଣ ଛିଟା ପଡ଼ୁଛି । ମୋର ଆମେରିକାନ ସାଙ୍ଗୀଗଣ ମଧ୍ୟ ନିର୍ଯ୍ୟାତିତ ଶ୍ରମିକ ଗୋଷ୍ଠୀର ଲୋକ । ତେଣୁ ସେମାନେ ମୋ କଥା ମାନିଗଲେ । ତା' ପରେ କହିଲେ ଏ ବିଷୟରେ ସାନ୍‌ଫ୍ରାନସିସ୍କୋରେ ଯେପରି ଆନ୍ଦୋଳନ ଆରମ୍ଭ ହୋଇଛି, ସେଥିରେ ଭବିଷ୍ୟତରେ ଆଉ ସେପରି ଭୁଲ ହେବ ବୋଲି ସେମାନେ ଆଶାକରୁ ନାହାନ୍ତି । ଚୀନର ମାଲ ଏଥର ଚିନରେ ପହଞ୍ଚିବ ।

ଘଂଟା ବୋଲି ଦିନ । ତଥାପି ଯେପରି ସବୁ ନଥିଲା । ତେଣୁ ଦ୍ୱିତୀୟ ଶ୍ରେଣୀର ଅନ୍ୟାନ୍ୟ ଯାତ୍ରୀ ମାନଙ୍କ ସହ ମିଳା ମିଶା କରି କୌଣସି ପ୍ରକାରେ ସମୟ କଟାଇ ବାକୁ ସ୍ଥିର କଲି । ସୌଭାଗ୍ୟ କ୍ରମେ ଜଣେ ଜାପାନୀ ସହ ପରିଚୟ ହେଲା । ସେ ଯାଉଥାନ୍ତି ଚୀନ ଦେଶର ନୂତନ ଶାସନର ପରିଚାଳନାକୁ ଫଳବନ୍ତ କରିବା ପାଇଁ । ତାଙ୍କୁ ଦେଖି ମୋର ସାଇମନ କମିସନ କଥାଟା ମନେ ପଡ଼ିଗଲା । ଭାବିଲି, ଜାପାନରୁ ହୁଏତ ଚୀନକୁ ସାଇମନ କମିସନ ଭଳି ଏକ ବସ୍ତୁ ଯାଉଛି । କିନ୍ତୁ ଚୀନରେ ମାଇନରିଟି, ମେଜୋରିଟି ବୋଲି କୌଣସି ସମସ୍ୟା ନାହିଁ । ଚୀନ ଯାଇ ଏ ଭଦ୍ର ଲୋକ କଣ କରିବେ ? କିନ୍ତୁ ସେ ନ ଛୋଡ଼ ବନ୍ଦା । ସେ ମୋତେ ତାଙ୍କ ପରି-କଳ୍ପନା ବୁଝାଇଲେ । ଜାପାନୀ ଭଦ୍ରବ୍ୟକ୍ତି କହିବା ବୋଲିବାରେବେଶ୍ ପଟୁ । ତାଙ୍କ କଥା ମୁଁ ମନ ଦେଇ ଶୁଣୁଥିଲି । ସେ ଯେତେ ପ୍ରକାର କଥା କହୁଥିଲେ, ସେ ସବୁ ଯୋଜନା ମୂଳରେ ଥିଲା, ଜାପାନ ସହ ଅନ୍ୟାନ୍ୟ ଦେଶବାସୀଙ୍କର ସମୂହ ସହଯୋଗୀତା ଦରକାର । ସେ କିନ୍ତୁ ଜାଣି ନଥିଲେ ଯେ ଏ ଯୁଗରେ କେହି କାହାର ସହିତ ସହଯୋଗ କରିବାକୁ ରାଜି ନୁହନ୍ତି । ଏ ଯୁଗରେ ସମସ୍ତ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହାନ୍ତି । ତାଙ୍କ ସହଯୋଗୀତା ପରିକଳ୍ପନା ପଛରେ ଥିଲା ସାମ୍ରାଜ୍ୟ ବାଦ ଓ କମନ୍ ଓ୍ୱେଲଥର ଇଙ୍ଗିତ । ଯେଉଁମାନେ କମନ୍ ଓ୍ୱେଲଥର ପ୍ରକୃତ ମର୍ମ ଜାଣନ୍ତି । ସେ ମାନେ ଅର୍ଥ ନୈତିକ ପରାଧୀନ ତାର ମର୍ମ ମଧ୍ୟ ବୁଝିଛନ୍ତି । ମୁଁ ତାଙ୍କ କଥାର ସାରମର୍ମ ବୁଝିପାରି ଜବାବ ମଧ୍ୟ ଦେଇ ଥିଲି ଆଉ ତାଙ୍କୁ ବୁଝାଇ ବାକୁ ଚେଷ୍ଟା କରିଥିଲି, ଏ ଯୁଗରେ ଅର୍ଥ ନୈତିକ ପରାଧୀନତା କେହି ଚାହାଁନ୍ତି ନାହିଁ । ସମସ୍ତେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ଅଧିକାର ଚାହାଁନ୍ତି । ଏଥିରେ ସେ ରାଗୀ

ଯାଇ ମୋତେ କମ୍ୟୁନିଷ୍ଟ ଆଖ୍ୟା ଦେଲେ । ଏତେବଡ଼ ବଦନାମ ସହ୍ୟ କରି ନ ପାରି ମୁଁ ମଧ୍ୟ ତାଙ୍କୁ ସମ୍ରାଜ୍ୟବାଦ ବା ସାମ୍ରାଜ୍ୟ ବାଦଙ୍କ କୁକୁର ବୁହା ବୋଲି ପ୍ରତିଆଖ୍ୟା ଦେଇଥିଲି । ସାମ୍ରାଜ୍ୟ ବାଦଙ୍କ ସମ୍ବନ୍ଧରେ ମୋରଅଭିମତ ମଧ୍ୟ ବ୍ୟକ୍ତ କରିଥିଲି । ଉପ ସଂହାରରେ ମୁଁ ତାଙ୍କୁ କହିଥିଲି, ମୁଁ କୌଣସି ଇଷ୍ଟ ଓ୍ୱେଷ୍ଟର ବଚସ୍କର ନୁହେଁ । ମୁଁ ଜଣେ ସ୍ୱାଧୀନ ଓ ସ୍ପଷ୍ଟବାଦ ପର୍ଯ୍ୟଟକ ମାତ୍ର । ମୋର ଯାତ୍ରା ପଥରେ ଯେଉଁ ଅଭିଜ୍ଞତା ଅର୍ଜନ କରିଛି, ତା' କେବଳ କହୁଛି । ତା ପରେ ସେଇ ଭଦ୍ର ବ୍ୟକ୍ତିଙ୍କ ସହ ଯେଉଁ ଅଭଦ୍ରତା ସୂଚକ କଥା ହୋଇଥିଲା, ତା' ନ କହିବା ଭଲ ।

ଖୁବ୍ ଥଣ୍ଡା ପଡ଼ୁଥିଲା । ଜାହାଜ ଭିତରେ ବସି ମଧ୍ୟ ଠକ୍ ଠକ୍ ହୋଇ ଥରୁଥିଲି । ବେଳେ ବେଳେ ଭାବୁଥିଲି, ଡ଼କ୍ ଉପରକୁ ଯାଇ ଟିକିଏ ବୁଲି ଆସିବି, କିନ୍ତୁ ସାହାସ ହେଉ ନ ଥିଲା । ଦୁଇଜଣ ଆମେରିକାନ୍, ଜଣେ ପଳାତକ ରୁଷ୍ ଆଉ ମୁଁ, ଏହି ଚାରିଜଣ ବସି ଦୁନିଆଁଯାକର କଥା ଗପୁଥିଲୁ । ଇଉରୋପରେ ସେତେବେଳେ ଯୁଦ୍ଧ ଲାଗିଛି । ରୁଷିଆ ସେତେବେଳେ ସୁଦ୍ଧା ଯୁଦ୍ଧରେ ଯୋଗ ଦେଇ ନାହିଁ । ଜାପାନ ଯୁଦ୍ଧ ସରଞ୍ଜାମ ତିଆରି କରିବାରେ ବ୍ୟସ୍ତ । ଆମେରିକା ସେତେବେଳେ ସୁଦ୍ଧା ଚୀନକୁ ମୁହେଁ ମୁହେଁ କେବଳ ସାହାଯ୍ୟ କରୁଛି । ବର୍ମାରୋଡ଼ କେତେବେଳେ ଖୋଲୁଛି ତ କେତେବେଳେ ପୁଣି ବନ୍ଦ ହେଉଛି । ରେଙ୍ଗୁନରେ ସେତେ-ବେଳେ ବ୍ୟବସାୟୀଗଣ କୁଆ ଶାଗୁଣା ଭଳି ଆମେରିକାନ ଡଲାର ସଂଗ୍ରହରେ ବ୍ୟସ୍ତ । ଓ୍ୱାଂ-ଚି-ଓ୍ୱାଇଁ ଚୁଂକିଂରୁ ପଳାଇ ଆସି ଫ୍ରେଞ୍ଚ ଇଣ୍ଡୋଚୀନର ହାନୋଇ ହୋଇ ସମୁଦ୍ରପଥରେ ସାଂହାଇରେ ଆସି ପହଞ୍ଚି-ଛନ୍ତି । ସେ ବର୍ତ୍ତମାନ ବିଶ୍ୱାସୀ 'ହେବେନ୍ସ ପୁଇ' ହୋଇଛନ୍ତି ।

ଜାପାନୀମାନଙ୍କ ଠାରୁ ଶୁଣିଲି, ଜର୍ମାନଗଣ ସାହାଇରେ ଇଂରାଜୀ ଖବର କାଗଜ ବାହାର କରୁଛନ୍ତି । ମସ୍କୋନଉଜ୍ ଫ୍ରେଞ୍ଚ କନ୍‌ସେ-ସନ୍‌ରେ ମିଳୁଛି । ଆମେରିକାର ସିଗାନରେଟ୍ ଦକ୍ଷିଣ ଆମେରିକାର ଖବର କାଗଜ, କଲିକତା ବମ୍ବେର ଦୈନିକ ସମ୍ବାଦପତ୍ର ସବୁ ମିଳୁଛି । ମନେମନେ ଭାବିଲି, ଏଇ ଦୁର୍ଦ୍ଦିନରେ ସାହାଇ ଭଳି ସ୍ଥାନରେ ରହିଯିବା ଭଲ । ଦୁନିଆର ସବୁ ସମ୍ବାଦ ମିଳିବ । ଯଦି କୌଣସି ବ୍ୟବସାୟରେ ହାତ ଦେବି, ତାହେଲେ ବି କ୍ଷତି ନାହିଁ । ପୃଥିବୀ ଭ୍ରମଣ ମୋର ହୋଇଗଲା । ସାହାଇରେ ବସି ବହି ଛପାଇବାକୁ ମଧ୍ୟ କଷ୍ଟ ହେବ ନାହିଁ । ମନେ ମନେ ଏଇ କଥା ଭାବି ସଙ୍ଗୀମାନଙ୍କୁ ପଚାରୁଥିଲି-ସାହାଇ କମିତି ଜାଗା, ଏଥି ମଧ୍ୟରେ କି କି ପରିବର୍ତ୍ତନ ସବୁ ହୋଇଛି ।

ଦିନ କଟି ଯାଉଥିଲା । ଦେଖୁ ୨ ଦିନେ ଘନ କୁହେଳି ଭିତରେ 'ଓସାକା ମାରୁ' ପାଗଳା ଘଣ୍ଟି ବଜାଇ ଇୟୋସୀ ନଦୀର ମୁହାଣରେ ପ୍ରବେଶ କଲା । ଏଭଳି କୁହେଳିର ଅନ୍ଧକାରରେ ଜାହାଜ ଜାହାଜ ଭିତରେ ଧକା ଲାଗିବାର ସମ୍ଭାବନା ବେଶୀ । ଚୀନାମାନଙ୍କର ଜାହାଜ ନାହିଁ, ତେଣୁ ଚୀନା ଓ ଜାପାନୀ ଜାହାଜ ମଧ୍ୟରେ ଧକା ଲାଗିବାର କୌଣସି ଭୟ ନାହିଁ । ପ୍ରାୟ ଆଠଟା ବେଳକୁ ଆକାଶ ପରିଷ୍କାର ହୋଇଗଲା । ନଦୀକୂଳର ଦୁଇ ପାଖରେ ସବୁ ଏଥର ପରିଷ୍କାର ଦେଖାଯାଉଥିଲା । ନାନା ଦେଶର ନାନା ଜାତୀୟ ପତାକା ଉଡ଼ାଇ ବହୁ ଜାହାଜ ବନ୍ଦର ଛାଡ଼ି ସମୁଦ୍ର ଆଡକୁ ଚାଲିଥିଲା । ଜାହାଜର ଜାପାନୀ ଯାତ୍ରୀଗଣ ଉତ୍ସୁକ ନୟନରେ ଦୁଇକୂଳର ଦୃଶ୍ୟାବଳୀ ଆଡ଼କୁ ଚାହିଁ ରହିଥିଲେ । ଯେତେବେଳେ ଗୋଟିଏ ଜାପାନୀ ଜାହାଜ ଆମ ଜାହାଜ ପାଖଦେଇ ଚାଲି-ଯାଇଥିଲା ସେତେବେଳେ ସେମାନେ ଚିତ୍କାର କରି ତାଙ୍କର ପ୍ରୀତିକାମନା ଜଣାଉ-

ଥିଲେ । କ୍ରମେ ଆମ ଜାହାଜ ଇୟାସୀ ନଦୀ ଛାଡ଼ି ସଂହାଇ ନଦୀରେ ପ୍ରବେଶ କଲା ।

ଅଦୂରରେ କେତୋଟି ଜର୍ମାନ ଜାହାଜ ସ୍ୱସ୍ତିକ ପତାକା ଉଡ଼ାଇ ନଙ୍ଗର ପକାଇ ରହିଥିଲା । ଚୀନା ନାବିକ ଓ ଶ୍ରମିକଗଣ ନିରୀହ ଭଳି ଏକ ଜାହାଜରୁ ଅପର ଜାହାଜକୁ ମାଲ ନେବା ଆଣିବା କରୁଥିଲେ । ତାଙ୍କ ଦେଶରେଯେ ଅନବରତ ବିପଦ ଘଟୁଛି, ତାଙ୍କ ମୁହଁ ଦେଖି ତା' ଜଣା ପଡୁଥିଲା । ଜାହାଜ କ୍ରମେ ଉଷା ଦୁର୍ଗ ନିକଟକୁ ଆସିଲା । ଦୁର୍ଗରେ ଘରଦ୍ୱାର ଚିହ୍ନ ବି ନାହିଁ, କେଇଟି ଭଙ୍ଗା କାନ୍ଥ ମାତ୍ର ଛିଡ଼ା ହୋଇଥିଲା । ତା'ପରେ ଆମେ ଜାପାନୀ ଡ଼କ୍ ଆଡ଼କୁ ଯେତିକ ଅଗ୍ରସର ହେଉଥିଲୁ, ଜାପାନୀଗଣ ସେତିକ ଉଦ୍‌ଗ୍ରୀବ ହୋଇ ଉଠୁଥିଲେ ଆଉ ତାଙ୍କ ଭାଷାରେ ନାନା ପ୍ରକାର ଜାଣ୍ଣପୁ ଜୟଧ୍ୱନି କରୁଥିଲେ ଜାହାଜ ଡକ୍‌ରେ ଲାଗିଲା ମାତ୍ରକେ ଚୀନାକୁଲିଗଣ ନୀରବରେ ମୁଣ୍ଡ ନୁଆଁଇ ଜାହାଜ ଉପରକୁ ଉଠି ଆସିଲେ । ତାଙ୍କ ଆଡ଼କୁ ଚାହିଁଲେ ଜଣା ପଡୁଥିଲା ଯେ କେବଳ ଅଭାବ ପାଇଁ ସେମାନେ ଏଠାରେ କାମ କରିବାକୁ ଆସିଛନ୍ତି । ମୁହଁରେ ତାଙ୍କର ଗାମ୍ଭୀର୍ଯ୍ୟ ଫୁଟି ଉଠୁଥିଲା । ସେମାନେ ବ୍ୟସ୍ତ ନହୋଇ ଧୀରେସୁସ୍ଥେ କାମ କରୁଥିଲେ । ଦେଶାତ୍ମବୋଧ ତାଙ୍କର ପୁରାତନ ଅବିମୃଶ୍ୟକାରିତାକୁ ଲୋପ କରି ଦେ ଇଛି । ସାମ୍ରାଜ୍ୟ-ମଦରେ ମାତାଲ ଜାପାନୀଗଣଙ୍କ ମନରେ ଏଥର ପାପ ପ୍ରବେଶ କରିଛି । ତେଣୁ ସେମାନଙ୍କ ମୁହଁରେ ନାନାପ୍ରକାର ଅପବିତ୍ର ଭାବର ବିକାଶ ହେଉଛି ।

ମୋତେ ଆଉ ପାଶ୍‌ପୋର୍ଟ ଦେଖାଇବାକୁ ପଡ଼ିଲା ନାହିଁ । ଆମ ଜାହାଜ ଯେପରି ଜାପାନର କୌଣସି ଏକ ବନ୍ଦରରୁ ବାହାରି ଅନ୍ୟଏକ ବନ୍ଦରରେ ଆସି ଲାଗିଛି । ପାଶ୍‌ପୋର୍ଟର କୌଣସି ଦର-

କାର ନାହିଁ । ଜାହାଜରୁ ଓହ୍ଲାଇ ଗୋଟିଏ ରିକ୍‌ସା କରି ନିକଟସ୍ଥ ଗୋଟିଏ ହୋଟେଲକୁ ଗଲି, କିନ୍ତୁ ସ୍ଥାନ ପାଇଲି ନାହିଁ । ତା'ପରେ ଅନ୍ୟ ହୋଟେଲ ସବୁ ବୁଲି ଦେଖିଲି । କେଉଁଠି ହେଲେ ସ୍ଥାନ ନାହିଁ । ଜାପାନୀଗଣ ସବୁ ହୋଟେଲର ସ୍ଥାନ ଦଖଲ କରି ବସି-ଛନ୍ତି । ସ୍ଥାନାଭାବରେ ମୁଁ ମହାବିପଦରେ ପଡ଼ିଲି । କେଉଁଠା ହୋଟେଲରେ ରହିବା ଖର୍ଚ୍ଚ ଦୈନିକ କେତେ ପଚାରି ବୁଝିଥିଲି । ଦଶ ଡ଼ଲାରରୁ କେଉଁଠି ହେଲେ କମ୍ ନାହିଁ । ପୂର୍ବେ ଗୋଟିଏ ଡଲାରରେ ଯେତିକ ଜିନିଷ ମିଳୁଥିଲା, ବର୍ତ୍ତମାନ ତା' କିଣିବାକୁ ଚାରି ଡ଼ଲାର ଲାଗୁଛି । ଜାପାନୀମାନେ ମିଲଟାରୀ ନୋଟ୍ ଚଳାଇ ଅଭାବ ଅନୁଭବ କରୁନାହାନ୍ତି । କିନ୍ତୁ ଚୀନା ମାନଙ୍କର ଆୟ ବଢ଼ିନାହିଁ, ତେଣୁ ସେମାନେ ଜିନିଷ କି କିଣି ପାରୁନାହାନ୍ତି । ଏହାର ଫଳ ଶୋଷଣ ଅବସ୍ଥା ଧାରଣ କରିଛି । ଚାଉଳ, କୋଇଲାର ଦାମ ତ ଦଶଗୁଣ ବଢ଼ି ଯାଇଛି ।

ଚୁଂକିଂ ସରକାର ମିଲଟାରୀ ନୋଟର ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଚୀନା କାଗଜ ମୁଦ୍ରାର ଦାମ କମାଇ ଦେଇଥିଲେ । ସୁତରାଂ ଜାପାନୀଗଣ ମଧ୍ୟ ବାଧ୍ୟ ହୋଇ ତାଙ୍କର ମିଲିଟାରୀ ନୋଟ୍‌ର ଦାମ କମାଇ ଦେଇଥିଲେ, କେବଳ ଚୀନା ମୁଦ୍ରାସହ ସମତା ରକ୍ଷା କରିବା ପାଇଁ । ଚୀନା ନୋଟ୍‌ରେ **Prom.se to pay** ଲେଖାଥିଲା, ନୋଟରେ ସେତିକ ନଥିଲା । ଜାପାନୀ ମିଲଟାରୀ ନୋଟ ପାଇଁ **Nobody promises to pay anything.** ବ୍ୟବସାୟୀ ଦୃଷ୍ଟିରୁ ମଧ୍ୟ ମହା ଅସୁବିଧା ଉପୁଜିଥିଲା ।

ରାତିଟା ଶିଖମାନଙ୍କ ସାଙ୍ଗରେ ବିତାଇ ପରଦିନ ମୁଁ ଗୋଟିଏ ସଜ୍ଜିତ ଘର ଭଡ଼ାନେଲି । ସେଥିପାଇଁ ମୋତେ ଦୈନିକ ଏକଟଙ୍କା (ଆମ ଦେଶର ମୁଦ୍ରାମୂଲ୍ୟ) ଦେବାକୁ ପଡୁଥିଲା । ଘର ଖଣ୍ଡିକ

ଚମତ୍କାର, କିନ୍ତୁ ଚୋରର ଉପଦ୍ରବ ବେଶୀ । ଘରୁ ବାହାରକୁ ଗଲେ ସର୍ବସ୍ୱ ସାଙ୍ଗରେ ଧରି ଯିବାକୁ ବାଧ୍ୟ ହେଉଥିଲି ।

ତୃତୀୟ ଦିନ ସକାଳେ ମୁଁ ଇଣ୍ଟରନେଶନାଲ ସେଟେଲ୍‌ମେଣ୍ଟ ଆଡ଼କୁ ବାହାରିଲି । ବାଟରେ ହାଂକଉ କ୍ରିକ୍ ପଡ଼ିଲା । ହାଂକଉ କ୍ରିକ୍ ଉପରେ ପୋଲ ରହିଛି । ପୋଲ ମଝିରେ ଗୋଟିଏ ପାଖରେ ଜାପାନୀ ଇମ୍ପିରିଆଲ୍ ସିପାହୀ ଓ ଅନ୍ୟ ପାଖରେ ବ୍ରିଟିଶ୍ ସିପାହୀ ଛିଡ଼ା ହୋଇ ପହରା ଦେଉଥିଲେ । ମୁଁ ଜାପାନ ସିପାହୀ ନିକଟରେ ପହଞ୍ଚିଲି ମାତ୍ରକେ ଅନ୍ୟଜଣେ ସିପାହୀ ମୋତେ ଟୋପି ଖୋଲି ସଲାମ କରିବାକୁ ଇଂରାଜୀରେ କହିଲା । ମୁଁ ସେଥିରେ ଆପତ୍ତି କଲି । ସେ ମୋର ପାଶ୍‌ପୋର୍ଟ ଦେଖି ମୁହଁଟାକୁ ଆମ୍ବିଲା କରିଦେଲା । ମୁଁ ଅନ୍ୟ ପଟକୁ ଗଲାପରେ ବ୍ରିଟିଶ୍ ସିପାହୀ ମୋତେ ଦେଖି ନ ଦେଖିଲା ପରି ଅବିଚଳ ରହିଲା । ସେମାନେ କାହା ନିକଟରୁ ସଲାମ ଦାବୀ କରନ୍ତି ନାହିଁ । ଜାପାନର ଇମ୍ପିରିଆଲ ଗାର୍ଡ ଯେଉଁଠି ଛିଡ଼ା ହୋଇଥିବ ସେଠାରେ ପ୍ରତ୍ୟେକଙ୍କୁ ସଲାମ କରିବାକୁ ହେବ, ଏଇ ଥିଲା ଆଦେଶ । ବିଦେଶୀମାନେ ଏଥିରେ ଆପତ୍ତି କରିବା ଫଳରେ ଏଇ ସଲାମ ପର୍ବରୁ ରିହାତି ପାଇଥିଲେ । ମୁଁ ମଧ୍ୟ ବିଦେଶୀ ବୋଲି ରିହାତି ପାଇଥିଲି । ଜାପାନୀମାନଙ୍କ ନିକଟରେ ତାଙ୍କ ସମ୍ରାଟ ଦେବତାତୁଲ୍ୟ, ତାଙ୍କୁ ସଲାମ କରିବା ଅବଶ୍ୟ କର୍ତ୍ତବ୍ୟ । ତେଣୁ ତାଙ୍କ ପ୍ରଜାଗଣ ତାଙ୍କୁ ଅନ୍ଧଭକ୍ତିରେ କେବଳପୂଜା କରନ୍ତି ।

ମୁଁ ରହୁଥିଲି ହାଂକଉ କ୍ରିକ୍ ନିକଟରେ । ସେଠାରୁ ବାରମ୍ବାର ମୋତେ ବ୍ରିଟିଶ ସହରକୁ ଆସିବାକୁ ପଡୁଥିଲା । ଜାପାନୀ ଇମ୍ପିରିଆଲ ସିପାହୀ ମୋତେ କେବଳ ଆପାଦମସ୍ତକ ନିରୀକ୍ଷଣ କରୁଥିଲା । ସାହାଇରେ କେତେଜଣ ଜାପାନୀ ଭକ୍ତ ଇଂରାଜ ବିଦ୍ୱେଷୀ ଥିଲେ । ସେମାନେ ଜାପାନୀ ଗାର୍ଡ ମୂଣ୍ଡ

ନୁଆଇଁ ଭକ୍ତିଭାବରେ ସଲାମ ଜଣାଉଥିଲେ । ମୋ ଦ୍ୱାରା ତା' ସମ୍ଭବ ନୁହେଁ ବୋଲି ତାଙ୍କ ସାଙ୍ଗରେ ମୁଁ କୁଆଡ଼େ ଯାଇ ନଥିଲି । ସେମାନେ ମୋତେ ଉପହାସ କରି କହୁଥିଲେ—ଜାପାନୀ ଗାର୍ଡ଼କୁ ଏତେ ତାଚ୍ଛଲ୍ୟ କାହିଁକି ? ମୁଁ ତାଙ୍କୁ ଜବାବ ଦେଉଥିଲି ଏ ସବୁ ସିପାହୀ ସାମ୍ରାଜ୍ୟବାଦୀଙ୍କର ଭଡ଼ାଟିଆ ଗୋଲାମ । ତାଙ୍କୁ ସଲାମ କରିବା ବା ତାଙ୍କ ପ୍ରଭୁଙ୍କୁ ସଲାମ କରିବା ଏକ କଥା । ମୁଁ କାୟମନୋବାକ୍ୟରେ ସାମ୍ରାଜ୍ୟ ବାଦର ଧ୍ୱଂସ କାମନା କରେ । ସେଥିପାଇଁ ଜାପାନୀ ଗାର୍ଡ଼ମାନଙ୍କୁ ମୁଁ ବକ୍ରଦୃଷ୍ଟିରେ ଦେଖେ ।

ସାମ୍ରାଜ୍ୟବାଦୀଙ୍କ ସ୍ୱରୂପ ଅନେକ ବୁଝି ପାରନ୍ତି ନାହିଁ । କିନ୍ତୁ ସେତେବେଳର ସାହାଇ ଯଦି କୌଣସି ଲୋକ ଦେଖିଥାନ୍ତା, ତାହେଲେ ସେ ବୁଝି ପାରନ୍ତା ସାମ୍ରାଜ୍ୟବାଦ କାହାକୁ କହନ୍ତି । ଓ୍ୱାଂ—ଚିଂ— ଓ୍ୱାଇଙ୍କ ଚେଲା ମାନେ ବଡ଼ ବଡ଼ ହୋଟେଲରେ ବସ ବାସ କରୁଛନ୍ତି, ଆରାମରେ ଦିନ କଟାଉଛନ୍ତି । ବାହାରକୁ ଯେତେବେଳେ ଯାଉଛନ୍ତି ସେତେବେଳେ ନୋଟ ବିଡ଼ା ୨ ପକେଟରେ ଧରି ମଦଗର୍ବରେ ବାଟ ଚାଲୁଛନ୍ତି । ସେମାନେ ଯେପରି ଏ ଦେଶର ଲୋକ ନୁହନ୍ତି; ଅନ୍ୟାନ୍ୟ ଚୀନାଗଣଙ୍କୁ 'ଡେମ୍ ନେଟିଭ୍' କହିବାକୁ ବି ପଛଉ ନାହାନ୍ତି । କିନ୍ତୁ ମୁହଁର ଆକୃତି ବଦଳାଇ ପାରି ନାହାନ୍ତି ବୋଲି ମୁହଁ ଖୋଲି ସେତିକି ବଡ଼ବଜାରରେ କହିପାରୁ ନାହାନ୍ତି । ଜାପାନୀଗଣ ନିଜପାଇଁ କାଣ୍ଟିନ୍ ଖୋଲିଛନ୍ତି, ସେଇ କାଣ୍ଟିନ୍‌ରୁ ଚୀନାମାନେ କୌଣସି ପଦାର୍ଥ କିଣି ପାରନ୍ତି ନାହିଁ । ଅଥଚ ଯେଉଁସବୁ ପଦାର୍ଥ ସେଠାରେ ମହଜୁଦ ରହୁଛି, ସେସବୁ ଜାପାନରୁ ଆସିନାହିଁ । ଅନ୍ୟାନ୍ୟ ଚୀନାଗଣ କୁକୁର ବିରାଡ଼ି ଭଳି ରାସ୍ତା କଡ଼ରେ ପଡ଼ି ମରୁଛନ୍ତି । ମାତ୍ର କେତେଦିନ ପୂର୍ବରୁ ଯେଉଁ ଲୋକ ଧନୀ ଥିଲା, ସର୍ବସାଧାରଣଙ୍କ ନିକଟରେ ଯାହାର ସମ୍ମାନ

ଥିଲା, ଦାତା ବୋଲି ପରିଚିତ ଥିଲା, ସେ ଆଜି ରାସ୍ତା କଡ଼ରେ ଭାତ ମୁଠାଏ ପାଇଁ ହାତପାତି ବୁଲୁଛି । ତାର ଦୋଷ ଏତିକି ଯେ ସେ ହରାଇ ଗୁଡ଼ି ଯାଇ ନାହିଁ । ଓ୍ୱାଂ-ଚିଂ-ଓ୍ୱାଇ, ଏଇ ସବୁ ଲୋକଙ୍କୁ ଆପଣା ଦଳଭୁକ୍ତ କରିବାକୁ ଚାହାନ୍ତି । କିନ୍ତୁ ଯା'ର ଟିକିଏ ବୋଲି ବିବେକ ଅଛି, ବିଚାର-ବୁଦ୍ଧି ଅଛି, ସେ ଦେଶର ଏଇ ଚରମ ଦୁର୍ଦ୍ଦିନରେ ଜାତିଶତ୍ରୁ ଜାପାନର ସହଯୋଗିତା କରି ପାରିବ ନାହିଁ । ନଖାଇ ମରିବାକୁ ବରଂ ସେ ନିଶ୍ଚୟସ୍କର ମନେକରେ । ଜାଣି କେଉଁଠି ଶିଶୁ ପୁତ୍ରକନ୍ୟା, କେଉଁଠି ବା ସ୍ତ୍ରୀ, ଆଉ କୁଆଡ଼େ ରହିଛନ୍ତି ଆତ୍ମୀୟ ସ୍ୱଜନ । କିଏ କୁଆଡେ ଅଛି, ସେଥିପାଇଁ କେହି ଚିନ୍ତା କରୁ ନାହାନ୍ତି । ସେମାନେ କେବଳ ଚାହାନ୍ତି ମୁଠାଏ ଭାତ ଆଉ ମୁଣ୍ଡ ଗୋଞ୍ଜିବାକୁ ଟିକିଏ ସ୍ଥାନ । ବଞ୍ଚିବାର ଏ ଯେଉଁ ଅସହାୟ ପ୍ରଚେଷ୍ଟା, ପରାଜିତ ଜାତି ପକ୍ଷରେ କେବଳ ତା' ସମ୍ଭବପର । କିନ୍ତୁ ସମସ୍ତେ କଣ ପରାଜୟ ସ୍ୱୀକାର କରନ୍ତି ? ନା, ଅସମ୍ଭବ ଯାହାଙ୍କ ମୁଣ୍ଡରେ ପ୍ରଗତିଶୀଳ ଭାବଧାରା ପଶିଛି, ସେମାନେ ନୀରବରେ ବସି ରହି ନାହାନ୍ତି, ଆମରଣ କାମ କରି ଯାଆନ୍ତି । ସେମାନେ ଜାଣନ୍ତି, ସାମ୍ରାଜ୍ୟବାଦ ଯେତେଦିନ ପୃଥିବୀ ପୃଷ୍ଠରେ ରହିଥିବ, ସେତେଦିନ ଯାଏ ମନୁଷ୍ୟ ଅମନୁଷ୍ୟ ହୋଇ ରହିଥିବ । ସେଇ ପ୍ରେରଣାରେ ଏଇ ଚରମର ଦୁର୍ଗତ ଦରିଦ୍ର ପ୍ରଗତିଶୀଳ ଚୀନାଗଣ ଅନବରତ କାମ କରି ଯାଉଛନ୍ତି ।

ଜାପାନୀଗଣଙ୍କ ବଡ଼ କଣ୍ଟକ ଓ୍ୱାଂ-ଚିଂ-ଓ୍ୱାଇ ରହୁଥାନ୍ତି, ଗୋଟିଏ ବଡ଼ କୋଠାରେ । ସେଇ କୋଠାର ଚାରିଆଡ଼େ ଜାପାନୀ ଇମ୍ପିରିଏଲ ଗାର୍ଡ ସବୁବେଳେ ପହରା ଦେଉଛନ୍ତି । ଚୀନାଗଣ ସେ ପାଖ ଦେଇ ଯିବା ଆସିବା କରନ୍ତି ନାହିଁ । ଯେଉଁମାନେ ସେ ବାଟରେ ଯିବେ ତାଙ୍କର ଡିଟେକ୍ଟିଭ ପାସ ଥିବା ଦରକାର । ଯେଉଁମାନେ ବା

ପରିଚୟ୍ପ ପତ୍ର ଧରି ସେ ବାଟରେ ଯାଆନ୍ତି ତାଙ୍କ ଲୁଗାପଟା ତଲାସୀ ହୁଏ, ତାଙ୍କୁ ନାନା ପ୍ରଶ୍ନ କରାଯାଏ, ତା'ପରେ ସେ ବାଟରେ ଯିବାକୁ ଅନୁମତି ଦିଆଯାଏ । ଆଶ୍ଚର୍ଯ୍ୟର କଥା, ଯେଉଁଠି ଏତେ ସତର୍କତା, ସେଠାରେ ମଧ୍ୟ ବେଳେ ବେଳେ ପିସ୍ତଲରୁ ଗୁଳି ଛୁଟେ, ବୋମା ଫୁଟେ, ହାତବୋମା ନିକ୍ଷିପ୍ତ ହୁଏ । ଏଇ କଥାକୁ ଲକ୍ଷ୍ୟ ରଖି ମୁଁ ଅନୁଭବ କରୁଛି, ପୃଥିବୀରେ ଚୀନାମାନଙ୍କ ଧ୍ୱଂସର କୌଣସି କାରଣ ନାହିଁ । କିନ୍ତୁ ଗୋଟିଏ କଥା ବାରବାର ମନରେ ଗୁଡେଇ ଭୁଡେ଼ଇ ହେଉଥିଲା । ଜାପାନୀଗଣ କି କାରଣରୁ ୱାଂ-ଚିଂ-ୱାଇର ସାହାଯ୍ୟ ନେଲେ ? ବର୍ତ୍ତମାନ ଯେଉଁ ଅଞ୍ଚଳକୁ ଜାପାନୀଗଣ ୱାଂ-ଚିଂ-ୱାଇଙ୍କ ନାମରେ ଶାସନ କରୁଛନ୍ତି, ତାଙ୍କୁ କଣ ବାଦ ଦେଇ ସେ ଅଞ୍ଚଳକୁ ଶାସନ କରି ପାରନ୍ତେ ନାହିଁ ? ତାହେଲେ କଣ ସାମ୍ରାଜ୍ୟବାଦୀଗଣ ସବୁବେଳେ ମିରଜାଫର ଭଳି ଜଣେ ଜଣେ ଲୋକଙ୍କୁ ଖୋଜି ବାହାର କରନ୍ତି ? ଯଦି ତା' ନହୋଇଥାନ୍ତା, ତା ହେଲେ ଏ ପନ୍ଥା ଅନୁସରଣ କରିବାର କାରଣ କଣ ? ମୋର ଧାରଣା ଥିଲା, ଜାପାନୀଗଣ ଅନ୍ୟ ସାମ୍ରାଜ୍ୟବାଦୀଙ୍କ ଭଳି ଭେଦନୀତି ଚଳାଇ ଆପଣା କାମ ହାସଲ କରିବେ ନାହିଁ । କିନ୍ତୁ ଏଥରକୁ ମିଶାଇ ଦିନଥର ସେମାନଙ୍କ ଭେଦନୀତିର ପରିଚୟ ପାଇଲି । ଭାବିଲି, ସାମ୍ରାଜ୍ୟବାଦର ତୁଳନା କେବଳ ସାମ୍ରାଜ୍ୟବାଦ ସଙ୍ଗରେ ହେବ । ଯଦି ଆପଣା ଭାଇ ସାମ୍ରାଜ୍ୟବାଦୀ ହୁଏ, ତାକୁ ମଧ୍ୟ ବିଶ୍ୱାସ କରିବାର ନୁହେଁ ।

ଜାପାନୀଗଣ ଚୀନ ଭିତରେ ପ୍ରବେଶ କଲେ ଚୀନାମାନଙ୍କୁ ମୁକ୍ତ ଦେବାପାଇଁ । କିନ୍ତୁ ମୁଁ ଆପଣା ଆଖିରେ ଦେଖିଲି ଚୀନା-ମାନଙ୍କୁ ମୁକ୍ତିଦେବା ପରିବର୍ତ୍ତେ ଜାପାନୀଗଣ ତାଙ୍କ ତଣ୍ଟି ଚିପି ଧରି-ଛନ୍ତି । ଏଇ ପ୍ରକାର ବ୍ୟବହାରକୁ ଯଦି 'ଏସିଆ, ଏସିଆବାସୀଙ୍କ

ପାଇଁ' ବୋଲି କୁହାଯାଏ, ତାହେଲେ ଏଭଳି ସ୍ୱାଧୀନତାର ସ୍ୱରୂପ କଣ ଜାପାନୀମାନେ ଭଲ ଭାବରେ ଜାଣନ୍ତି । ସ୍ୱାଧୀନତା କେହି କାହା ପାଇଁ ଆଣି ଦିଏ ନାହିଁ । ଯେଉଁମାନେ ଅପରକୁ ସ୍ୱାଧୀନତା ଆଣି ଦେବେ, ତାଙ୍କୁ ବିଦେଶୀ ଶତ୍ରୁ ହାତରୁ ରକ୍ଷା କରିବେ ବୋଲି ପ୍ରତି-ଶ୍ରୁତି ଦିଅନ୍ତି, ସେମାନେ ତାଙ୍କର କଥା ଉହାଡରେ ଗୋଟାଏ ବଡ଼ ଲାଭାଂଶ ରଖିଥାନ୍ତି । ସେ ଲାଭାଂଶ ପରିଶୋଧ କରିବାର କ୍ଷମତା କାହାରି ନାହିଁ । ପ୍ରମାଣ ଖୋଜିବା ପାଇଁ ବେଶୀଦୂର ଯିବାକୁ ପଡ଼ିବ ନାହିଁ । ସାମ୍ରାଜ୍ୟବାଦୀ ବ୍ରିଟିଶ ଭାରତର ଟ୍ରଷ୍ଟି ହୋଇ ବସିଛି, ଲିଆକତ ଅଲ୍ଲୀଙ୍କ ମିତ୍ର ହୋଇଛି, ଦେଶୀୟ ରାଜ୍ୟର ରକ୍ଷକ ହୋଇଛି, ତାର କମିଶନ ଆମେ ବ୍ରିଟିଶକୁ ଦେଉଛୁ, ଜାପାନୀମାନେ ଚିଆଂ-କାଇ-ଶେକଙ୍କ ନାମରେ ଚୀନ ଦେଶର ଯେଉଁ ଅଂଶ ଶାସନ କରୁଛନ୍ତି. ସେଥିରୁ କି ଭଳି କମିଶନ ଉଠାଉଛନ୍ତି ତା' ମୁଁ ଦେଖି ଆସିଛି ଆଉ ସଂକ୍ଷେପରେ କହିବାକୁ ଚେଷ୍ଟା କରିଛି । ପୃଥିବୀର ସବୁ ସାମ୍ରାଜ୍ୟବାଦୀ ଯେ ମହାପାପୀ ଏ କଥା ସମସ୍ତେ ଜାଣନ୍ତି ।

**ଲାଲ ଚୀନ ଜିନ୍ଦାବାଦ !**

—)(×O×)(—

ମୁଦ୍ରାକର—ରବୀନ୍ଦ୍ରନାଥ ପଟ୍ଟନାୟକ, ଅରୁଣ ପ୍ରେସ; କଟକ—୨

୧୯୫୮